

‘ଆଶିକୀ-୩’ରୁ ବାଦ୍ ପଡ଼ିବେ ତ୍ରିପ୍ତି !

▶ଭିତର ପୃଷ୍ଠାରେ


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-195 ◆BHUBANESWAR ◆FRIDAY ◆10 JANUARY 2025 ◆PAGE-14 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୧୯୫ ◆ଭୁବନେଶ୍ୱର ◆ଶୁକ୍ରବାର ◆୧୦ ଜାନୁଆରୀ ୨୦୨୫ ◆ପୃଷ୍ଠା-୧୪ ◆ଟ.୬.୦୦



DIASPORA'S CONTRIBUTION TO A VIKSIT BHARAT

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ
ଭାରତ ସରକାର

DADLS-84

# ଭାରତର ବୈଶ୍ୱିକ ରାଜଦୂତଙ୍କ ଉପଲବ୍ଧିର ସମ୍ମାନ ସମାରୋହ





ଆମେ ସଭିଏଁ ଏକାଠି ଭାରତ, ଭାରତୀୟତା, ଆମ ସଂସ୍କୃତି, ବିକାଶର ଉତ୍ସବ ପାଳୁଛନ୍ତି ଏବଂ ଆମର ମୂଳ ସହ ସଂଯୁକ୍ତ ହେଉଛନ୍ତି
- ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ







## ସମାପନ ଅଭିଭାଷଣ

ଏବଂ

## ପ୍ରବାସୀ ଭାରତୀୟ ସମ୍ମାନ

ପ୍ରଦାନ

## ଶ୍ରୀମତୀ ଦ୍ରୌପଦୀ ମୁର୍ମୁ
ମାନ୍ୟବର ରାଷ୍ଟ୍ରପତିଙ୍କ

ଦ୍ୱାରା

## ପ୍ରବାସୀ ଭାରତୀୟ ଦିବସ ସମ୍ମେଳନ

୧୦ ଜାନୁଆରୀ ୨୦୨୫

ଜନତା ମଇଦାନ, ଭୁବନେଶ୍ୱର, ଓଡ଼ିଶା

### ଗରିମାମୟ ଉପସ୍ଥିତି

**ଡ. ହରି ବାବୁ କମ୍ଭମ୍‌ପତି**
ରାଜ୍ୟପାଳ, ଓଡ଼ିଶା

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଡ. ଏସ୍. ଜୟଶଙ୍କର**
କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ

**ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ**
କେନ୍ଦ୍ର ଶିକ୍ଷା ମନ୍ତ୍ରୀ

**ଶ୍ରୀ ଜୁଏଲ ଓରାମ**
କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ

**ଶ୍ରୀ କୀର୍ତ୍ତିବର୍ଦ୍ଧନ ସିଂହ**
କେନ୍ଦ୍ର ବୈଦେଶିକ ବ୍ୟାପାର, ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ରାଷ୍ଟ୍ରମନ୍ତ୍ରୀ

**ଶ୍ରୀ ପବିତ୍ର ମାର୍ଗେରିଟା**
କେନ୍ଦ୍ର ବୈଦେଶିକ ବ୍ୟାପାର ଏବଂ ବୟନ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ

### ବିଶେଷ କାର୍ଯ୍ୟକ୍ରମ

ପୂର୍ଣ୍ଣାଙ୍ଗ ଅଧିବେଶନ

ପ୍ରବାସୀ ଭାରତୀୟ ଦିବସ : ନାରୀଙ୍କ ଶକ୍ତି ଏବଂ ପ୍ରଭାବର ଉତ୍ସବ - ନାରୀଶକ୍ତି

ପ୍ରବାସୀ ଭାରତୀୟ ଆଲୋଚନା : ସଂସ୍କୃତି, ସମ୍ପର୍କ ଏବଂ ଆତ୍ମୀୟତାର ଗାଥା

ଅତିଥି ଦେବୋ ଭବ

OIPR-15001/13/0361/2425

କାର୍ଯ୍ୟକ୍ରମ ବିବରଣୀ ପାଇଁ ସ୍କାନ୍ କରନ୍ତୁ





ଦେଖନ୍ତୁ ସିଧା ପ୍ରସାରଣ: DD News and DD Odia | Youtube: DD News / DD ODIA

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

# 'ମିତ୍ର' ସହଦେବଙ୍କ ହତ୍ୟା ପଛରେ ପୁଲିସର ନିଷ୍କ୍ରିୟତା!

## ଦୁଇ ଦମ୍ପତିଙ୍କ ସମେତ ୫ଜଣଙ୍କୁ ବାନ୍ଧିଲା ପୁଲିସ

**ଭୁବନେଶ୍ୱର, ୯ ।୧(ସମିସ):** 'ପୁଲିସ ମିତ୍ର' ସହଦେବ ନାୟକଙ୍କ ଛାତିଥରା ହତ୍ୟା ମାମଲାରେ ପୁଲିସ ଦୁଇ ଦମ୍ପତିଙ୍କ ସମେତ ୪ ଜଣଙ୍କୁ ପୁଲିସ ଗିରଫ କରିଛି। କେଦାରପଲ୍ଲୀ ବସ୍ତିର ଲକ୍ଷ୍ମୀଧର ନାୟକ ଓରଫ ମଣ୍ଟେଇ, ତାଙ୍କ ପତ୍ନୀ ଲିପିକା ନାୟକ, ରାକେଶ ନାୟକ ଓରଫ ଅଣ୍ଡା ଓ ତାଙ୍କ ପତ୍ନୀ ଲକ୍ଷ୍ମୀ ନାୟକ ଓରଫ ଲକି ଏବଂ ରକି ନାୟକଙ୍କୁ ପୁଲିସ ଧରିଛି ଏବଂ ସେମାନଙ୍କ ଠାରୁ ଦୁଇଟି ମାରଣାସ୍ତ୍ର, ଦୁଇଟି ବାଇକ, ୪ଟି ଫୋନ୍ ଓ ରକ୍ତଭିଜା



କପଡା ଓ ବ୍ୟାଗ୍ ଜବତ କରିଛି। ଲିପିକା ଓ ଲକ୍ଷ୍ମୀଧରଙ୍କୁ ବିଏମ୍‌ସି ସଫେଇ ଚାକିରିରୁ ଛଟେଇ, କର୍ମଚାରୀ ସଂଘରୁ ବିତାଡିତ, ବ୍ରାଉନସୁଗର ବିକ୍ରି କରୁଥିବା ଲିପିକାଙ୍କୁ ପୁଲିସ ହାତରେ ଧରାଇଦେବାରେ ସହଦେବଙ୍କ ସମ୍ପୃକ୍ତି ରହିଥିବା ସେମାନେ ସନ୍ଦେହ କରୁଥିଲେ। ଅନୁରୂପ ଭାବେ ଅନ୍ୟତମ ଅଭିଯୁକ୍ତ ଲକିଙ୍କୁ ମାଡ ମାରିଥିବାରୁ ସେମାନଙ୍କ ମଧ୍ୟରେ ପୂର୍ବ ଶତ୍ରୁତା ରହିଥିଲା। ବ୍ୟକ୍ତିଗତ ଶତ୍ରୁତା ସହ ଏକାଧିକ କାରଣର ସହଦେବଙ୍କୁ ବୀଭତ୍ସ ହତ୍ୟା କରାଯାଇଥିବା କମିସନରେଟ ପୁଲିସ ସୂଚନା ଦେଇଛି। ଏହି ମାମଲାରେ ଆଉ ଜଣେ ମୁଖ୍ୟ ଅଭିଯୁକ୍ତ ସୁଶାନ୍ତ ନାୟକ ଫେରାର୍ ରହିଥିବା କୁହାଯାଉଛି ଏବଂ ହତ୍ୟା ମାମଲାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ନେଇ ପୁନଃ ଦୃଶ୍ୟାୟନ କରାଯାଇଛି। ଏହି ମାମଲାରେ ତଦନ୍ତ ଜାରି ରହିଥିବା ଆବଶ୍ୟକ ପଡ଼ିଲେ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ଜେରା କରାଯିବ ବୋଲି ଡିସିପି ପିନାକ୍ ମିଶ୍ର ସୂଚନା ଦେଇଛନ୍ତି। ତେବେ ନିଜ ମିତ୍ର ସହଦେବଙ୍କ ହତ୍ୟା ପଛରେ ପୁଲିସର ନିଷ୍କ୍ରିୟତା ଥିବା ବିଭିନ୍ନ ମହଲରେ ଅଭିଯୋଗ ହୋଇଛି।

ଅଭିଯୋଗ ଅନୁସାରେ ଡ୍ରଗ କାରବାରକୁ ବିରୋଧ କରୁଥିବା ସଫେଇ କର୍ମଚାରୀ ସଂଘ ନେତା ସହଦେବ ପୁଲିସକୁ ବିଭିନ୍ନ ସମୟରେ ସୂଚନା ଦେଉଥିଲେ। ମାତ୍ର ଏହି ଖବର ନିଶା ମାଫିଆଙ୍କ ନିକଟରେ ପହଞ୍ଚି

- ଦୟାନଦୀରୁ ଜବତ ହେଲା ମାରଣାସ୍ତ୍ର ଓ ମୋବାଇଲ ଫୋନ୍
- ଅଭିଯୁକ୍ତଙ୍କୁ ନେଇ ପୁନଃ ଦୃଶ୍ୟାୟନ; ଆଉ ଜଣେ ଫେରାର୍

ଯାଉଥିଲା। ପୁଲିସକୁ ସେ ଦେଉଥିବା ଖବର ନିଶା ମାଫିଆଙ୍କ ନିକଟରେ ପହଞ୍ଚିବା ପଛରେ କାହାର ହାତ ଥିଲା, ତାହା ଏଯାଏ ସ୍ପଷ୍ଟ ହୋଇନାହିଁ। ସେହିପରି ଗତ ନଭେମ୍ବର ମାସରେ ନିଶାମାଫିଆ ଓ ସ୍ପେଶାଲ ସ୍କ୍ୱାଡ଼ରେ କାମ କରୁଥିବା କିଛି ଲୋକ ତାଙ୍କ ଘରେ ପହଞ୍ଚି ତାଙ୍କୁ ଧମକ ଚମକ ଦେଇଥିବା ନିଜେ ସହଦେବ ଗଣମାଧ୍ୟମ ନିକଟରେ ଅଭିଯୋଗ କରିଥିଲେ। ଏହି ବ୍ୟକ୍ତିମାନେ ତାଙ୍କ ଘରେ ଡ୍ରଗ୍ସ ରଖିବାକୁ ବି ଉଦ୍ୟମ କରିଥିବା ସେ ଗଣମାଧ୍ୟମକୁ କହିଥିଲେ। ସେ ଗାଧୁଆ ଘରେ ଥିବା ସମୟରେ ସ୍ପେଶାଲ ସ୍କ୍ୱାଡ ଅଧିକାରୀମାନେ ତାଙ୍କ ଘରେ ପ୍ରବେଶ କରି ତାଙ୍କ ଝିଅ ଓ ପତ୍ନୀକୁ ଦୁର୍ବ୍ୟବହାର କରିଥିଲେ। ସେ ଆସିବା ପରେ ତାଙ୍କୁ ସ୍ପେଶାଲ ସ୍କ୍ୱାଡର କର୍ମଚାରୀମାନେ ଗାଳିଗୁଲଜ କରିଥିଲେ। ଘର ଭିତରେ ପଶି ଆସବାବପତ୍ରକୁ ଏଣେତେଣେ ଫୋପାଡି ଦେଇଥିଲେ। ତାଙ୍କ ପିଲାଛୁଆଙ୍କୁ ସାମ୍ନାରେ ଗାଳିଗୁଲଜ କରିଥିଲେ। ତାଙ୍କ ଘର ଯାଞ୍ଚ କରିବା ଆଳରେ ସ୍ପେଶାଲ ସ୍କ୍ୱାଡର ଜଣେ କର୍ମଚାରୀ ତାଙ୍କ ପକେଟ୍‌ରୁ ବ୍ରାଉନସୁଗର କାଢି ତାଙ୍କ ରୁମ୍‌ରେ ରଖି ଦେଇଥିଲେ। ତାଙ୍କୁ ଏକାଧିକ ଥର ଫସାଇବାକୁ ଉଦ୍ୟମ କରିଥିବା ନେଇ ସମ୍ପୃକ୍ତ ଅଧିକାରୀଙ୍କୁ ସେ କହିଥିଲେ। ପରେ ଅଧିକାରୀମାନେ ପାଖରେ ରଖିଥିବା ବନ୍ଧୁକକୁ ଦେଖାଇ ଭୟଭୀତ କରାଇଥିଲେ। ଅଧିକ ପାଟି ଗଲେ ଏଠି କେହି ନାହିଁ, ଆମେ 'ତତେ ଠୋକି ଦେବୁ' ବୋଲି ଧମକ ବି ଦେଇଥିଲେ। ମିଛ ମାମଲାର ନ ଫସାଇବାକୁ ନେହୁରା ହୋଇଥିଲେ ସହଦେବଙ୍କ ପୂରା ପରିବାର। ତାଙ୍କ ଘର ଛାରଖାର୍ କରିବା ସହ ଘରେ ଥିବା ନଗଦ ଟଙ୍କା ଓ ସୁନାଗହଣାକୁ ନେଇ ଯାଇଥିଲେ। ତାଙ୍କୁ ସାଥିରେ ନେଇ ଯାଉଥିଲେ; କିନ୍ତୁ ଘର ଭିତରେ ସିସିଟିଭି ଲଗା ଯାଇଥିବାରୁ ତାଙ୍କୁ ଛାଡି ଦେଇଥିଲେ ବୋଲି ସହଦେବ ଅଭିଯୋଗ କରିଥିଲେ। ଏହା ସତ୍ତ୍ୱେ ପୁଲିସ ମିତ୍ର ସହଦେବଙ୍କ ସୁରକ୍ଷା ନିମନ୍ତେ ପୁଲିସ କୌଣସି ପଦକ୍ଷେପ ଗ୍ରହଣ କରିବା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ସହଦେବଙ୍କ ହତ୍ୟା ନିମନ୍ତେ ନିଶା କାରବାର କରୁଥିବା ଗୋଷ୍ଠୀ ଯୋଜନା କରୁଥିବାବେଳେ ପୁଲିସ ଏ ସମ୍ପର୍କରେ କୌଣସି ସୂଚନା ନ ପାଇବା ମଧ୍ୟ ଭିନ୍ନ ଦିଗକୁ ଇଙ୍ଗିତ କରିଛି। ପୁଲିସ ନିକଟରେ ସହଦେବଙ୍କ ହତ୍ୟା ଷଡ଼ଯନ୍ତ୍ରର ଖବର ନ ଥିଲା, ନା ପୁଲିସ ଜାଣିଶୁଣି ଏହାକୁ ନଜର ଅନ୍ଦାଜ କରିଥିଲା ତାହା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ରାଜଧାନୀ ରାଜପଥରେ ହତ୍ୟା ଘଟଣାକୁ ନେଇ ବର୍ଷିଲା ବିଜେଡି

# ବିହାରକୁ ଟପିଗଲାଣି ଓଡ଼ିଶା

## ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଗସ୍ତବେଳେ ରାଜଧାନୀ ଅସୁରକ୍ଷିତ

**ଭୁବନେଶ୍ୱର, ୯ ।୧(ସମିସ):** ଗୋଟିଏ ପଟେ ରାଜଧାନୀରେ ପ୍ରବାସୀ ଭାରତୀୟ ଦିବସ ପାଇଁ ରାଜ୍ୟର ଛକ ଛକରେ ପୁଲିସ ପଇଁତରା ମାରୁଛି। ଭିଭିଆଇପି ଓ ଭିଆଇପିଙ୍କ ପାଇଁ ପ୍ରତି ପଚାଶ ହାତରେ ପୁଲିସ ମୁତୟନ ହୋଇଛନ୍ତି। ସାରା ରାଜଧାନୀ ସୁରକ୍ଷା ବଳୟ ମଧ୍ୟରେ ରହିଛି। ଅନ୍ୟପକ୍ଷରେ ସ୍ପଷ୍ଟ ଦିବାଲୋକରେ ରାଜଧାନୀର ରାଜରାସ୍ତା ଉପରେ ଅପରାଧୀ

ଆଜି ଶଙ୍ଖ ଭବନରେ ବିଜୁ ଜନତା ଦଳ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ ଓ ମେୟର ସୁଲୋଚନା ଦାସ ସଫେଇ କର୍ମଚାରୀ ସଙ୍ଘର ସଭାପତି ସହଦେବ ନାୟକଙ୍କ ହତ୍ୟା ଘଟଣାରେ ସମ୍ପୃକ୍ତ ଷଡ଼ଯନ୍ତ୍ରକାରୀଙ୍କୁ ଖୋଜି ବାହାର କରିବାକୁ ଦାବି କରିଛନ୍ତି। ଅନନ୍ତ ନାରାୟଣ କହିଛନ୍ତି

ହେବା ଚିନ୍ତାଜନକ ବିଷୟ ବୋଲି ଶ୍ରୀ ଜେନା କହିଛନ୍ତି। ମେୟର ସୁଲୋଚନା ଦାସ କହିଛନ୍ତି ଯେ, ଏଭଳି ଏକ ଭୟଙ୍କର ଘଟଣା ରାଜଧାନୀ ଭୁବନେଶ୍ୱରରେ ଘଟିଥିବାରୁ ଭୁବନେଶ୍ୱର ମେୟର ଭାବେ ମୁଁ ଲଜ୍ଜିତ ଓ ମର୍ମାହତ। ତାଙ୍କ ପରିବାରକୁ ୧ କୋଟି ଟଙ୍କାର କ୍ଷତିପୂରଣ ପ୍ରଦାନ କରାଯାଉ ଓ ତାଙ୍କ ପତ୍ନୀଙ୍କୁ ଚାକିରୀ ଦିଆଯାଉ। ବିଧାୟକ ସୁଶାନ୍ତ ରାଉତ କହିଛନ୍ତି



- ରାଜ୍ୟରେ ଆଇନଶୃଙ୍ଖଳା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି
- 'ପୁଲିସ ମିତ୍ର'ଙ୍କୁ ସୁରକ୍ଷା ଦେଇପାରୁନି ପୁଲିସ
- ସହଦେବଙ୍କ ପରିବାରକୁ କୋଟିଏ ଦିଅନ୍ତୁ ସରକାର

ଜଣେ ପୁଲିସ ମିତ୍ରଙ୍କ ମୁଣ୍ଡ କାଟି ଅତି ବୀଭତ୍ସ ଭାବରେ ହତ୍ୟା କରୁଛନ୍ତି। ପୁଲିସ ନିଜର ମିତ୍ର (ପୁଲିସ ମିତ୍ର)ଙ୍କୁ ସୁରକ୍ଷା ଦେଇ ପାରୁନାହାନ୍ତି। କେଇ ମାସ ମଧ୍ୟରେ ଓଡ଼ିଶା ଅପରାଧରେ ବିହାର ପରି ଅପରାଧପ୍ରବଣ ରାଜ୍ୟକୁ ଟପି ଗଲାଣି। ତେଣୁ ତୁରନ୍ତ ଅପରାଧୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ମୃତକଙ୍କ ପରିବାରକୁ ସରକାର କୋଟିଏ ଟଙ୍କାର କ୍ଷତିପୂରଣ ଓ ତାଙ୍କ ପତ୍ନୀଙ୍କୁ ସରକାରୀ ଚାକିରି ଦିଅନ୍ତୁ ବୋଲି ବିଜେଡି ଦାବି କରିଛି।

ଯେ ଜଣେ ପୁଲିସ ମିତ୍ର ଭାବେ କାମ କରୁଥିବା ସହଦେବ ନାୟକଙ୍କ ବୀଭତ୍ସ ହତ୍ୟାକାଣ୍ଡ ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ସ୍ଥିତିକୁ ଦର୍ଶାଉଛି। ନିଶା ବେପାରରେ ଆଞ୍ଚ ଆସିବାରୁ ଅପରାଧୀମାନେ ସହଦେବଙ୍କୁ ରାଜରାସ୍ତାରେ ହାଣି ହତ୍ୟା କଲେ ବୋଲି ପୁଲିସ କହୁଛି। ତେଣୁ ହତ୍ୟା ଘଟଣାରୁ ରାଜ୍ୟରେ ବ୍ରାଉନ ସୁଗାର ବେପାର ଅହେତୁକ ଭାବେ ବୃଦ୍ଧି ପାଇଛି ବୋଲି ସ୍ପଷ୍ଟ ହେଉଛି। ଜଣେ ପୁଲିସ ମିତ୍ରଙ୍କୁ ସୁରକ୍ଷା ପ୍ରଦାନ କରିବାରେ ପୁଲିସ ବିଫଳ

ଯେ, ସହରରେ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତି ଆସିବାକୁ ଥିବା ବେଳେ ନିରାପତ୍ତା ବ୍ୟବସ୍ଥାକୁ କଡାକଡି କରାଯାଇଛି। ଏହା ସତ୍ତ୍ୱେ ଏପରି ଏକ ଭୟାନକ ହତ୍ୟାକାଣ୍ଡ ସମଗ୍ର ସହରବାସୀଙ୍କ ପାଇଁ ଚିନ୍ତାର କାରଣ। ତେଣୁ ଏହି ଘଟଣାରେ ସମ୍ପୃକ୍ତ ଅପରାଧୀଙ୍କ ସହ ଏହା ପଛରେ ଥିବା ଷଡ଼ଯନ୍ତ୍ରକାରୀଙ୍କୁ ତୁରନ୍ତ ଗିରଫ କରାଯାଇ ଫାଷ୍ଟଟ୍ରାକ୍ କୋର୍ଟରେ ଶୁଣାଣି କରି କଠୋର ଦଣ୍ଡ ବିଧାନ କରାଯାଉ ବୋଲି ସେ ଦାବି କରିଛନ୍ତି।

# ଆଉ ୨ ଦିନ ଶୀତ, ଘନ କୁହୁଡ଼ି

**ଭୁବନେଶ୍ୱର, ୯।୧(ସମିସ):** ରାଜ୍ୟରେ ଆହୁରି ୨ଦିନ ବିଭିନ୍ନ ସ୍ଥାନରେ କୁହୁଡ଼ି ଜାରି ରହିବ। ସାରା ରାଜ୍ୟରେ ବର୍ତ୍ତମାନ ଶୀତର ପ୍ରଭାବ ଜାରି ରହିଛି। ଏହାସହ କୁହୁଡ଼ି ଯୋଗୁଁ ଯାନବାହନ ଚଳାଚଳରେ ଅନେକ ସମସ୍ୟା ସୃଷ୍ଟି ହେଉଛି। ଏହି ସ୍ଥିତି ଆହୁରି ୨ ଦିନ ଜାରି ରହିବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ତେବେ ପରେ ତାପମାତ୍ରାରେ ବୃଦ୍ଧି ହେବା ସହ ଶୀତର ପ୍ରଭାବ କମିବ ବୋଲି କୁହାଯାଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଆସନ୍ତା ୨ଦିନ ମଧ୍ୟରେ ପ୍ରାୟ ୨ରୁ ୪ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇବ। ବିଶେଷକରି ଉପକୂଳ ସମେତ ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରା ବୃଦ୍ଧି ପାଇବା ହେତୁ ଶୀତ ହ୍ରାସ ହେବ। ଶୁକ୍ରବାର ରାତିରୁ ଶନିବାର ସକାଳ ମଧ୍ୟରେ ସୁନ୍ଦରଗଡ଼, କନ୍ଧମାଳ ଓ କୋରାପୁଟ ଜିଲ୍ଲାରେ ଘନ କୁହୁଡ଼ି ଆଶଙ୍କା ରହିଛି। ଏହାସହ କେନ୍ଦୁଝର, ଝାରସୁଗୁଡ଼ା, କଳାହାଣ୍ଡି, ଅନୁଗୁଳ, ଢେଙ୍କାନାଳରେ ମଧ୍ୟମ ଧରଣର କୁହୁଡ଼ି ହେବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ଘନ କୁହୁଡ଼ି ପାଇଁ ୩ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଜି. ଉଦୟଗିରିରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ରେକର୍ଡ ହୋଇଛି। ଏଠାରେ ତାପମାତ୍ରା ୫.୨ ଡିଗ୍ରୀ ରେକର୍ଡ ହୋଇଛି। ସେହିପରି ଝାରସୁଗୁଡାରେ ୬.୦ ଡିଗ୍ରୀ, ରାଉରକେଲା ୬.୪, ଫୁଲବାଣୀ ୬.୮, ସେମିଳିଗୁଡ଼ା ୭.୧, ଦାରିଙ୍ଗବାଡ଼ି ୮ ଓ ସୁନ୍ଦରଗଡ଼ରେ ତାପମାତ୍ରା ୮.୨ ଡିଗ୍ରୀ ରେକର୍ଡ ହୋଇଛି। ସେହିପରି କଟକରେ ସର୍ବନିମ୍ନ ୧୩.୫ଡିଗ୍ରୀ ଏବଂ ଭୁବନେଶ୍ୱରରେ ୧୫.୧ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଛି।

# ବିଜେପି ସରକାରରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ: ଯୁବ କଂଗ୍ରେସ

**ଭୁବନେଶ୍ୱର, ୯।୧(ସମିସ):** ବିଜେପି ସରକାରକୁ ଆସିବାର ସାତମାସ ପୂରଣ ହେଲାଣି, ହେଲେ ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହି ସାତ ମାସ ମଧ୍ୟରେ ଅପରାଧ ଦୀର୍ଘ ୪୦ବର୍ଷର ରେକର୍ଡ ଭାଙ୍ଗିଛି ବୋଲି ଗୁରୁବାର କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ



ଏବେ ପୁଲିସ୍ ପ୍ରଶାସନ ସାଧାରଣ ଲୋକଙ୍କୁ ସୁରକ୍ଷା ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ସାଧାରଣ ଲୋକ ଘରୁ ବାହାରିବାକୁ ଭୟ କରୁଛନ୍ତି। ପୁଲିସ ପ୍ରଶାସନ ବିଜେପିର ନେତା, ମନ୍ତ୍ରୀଙ୍କୁ ସୁରକ୍ଷା ଦେବାରେ ବ୍ୟସ୍ତ ରହଥିବାରୁ ସାଧାରଣ ଲୋକଙ୍କ କଥା ଭୁଲିଯାଇଛି। ଭୁବନେଶ୍ୱରରେ ପ୍ରବାସୀ ଭାରତୀୟ ସମ୍ମିଳନୀ ପାଇଁ ୯୦ ପ୍ଲାଟୁନ ପୁଲିସ୍ ଫୋର୍ସ, ଆଣ୍ଟିଟେରୋରିଷ୍ଟ ସ୍କ୍ୱାର୍ଡ ଓ ୫୦୦ ପୁଲିସ୍ ଅଫିସର ନିୟୋଜିତ ହୋଇଛନ୍ତି।

ରାଜଧାନୀର ସବୁ ଅଞ୍ଚଳରେ ପୁଲିସ୍ ଫୋର୍ସ ମୁତୟନ ହେବା ସତ୍ତ୍ୱେ ଗୁରୁବାର ସକାଳ ସମୟରେ ରାଜଧାନୀର ରାଜରାସ୍ତାରେ ସହଦେବ ନାୟକଙ୍କ ମୁଣ୍ଡକାଟି ବୀଭତ୍ସ ହତ୍ୟା ଘଟଣା ଗୁଇନ୍ଦା ବିଭାଗର ବିଫଳତାକୁ ପଦାରେ ପକାଇ ଦେଇଛି। କିଛିଦିନ ତଳେ ବାଲେଶ୍ୱର ଜିଲ୍ଲା ରେମୁଣାରେ ଦୁଇଜଣ ଯୁବତୀଙ୍କୁ ଖୁଣ୍ଟରେ ବାନ୍ଧି ମାଡ଼ ମାରୁଥିବାର ଦୃଶ୍ୟ ସାମନାକୁ ଆସିଥିଲା। ପଟିଆର ରଘୁନାଥପୁର ଅଞ୍ଚଳରେ ଖ୍ରୀଷ୍ଟିଆନ ଧର୍ମାବଲମ୍ବୀଙ୍କ ଉପରେ ମଧ୍ୟ ଆକ୍ରମଣ କରାଯାଇଥିଲା। ଖୋର୍ଦ୍ଧାରେ ମଧ୍ୟ କିଛି ଦିନ ତଳେ ଜଣେ ମୁସଲମାନ ଲୋକଙ୍କୁ ଦିନ ଦ୍ୱିପ୍ରହରରେ ହତ୍ୟା କରାଯାଇଥିଲା। ବିଜେପି ସରକାରରେ ଓଡ଼ିଶାରେ ସବୁଆଡ଼େ ଦିନକୁ ଦିନ ହତ୍ୟା, ଚୋରି, ଡକାୟତି, ଦୁଷ୍କର୍ମ ଓ ନାରୀ ନିର୍ଯ୍ୟାତନା ଭଳି ଅପରାଧ ବଢିବାରେ ଲାଗିଛି। ଛାତ୍ର କଂଗ୍ରେସ ଏହି ଘଟଣାଗୁଡ଼ିକର ତୀବ୍ର ନିନ୍ଦା କରୁଛି ଏବଂ ପୁଲିସ୍ ମହାନିର୍ଦ୍ଦେଶକ ଓ ମୁଖ୍ୟମନ୍ତ୍ରୀଙ୍କ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ଦାବି କରୁଛି। ସରକାର ଏହା ସତ୍ତ୍ୱେ ଯଦି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରନ୍ତି, ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରାଯିବ ବୋଲି ଛାତ୍ର କଂଗ୍ରେସ ଚେତାବନୀ ଦେଇଛି।

# ବସ୍-ଅଟୋ ଧକ୍କା; ୨ ମୃତ

**ଟାଙ୍ଗୀ, ୯ ।୧(ସମିସ):** କଟକ ଜିଲ୍ଲା ଟାଙ୍ଗୀ ଥାନା ଅଧୀନ ୧୬ନମ୍ବର ଜାତୀୟ ରାଜପଥ ଓରିକ୍ଲିନ କମ୍ପାନୀ ନିକଟରେ ବସ୍ ଓ ଅଟୋ ମଧ୍ୟରେ ଧକ୍କା ହୋଇ ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ତିନି ଜଣ ଗୁରୁତର ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଗୁରୁବାର ରାତି ପ୍ରାୟ ୧୦ଟାରେ ଛତିଆ ଜୟପୁର ଅଞ୍ଚଳର ଦୁଇ ପୁରୁଷ ଓ ଦୁଇ ମହିଳା ମଙ୍ଗୁଳିରୁ ଏକ ଭଡ଼ା ଅଟୋ ମାଧ୍ୟମରେ ନିଜ ଘରକୁ ଫେରୁଥିଲେ। କଟକରୁ ଏକ ବସ୍ ଚଣ୍ଡିଖୋଲ ଆଡ଼କୁ ଯାଉଥିବା ଟାଙ୍ଗୀ ଓରିକ୍ଲିନ କମ୍ପାନୀ ନିକଟରେ ଉକ୍ତ ଅଟୋକୁ ଧକ୍କା ଦେଇ କୋଡ଼ିଏ ମିଟର ପର୍ଯ୍ୟନ୍ତ ଟାଣି ନେଇଥିଲା। ଫଳରେ ଅଟୋରେ ଥିବା ଜଣେ ପୁରୁଷ ଓ ଜଣେ ମହିଳାଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଅଟୋଚାଳକ ସମେତ ଦୁଇ ଜଣ ଗୁରୁତର ହୋଇଥିବା ଜଣାପଡ଼ିଛି। ଖବର ପାଇ ଟାଙ୍ଗୀ ଥାନା ଓ ରାଜପଥ ପାଟ୍ରୋଲିଂ ଅଧିକାରୀ ପହଞ୍ଚି ମୃତ ଏବଂ ଗୁରୁତରଙ୍କୁ କଟକ ବଡ଼ ମେଡ଼ିକାଲକୁ ପଠାଇଥିବା ଜଣାପଡ଼ିଛି। ତେବେ ଧକ୍କା ଦେଇଥିବା ବସ୍ କିମ୍ବା ମୃତ୍ୟୁବରଣ କରିଥିବା ଏବଂ ଗୁରୁତର ହୋଇଥିବା ବ୍ୟକ୍ତିଙ୍କ ପରିଚୟ ଖବର ଲେଖା ହେବା ପର୍ଯ୍ୟନ୍ତ ଜଣାପଡ଼ିନାହିଁ।

**୩ ଗୁରୁତର**

## ତାପମାତ୍ରା
ଡିଗ୍ରୀ ସେଲ୍‌ସିୟସ

| ସ୍ଥାନ | ସର୍ବୋଚ୍ଚ | ସର୍ବନିମ୍ନ |
|---|---|---|
| ବାଲେଶ୍ୱର | ୨୬.୦ | ୧୨.୬ |
| ଚାନ୍ଦବାଲି | ୨୪.୬ | ୧୪.୪ |
| କଟକ | ୨୬.୫ | ୧୩.୫ |
| ପାରାଦୀପ | ୨୬.୧ | ୧୫.୧ |
| ଭୁବନେଶ୍ୱର | ୨୮.୪ | ୧୫.୧ |
| ଗୋପାଳପୁର | ୨୫.୬ | ୧୫.୪ |
| ପୁରୀ | ୨୮.୨ | ୧୬.୬ |
| ଅନୁଗୋଳ | ୨୯.୧ | ୧୨.୬ |
| ବାରିପଦା | ୨୪.୨ | ୧୨.୨ |
| ଝାରସୁଗୁଡ଼ା | ୨୯.୨ | ୬.୦ |
| କେନ୍ଦୁଝରଗଡ଼ | ୨୬.୭ | ୮.୮ |
| ସମ୍ବଲପୁର | ୨୭.୯ | ୧୧.୬ |
| ସୁନ୍ଦରଗଡ଼ | ୨୮.୫ | ୮.୨ |
| ହୀରାକୁଦ | ୨୭.୧ | ୧୧.୨ |
| ତାଳଚେର | ୨୬.୮ | ୧୧.୮ |
| ଭବାନୀପାଟଣା | ୨୬.୬ | ୯.୧ |
| ବଲାଙ୍ଗିର | ୨୭.୯ | ୧୦.୫ |
| କୋରାପୁଟ | ୨୬.୫ | ୧୦.୫ |
| ଫୁଲବାଣୀ | ୨୬.୯ | ୬.୮ |
| ଟିଟିଲାଗଡ଼ | ୨୮.୦ | ୧୨.୫ |
| ମାଲକାନଗିରି | ୨୯.୪ | ୧୪.୨ |
| ସୋନପୁର | ୨୭.୬ | ୯.୯ |
| ଦାରିଙ୍ଗବାଡ଼ି | ୨୪.୦ | ୮.୦ |
| ନୟାଗଡ଼ | ୨୨.୦ | - |
| ବୌଦ୍ଧ | ୨୬.୨ | ୧୪.୦ |
| ଛତ୍ରପୁର | ୨୮.୨ | ୧୬.୫ |
| ପାରଳାଖେମୁଣ୍ଡି | ୩୦.୦ | ୧୫.୪ |
| ରାୟଗଡ଼ା | ୨୮.୨ | ୧୨.୦ |
| ଭଦ୍ରକ | ୨୮.୩ | ୧୧.୦ |
| ଯାଜପୁର | ୩୦.୦ | ୧୨.୨ |
| ଢେଙ୍କାନାଳ | ୨୭.୭ | ୧୨.୧ |
| ବରଗଡ଼ | ୨୯.୦ | ୧୩.୦ |
| ଦେଓଗଡ଼ | ୨୯.୦ | ୧୩.୦ |
| ନୂଆପଡ଼ା | ୩୨.୦ | ୧୪.୦ |
| ନବରଙ୍ଗପୁର | ୨୭.୫ | ୧୧.୦ |
| ଖୋର୍ଦ୍ଧା | ୨୮.୦ | ୧୪.୦ |
| ଜଗତସିଂହପୁର | ୨୮.୫ | ୧୩.୪ |
| କେନ୍ଦ୍ରାପଡ଼ା | ୨୮.୮ | ୧୩.୦ |
| ରାଉରକେଲା | ୨୫.୮ | ୬.୪ |

# ବିଷ ପିଇ ଚାଷୀଙ୍କ ଆତ୍ମହତ୍ୟା

**ସୁନ୍ଦରଗଡ଼, ୯।୧(ସମିସ):** ଧରୁଆଡିହି ଥାନା ବାଗନିପାନି ଗ୍ରାମର ଜଣେ ଚାଷୀ ବିଷ ପିଇ ଜୀବନ ହାରିଛନ୍ତି। ମୃତକ ହେଲେ, ବାଗନିପାନି ଗ୍ରାମର କୀର୍ତ୍ତନ ନାଏକ। ପରିବାର ବୋଝ ବଢ଼ିବା ପରେ ସେ ଆର୍ଥିକ ଅନଟନରେ କାଳାତିପାତ କରୁଥିଲେ। ଗୁରୁବାର ସକାଳେ ସେ ମାନସିକ ଭାରସାମ୍ୟ ହରାଇ ବିଷ ପିଇ ଦେଇଥିଲେ। ଏହା ଜଣାପଡ଼ିବା ପରେ ପରିବାରଲୋକେ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ତେବେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। କୀର୍ତ୍ତନଙ୍କ ପୁଅ କିଶୋର ନାଏକଙ୍କ ଅଭିଯୋଗକ୍ରମେ ଏ ନେଇ ପୁଲିସ୍ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଡାକ୍ତରଖାନାର ମର୍ଗ ହାଉସରେ ମୃତଦେହ ସଂରକ୍ଷିତ କରି ରଖିଛି। ଶୁକ୍ରବାର ବ୍ୟବଚ୍ଛେଦ ହେବ ବୋଲି ପୁଲିସ୍ କହିଛି।

# ଦେବୋତ୍ତର କମିଶନ୍‌ର ହେବ ନବକଳେବର

## ଆରମ୍ଭ ହେବ ଆଭାସୀ ଶୁଣାଣି, ୬ ମାସ ଭିତରେ ଡିଜିଟାଇଜେସନ୍ ଶେଷ

**ଭୁବନେଶ୍ୱର, ୯ ।୧(ସମିସ):** ଗତବର୍ଷ ଅନୁଷ୍ଠିତ ଜିଲ୍ଲା ଜଜ୍ ସମ୍ମିଳନୀରେ ହୋଇଥିବା ନିଷ୍ପତ୍ତି କାର୍ଯ୍ୟକାରୀ କରିବା ପାଇଁ ଅଣ୍ଟା ଭିଡିଛି ଆଇନ୍ ବିଭାଗ। ରାଜ୍ୟ ଦେବୋତ୍ତର କମିଶନର ନବକଳେବର କରିବାକୁ ବିଭାଗ ଆଗଭର ହୋଇଛି। ସୂଚନା ଅନୁଯାୟୀ, କମିଶନରେ ଖାଲି ପଡ଼ିଥିବା ପଦ ପୂରଣ ସହ ଅଦାଲତ ଗୃହ ଓ ରେକର୍ଡ ରୁମ୍ ନିର୍ମାଣ କରାଯିବ। କମିଶନରେ ଆଭାସୀ ମାଧ୍ୟମରେ ଶୁଣାଣି ଆରମ୍ଭ ହେବ ଏବଂ ସବୁ ରେକର୍ଡର ଡିଜିଟାଇଜେସନ୍ କରାଯିବ। ଚଳିତ ମାସ ପ୍ରଥମ ସପ୍ତାହରେ ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ୬ ବିଭାଗର ବରିଷ୍ଠ ପଦାଧିକାରୀଙ୍କୁ ନେଇ ଅନୁଷ୍ଠିତ ବୈଠକରେ ଏ ନେଇ ବିଷଦ ଆଲୋନା ହେବା ସହ ତ୍ୱରିତ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନା ଅନୁସାରେ କର୍ମଚାରୀଙ୍କ ଅଭାବ ଦୂର ପାଇଁ କମିଶନରୁ ଅବସର ନେଇଥିବା ୩୩ ଜଣ ପୂର୍ବତନ କର୍ମଚାରୀଙ୍କୁ ନିଯୁକ୍ତି ପ୍ରଦାନ କରାଯିବ। ଏଥିରୁ ୧୧ ଜଣଙ୍କ ନିଯୁକ୍ତି ହୋଇଥିବା ବେଳେ ତଳସ୍ତରରେ ଥିବା ୩୭ଟି ପଦବୀ ପୂରଣ ପାଇଁ ଚୟନ ପ୍ରକ୍ରିୟା ଆରମ୍ଭ ହେବ। ଅତିରିକ୍ତ ଭାବେ ୬୬ଟି ଖାଲି ପଦ ପୂରଣ ପାଇଁ ଅନୁମତି ମିଳିସାରିଛି। ଦୁଇଟି କୋଠରିରେ କମିଶନଙ୍କ ରେକର୍ଡ ରୁମ୍ ଚାଲୁଥିବାବେଳେ ତାହା ଅତ୍ୟନ୍ତ ଖରାପ ଅବସ୍ଥାରେ ଅଛି। ଫାଇଲ୍‌ଗୁଡିକ ଖୁନ୍ଦାଖୁନ୍ଦି ହୋଇ ରଖାଯାଇଥିବାବେଳେ ଛାତରୁ ପାଣି ଗଳୁଛି। ତେଣୁ ମୁଖ୍ୟ କାର୍ଯ୍ୟାଳୟରେ ଚାଲୁଥିବା ଦୁଇଟି ସ୍ୱତନ୍ତ୍ର କୋର୍ଟକୁ ରେକଡର୍ ସ୍ଥାନାନ୍ତର କରାଯାଇ ସେଠାରେ ନୂଆ ରେକର୍ଡ ରୁମ୍ ନିର୍ମାଣ କରାଯିବ। ସେହିପରି ସମ୍ବଲପୁର, ବ୍ରହ୍ମପୁର ଓ କଟକରେ ସହକାରୀ କମିଶନରଙ୍କ କାର୍ଯ୍ୟାଳୟ ନିର୍ମାଣ ପାଇଁ ଜମି ଅଧିଗ୍ରହଣ କରାଯାଇ ପାଣ୍ଠି ଦିଆଯିବ। ଏ ନେଇ ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ ହୋଇଛି। ସମ୍ପ୍ରତି ବ୍ରହ୍ମପୁର ସହକାରୀ କମିଶନରଙ୍କ କାର୍ଯ୍ୟାଳୟ ଓଏସ୍‌ଆରଟିସି କାର୍ଯ୍ୟାଳୟରେ ଚାଲୁଥିବାରୁ ଘର ଭଡ଼ା ବାବଦରେ ୮୮ ଲକ୍ଷରୁ ଅଧିକ ଟଙ୍କା ବାକି ଅଛି। ତେଣୁ ଏହି ଭଡ଼ା ଛାଡ଼ କରିବା ପାଇଁ କମିଶନଙ୍କ ପକ୍ଷରୁ ପରିବହନ ବିଭାଗକୁ ଅନୁରୋଧ କରାଯିବ। ଅପରପକ୍ଷେ ଦେବୋତ୍ତର କମିଶନଙ୍କ କୋର୍ଟର ରେକର୍ଡ ଡିଜିଟାଇଜେସନ୍ କରିବା ଏବଂ ଆଭାସୀ ମାଧ୍ୟମରେ ଶୁଣାଣି ବ୍ୟବସ୍ଥା ଆରମ୍ଭ କରିବା ପାଇଁ ଆଇଟି ବିଭାଗକୁ ଡିପିଆର୍ ପ୍ରସ୍ତୁତି ଦାୟିତ୍ୱ ଦିଆଯାଇଛି। ଏକ ମାସ ମଧ୍ୟରେ ଆଭାସୀ ଶୁଣାଣି ଆରମ୍ଭ ଏବଂ ୬ ମାସ ଭିତରେ ଡିଜିଟାଇଜେସନ୍ କାମ ଶେଷ କରିବା ପାଇଁ ମୁଖ୍ୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

### କେନ୍ଦ୍ର ଆଇଟି ମନ୍ତ୍ରୀଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା

# ଆଇଟି ହବ୍‌ରେ ପରିଣତ ହେବ ଓଡ଼ିଶା

**ଭୁବନେଶ୍ୱର, ୯।୧(ସମିସ):** ଓଡ଼ିଶାକୁ ଆଗାମୀ ଦିନରେ ଏକ ମେଗା ଆଇଟି ହବ୍‌ରେ ପରିଣତ କରାଯିବ। ଏଥିପାଇଁ ସମସ୍ତ ପ୍ରକାରର ପଦକ୍ଷେପ ନିଆଯାଉଛି। କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ତଥା ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏନେଇ ସୂଚନା ଦେଇଛନ୍ତି। ଗୁରବାର ଅପରାହ୍ନରେ ଶ୍ରୀ ବୈଷ୍ଣବ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ଉଭୟଙ୍କ ମଧ୍ୟରେ ଓଡିଶାରେ ରେଳ ଯୋଗାଯୋଗ ଓ ଆଇଟି ଶିଳ୍ପ ବିକାଶ ସମ୍ପର୍କରେ ଆଲୋଚନା ହୋଇଛି।

କେନ୍ଦ୍ରମନ୍ତ୍ରୀଙ୍କ ଅନୁଯାୟୀ ଓଡ଼ିଶାରେ ଆଇଟି ଷ୍ଟାର୍ଟଅପ୍‌ର ବିକାଶ ପାଇଁ ୪ଟି ବୈଷୟିକ ଅନୁଷ୍ଠାନରେ 'ଚିପ୍ ଟୁ ଷ୍ଟାର୍ଟଅପ୍' କାର୍ଯ୍ୟକ୍ରମ କରଯାଉଛି। ଏହି ଅନୁଷ୍ଠାନ ଗୁଡ଼ିକ ହେଉଛି ଆଇଆଇଟି ଭୁବନେଶ୍ୱର, ଏନଆଇଟି ରାଉରକେଲା, ଟ୍ରିପୁଲ ଆଇଟି ଭୁବନେଶ୍ୱର ଏବଂ ବ୍ରହ୍ମପୁରସ୍ଥିତ ପାରଳା ମହାରାଜା ଇଞ୍ଜିନିୟରିଂ କଲେଜ। ଓଡ଼ିଶାରେ ଏକ ବିଶ୍ୱସ୍ତରୀୟ ଆଇଟି ପ୍ରଶିକ୍ଷଣ ପ୍ରତିଷ୍ଠାନ ସ୍ଥାପନ ପ୍ରସ୍ତାବ ବିଚାରାଧିନ ଅଛି ବୋଲି ମଧ୍ୟ କେନ୍ଦ୍ରମନ୍ତ୍ରୀ ପ୍ରକାଶ କରିଥିଲେ। ଏଥିପାଇଁ ଜମି ସହିତ ଅନ୍ୟାନ୍ୟ ସବୁ ପ୍ରକାର



ସହଯୋଗ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିବା ଜଣାପଡ଼ିଛି। ଏହା ସହିତ ଓଡ଼ିଶାରେ ସେମି କଣ୍ଡକ୍ଟର ଶିଳ୍ପ ପ୍ରତିଷ୍ଠା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ମନ୍ତ୍ରୀଙ୍କ ସହଯୋଗ ଲୋଡ଼ିଥିଲେ ଏବଂ ଏଥିପାଇଁ ସମସ୍ତ ପ୍ରକାର ସହଯୋଗ ଓ ପ୍ରୋତ୍ସାହନ ଯୋଗାଇ ଦିଆଯିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓଡ଼ିଶାରେ ଆଇଟି ଶିଳ୍ପର ବିକାଶ ପାଇଁ କେନ୍ଦ୍ର ମନ୍ତ୍ରୀଙ୍କ ସହଯୋଗ କାମନା କରିଥିଲେ। ଓଡ଼ିଶାରେ ଯେପରି ଅଧିକରୁ ଅଧିକ ଆଇଟି କମ୍ପାନୀ ପୁଞ୍ଜି ବିନିଯୋଗ କରିବେ ସେଥିପାଇଁ ମୁଖ୍ୟମନ୍ତ୍ରୀ କେନ୍ଦ୍ରମନ୍ତ୍ରୀଙ୍କ ସହଯୋଗ କାମନା କରିଥିବା ଜଣାପଡ଼ିଛି। ସେହିପରି ରାଜ୍ୟରେ ରେଳ ଯୋଗାଯୋଗକୁ ନେଇ ଉଭୟଙ୍କ ମଧ୍ୟରେ ହୋଇଥିବା ଆଲୋଚନା ଅନୁଯାୟୀ ଓଡ଼ିଶାରେ ବର୍ତ୍ତମାନ ୪୮ଟି ନୂଆ ରେଳ ପ୍ରକଳ୍ପ ନିର୍ମାଣ କାମ ଚାଲିଛି। ଏଥିପାଇଁ ୭୩,୭୨୩ କୋଟି ଟଙ୍କା ବିନିଯୋଗ କରାଯାଉଛି। ଏଥିରେ ନିକଟରେ କେନ୍ଦ୍ର କ୍ୟାବିନେଟ୍ ଦ୍ୱାରା ଅନୁମୋଦିତ ୮ଟି ନୂଆ ପ୍ରକଳ୍ପ ମଧ୍ୟ ରହିଛି।

# ବିବାହ ବିଚ୍ଛେଦ ପାଇଁ ଉଭୟଙ୍କ ସମ୍ମତି ଆବଶ୍ୟକ: ହାଇକୋର୍ଟ

**କଟକ, ୯। ୧(ସମିସ):** ହିନ୍ଦୁ ବିବାହ ଆଇନରେ ଯଦି ଦମ୍ପତିଙ୍କ ମଧ୍ୟରେ କେହି ଜଣେ ବି ବିଚ୍ଛେଦ ପାଇଁ ସମ୍ମତି ପ୍ରତ୍ୟାହାର କରେ, ବିବାହ ବିଚ୍ଛେଦ ଆଦେଶ ପ୍ରଦାନ କରାଯାଇପାରିବ ନାହିଁ। ସୁପ୍ରିମକୋର୍ଟଙ୍କ ବିଭିନ୍ନ ଦୃଷ୍ଟାନ୍ତମୂଳକ ରାୟରେ ମଧ୍ୟ ଏହା ସ୍ପଷ୍ଟ ହୋଇଛି ବୋଲି ଏକ ମାମଲାର ଶୁଣାଣି କରି ହାଇକୋର୍ଟ ଆଜି ଏହି ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ଜଣେ ମହିଳାଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ଏପରି ରାୟ ଦେଇଛନ୍ତି। ଆବେଦନକାରୀ ବିବାହ ବିଚ୍ଛେଦ ପାଇଁ ସମ୍ମତି ପ୍ରତ୍ୟାହାର କରିବାର ୪ ଦିନ ପରେ ବାଲେଶ୍ୱର ପରିବାର ଅଦାଲତ ବିବାହ ବିଚ୍ଛେଦକୁ ଅନୁମତି ଦେଇ ଜାରି କରିଥିବା ଆଦେଶ ଆଇନ ଆଖିରେ ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି। ହିନ୍ଦୁ ବିବାହ ଅଧିନିୟମ-୧୯୫୫ର ଧାରା ୧୩(ଖ)ରେ ପରସ୍ପର ସମ୍ମତିରେ ସ୍ୱାମୀ-ସ୍ତ୍ରୀ ବିବାହ ବିଚ୍ଛେଦ ଆବେଦନ କରିବାର ବ୍ୟବସ୍ଥା ରହିଛି। ତେବେ ମାମଲା ବିଚାରାଧୀନ ଥିବା ଓ ଯୁକ୍ତି ଉପସ୍ଥାପନ ଶେଷ ହୋଇଥିଲେ ମଧ୍ୟ ଦମ୍ପତିଙ୍କ ମଧ୍ୟରୁ ଜଣେ ସମ୍ମତି ପ୍ରତ୍ୟାହାର କରିପାରିବେ ବୋଲି ହାଇକୋର୍ଟ ମତ ଦେଇଛନ୍ତି। ଏଣୁ ବାଲେଶ୍ୱର ପରିବାର ଅଦାଲତଙ୍କ ଗତ ୨୦୨୧ ନଭେମ୍ବର୨୨ର ଆଦେଶକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ଅନ୍ୟପଟରେ ଆସନ୍ତା ୬ ମାସ ମଧ୍ୟରେ ପରିବାର ଅଦାଲତ ଏହି ମାମଲାର ଫଇସଲା କରିବାକୁ ହାଇକୋର୍ଟ କହିଛନ୍ତି।

ପ୍ରକାଶଥାଉକି ଉଭୟ ଆବେଦନକାରୀ ଓ ତାଙ୍କ ସ୍ୱାମୀ ଯୁଗ୍ମ ଭାବେ ବିବାହ ବିଚ୍ଛେଦ ପାଇଁ ସମ୍ମତିପୂର୍ବକ ପରିବାର ଅଦାଲତରେ ୨୦୨୦ରେ ଆବେଦନ କରିଥିଲେ। ତେବେ ୨୦୨୧ ନଭେମ୍ବର ୧୮ରେ ଆବେଦନକାରୀ ପତ୍ନୀ ସମ୍ମତି ପ୍ରତ୍ୟାହାର କରିନେଇଥିଲେ। ହେଲେ ଏହାର ୪ ଦିନ ପରେ ବିବାହ ବିଚ୍ଛେଦକୁ ମଞ୍ଜୁର କରି ବାଲେଶ୍ୱର ପରିବାର ଅଦାଲତ ଆଦେଶନାମା ଜାରି କରିଥିଲେ। ଏହା ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ଦର୍ଶାଇ ଏହି ଆଦେଶ ବିରୋଧରେ ପତ୍ନୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।



ସ୍ମିଥ୍‌ଙ୍କୁ ଶ୍ରୀଲଙ୍କା ଟେଷ୍ଟ ନେତୃତ୍ୱ

▶କ୍ରୀଡ଼ା ପୃଷ୍ଠାରେ...

• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 42 •ISSUE-195 •BHUBANESWAR •FRIDAY •10 JANUARY 2025 •PAGE-14 •₹ 6.00

•ବର୍ଷ-୪୨ •ସଂଖ୍ୟା-୧୯୫ •ଭୁବନେଶ୍ୱର •ଶୁକ୍ରବାର •୧୦ ଜାନୁଆରୀ ୨୦୨୫ •ପୃଷ୍ଠା-୧୪ •ଟ.୬.୦୦


## ଜଳୁଛି ଲସ୍ ଏଞ୍ଜେଲସ୍

# ୨ ହଜାର ଘର ପୋଡ଼ି ପାଉଁଶ

■ ୱାସିଂଟନ୍, ୯।୧(ଏଜେନ୍ସି): କାଲିଫର୍ଣ୍ଣିଆ ଜଙ୍ଗଲ ନିଆଁ ବ୍ୟାପିବାରେ ଲାଗିଛି । ଏହା ଲସ୍ ଏଞ୍ଜେଲସ୍‌କୁ ଗିଳିଦେବାକୁ ବସିଲାଣି । ୧୦୦ କିଲୋମିଟରରୁ ଅଧିକ ବେଗରେ ପବନ ବହୁଥିବାରୁ ତିନି ଦିନ ହେଲା ନିଆଁକୁ ଆୟତ୍ତ କରାଯାଇପାରୁନାହିଁ । ଫିଲ୍ମ ଓ ଟିଭି ଶିଳ୍ପର ଗଡ଼ ହଲିଉଡ୍ ରୂପେ ପରିଚିତ ଲସ୍ ଏଞ୍ଜେଲସ୍ ସହର ପ୍ରତି ବଡ଼ ବିପଦ ସୃଷ୍ଟି ହୋଇଛି । ଦୁଇ ହଜାରରୁ ଅଧିକ ଘର ଓ ବ୍ୟବସାୟ ପ୍ରତିଷ୍ଠାନ ପୋଡ଼ି ପାଉଁଶ ହୋଇଯାଇଥିବା ବେଳେ ଆହୁରି ହଜାର ହଜାର ଘର ଏବେ ବି ନିଆଁ ଘେରରେ । ଏକ ଲକ୍ଷ ୩୦ ହଜାର ଲୋକ ବର୍ତ୍ତମାନ ସୁଦ୍ଧା ସହର ଛାଡ଼ି ପଳାଇଲେଣି । ଏଥିରେ ଅନେକ ଚଳଚ୍ଚିତ୍ର ତାରକା ମଧ୍ୟ ଅଛନ୍ତି । ନିଆଁକୁ ଆୟତ୍ତ କରିବା ଲାଗି ୧୦ ହଜାରରୁ ଅଧିକ କର୍ମଚାରୀ ନିୟୋଜିତ ହୋଇଥିଲେ ମଧ୍ୟ ଏହାକୁ କାବୁ କରିବାରେ ସମର୍ଥ ହୋଇ ନାହାନ୍ତି । ଆମେରିକା ଇତିହାସରେ ଏତେ ବଡ଼ ବିପର୍ଯ୍ୟୟ

### ଉପରାଷ୍ଟ୍ରପତି, ହଲିଉଡ୍ କଳାକାରଙ୍କ ବଙ୍ଗଳା ବି ଜଳିଗଲା
### ଘର ଛାଡ଼ିଲେଣି ୧ ଲକ୍ଷ ୩୦ ହଜାର
### ଆମେରିକା ଇତିହାସରେ ବଡ଼ ବିପର୍ଯ୍ୟୟ

ପୂର୍ବରୁ କେବେ ଦେଖାଯାଇ ନାହିଁ ବୋଲି କୁହାଯାଉଛି ।

ତିନି ଦିନ ତଳେ ଆରମ୍ଭ ହୋଇଥିବା ଏହି ଜଙ୍ଗଲ ନିଆଁ ଯୋଗୁଁ ବର୍ତ୍ତମାନ ସୁଦ୍ଧା ୫ ଜଣ ବ୍ୟକ୍ତି ପ୍ରାଣ ହରାଇବା ସହିତ ଶତାଧିକ ଆହତ ମଧ୍ୟ ହୋଇଛନ୍ତି । କୁହାଯାଉଛି ଯେ ସଂପୃକ୍ତ ଜଙ୍ଗଲ ପଟୁ ୧୨୦ କିଲୋମିଟର ବେଗରେ ପବନ ବହୁଥିବାରୁ ପରିସ୍ଥିତି ଅଣାୟତ୍ତ ହୋଇପଡ଼ିଛି । ନିଆଁ ଲିଭାଇବା ଲାଗି ଶହ ଶହ ଟିମ୍ ଗଠନ କରାଯାଇଥିଲେ ମଧ୍ୟ ପବନ ଯୋଗୁ ସେମାନେ ଏହାକୁ ନିୟନ୍ତ୍ରଣ କରିପାରି ନାହାନ୍ତି । ଏହି ସହରରେ ଚଳଚ୍ଚିତ୍ର ଶିଳ୍ପ ହଲିଉଡ୍ ରହିଛି । ଫିଲ୍ମ ତାରକା ସମେତ ଅନେକ ସେଲିବ୍ରିଟି ମଧ୍ୟ ରହୁଛନ୍ତି । ଉପରାଷ୍ଟ୍ରପତି କମଳା ହାରିସ୍‌ଙ୍କ କାଲିଫର୍ଣ୍ଣିଆସ୍ଥିତ ଘରକୁ ମଧ୍ୟ ଖାଲି କରି ଦିଆଯାଇଛି । ନିଆଁରେ କେବଳ ସେମାନଙ୍କର ▶ପୃଷ୍ଠା-୭



## ଓଡ଼ିଶାରୁ ବିଶ୍ୱକୁ ଶାନ୍ତିର ବାର୍ତ୍ତା ଦେଲେ ମୋଦୀ

# ଯୁଦ୍ଧ ନୁହେଁ; ବୁଦ୍ଧ ହିଁ ଭବିଷ୍ୟତ

### ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସକୁ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

■ ଭୁବନେଶ୍ୱର, ୯।୧(ସମିସ): ଶାନ୍ତି,ପ୍ରୀତି ଓ ମୈତ୍ରୀର ଭୂମି ଓଡ଼ିଶାରୁ ଆଜି ସମଗ୍ର ବିଶ୍ୱକୁ ଶାନ୍ତିର ବାର୍ତ୍ତା ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ସ୍ଥାନୀୟ ଜନତା ମଇଦାନରେ ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସକୁ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ ବିଶ୍ୱର ଭବିଷ୍ୟତ ଯୁଦ୍ଧରେ ନୁହେଁ; ବୁଦ୍ଧଙ୍କଠାରେ ରହିଛି ବୋଲି କହିଛନ୍ତି । ସମଗ୍ର ବିଶ୍ୱ ଯେତେବେଳେ ଖଡ୍‌ଗର ମାର୍ଗ ବାଛି ସାମ୍ରାଜ୍ୟ ବିସ୍ତାର କରୁଥିଲା; ସମ୍ରାଟ ଅଶୋକ ଓଡ଼ିଶାର ଐତିହାସିକ ସ୍ଥାନ ଧଉଳିରେ ଶାନ୍ତିର ସନ୍ଧାନ ପାଇଥିଲେ । ଯୁଦ୍ଧରେ ନୁହେଁ; ବରଂ ବୁଦ୍ଧଙ୍କ ଆଦର୍ଶ ଉପରେ ବିଶ୍ୱର ଭବିଷ୍ୟତ ନିର୍ଭର କରେ ।

ପ୍ରଧାନମନ୍ତ୍ରୀ କହିଲେ, ଓଡ଼ିଶାର ଭୂମିକୁ ସମସ୍ତଙ୍କୁ ସ୍ୱାଗତ କରିବା ଅତ୍ୟନ୍ତ ସ୍ୱତନ୍ତ୍ର । ଓଡ଼ିଶାରେ ପ୍ରତ୍ୟେକ ପାଦ ଆଗକୁ ବଢ଼ାଇବା ସହିତ ଆମେ ଆମ ଅତୀତର ଐତିହ୍ୟକୁ ଅନୁଭବ କରିପାରିବା । ଉଦୟଗିରି ଓ ଖଣ୍ଡଗିରିର ଐତିହାସିକ ଗୁମ୍ଫା, କୋଣାର୍କର ଚମତ୍କାର ସୂର୍ଯ୍ୟ ମନ୍ଦିର, ମାଣିକପାଟଣା ଓ ପାଲୁରର ପ୍ରାଚୀନ ବନ୍ଦର ଆଦି ପ୍ରତ୍ୟେକ ସ୍ଥାନରେ ଅତୀତର ଗୌରବ ଅନୁଭବ କରିହୁଏ । ଶହ ଶହ ବର୍ଷ ପୂର୍ବେ ଓଡ଼ିଶାର ବଣିକମାନେ ବାଲି, ସୁମାତ୍ରା ଏବଂ ଜାଭା ଭଳି ସ୍ଥାନକୁ ଦୀର୍ଘ ସାମୁଦ୍ରିକ ଯାତ୍ରା କରୁଥିଲେ, ଯାହାର ସ୍ମୃତିରେ ଆଜିବି ଓଡ଼ିଶାରେ ବାଲିଯାତ୍ରା ପାଳନ କରାଯାଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ପ୍ରଧାନମନ୍ତ୍ରୀ ପୁଣି କହିଛନ୍ତି ଯେ ଗଣତନ୍ତ୍ର ଭାରତୀୟ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ । ଭାରତୀୟମାନେ ସ୍ୱାଭାବିକ ଭାବେ ବିବିଧତାକୁ ଗ୍ରହଣ କରନ୍ତି ଏବଂ ସ୍ଥାନୀୟ ନିୟମ ଓ ପରମ୍ପରାକୁ ସମ୍ମାନ ଦେଇ ଏଥିରେ ନିରବଚ୍ଛିନ୍ନ ଭାବେ ସାମିଲ ହୁଅନ୍ତି । ଭାରତୀୟମାନେ ପ୍ରବାସ କରୁଥିବା ଦେଶଗୁଡ଼ିକର ସଚ୍ଚୋଟତାର ସହ ସେବା କରୁଛନ୍ତି, ସେମାନଙ୍କ ବିକାଶ ଓ ସମୃଦ୍ଧି ଦିଗରେ ଯୋଗଦାନ କରୁଛନ୍ତି । ତଥାପି ସେମାନଙ୍କ ହୃଦୟରେ ସର୍ବଦା ଭାରତ ପ୍ରତି ଶ୍ରଦ୍ଧା ଓ ସମ୍ମାନ ରହିଛି । ଗତ ୧୦ ବର୍ଷ ମଧ୍ୟରେ ଭାରତ ୨୫ କୋଟି ଲୋକଙ୍କୁ ଦାରିଦ୍ର୍ୟରୁ ମୁକ୍ତ କରିଛି ଓ ବିଶ୍ୱର ଦଶମ ସର୍ବବୃହତ ଅର୍ଥବ୍ୟବସ୍ଥାରୁ ପଞ୍ଚମ ସର୍ବବୃହତ ଅର୍ଥବ୍ୟବସ୍ଥାକୁ ଉନ୍ନୀତ ହୋଇ ଖୁବଶୀଘ୍ର ତୃତୀୟ ସର୍ବବୃହତ ଅର୍ଥବ୍ୟବସ୍ଥାରେ ପରିଣତ ହେବାକୁ ଯାଉଛି । ଭାରତର ପ୍ରତ୍ୟେକ କ୍ଷେତ୍ର ଅକ୍ଷୟ ଶକ୍ତି, ବିମାନ ଚଳାଚଳ, ବୈଦ୍ୟୁତିକ ଗତିଶୀଳତା, ମେଟ୍ରୋ ନେଟୱାର୍କ ଏବଂ ବୁଲେଟ୍ ଟ୍ରେନ୍ ପ୍ରକଳ୍ପରେ ରେକର୍ଡ ଭାଙ୍ଗି ▶ପୃଷ୍ଠା-୭

### ବଖାଣିଲେ ଗୌରବମୟ ଓଡ଼ିଶାର ସମୃଦ୍ଧ ଐତିହ୍ୟ
### ବିକାଶ ଏବଂ ଐତିହ୍ୟର ମନ୍ତ୍ର ସହ ଆଗକୁ ବଢ଼ୁଛି ଭାରତ
### ପ୍ରବାସୀଙ୍କ ସୁରକ୍ଷା ଏବଂ କଲ୍ୟାଣ ଆମର ପ୍ରାଥମିକତା
### ଶୁଭାରମ୍ଭ ହେଲା ପ୍ରବାସୀ ଭାରତୀୟ ଏକ୍ସପ୍ରେସ୍



## ▶▶ ଏସସି, ଏସଟି ସଂରକ୍ଷଣ ମାମଲାରେ ସୁପ୍ରିମକୋର୍ଟଙ୍କ ମନ୍ତବ୍ୟ

# 'କ୍ରିମି ଲେୟାର' ଚିହ୍ନଟ କରନ୍ତୁ ସରକାର

■ ନୂଆଦିଲ୍ଲୀ, ୯।୧ (ଏଜେନ୍ସି): ଜାତିଗତ ସଂରକ୍ଷଣ ବ୍ୟବସ୍ଥାରେ 'କ୍ରିମି ଲେୟାର(ସଂରକ୍ଷଣ ବ୍ୟବସ୍ଥାରେ ଲାଭ ଉଠାଇ ସାରିଥିବା ସ୍ୱଚ୍ଛଳ ବର୍ଗ)କୁ ନେଇ ସୁପ୍ରିମକୋର୍ଟ ଗୁରୁବାର ବଡ଼ ଟିପ୍ପଣୀ ରଖିଛନ୍ତି । ସଂରକ୍ଷଣ ବ୍ୟବସ୍ଥାରେ ସାମିଲ ହୋଇଥିବା ଅନୁସୂଚିତ ଜାତି ଓ ଜନଜାତିଙ୍କ ମଧ୍ୟରେ ଯେଉଁମାନେ ସଂରକ୍ଷଣ ଆଧାରରେ ଲାଭ ଉଠାଇ ସ୍ୱଚ୍ଛଳ ହୋଇସାରିଛନ୍ତି ସେମାନଙ୍କୁ ଚିହ୍ନଟ କରିବା ସରକାରଙ୍କ ଦାୟିତ୍ୱ । ଏହାକୁ ବ୍ୟବସ୍ଥାପିକା କିମ୍ବା କାର୍ଯ୍ୟପାଳିକା ମାଧ୍ୟମରେ କାର୍ଯ୍ୟକାରୀ କରିବା ଉଚିତ । ଅର୍ଥାତ୍ ସରକାରଙ୍କ ଦ୍ୱାରା ନୀତି ପ୍ରଣୟନ କରାଯାଇ କିମ୍ବା ସଂସଦରେ ଆଇନ ଅଣାଯାଇ ଏହାକୁ କାର୍ଯ୍ୟକାରୀ କରାଯାଇପାରିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି । ବର୍ତ୍ତମାନ କେବଳ ପଛୁଆବର୍ଗଙ୍କ କ୍ଷେତ୍ରରେ 'କ୍ରିମି ଲେୟାର' ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉଛି ।

୧୯୯୨ରେ ଇନ୍ଦିରା ସ୍ୱେଇନୀ ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟର ଏକ ୯ ଜଣିଆ ସମ୍ବିଧାନ ଖଣ୍ଡପୀଠ ବିଚାର କରି ଯେଉଁ ରାୟ ଦେଇଥିଲେ ସେହି ଅନୁସାରେ କେବଳ ପଛୁଆ ବର୍ଗଙ୍କ କ୍ଷେତ୍ରରେ ସଂରକ୍ଷଣ ଲାଭ ଉଠାଇ ସାରିଥିବା ସ୍ୱଚ୍ଛଳ ବର୍ଗଙ୍କୁ ସଂରକ୍ଷଣ ବ୍ୟବସ୍ଥାରୁ ବାଦ୍ ଦେବା କାର୍ଯ୍ୟକାରୀ ହୋଇଛି । କିନ୍ତୁ ପଛୁଆବର୍ଗ ଭଳି ଅନୁସୂଚିତ ଜାତି ଏବଂ ଜନଜାତି ବର୍ଗରେ ସ୍ୱଚ୍ଛଳ ବର୍ଗଙ୍କ କ୍ଷେତ୍ରରେ ମଧ୍ୟ ସମାନ ନୀତି ଗ୍ରହଣ କରିବାକୁ ୨୦୨୪ ଅଗଷ୍ଟରେ ସୁପ୍ରିମକୋର୍ଟ ଯେଉଁ ରାୟ ଦେଇଥିଲେ ସେନେଇ ଏଯାବତ୍ କିଛି ଅଗ୍ରଗତି ହୋଇନାହିଁ । ଏହି ଦୁଇ ବର୍ଗରେ ସାମିଲ ହୋଇ ଯେଉଁମାନେ ସଂରକ୍ଷଣ ଲାଭ ଉଠାଇ ସାରିଛନ୍ତି ସେମାନଙ୍କୁ ସଂରକ୍ଷଣ ତାଲିକାରୁ ବାଦ୍ ଦେଇ ଲାଭ ପାଇ ନଥିବା ବର୍ଗଙ୍କୁ ସଂରକ୍ଷଣରେ



ସାମିଲ କରିବାକୁ ସୁପ୍ରିମକୋର୍ଟ କହିଥିଲେ । ଏଥିନେଇ ଆବଶ୍ୟକ ସ୍ଥଳେ ଅନୁସୂଚିତ ଜାତି ଏବଂ ଜନଜାତି ମଧ୍ୟରେ ଉପ ବର୍ଗୀକରଣ ପାଇଁ ମଧ୍ୟ ପ୍ରୟାସ କରାଯାଇପାରେ ବୋଲି ସୁପ୍ରିମକୋର୍ଟ କହିବା ସହିତ କେନ୍ଦ୍ର ସରକାର 'କ୍ରିମି ଲେୟାର' ଚିହ୍ନଟ କରିବା ଦିଗରେ ନୀତି ପ୍ରଣୟନ କରିବା ଉଚିତ ବୋଲି କହିଥିଲେ । ସେହିଭଳି ସଂରକ୍ଷଣ ବ୍ୟବସ୍ଥାରୁ ଲାଭ ଉଠାଇପାରି ନଥିବା ଏହି ଦୁଇ ବର୍ଗର ଲୋକମାନଙ୍କୁ ଅଧିକ ସୁଯୋଗ ଦେବା ଲାଗି ରାଜ୍ୟ ସରକାର ମଧ୍ୟ ଅନୁସୂଚିତ ଜାତି ଓ ଜନଜାତି ମଧ୍ୟରେ ଉପ ବର୍ଗୀକରଣ କରିପାରିବେ ବୋଲି ସୁପ୍ରିମକୋର୍ଟ କହିଥିଲେ । ▶ପୃଷ୍ଠା-୭

# ଭୁବନେଶ୍ୱରରେ ରାଷ୍ଟ୍ରପତି

### ୨ ଦିନିଆ ଗସ୍ତ ସାରି ଫେରିଲେ ପ୍ରଧାନମନ୍ତ୍ରୀ



■ ଭୁବନେଶ୍ୱର, ୯।୧ (ସମିସ): ଓଡ଼ିଶାରେ ପହଞ୍ଚିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ ସମାରୋହରେ ଯୋଗ ଦେବାକୁ ରାଷ୍ଟ୍ରପତି ଗୁରୁବାର ସନ୍ଧ୍ୟାରେ ଭୁବନେଶ୍ୱରରେ ପହଞ୍ଚିଛନ୍ତି । ବାୟୁସେନାର ଏକ ସ୍ୱତନ୍ତ୍ର ବିମାନରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ତାଙ୍କୁ ସ୍ୱାଗତ କରିଛନ୍ତି । ପରେ ବିମାନବନ୍ଦରରୁ କଡ଼ା ସୁରକ୍ଷା ବଳୟରେ ତାଙ୍କୁ ରାଜଭବନକୁ ନିଆଯାଇଥିଲା । ସେଠାରେ ▶ପୃଷ୍ଠା-୭

# ଜଗତପୁରରେ ନକଲି ଟାୟାର୍ ଗୋଦାମ



### ଲକ୍ଷାଧିକ ଟଙ୍କାର ନକଲି ଟାୟାର ଜବତ: ଜଣେ ଗିରଫ
### ସାରା ରାଜ୍ୟକୁ ସପ୍ଲାଇ ହେଉଥିଲା ନକଲି ସାଇକେଲ୍ ଓ ବାଇକ୍ ଟାୟାର୍
### ୬୦ପ୍ରତିଶତ ଲାଭରେ ବିକ୍ରି କରୁଥିଲେ ଅସାଧୁ ବ୍ୟବସାୟୀ
### ଟାୟାର ଗୋଦାମ୍ ସିଲ୍: ରାକେଟ୍ ଠାବ ପାଇଁ ପୁଲିସର ଚଢ଼ଉ ଜାରି

■ କଟକ, ୯।୧(ସମିସ): ପୁଣି ଥରେ ଜଗତପୁର ଅଞ୍ଚଳରେ ନକଲି ସାମଗ୍ରୀ ବିକ୍ରି ହେଉଥିବା ଖବର ସାମ୍ନାକୁ ଆସିଛି । ଦୀର୍ଘ ଦିନ ଧରି ଏକ ନାମୀ(ବ୍ରାଣ୍ଡେଡ୍) କମ୍ପାନୀ ନାମରେ ନକଲି ଟାୟାର୍ ବିକ୍ରି କରାଯାଉଥଲା । ଏହି ନକଲି ଟାୟାର ଗୋଦାମରେ ଆଜି ଜଗତପୁର ପୁଲିସ୍ ଚଢ଼ଉ କରି ନକଲି କାରବାରର ଗୁମର ଖୋଲିଛି । ଗୋଦାମରୁ ଲକ୍ଷାଧିକ ଟଙ୍କାର ନକଲି ଟାୟାର ଜବତ କରିବା ସହ ସମ୍ପୃକ୍ତ ବ୍ୟବସାୟୀକୁ ଗିରଫ କରାଯାଇଛି । ଗୋଦାମରେ ▶ପୃଷ୍ଠା-୭

## ଚାରି ମାସ ହେଲା ସରୁନାହିଁ ଇ-କେୱାଇସି ନାଟକ

# ୪୯ ଲକ୍ଷ ହିତାଧିକାରୀଙ୍କ ପେଟରେ ଲାତ

■ ଭୁବନେଶ୍ୱର, ୯।୧(ସମିସ): ନୂଆ ସରକାର ଆସିବା ପରେ ଗତ ୪ ମାସ ଧରି ଚାଲିଛି ଇ-କେୱାଇସି ନାଟକ । ଇତିମଧ୍ୟରେ ପ୍ରାୟ ୩ କୋଟି ଲୋକଙ୍କର ଇ-କେୱାଇସି ଶେଷ ହୋଇଛି ଓ ଆହୁରି ୪୯ ଲକ୍ଷ ହିତାଧିକାରୀଙ୍କର ଇ-କେୱାଇସି ଯାଞ୍ଚ ଶେଷ ହୋଇ ପାରିନାହିଁ । ଜାନୁଆରୀ ୩୧ ତାରିଖ ମଧ୍ୟରେ ହିତାଧିକାରୀମାନେ ସେମାନଙ୍କର ଇ-କେୱାଇସି ଅପଡ଼େଟ୍ ନ କଲେ ସେମାନଙ୍କର ନାମ ରାସନ କାର୍ଡରୁ କଟିଯିବ ଏବଂ ସେମାନେ ଆଗାମୀ ଦିନରେ ଖାଦ୍ୟ ସୁରକ୍ଷା ଯୋଜନାରେ ମାଗଣା ଗହମ ଓ ଚାଉଳରୁ ବଞ୍ଚିତ ହେବେ । ମାତ୍ର ବିଡ଼ମ୍ବନା ହେଉଛି ।।ଯେ ଏମାନଙ୍କ ମଧ୍ୟରେ ଅଧିକାଂଶ ପ୍ରବାସୀ ଶ୍ରମିକ, ବୟସାଧିକ୍ୟ ଓ ଦୁରାରୋଗ୍ୟରେ ପୀଡ଼ିତ ବ୍ୟକ୍ତି ଥିବାରୁ ସେମାନେ ଡ଼ିଲର ପଏଣ୍ଟରେ ପହଞ୍ଚି ନିଜର ଇ-କେୱାଇସି କରିପାରୁ ନାହାନ୍ତି । ଫଳରେ ଏହି ସ୍ୱର୍ଣ୍ଣକାତର ବର୍ଗଟି ସରକାରୀ ଯୋଜନାରୁ ବଞ୍ଚିତ ହେବା ଆଶଙ୍କା ସୃଷ୍ଟି ହୋଇଛି । ଯାହାକୁ ନେଇ ସାରା ରାଜ୍ୟରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି ।

ଅଯୋଗ୍ୟ ଓ ମୃତ୍ୟବରଣ କରିଥିବା ହିତାଧିକାରୀଙ୍କୁ ଠାବ କରିବା ▶ପୃଷ୍ଠା-୭

### ୩୧ ତାରିଖ ମଧ୍ୟରେ ଇ-କେୱାଇସି ନ କଲେ କଟିବ ରାସନ କାର୍ଡ
### ଖାଦ୍ୟ ସୁରକ୍ଷା ଯୋଜନାର ଚାଉଳ-ଗହମରୁ ବଞ୍ଚିତ ହେବେ ଗରିବ






# ସହଦେବଙ୍କୁ ନ୍ୟାୟ ଦାବିରେ ବିଜେଡିର କ୍ୟାଣ୍ଡେଲ ରାଲି




**ଭୁବନେଶ୍ୱର, ୯ ।୧(ସମିସ):** ବିଏମ୍‌ସି ସଫେଇ ମଜଦୂର ସଂଘର ସଭାପତି ତଥା ପୁଲିସ ମିତ୍ର ସହଦେବ ନାୟକଙ୍କ ହତ୍ୟାକାଣ୍ଡରେ ସମ୍ପୃକ୍ତ ଅପରାଧୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ଓ ତାଙ୍କ ପରିବାରକୁ ୧ କୋଟି ଟଙ୍କାର କ୍ଷତିପୂରଣ ପ୍ରଦାନ ଦାବିରେ ଆଜି ବିଜୁ ଜନତା ଦଳ ପକ୍ଷରୁ ଭୁବନେଶ୍ୱରରେ କ୍ୟାଣ୍ଡେଲ ରାଲି କରାଯାଇଛି। ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ମେୟର ସୁଲୋଚନା ଦାସ, ବିଜେଡି ନେତା ମନ୍ମଥ ରାଉତରାୟ, ଦଳୀୟ କର୍ପୋରେଟର ଏବଂ କର୍ମକର୍ତ୍ତାମାନେ ଶୋଭାଯାତ୍ରାରେ ସାମିଲ ହୋଇ ସହଦେବଙ୍କ ପରିବାକୁ ନ୍ୟାୟ ଦେବା ପାଇଁ ଦାବି କରିଥିଲେ। ରାଜମହଲ ଛକରୁ ରାଲି ବାହାରି ଝରଣା ସାହି ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ବହୁ ସଂଖ୍ୟକ ସ୍ଥାନୀୟ ବାସିନ୍ଦା ମଧ୍ୟ ସାମିଲ ହୋଇଥିଲେ। ବିଜେଡି ନେତୃତ୍ୱ ସହଦେବଙ୍କ ଦୁଇ ଝିଅ ଓ ପରିବାର ସଦସ୍ୟଙ୍କୁ ଭେଟି ନ୍ୟାୟ ପାଇଁ ଆଶ୍ୱାସନା ଦେଇଥିଲେ। ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି, ସାରା ଭୁବନେଶ୍ୱରରେ ପୁଲିସର କଡ଼ା ପହରା। କିନ୍ତୁ ସ୍ପଷ୍ଟ ଦିବାଲୋକରେ ଜଣେ ପୁଲିସ ମିତ୍ରକୁ ହାଣି ଖଣ୍ଡ ଖଣ୍ଡ କରି ଦିଆଯାଉଛି। ସାରା ରାଜ୍ୟରେ ଆଇନ୍ ଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ମୁଖ୍ୟମନ୍ତ୍ରୀଙ୍କ ଅଧିନରେ ଥିବା ଗୃହ ବିଭାଗର କ'ଣ ଅବସ୍ଥା ତାହା ଏଥିରୁ ଜଣାପଡୁଛି। ଏପରି ଘଟଣା ହେଲେ ପୁଲିସ ଓ ନ୍ୟାୟ ବ୍ୟବସ୍ଥା ଉପରୁ ସାଧାରଣ ଲୋକଙ୍କ ଆସ୍ଥା ତୁଟିଯିବ। ମନ୍ମଥ ରାଉତରାୟ କହିଛନ୍ତି, ସହଦେବଙ୍କ ଆତ୍ମାର ସଦଗତି ନିମନ୍ତେ ଆମେ ପ୍ରାର୍ଥନା କରୁଛୁ। ତେବେ ଏହି ଘଟଣା ଆମ ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି। ସରକାର ଲୋକଙ୍କ ଆସ୍ଥା ଅତୁଟ ରଖିବା ଦିଗରେ ଯତ୍ନବାନ୍ ହେବା ଆବଶ୍ୟକ ବୋଲି କହିଛନ୍ତି।

■ ଅଳଙ୍କାର ଦୋକାନରୁ ଲୁଟ୍ ଉଦ୍ୟମ ବେଳେ ଗୁଳି ଘଟଣା

# ମୃତାହତଙ୍କ ପରିବାରକୁ ଭେଟିଲେ ପ୍ରଣବ



**ଯାଜପୁର/ପାଣିକୋଇଲି, ୯ ।୧(ସମିସ):** ପାଣିକୋଇଲିସ୍ଥିତ ପଣ୍ଡା ଅଳଙ୍କାରରୁ ଲୁଟ୍ ଓ ଗୁଳିକାଣ୍ଡରେ ମୃତ୍ୟୁବରଣ କରିଥିବା ଓ ଆହତ ହୋଇଥିବା ପୀଡ଼ିତ ପରିବାରକୁ ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ ଭେଟି ସମବେଦନା ଜଣାଇଛନ୍ତି। କୋରେଇ ବ୍ଲକ୍ ସୋତି ଗ୍ରାମର ଯୁବକ ନୀଳମାଧବ ପଣ୍ଡା ଓ ଯାଜପୁର ସଦର ଥାନା କଳସଡ଼ିହ ଗ୍ରାମର ସୁନୀଲ ରାୟଙ୍କ ପରିବାର ନିକଟରେ ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ ପହଞ୍ଚି ଘଟଣା ସମ୍ପର୍କରେ

## ଦୁଇ ଲୁଟେରାଙ୍କୁ କୋର୍ଟ ଚାଲାଣ

ପଚାରି ବୁଝିଛନ୍ତି। ଘଟଣା ଦିନ ପୁଲିସର ବିଫଳତା ସମ୍ପର୍କରେ ମୃତକଙ୍କ ପରିବାରରଲୋକେ ଶ୍ରୀ ଦାସଙ୍କୁ ଅବଗତ କରିଥିଲେ। ଶ୍ରୀ ଦାସ ଉଭୟ ପରିବାରକୁ ସାନ୍ତ୍ୱନା ଦେବା ସହ ଆଗାମୀ ଦିନରେ ସମସ୍ତ ପ୍ରକାର ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ନୀଳମାଧବଙ୍କ ସାନଭାଇ ଓ ଭଉଣୀଙ୍କ ପାଠପଢ଼ା ଦାୟିତ୍ୱ ନେବେ ବୋଲି କହିଥିଲେ। ସେହିପରି ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିବା ଦୀପକ ସାହୁଙ୍କ ପରିବାରକୁ ଭେଟି ତାଙ୍କର ଆରୋଗ୍ୟ କାମନା କରିଛନ୍ତି। ପ୍ରଣବଙ୍କ ଏହି ଗସ୍ତ ସମୟରେ ଅଶୋକ ଦାସ ଫାଉଣ୍ଡେସନ୍‌ର ସଚିବ ଭବପ୍ରସାଦ ଦାସ, ଯାଜପୁର ବ୍ଲକ ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ପରିଡ଼ାଙ୍କ ସମେତ ସ୍ଥାନୀୟ ଅଞ୍ଚଳର ସରପଞ୍ଚ, ସମିତିସଭ୍ୟଙ୍କ ସମେତ ବିଜୁ ଜନତା ଦଳର କର୍ମୀ ଉପସ୍ଥିତ ଥିଲେ।

ଅନ୍ୟପକ୍ଷରେ, ଦୁଇ ଲୁଟେରାଙ୍କୁ ଅଦାଲତ ଚାଲାଣ କରାଯାଇଛି। କଟକ ବଡ଼ ମେଡିକାଲରୁ ଆଣି କଳିଙ୍ଗନଗର ଥାନାରେ ଜେରା ପରେ ସେମାନଙ୍କୁ କୋର୍ଟ ଚାଲାଣ କରିଛି ପାଣିକୋଇଲି ପୁଲିସ। ଅପରାଧୀଦ୍ୱୟ ବିହାର ବେଗୁସରାଇ ଜିଲ୍ଲା ମଫସିଲ ଥାନା ଅନ୍ତର୍ଗତ ସୁହିରଡନଗରର ଲୋହିଆନଗର ଗ୍ରାମର ମହେଶ ସାହାଣୀଙ୍କ ପୁଅ ରାଜା ସାହାଣୀ ଓରଫ ଶୁଭମ (୩୩) ଓ ଶରଣ ଜିଲ୍ଲା ଗୌରା ଥାନା ଅନ୍ତର୍ଗତ ନଗରାରାମପୁର ଗ୍ରାମର ରାଜେନ୍ଦ୍ର ସିଂହଙ୍କ ପୁଅ ମଧୁକାନ୍ତ କୁମାର ଓରଫ ରାଣା (୨୪) ବୋଲି ଜଣାପଡ଼ିଛି।

■ ରିମାଣ୍ଡ ଆସିଲେ ହଂସିତା ଓ ଅନୀଲ

# ହାତ ଯୋଡ଼ି କ୍ୟାମେରା ଆଗରେ କାନ୍ଦିଲେ

**ଭୁବନେଶ୍ୱର, ୯ ।୧ (ସମିସ):** ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବଙ୍କ ଝିଅ-ଜ୍ୱାଇଁର ପରିଚୟ ଦେଇ ଗିରଫ ହୋଇଥିବା ହଂସିତା ଅଭିଲିପ୍‌ସା ଓ ଅନୀଲ ମହାନ୍ତିଙ୍କୁ ଦିନିକିଆ ରିମାଣ୍ଡରେ ଆଣି ଜେରା କରୁଛି କମିସନରେଟ୍ ପୁଲିସ। ଦୁହିଁଙ୍କ ଠକେଇ, ବ୍ଲାକମେଲିଂ ଓ ଆର୍ଥିକ କାରବାରର ଗୁମର ଖୋଲିବା ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି। ଅନୀଲ ଓ ହଂସିତାଙ୍କ ରଘୁନାଥପୁରସ୍ଥିତ ଆପାର୍ଟମେଣ୍ଟର ୩ଟି ଫ୍ଲାଟ୍‌କୁ ନେଇ ଯାଞ୍ଚ କରୁଛି କମିସନରେଟ୍ ପୁଲିସ୍। ପ୍ରଥମେ ୭୦୩ ନମ୍ବର ଫ୍ଲାଟକୁ ଯାଇଥିଲେ। ହେଲେ ସେହି ଘରକୁ ଯିବା ପାଇଁ ଅନୁମତି ମିଳିନଥିଲା। କବାଟରେ ଡିଜିଟାଲ ଲକର୍



ରହିଥିବାରୁ ଘରକୁ ପୁଲିସ ଯାଞ୍ଚ କରିପାରୁନଥିଲା। ଆଜି ରିମାଣ୍ଡରେ ଆଣିବା ପରେ ଉଭୟଙ୍କୁ ବୁଝାସୁଝା କରିବା ପରେ ଫିଙ୍ଗରପ୍ରିଣ୍ଟ ଦେବା ପରେ ଘରର କବାଟ ଖୋଲିଥିଲା। ପର୍ଯ୍ୟାୟକ୍ରମେ ଆପାର୍ଟମେଣ୍ଟର ୩ଟି ଫ୍ଲାଟରେ ପୁଲିସ ଓ ଆୟକର ବିଭାର ମିଳିତ ଟିମ୍ ଚଢ଼ଉ କରିଥିଲେ। ୫ରୁ ୬ ଘଣ୍ଟା ଧରି ତନ୍ନତନ୍ନ କରି ଯାଞ୍ଚ କରିବା ପରେ ନୂଆ ନୂଆ ଗୁମର ଖୋଲିଛି। ଘର ଭିତରୁ ହଂସିତା ଓ ଅନୀଲଙ୍କ ଆହୁରି ଦୁଇଟି ଲେଖାଏଁ ଆକାଉଣ୍ଟ, କମ୍ପାନୀର ୩ଟି ଆକାଉଣ୍ଟ ଠାବ କରାଯାଇଛି। ମୋଟ୍ ୭ଟି ଆକାଉଣ୍ଟ ଠାବ ହେବା ପରେ ଉକ୍ତ ଆକାଉଣ୍ଟଗୁଡ଼ିକରେ ଟଙ୍କା ନେଣଦେଣର ତଥ୍ୟ ମିଳିଛି। ସେମାନେ ନଗଦ କାରବାର ଅଧିକ କରୁଥିଲେ। ସେମାନଙ୍କ କଥାରେ ତଳେମେଳ ରହୁଥିବାରୁ ତଦନ୍ତରେ ସମସ୍ୟା ହେଉଛି। ଆସନ୍ତାକାଲି ଉଭୟଙ୍କ ରିମାଣ୍ଡ ଅବଧି ସରୁଥିବା ବେଳେ ପୁଣିଥରେ ରିମାଣ୍ଡରେ ଆଣିବାକୁ ଯୋଜନା କରିଛି କମିସନରେଟ ପୁଲିସ୍। ସିଏସ୍‌ଆର୍ ଫଣ୍ଡର ଅର୍ଥକୁ ବାଟମାରଣା, କଳାଧନକୁ ଧଳା କରିବା ଓ ଠକେଇର ସାମ୍ରାଜ୍ୟର ଖୁଲାସା ଭଳି ଦିଗକୁ ନେଇ ତଦନ୍ତ କରୁଛି କମିସନରେଟ ପୁଲିସ୍।

ଅନୁରୂପ ଭାବେ ଆୟକର ବିଭାଗ ତୃତୀୟ ଦିନରେ ବି ଆର୍ଥିକ କାରବାର ଦିଗକୁ ନେଇ ତଦନ୍ତ କରୁଛି। ଅନୀଲ ଓ ହଂସିତାଙ୍କୁ ନେଇ ସମ୍ପତ୍ତିକୁ ନେଇ ଆୟକର ବିଭାଗ ତଦନ୍ତ ଜାରି ରଖିଛନ୍ତି। ଏହି ଚଢ଼ଉରେ ଉଭୟଙ୍କ ଘର, ଫାର୍ମହାଉସ୍ ଓ କାର୍ଯ୍ୟାଳୟ ଏବଂ ସମ୍ପର୍କୀୟଙ୍କ ଘରୁ ବିପୁଳ ସୁନା ଓ ହୀରା ଅଳଙ୍କାର, ନଗଦ ଟଙ୍କା, ଲାପଟପ୍, କାଗଜପତ୍ର, ଡିଜିଟାଲ ଡିଭାଇସ୍‌କୁ ଆୟକର ବିଭାଗ ଜବତ ହୋଇଛି। ଏମିତିକି, ଉଭୟଙ୍କ କୋଟିକୋଟି ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ରହିଥିବା ବିଶେଷସୂତ୍ରରୁ ସୂଚନା ମିଳିଛି। ଭୁବନେଶ୍ୱର, ଦିଲ୍ଲୀ, ଝାଡ଼ଖଣ୍ଡ, କୋଲକାତା, ଗଞ୍ଜାମ ଓ କନ୍ଧମାଳର ୧୨ଟି ସ୍ଥାନରେ ଏକକାଳୀନ ଚଢ଼ଉ ଜାରି ରହିଛି। ଆକାଉଣ୍ଟ

- ୩ଟି ଫ୍ଲାଟ୍‌ରେ ପୁଲିସ ଓ ଆୟକର ବିଭାଗର ତନାଘନା
- ୭ଟି ଆକାଉଣ୍ଟ ଠାବ; ମିଳିଲା ବ୍ୟାଙ୍କ ଟ୍ରାଞ୍ଜାକ୍ସନର ତଥ୍ୟ

ଟ୍ରାଞ୍ଜାକ୍ସନ୍ ଓ ବାର୍ଷିକ ଆୟ ଭଳି ଦିଗକୁ ନେଇ ଖୋଳତାଡ଼ କରୁଛି ଆୟକର ଟିମ୍। ହଂସିତାଙ୍କ ପ୍ରଥମ ସ୍ୱାମୀ ସରୋଜ ସାହୁକୁ ଅଟକ ରଖି ଆୟକର ବିଭାଗ ପଚରାଉଚରା କରୁଥିବା ଜଣାପଡ଼ିଛି।

ଅନୀଲ ଓ ହଂସିତା କ୍ୟାମେରା ଆଗରେ ହାତଯୋଡ଼ି କାନ୍ଦିବା ସହ ତାଙ୍କୁ ଫସାଇ ଦିଆଯାଇଥିବା ସେ ପାଲଟା ଅଭିଯୋଗ କରିଛନ୍ତି। ପୁଲିସ ଆଗରେ ସବୁ ସତ କହିଦେବି, ତଦନ୍ତରେ ସହଯୋଗ କରିବି ଓ ସବୁ ଗୁମର ଖୋଲିବି। ମୁଁ ଜଣେ ନାରୀ ହୋଇଥିବା ସତ୍ତ୍ୱେ ମୋ' ଚରିତ୍ରକୁ ସଂହାର କରାଯାଉଛି ବୋଲି ହଂସିତା ଅଭିଯୋଗ କରିଛନ୍ତି। ଅନୁରୂପ ଭାବେ ଅନୀଲ କହିଛନ୍ତି, ସତ ଖୋଜନ୍ତୁ, ଆମକୁ ଫସାଯାଇଛି।

ତେବେ ଉଭୟଙ୍କ ମଧ୍ୟରେ କେବେଠାରୁ ସମ୍ପର୍କ ଆରମ୍ଭ ହୋଇଥିଲା? କେମିତି ବଡ଼ ବଡ଼ିଆଙ୍କୁ ଠକୁଥିଲେ? ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବଙ୍କ ଝିଅ ଜ୍ୱାଇଁ କହି କେତେ ଲୋକଙ୍କୁ ଠକିଛନ୍ତି? ଠକେଇ ଟଙ୍କା କେଉଁଠି ବିନିଯୋଗ ହୋଇଛି? କମ୍ପାନୀକୁ ଆସୁଥିବା କୋଟି କୋଟି ଟଙ୍କା କାହାର? ଏମିତି କିଛି ପ୍ରଶ୍ନରେ ହଂସିତା ଓ ଅନୀଲ ଘାଇଲା ହୋଇଯାଇଥିଲେ। ତଦନ୍ତ ବେଳେ ଜଣାପଡ଼ିଛି, ଠକେଇ ଟଙ୍କାରେ ଏକାଧିକ ଅଫିସ ଖୋଲିଥିଲେ। କୋଟି କୋଟି ଟଙ୍କା ଗାଡିରେ ଦେଶ ବିଦେଶକୁ ଭ୍ରମଣ କରୁଥିଲେ। ସେମାନେ ପ୍ରାୟ ୭୦ରୁ ୮୦ କୋଟି ଟଙ୍କା ଠକେଇ କରିଥିବା ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି।

## ୧୭ରେ ହେବ ଓଏସ୍‌ଏସ୍‌ଟିଇଟି

**କଟକ, ୯ ।୧(ସମିସ):** ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଏସ୍‌ଏସ୍‌ଟିଇଟି) ପରୀକ୍ଷା ଆସନ୍ତା ୧୭ ତାରିଖରେ ଅନୁଷ୍ଠିତ ହେବ। ରାଜ୍ୟର ୧୮୩ କେନ୍ଦ୍ରରେ ୫୦ ହଜାର ୫୮୭ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ସେଥିରୁ ପେପର-୧ରେ ୪୭ ହଜାର ୨୦୬ ଏବଂ ପେପର-୨ ୩୩୮୧ ପରୀକ୍ଷାର୍ଥୀ ରହିଛନ୍ତି। ମୋଟ ୨ଟି ସିଟିଂରେ ପରୀକ୍ଷା କରାଯିବ। ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା ୩୦ ମିନିଟ ଯାଏ ପ୍ରଥମ ସିଟିଂ ଏବଂ ଅପରାହ୍ନ ୨ଟାରୁ ୪.୩୦ ମିନିଟ ପର୍ଯ୍ୟନ୍ତ ଦ୍ୱିତୀୟ ସିଟିଂରେ ପରୀକ୍ଷା ହେବ। ଗୁରୁବାର ବୋର୍ଡ ପକ୍ଷରୁ ପରୀକ୍ଷା ପ୍ରବେଶ ପତ୍ର ଜାରି କରାଯାଇଛି। ପରୀକ୍ଷାର୍ଥୀ ବୋର୍ଡ ୱେବସାଇଟରୁ ଏହି ପ୍ରବେଶ ପତ୍ର ପାଇପାରିବେ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି।

**୧୮୩ କେନ୍ଦ୍ରରେ ପରୀକ୍ଷା ଦେବେ ୫୦ ହଜାର ପରୀକ୍ଷାର୍ଥୀ**

# ଏଟିଏମ୍ ତାଡ଼ି ୮ ଲକ୍ଷ ଲୁଟ୍



**ଢେଙ୍କାନାଳ, ୯।୧(ସମିସ):** ସଦର ଥାନାର ଝାରଗାଡ଼ିଆ ଫାଣ୍ଡି ଅନ୍ତର୍ଗତ ପଞ୍ଚୁପଟି ଭାରତ ପେଟ୍ରୋଲିୟମ ନିକଟରେ ଥିବା ଏକ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏଟିଏମ୍‌କୁ କେତେକ ଦୁର୍ବୃତ୍ତ ଗ୍ୟାସ୍ କଟରରେ କାଟି ପ୍ରାୟ ୮ ଲକ୍ଷ ୯୬ ହଜାର ଟଙ୍କା ଲୁଟି ନେଇଛନ୍ତି। ପୁଲିସ୍ ୬ ଜଣ ଅଭିଯୁକ୍ତମାନଙ୍କ ମଧ୍ୟରୁ ୪ଜଣଙ୍କୁ ଗିରଫ କରି ସେମାନଙ୍କଠାରୁ ଲୁଟ୍ ଟଙ୍କାକୁ ଉଦ୍ଧାର କରିବାରେ ସକ୍ଷମ ହୋଇଛି। ବୁଧବାର ବିଳମ୍ବିତ ରାତିରେ ପଞ୍ଚୁପଟି ଭାରତ ପେଟ୍ରୋଲିୟମ୍ ତଥା ୫୫ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ରହିଛି ଏସ୍‌ବିଆଇ ଏଟିଏମ୍। ଏଟିଏମ୍ ପାଖରେ ହିନ୍ଦୁସ୍ଥାନ ପାଟ୍ରୋଲିୟମ ରହିଥିବା ବେଳେ ଏହି ସ୍ଥାନଟି ପ୍ରାୟତଃ ଶୂନ୍‌ଶାନ୍ ରହିଥାଏ। ବୁଧବାର ବିଳମ୍ବିତ ରାତିରେ କେତେକ ଦୁର୍ବୃତ୍ତ ଫିଲ୍ମ ଷ୍ଟାଇଲରେ ଏକ କଣ୍ଟେନର ସହ କାର୍‌ରେ ଆସି ଏଟିଏମ ମଧ୍ୟରେ ପ୍ରବେଶ କରି ଗ୍ୟାସ କଟର ଯୋଗେ ଏଟିଏମ୍‌କୁ କାଟିଥିଲେ ଏବଂ ସେଥିରେ ଥିବା ଲକ୍ଷାଧିକ ଟଙ୍କା ଲୁଟିନେବାରେ ସକ୍ଷମ ହୋଇଥିଲେ। ଏଟିଏମ୍‌ରେ ଥିବା ସାଇରନ୍ ବାଜିବାରୁ ବ୍ୟାଙ୍କ୍ କର୍ମଚାରୀମାନେ ଏନେଇ ଏସ୍‌ପି ଅଭିନବ ସୋନକରଙ୍କୁ ତତ୍‌କ୍ଷଣାତ୍ ଖବର ଦେଇଥିଲେ। ଖବର ପାଇ ଏସ୍‌ପି ଶ୍ରୀ ସୋନକରଙ୍କ ନିର୍ଦ୍ଦେଶରେ ଏକ ଟିମ୍ ଗଠନ କରାଯାଇ ଜିଲ୍ଲା ତଥା ରାଜ୍ୟର ବିଭିନ୍ନ ଥାନା ଅଞ୍ଚଳରେ ଯାଞ୍ଚ୍ କରାଯାଇ ତଦନ୍ତ ଜାରି ରହିଥିଲା। ଦୁର୍ବୃତ୍ତମାନେ ଏଟିଏମ୍‌ରେ ଥିବା ସିସିଟିଭିକୁ ଭାଙ୍ଗିବା ସହିତ ଗ୍ୟାସ କଟରରେ କାଟି ବାମ ପାର୍ଶ୍ୱର ଏଟିଏମ୍ ଚାମ୍ବରକୁ ଭାଙ୍ଗି ତା ମଧ୍ୟରୁ ଲକ୍ଷାଧିକ ଟଙ୍କା ଲୁଟ କରିବାରେ ସଫଳ ହୋଇଛନ୍ତି।

## ପ୍ରବାସୀ ଭାରତୀୟ ସମ୍ମିଳନୀରେ ଓଡ଼ିଆ ଅସ୍ମିତାକୁ ଅପମାନ

# 'ବନ୍ଦେ ଉତ୍କଳ ଜନନୀ' ଗାନ ନ କରାଯିବାକୁ ନେଇ ବିବାଦ

**ଭୁବନେଶ୍ୱର, ୯।୧(ସମିସ):** ଓଡ଼ିଶାରେ ପ୍ରବାସୀ ଭାରତୀୟ ସମ୍ମିଳନୀ ଚାଲିଥିବାବେଳେ ଏବେ ଏକ ବିବାଦ ମୁଣ୍ଡ ଟେକିଛି। ଓଡ଼ିଶାରେ ଆୟୋଜିତ ହେଉଥିବା ଏତେ ବଡ଼ ସମ୍ମିଳନୀରେ ଓଡ଼ିଶା ରାଜ୍ୟ ସଂଗୀତ ମାନ୍ୟତା ପାଇଥିବା 'ବନ୍ଦେ ଉତ୍କଳ ଜନନୀ' ଗାନ ନ କରାଯିବାକୁ ନେଇ ପ୍ରବଳ ବିରୋଧ ଉଠିଛି। ଦଳମତ ନିର୍ବିଶେଷରେ ଏହି ଘଟଣାକୁ ଚାରିଆଡ଼ୁ ନିନ୍ଦା କରାଯାଉଛି। ଏହି କ୍ରମରେ ପିସିସି ଷ୍ଟିୟରିଂ କମିଟି ସଦସ୍ୟ ତଥା ବରିଷ୍ଠ କଂଗ୍ରେସ ନେତା ମହମ୍ମଦ ମୋକିମ୍ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିବା ସହ ସମସ୍ତଙ୍କ ଉପସ୍ଥିତିରେ ଓଡ଼ିଆ ଅସ୍ମିତାକୁ ଅପମାନ ହୋଇଛି ବୋଲି କହିଛନ୍ତି।

ସେ କହିଛନ୍ତି ଯେ ରାଜ୍ୟରେ ପ୍ରବାସୀ ଭାରତୀୟ ଦିବସ ପାଳନ ପାଇଁ ପ୍ରଧାନମନ୍ତ୍ରୀ, ଅନେକ କେନ୍ଦ୍ରମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ସମେତ ରାଜ୍ୟ ସରକାରଙ୍କ ମନ୍ତ୍ରୀମାନେ ଉପସ୍ଥିତ ଅଛନ୍ତି। ହେଲେ ଆମ ରାଜ୍ୟର ପରମ୍ପରାକୁ ଭୁଲି ଓଡ଼ିଶାକୁ ଅସମ୍ମାନ ଜଣାଇ ରାଜ୍ୟ ସଙ୍ଗୀତ ଗାନ ନ କରି କାର୍ଯ୍ୟକ୍ରମ କରିବା ଓଡିଶାବାସୀଙ୍କୁ ଆଘାତ ଦେଇଛି। ଓଡ଼ିଆ ଅସ୍ମିତାର ଦ୍ୱାହି ଦେଇ ସରକାରକୁ ଆସିଥିବା ବିଜେପି ଓଡ଼ିଆ ଅସ୍ମିତାକୁ ସୁରକ୍ଷା ଦେବା ପରିବର୍ତ୍ତେ ଅପମାନ କରିବା ଦୁର୍ଭାଗ୍ୟଜନକ ବୋଲି ମୋକିମ୍ କହିଛନ୍ତି। ଏହି ଅପମାନ ସାରା ବିଶ୍ୱରେ ଓଡ଼ିଶାକୁ ନିନ୍ଦିତ କରିଛି। ଏହା ଉପରେ ମୁଖ୍ୟମନ୍ତ୍ରୀ ଉତ୍ତର ଦେବା ଉଚିତ୍ ଓ ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କୁ କ୍ଷମା ମାଗିବା ଉଚିତ୍ ବୋଲି ମୋକିମ୍ ଦାବି

### ସ୍ପଷ୍ଟୀକରଣ ସହ ମୁଖ୍ୟମନ୍ତ୍ରୀଙ୍କ କ୍ଷମା ପ୍ରାର୍ଥନା ଦାବି କଲେ ବିରୋଧୀ

କରିଛନ୍ତି। ଏହି ଘଟଣାକୁ ସିପିଆଇ(ଏମ୍) ମଧ୍ୟ ନାପାସନ୍ଦ କରିଛି। ଦଳ ପକ୍ଷରୁ ରାଜ୍ୟ ସାଧାରଣ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ ଏକ ପ୍ରେସ ବିଜ୍ଞପ୍ତିରେ କହିଛନ୍ତି ଯେ ବହୁ ଆଡ଼ମ୍ବରରେ ଓଡ଼ିଶାରେ ହେଉଥିବା ପ୍ରବାସୀ ଭାରତୀୟ ସମ୍ମିଳନୀରେ ଓଡ଼ିଶା ପ୍ରତି ଘୋର ଅସମ୍ମାନ ପ୍ରଦର୍ଶନ କରାଯାଇଛି। ଓଡ଼ିଶାରେ ହେଉଥିବା ସମ୍ମିଳନୀଗୁଡ଼ିକରେ ଓଡ଼ିଆ ଏବଂ ଓଡ଼ିଶାର ଜାତୀୟତାକୁ ସମ୍ମାନ ଜଣାଇ ପ୍ରଥମେ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ଗାନ କରିବାର ପରମ୍ପରା ରହିଛି। ମାତ୍ର ପ୍ରବାସୀ ଭାରତୀୟ ସମ୍ମିଳନୀରେ ଏହି ସଂଗୀତ ପରିବେଷଣ କରାଯାଇନାହିଁ। ଏହା ଓଡ଼ିଆ ଏବଂ ଓଡ଼ିଶାର ଜାତୀୟତା ପ୍ରତି ଘୋର ଅସମ୍ମାନ ବୋଲି ସେ କହିଛନ୍ତି। ଓଡ଼ିଆ ଅସ୍ମିତା ପାଇଁ ଚିତ୍କାର କରୁଥିବା ବିଜେପି, ରାଜ୍ୟ ସରକାର ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ 'ବନ୍ଦେ ଉତ୍କଳ ଜନନୀ'କୁ ଭୁଲିଯିବା ନିଜର ସଂକୀର୍ଣ୍ଣ ମାନସିକତାକୁ ପ୍ରତିଫଳିତ କରିଛି ବୋଲି ସେ କହିଛନ୍ତି।

ପ୍ରବାସୀ ଭାରତୀୟ ସମ୍ମିଳନୀ ଓଡ଼ିଶାର କୌଣସି ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ ନୁହେଁ ବୋଲି ସିପିଆଇ(ଏମ୍) ତରଫରୁ କୁହାଯାଇଛି। ଓଡ଼ିଶାର ପ୍ରାକୃତିକ ସଂପଦକୁ କର୍ପୋରେଟ୍‌ମାନଙ୍କ ହାତରେ ଟେକିଦେବା ଏହି ସମ୍ମିଳନୀର ମୂଳ ଲକ୍ଷ୍ୟ ବୋଲି ଦଳ ପକ୍ଷରୁ କୁହାଯାଇଛି। ସମ୍ମିଳନୀରେ ଓଡ଼ିଆ ଜାତୀୟତା ଏବଂ ସ୍ୱାଭିମାନ ପ୍ରତି କରାଯାଇଥିବା ଅସମ୍ମାନ ପାଇଁ ମୁଖ୍ୟମନ୍ତ୍ରୀ ଓଡ଼ିଶାବାସୀଙ୍କ ପାଖରେ କ୍ଷମା ମାଗନ୍ତୁ ବୋଲି ଦଳର ରାଜ୍ୟ ସଂପାଦକ ଶ୍ରୀ ପାଣିଗ୍ରାହୀ ଦାବି କରିଛନ୍ତି।

## 'ରାଜ୍ୟ ସଙ୍ଗୀତ ଗାନ ନ ହେବା ଦୁଃଖର ବିଷୟ'

**ଭୁବନେଶ୍ୱର, ୯।୧(ସମିସ):** ଭୁବନେଶ୍ୱରରେ ଗତ ୮ରୁ ୧୦ ତାରିଖ ତିନିଦିନ ଧରି ପ୍ରବାସୀ ଭାରତୀୟ ସମ୍ମିଳନୀର ଆୟୋଜନ ନିଶ୍ଚିତ ଭାବରେ ସରକାରଙ୍କ ପ୍ରଶଂସନୀୟ ଓ ସ୍ୱାଗତଯୋଗ୍ୟ ପଦକ୍ଷେପ। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଏହି କାର୍ଯ୍ୟକ୍ରମ ସବୁ ସଫଳ କରିବା ପାଇଁ ରାଜ୍ୟ ସରକାର ସହାୟତାର ହାତ ବଢ଼ାଇଥିବାରୁ ମଧ୍ୟ ଧନ୍ୟବାଦର ପାତ୍ର। ତେବେ ଏଭଳି ଗରିମାମୟ କାର୍ଯ୍ୟକ୍ରମର ଆୟୋଜନ ସମୟରେ ଓଡ଼ିଆ ଅସ୍ମିତା ପ୍ରତି କୁଠାରାଘାତ ଆଦୌ ଗ୍ରହଣୀୟ ନୁହେଁ ବୋଲି ସମ୍ମିଳନୀର ରାଜ୍ୟ ସଭାପତି ପ୍ରଫେସର ଡ. ଅଦ୍ୱୈତ କୁମାର ପାତ୍ର କ୍ଷୋଭ ପ୍ରକାଶ କରିଛନ୍ତି। ଓଡ଼ିଶା ମାଟିରେ ପ୍ରଥମ ଥର ପାଇଁ ଆୟୋଜିତ ଏହି ସମ୍ମିଳନୀରେ ରାଜ୍ୟ ସଂଗୀତ 'ବନ୍ଦେ ଉତ୍କଳ ଜନନୀ' ପରିବେଷଣରୁ ହିଁ ପ୍ରବାସୀ ଭାରତୀୟ ସମ୍ମିଳନୀ ଆରମ୍ଭ ହେବା କଥା। କିନ୍ତୁ ରାଜ୍ୟ ସଙ୍ଗୀତକୁ ଗୁରୁତ୍ୱ ଦିଆ ନ ଯିବା ଫଳରେ ତାହା ଓଡ଼ିଆ ଅସ୍ମିତା ପ୍ରତି ଚରମ କୁଠାରାଘାତ ଏବଂ ଏହା ପ୍ରତ୍ୟେକ ଓଡ଼ିଆକୁ ଗଭୀର ଭାବରେ ମର୍ମାହତ କରିଛି ବୋଲି ଶ୍ରୀ ପାତ୍ର କହିଛନ୍ତି। ଏଭଳି ଗୁରୁତର ତ୍ରୁଟିବିଚ୍ୟୁତି ପାଇଁ ଓଡ଼ିଶା ସରକାର ତୁରନ୍ତ ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି।

## ୟୁଜିସି ନିୟମ ପରିବର୍ତ୍ତନ ପାଇଁ ଚିଠା ମାର୍ଗଦର୍ଶିକା ପ୍ରସ୍ତୁତ

# କୁଳପତି ହୋଇପାରିବେ ଅଣଶିକ୍ଷାବିତ୍

**ଭୁବନେଶ୍ୱର, ୯ ।୧(ସମିସ):** ବିଶ୍ୱବିଦ୍ୟାଳୟ କୁଳପତି ଭାବେ ନିଯୁକ୍ତି ପାଇପାରିବେ ଅଣଶିକ୍ଷାବିତ୍। ଶିକ୍ଷ କ୍ଷେତ୍ରରୁ ପ୍ରତିନିଧିତ୍ୱ କରିଥିବା ବରିଷ୍ଠ ଅଧିକାରୀ, ସାଧାରଣ ପ୍ରଶାସନ ଓ ସରକାରୀ ଉଦ୍ୟୋଗ ପୃଷ୍ଠଭୂମି ଥିବା ଅଧିକରୀ ମଧ୍ୟ କୁଳପତି ହୋଇପାରିବେ। ସର୍ଚ୍ଚ କମିଟିର ଅଧ୍ୟକ୍ଷ ଭାବେ ମୁଖ୍ୟ ସଚିବ ପାହ୍ୟାର ଅଧିକାରୀ ବଦଳରେ ବିଶ୍ୱବିଦ୍ୟାଳୟ କୁଳାଧିପତି ବା ରାଜ୍ୟପାଳଙ୍କ ମନୋନୀତ ପ୍ରତିନିଧି ଅଧ୍ୟକ୍ଷ ରହିବେ। ସେମାନଙ୍କ କାର୍ଯ୍ୟକାଳ ୫ ବର୍ଷିଆ କରିବାକୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ପକ୍ଷରୁ ପ୍ରସ୍ତାବିତ ଚିଠା ମାର୍ଗଦର୍ଶିକା(ଡ୍ରାଫ୍ଟ ଗାଇଡ୍‌ଲାଇନ୍)ରେ ଉଲ୍ଲେଖ କରାଯାଇଛି।

ଚିଠା ମାର୍ଗଦର୍ଶିକା ଅନୁଯାୟୀ, ଅନ୍ୟୁନ୍ୟ ୧୦ ବର୍ଷ ଅଭିଜ୍ଞତା ଥିବା ଉଚ୍ଚ ଶିକ୍ଷାନୁଷ୍ଠାନର ପ୍ରାଧ୍ୟାପକ, ପ୍ରତିଷ୍ଠିତ ଗବେଷଣା ବା ଶିକ୍ଷାନୁଷ୍ଠାନର ପ୍ରଶାସନିକ ବିଭାଗରେ କାର୍ଯ୍ୟରତ ବ୍ୟକ୍ତି କୁଳପତି ପାଇଁ ଯୋଗ୍ୟ ହେବେ। ଏହି ବ୍ୟବସ୍ଥା ପୂର୍ବରୁ ମଧ୍ୟ ଥିଲା। ପ୍ରଥମ ଥର ପାଇଁ ଅଣଶିକ୍ଷାବିତ୍ ବା ଶିକ୍ଷ କ୍ଷେତ୍ରର ବରିଷ୍ଠ ଅଧିକାରୀ, ସାଧାରଣ ପ୍ରଶାସନ ଓ ସରକାରୀ ଉଦ୍ୟୋଗ ପୃଷ୍ଠଭୂମି ଥିବା ଅଧିକରୀ ମଧ୍ୟ କୁଳପତି ହୋଇପାରିବେ ବୋଲି କୁହାଯାଇଛି। ତେବେ ଏହି ବର୍ଗର ବ୍ୟକ୍ତିବିଶେଷଙ୍କ ନିଯୁକ୍ତିକୁ ନେଇ ଶିକ୍ଷାବିତ୍‌ମାନେ ପ୍ରଶ୍ନ ଉଠାଇଛନ୍ତି। ସେମାନଙ୍କ କହିବା କଥା ହେଲା, କୁଳପତିଙ୍କ ପ୍ରଶାସନିକ ଦକ୍ଷତା ସହ ଶିକ୍ଷା ଓ ଶୈକ୍ଷିକ

**କାର୍ଯ୍ୟକାଳ ବୃଦ୍ଧିକୁ ୟୁଜିସି କରିଥିଲା ବିରୋଧ; ଏବେ ୫ ବର୍ଷକୁ ବଢ଼ାଇଲା ଅବଧି**

ବାତାବରଣ ସମ୍ପର୍କରେ ଅଭିଜ୍ଞତା ଗୁରୁତ୍ୱପୂର୍ଣ୍ଣ। ଅଣଶିକ୍ଷାବିତ୍‌ଙ୍କୁ ନିଯୁକ୍ତି ଦିଆଗଲେ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବାତାବରଣ ପ୍ରଭାବିତ ହେବାର ଆଶଙ୍କା ରହିଛି। ସେହିପରି ନିଯୁକ୍ତି ପାଇଁ ଗଠିତ ସର୍ଚ୍ଚ କମିଟିରେ ପୂର୍ବପରି ୩ଜଣ ସଦସ୍ୟ ରହିବେ। ହେଲେ ତହିଁରେ ରାଜ୍ୟ ସରକାରଙ୍କ କୌଣସି ପ୍ରତିନିଧି ରହିବେ ନାହିଁ। ପୂର୍ବରୁ ମୁଖ୍ୟ ସଚିବ ପାହ୍ୟାର ଜଣେ ଅଧିକାରୀ କମିଟିର ଅଧ୍ୟକ୍ଷ ରହୁଥିଲେ। ଯାହାକୁ ପରିବର୍ତ୍ତନ କରି ବିଶ୍ୱବିଦ୍ୟାଳୟ କୁଳାଧିପତି ବା ରାଜ୍ୟପାଳଙ୍କ ମନୋନୀତ ପ୍ରତିନିଧି ଅଧ୍ୟକ୍ଷ ରହିବେ ବୋଲି କୁହାଯାଇଛି। ତାଙ୍କ ସହ ୟୁଜିସି ଅଧ୍ୟକ୍ଷଙ୍କ ଜଣେ ପ୍ରତିନିଧି ଓ ବିଶ୍ୱବିଦ୍ୟାଳୟ ଆପେକ୍ସ ବଡିର ଜଣେ ସଦସ୍ୟ ରହିବେ। କମିଟି ୩ରୁ ୫ ଜଣ ଯୋଗ୍ୟ ପ୍ରାର୍ଥୀଙ୍କ ତାଲିକା ରାଜ୍ୟପାଳଙ୍କୁ ପ୍ରଦାନ କରିବ। ତନ୍ମଧ୍ୟରୁ ଜଣଙ୍କୁ ରାଜ୍ୟପାଳ କୁଳପତି ପାଇଁ ବାଛିବେ। ପରିବର୍ତ୍ତିତ ନିୟମ ଫଳରେ ରାଜ୍ୟପାଳଙ୍କୁ ପୂର୍ଣ୍ଣ କ୍ଷମତା ପ୍ରଦାନ କରାଯାଉଥିବା ଅଭିଯୋଗ ହୋଇଛି। ଏପରି ସ୍ଥିତିରେ ନିଯୁକ୍ତି ପ୍ରକ୍ରିୟା ସ୍ୱଚ୍ଛ ହୋଇପାରିବ ନାହିଁ ବୋଲି ଶିକ୍ଷାବିତ୍‌ମାନେ ମତବ୍ୟକ୍ତ କରିଛନ୍ତି। କୁଳପତି ନିଯୁକ୍ତିରେ ରାଜ୍ୟ ସରକାରଙ୍କ କ୍ଷମତା ସଂକୁଚିତ ହେବାର ଆଶଙ୍କା ରହିଥିବା ଶିକ୍ଷାବିତ୍ ଡ. ମାନସ ବେହେରା ମତବ୍ୟକ୍ତ କରିଛନ୍ତି।

ଅପରପକ୍ଷେ ଥରେ କୁଳପତି ହୋଇସାରିବା ପରେ ମଧ୍ୟ ଆଉଥରେ କୁଳପତି ହୋଇପାରିବେ। ଏଥିପାଇଁ ସେମାନେ ନିର୍ଦ୍ଧାରିତ ପ୍ରକ୍ରିୟାରେ ଚୟନ ହେବେ ବୋଲି ୟୁଜିସି ଡ୍ରାଫ୍ଟ ଗାଇଡଲାଇନ୍ ପ୍ରକାଶ କରିଛି।

# ନବୀନଙ୍କ ସଫଳତା ଧାରା ବଜାୟ ରଖନ୍ତୁ ସରକାର: ବିଜେଡି

## ଓଡ଼ିଶା ଲୋକଙ୍କ ଆଶା ଧୂଳିସାତ୍ ହୋଇଛି: କଂଗ୍ରେସ

**ଭୁବନେଶ୍ୱର, ୯ ।୧(ସମିସ):** ପ୍ରବାସୀ ଭାରତୀୟ ଦିବସ ଓଡ଼ିଶା ପାଇଁ ବିଦେଶୀ ପୁଞ୍ଜିନିବେଶର ଦ୍ୱାର ଖୋଲିବ କି ନା, ତାକୁ ନେଇ ରାଜନୈତିକ ଚର୍ଚ୍ଚା ଜୋର୍ ଧରିଛି। ଓଡ଼ିଶାରେ ପ୍ରବାସ ଭାରତୀୟ ଦିବସ ପାଳନ ଉପରେ ମତ ରଖି ବିଜେଡି କହିଛି, ନବୀନଙ୍କ ଅମଳରେ ଓଡ଼ିଶା ନିବେଶକାରୀଙ୍କ ପ୍ରଥମ ପସନ୍ଦ ପାଲଟିଥିଲା। ବିଦେଶରୁ ପୁଞ୍ଜି ଆସିବା ସହ ଅନେକ କ୍ଷେତ୍ରରେ କାମ ବି ଆରମ୍ଭ ହୋଇଥିଲା। ସେହି ଧାରାକୁ ଡବଲ ଇଞ୍ଜିନ୍ ସରକାର ଆଗକୁ ନେବା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ଦଳ ପକ୍ଷରୁ କୁହାଯାଇଛି।

ବିଜେଡି ନେତା ପ୍ରଶାନ୍ତ ମୁଦୁଲି କହିଛନ୍ତି, ନବୀନ ସରକାର ପୁଞ୍ଜିନିବେଶ ପାଇଁ ଓଡିଶାରେ ଭିତ୍ତିଭୂମି ସୃଷ୍ଟି କରିଛନ୍ତି, ଆଉ ନିବେଶ ମଧ୍ୟ ଆଣିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମରେ କେନ୍ଦ୍ରାପଡ଼ାରେ ନିପ୍ପନ ଷ୍ଟିଲ୍ ପ୍ଲାଣ୍ଟ ବିଶ୍ୱର ସବୁଠାରୁ ବଡ଼ ଇସ୍ପାତ କାରଖାନା ପ୍ରତିଷ୍ଠା କରିବାକୁ କାମ ଆରମ୍ଭ କରିଦେଇଥିଲା। ଜେଏସଡବ୍ଲ୍ୟୁ ଓଡ଼ିଶାରେ ଇଭି କାରଖାନା କରିବାକୁ ନିଷ୍ପତ୍ତି ନେଇଥିଲା। ଚିପ୍ ଓ ସେମିକଣ୍ଡକ୍ଟର ଉତ୍ପାଦନ ଆରମ୍ଭ ପାଇଁ କାମ ମଧ୍ୟ ଚାଲିଥିଲା। ମେକ୍ ଇନ୍ ଓଡିଶା କାର୍ଯ୍ୟକ୍ରମ ଜରିଆରେ ବିଶ୍ୱର ପ୍ରମୁଖ ନିବେଶକଙ୍କୁ ଏକାଠି କରିଥିଲେ ନବୀନ ପଟ୍ଟନାୟକ। ସେଥିପାଇଁ ନବୀନଙ୍କ ନେତୃତ୍ୱରେ ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ନିବେଶକାରୀଙ୍କ ପ୍ରଥମ ପସନ୍ଦ ପାଲଟିଥିଲା। ଦୁନିଆର ଦୃଷ୍ଟି ଆକର୍ଷଣ କରିଥିଲା ଓଡ଼ିଶା। ଏବେ ରାଜ୍ୟରେ ଚାଲିଥିବା ପ୍ରବାସୀ ଭାରତୀୟ ସମ୍ମିଳନୀ ପରେ ବିଦେଶରୁ ଓଡ଼ିଶାକୁ ଅଧିକ ପୁଞ୍ଜି ଆସିବା ନେଇ ସଭିଏଁ ଆଶା ବାନ୍ଧିଛନ୍ତି। ତେବେ ବାସ୍ତବରେ କେତେ ବିଦେଶୀ ପୁଞ୍ଜି ଓଡ଼ିଶାକୁ ଆସୁଛି, ତାକୁ ଆମେ ସମସ୍ତେ ଅପେକ୍ଷା କରିଛୁ ବୋଲି ଶ୍ରୀ ମୁଦୁଲି କହିଛନ୍ତି।

ବରିଷ୍ଠ କଂଗ୍ରେସ ନେତା ଜୟଦେବ ଜେନା କହିଛନ୍ତି ଯେ ପ୍ରବାସୀ ଭାରତୀୟ ସମ୍ମିଳନୀ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। କିନ୍ତୁ ଓଡ଼ିଶାକୁ କେତେ ପୁଞ୍ଜି ଆସିବ ତାହାକୁ ନେଇ ସନ୍ଦେହ ଦେଖାଦେଇଛି। ଓଡିଶାରେ ଶିଳ୍ପର ବିକାଶ ପାଇଁ ଓଡିଶାବାସୀ ସ୍ୱପ୍ନ ଦେଖିଥିଲେ। ଓଡିଶାକୁ ବ୍ୟାପକ ପୁଞ୍ଜି ଆସିବ, ଅର୍ଥନୀତି ସୁଦୃଢ଼ ହେବ ବୋଲି ଲୋକଙ୍କ ଆଶା ଓ ବିଶ୍ୱାସ ରହିଥିଲା; କିନ୍ତୁ ଶିଳ୍ପରେ ପୁଞ୍ଜିନିବେଶ ଧାରା ଜାରି ରହିବ କି ନାହିଁ ତାକୁ ନେଇ ସନ୍ଦେହ ଦେଖାଦେଲାଣି ବୋଲି ସେ କହିଛନ୍ତି।

ଅପରପକ୍ଷେ ପ୍ରବାସୀ ଭାରତୀୟ ସମ୍ମିଳନୀ ପୁଞ୍ଜି ପାଇଁ କରାଯାଇ ନାହିଁ ବୋଲି ବିଜେପି ସଫେଇ ଦେଇଛି। ବିଜେପି ବିଧାୟକ ଅଶୋକ ମହାନ୍ତି କହିଛନ୍ତି, ପ୍ରବାସୀ ଭାରତୀୟ ସମ୍ମିଳନୀ ଆୟୋଜନ ଆମ ରାଜ୍ୟକୁ ବିଶ୍ୱ ଦରବାରରେ ନୂଆ ପରିଚୟ ଦେଇଛି। ପୂର୍ବୋଦୟର ବିକାଶ ଓଡିଶାରୁ ଆରମ୍ଭ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ତେଣୁ ଆଗକୁ କ'ଣ ହେବ, ଏବେଠୁ କାହିଁକି ଚିନ୍ତା ବୋଲି ସେ ପ୍ରଶ୍ନ କରିବା ସହିତ ବିକଶିତ ଓଡ଼ିଶା ପାଇଁ ଏହା ବେଶ୍ ସହାୟକ ହେବ ବୋଲି ସେ ଯୁକ୍ତି ବାଢ଼ିଛନ୍ତି।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ବାଳକୃଷ୍ଣ ବେରଦଳେଇ
ଅମଲାଭଟ୍ଟା, କେନ୍ଦୁଝର
ଆବିର୍ଭାବ: ୧୮.୦୪.୧୯୬୫
ତିରୋଧାନ: ୧୦.୦୧.୨୦୦୯

ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ଆଦର୍ଶ ଓ ଉଜ୍ଜ୍ୱଳ ଚିନ୍ତାଧାରା ଆମ ମାନଙ୍କ ହୃଦୟର ଅନ୍ତରରେ ଚିର ସ୍ମରଣୀୟ ହୋଇ ରହିବ। ଆପଣଙ୍କ କୃପା ଆଶିଷ ଆମ ଉପରେ ସଦେବ ରହିଥାଉ। ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ ପରିବାର
ପତ୍ନୀ- ବିନୋଦିନୀ ବେରଦଳେଇ, ପୁତ୍ର- ସନ୍ଦୀପ ଦଳେଇ, ଝିଅ- ଉପସିତା ଦଳେଇ, ଜ୍ୱାଇଁ ନବୀନ ରାଉ
ଆରୁଷି (ନାତୁଣୀ)

# କଟକ ସିଟି







### ମଧୁବାବୁଙ୍କ ଜନ୍ମପୀଠର ଉନ୍ନତୀକରଣ ହେବ

## କାର୍ଯ୍ୟ ତଦାରଖ କରିବେ ଜିଲ୍ଲାପାଳ



କଟକ, ୯ ।୧(ସମିସ): ରାଜ୍ୟ ସରକାରଙ୍କ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସତ୍ୟଭାମାପୁରସ୍ଥିତ ଜନ୍ମଭୂମି ପୀଠର ଉନ୍ନତି ନିମନ୍ତେ ହୋଇଥିବା ଯୋଜନାକୁ ଶେଷରେ ଗାନ୍ଧୀବାଦୀ ସଙ୍ଗଠନମାନେ ମୋହର ମାରିଛନ୍ତି। ଆଜି କସ୍ତୁରବା ଗାନ୍ଧୀ ରାଷ୍ଟ୍ରୀୟ ସ୍ମାରକ ଟ୍ରଷ୍ଟର ରାଜ୍ୟଶାଖା ପକ୍ଷରୁ ପ୍ରତିନିଧି

### ଗାନ୍ଧୀବାଦୀ ସଂଗଠନରୁ ମିଳିଲା ସମ୍ମତିପତ୍ର

ସନ୍ଧ୍ୟାରାଣୀ ମଲ୍ଲିକଙ୍କ ସ୍ୱାକ୍ଷରରେ ଏଥିପାଇଁ ଏକ ସମ୍ମତି ପତ୍ର କଟକ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ନୂତନ ନିର୍ମାଣ ହେଲେ ମ୍ୟୁଜିୟମ, ଲାଇଟ ଆଣ୍ଡ ସାଉଣ୍ଡ, ଲାଇବ୍ରେରୀ ଓ ଗବେଷଣା କେନ୍ଦ୍ର, ଶିଙ୍ଗ, କାଠ, ପଥର, ତାରକସୀ, ଟେରାକୋଟା, ଜୈବିକ କୃଷି, ଚମଡା ଶିଳ୍ପ, ହାତତିଆରି କାଗଜ ଆଦି କାମ ମାଧ୍ୟମରେ ମଧୁବାବୁଙ୍କ ସ୍ମୃତି ରକ୍ଷା ସହ ତାଙ୍କ ସ୍ୱପ୍ନର କୁଟୀର ଶିଳ୍ପ ମାଧ୍ୟମରେ ଓଡିଶାର ଲୋକଙ୍କୁ ସ୍ୱାବଲମ୍ବୀ କରାଯାଇପାରିବ ବୋଲି କୁହାଯାଇଛି। ଆଜି କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କସ୍ତୁରବା ଟ୍ରଷ୍ଟର ଜାତୀୟ ଉପସଭାନେତ୍ରୀ ଗାୟତ୍ରୀ ଦାସ, କେନ୍ଦ୍ରୀୟ ଗାନ୍ଧୀ ସ୍ମାରକ ନିଧିର ଟ୍ରଷ୍ଟି ଡାକ୍ତର ବିଶ୍ୱଜିତ, ଉତ୍କଳ ଗାନ୍ଧୀ ସ୍ମାରକ ନିଧି ପକ୍ଷରୁ ଆଇନଜୀବୀ କବିର କୁମାର ଜେନା ଓ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରାଜ୍ୟ ସଭାପତି ଜଷ୍ଟିସ ମନୋରଞ୍ଜନ ମହାନ୍ତି କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେଙ୍କ ସହ ଆଲୋଚନା କରିଥିଲେ। ଗାନ୍ଧୀବାଦୀ ସଂଗଠନ ଓ ସରକାର ମିଳିତ ଭାବରେ ମଧୁବାବୁଙ୍କ ଜନ୍ମସ୍ଥାନ ଉନ୍ନତିକରଣ କାମର ତଦାରଖ କରିବେ ବୋଲି ଏହି ଅବସରରେ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ୧୯୭୫ ମସିହାରୁ କସ୍ତୁରବା ଟ୍ରଷ୍ଟ ୯୯ ବର୍ଷ ପାଇଁ ୨.୭୮୪ ଏକର ଜମି ଲିଜ ମାଧ୍ୟମରେ ନେଇ ଟ୍ରଷ୍ଟର କାର୍ଯ୍ୟ କରିବା ସହ ମଧୁବାବୁ ଓ ମା' ରମାଦେବୀଙ୍କ ସ୍ମୃତି ରକ୍ଷା ଦିଗରେ କାର୍ଯ୍ୟ କରି ଆସୁଛି। ଏଥିସହ କେନ୍ଦ୍ରୀୟ ଗାନ୍ଧୀ ସ୍ମାରକ ନିଧି ଓ ମଧୁ ସ୍ମୃତି କମିଟି ମଧୁବାବୁଙ୍କ ପୈତୃକ ଜମି ଯାହା ବିକ୍ରି ହୋଇ ଯାଉଥିଲା, ସେସବୁ ଖରିଦ କରି ଏହି ସ୍ମୃତିର ସୁରକ୍ଷା ଦିଗରେ ସମ୍ମିଳିତ ଭାବରେ କାର୍ଯ୍ୟ କରୁଛନ୍ତି।

### ହାଇକୋର୍ଟରେ କଟକ ସହର ସମସ୍ୟା

# ୧୦ ପର୍ଯ୍ୟାୟରେ କାର୍ଯ୍ୟକ୍ଷମ ହେବ ଶିଶୁଭବନ ନୂତନ କୋଠା

କଟକ, ୯ ।୧(ସମିସ):

କଟକ ସହର ସମସ୍ୟାକୁ ହାଇକୋର୍ଟଙ୍କ ସ୍ୱତନ୍ତ୍ର ଖଣ୍ଡପୀଠ ନିୟମିତ ଶୁଣାଣି କରିଆସୁଥିବା ବେଳେ ଆଜି ଶିଶୁଭବନ ଓ ଏସସିବି ମେଡିକାଲ ସମସ୍ୟା ପ୍ରସଙ୍ଗରେ ଜଷ୍ଟିସ ସଙ୍ଗମ କୁମାର ସାହୁ ଓ ଜଷ୍ଟିସ ଭି.ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ବିସ୍ତୃତ ଶୁଣାଣି କରିଛନ୍ତି। ଶିଶୁଭବନର ନୂତନ ୭ ମହଲା କୋଠା କାର୍ଯ୍ୟକ୍ଷମ ପାଇଁ ବାଟ ଫିଟିସାରିଛି। ତେବେ ୧୦ ପର୍ଯ୍ୟାୟରେ ଏହି କୋଠାକୁ ପୁରୁଣା କୋଠାରେ ଥିବା ବିଭିନ୍ନ ବିଭାଗ ସ୍ଥାନାନ୍ତର କରାଯିବ ବୋଲି ସତ୍ୟପାଠ ମାଧ୍ୟମରେ ହାଇକୋର୍ଟଙ୍କୁ ଅବଗତ କରାଯାଇଛି। ଜାନୁଆରି ୩୧ତାରିଖରୁ ଡିସେମ୍ବର ୩୧ ପର୍ଯ୍ୟନ୍ତ ଏଥିପାଇଁ ସମୟ ସୀମା ଧାର୍ଯ୍ୟ କରାଯାଇଛି। ଜାନୁଆରୀ ୩୧ସୁଦ୍ଧା ହସ୍ପିଟାଲ ବିଲଡିଂ ଓ ହଷ୍ଟେଲକୁ କର୍ତ୍ତୃପକ୍ଷ ନିଜ ଅଧୀନକୁ ନେବେ। ସେହିପରି ଫେବୃଆରି ୧୦ସୁଦ୍ଧା ପ୍ରଶାସନିକ ବ୍ଲକ ଓ ଏକାଡେମିକ ବ୍ଲକ ସ୍ଥାନାନ୍ତର ହେବ। ଫେବୃଆରି ୧୫ ସୁଦ୍ଧା ଓପିଡି ସ୍ଥାନାନ୍ତର, ଫେବୃଆରି ୨୫ସୁଦ୍ଧା ମେଡିସିନ ୱାର୍ଡ, ଜୁନ ୩୦ସୁଦ୍ଧା ମଡ୍ୟୁଲାର ଓଟି, ଜୁଲାଇ ୩୧ସୁଦ୍ଧା ସର୍ଜିକାଲ ୱାର୍ଡ, ଅଗଷ୍ଟ ୩୧ ସୁଦ୍ଧା ଆଇସିୟୁ, ଏନସିୟୁ ଓ ପିଆଇସିୟୁ, ସେପ୍ଟେମ୍ବର ୩୦ ସୁଦ୍ଧା ନିଉବର୍ଣ୍ଣ ୱାର୍ଡ ସ୍ଥାନାନ୍ତର ହେବ। ଏଥିସହ ଆସନ୍ତା ୨୦୨୫ ଡିସେମ୍ବର ୩୧ ସୁଦ୍ଧା ଏହି କୋଠା ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ ବୋଲି ଶିଶୁଭବନ ଅଧୀକ୍ଷକଙ୍କ ପକ୍ଷରୁ ଦିଆଯାଇଥିବା ସତ୍ୟପାଠରେ ଉଲ୍ଲେଖ କରାଯାଇଛି।




### ଲାଲବାଗ ପଟ ଶିଶୁଭବନ ଫାଟକ ନ ଖୋଲିବା ପାଇଁ ନିଷ୍ପତ୍ତି

ଉଠାଦୋକାନୀ ମାନଙ୍କ ଦ୍ୱାରା ଜବରଦଖଲରେ ରହିଥିବାରୁ ଶିଶୁଭବନର ଲାଲବାଗ ଥାନା ପଟ ଫାଟକ ଖୋଲାଯାଇପାରୁନଥିବା ନେଇ ହାଇକୋର୍ଟ ବିଗତ ଶୁଣାଣି ସମୟରେ ଉଦବେଗ ପ୍ରକାଶ କରିଥିଲେ ଓ ଫାଟକକୁ ଖୋଲିବା ଉପରେ ଅଦାଲତ ଗୁରୁତ୍ୱାରୋପ କରିଥିଲେ। ତେବେ ଟ୍ରାଫିକ ସମସ୍ୟା ଦୃଷ୍ଟିରୁ ଏହି ଫାଟକକୁ ନ ଖୋଲିବା ସପକ୍ଷରେ ଉଭୟ ପୁଲିସ ଓ ଶିଶୁଭବନ କର୍ତ୍ତୃପକ୍ଷ ଅନୁଧ୍ୟାନ କରି ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କରେ ଆଜି ଅଦାଲତଙ୍କୁ ଅବଗତ କରାଯାଇଛି। ଏହି ଫାଟକ ଖୋଲାଗଲେ ଶିଶୁଭବନ ଦେଇ ରିଙ୍ଗରୋଡ ପଟକୁ ଲୋକମାନେ ଯାତାୟତ ପାଇଁ ବ୍ୟବହାର କରିବେ। ଯେଉଁଥିପାଇଁ ଶିଶୁଭବନ ପରିସରରେ ପ୍ରଦୂଷଣ ସୃଷ୍ଟି ସହ ଟ୍ରାଫିକ ସମସ୍ୟାକୁ ସଂଗୀନ କରିବ ବୋଲି ଯୁକ୍ତି ଦର୍ଶାଯାଇଛି। ସମ୍ମୁଖରେ ଅବରୋଧ କରିଥିବା ୨୪ ଜଣ ଉଠାଦୋକାନୀଙ୍କ ବୈଧ ଭେଣ୍ଡିଂ ପ୍ରମାଣପତ୍ର ଯାଞ୍ଚ ପାଇଁ କାରଣଦର୍ଶାଅ ନୋଟିସ ଜାରି ହୋଇଛି। ଆସନ୍ତା ୧୬ ତାରିଖରେ ବୈଠକ ଅନୁଷ୍ଠିତ ହେବ ବୋଲି ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା। ପରବର୍ତ୍ତୀ ଶୁଣାଣି ସମୟରେ ଏହି ପ୍ରସଙ୍ଗରେ ଜବାବ ଦାଖଲ କରିବାକୁ ସିଏମସିକୁ ହାଇକୋର୍ଟ କହିଛନ୍ତି।

### ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ସ୍ଥାୟୀ ନିଶ୍ଚେତକ ଡାକ୍ତର ନିଯୁକ୍ତି ହେବେ

ଏସସିବି ମେଡିକାଲ ମାନସିକ ରୋଗ ଚିକିତ୍ସା ପ୍ରତିଷ୍ଠାନରେ ଆଉ ଏକ ଇସିଟି(ଇଲେକ୍ଟ୍ରୋକନଭୁଲସିଭ ଥେରାପି) ମେସିନ ସ୍ଥାପନ ଓ ଜଣେ ସ୍ଥାୟୀ ନିଶ୍ଚେତକ ଡାକ୍ତର ନିଯୁକ୍ତି ଆବଶ୍ୟକତା ଥିବା ନେଇ ଆଡଭୋକେଟ କମିଟି ରିପୋର୍ଟ ଉପସ୍ଥାପନ କରିଥିଲେ । ଇସିଟି ମେସିନ ପରିଚାଳନା ପାଇଁ ପ୍ରତି ମଙ୍ଗଳବାର ଓ ଶୁକ୍ରବାର ଜଣେ ନିଶ୍ଚେତକ ଡାକ୍ତରଙ୍କୁ ନିୟୋଜିତ କରାଯାଇଛି। ତେବେ ସ୍ଥାୟୀ ଭାବେ ବିଭାଗରେ ଏହି ଡାକ୍ତର ନିଯୁକ୍ତି ପାଇଁ ପଦକ୍ଷେପ ନିଆଯାଉଛି ବୋଲି ମାନସିକ ରୋଗ ଚିକିତ୍ସା ବିଭାଗର ନିର୍ଦ୍ଦେଶକ ଡା.ଶାରଦା ପ୍ରସନ୍ନ ସ୍ୱାଇଁ ହାଇକୋର୍ଟରେ ଉପସ୍ଥିତ ରହି ଅବଗତ କରିଥିଲେ।

### ୧୫ଦିନ ମଧ୍ୟରେ ଦ୍ୱିତୀୟ ଆହାର କେନ୍ଦ୍ର ପାଇଁ କାର୍ଯ୍ୟାଦେଶ

ଏସସିବିରେ ଥିବା ଆହାର କେନ୍ଦ୍ର ଏବେ ଦୈନିକ ୧୫୦୦ମଧ୍ୟାହ୍ନ ଭୋଜନ ଓ ୧୦୦୦ରାତ୍ର ଭୋଜନ ଯୋଗାଦେଇଆସୁଛି। ତେବେ ଏହା ପର୍ଯ୍ୟାପ୍ତ ହେଉନଥିବାରୁ ଦ୍ୱିତୀୟ ଆହାର କେନ୍ଦ୍ର ଖୋଲାଯିବ। ଏଥିପାଇଁ ପ୍ରଥମ ଟେଣ୍ଡରରେ ଜଣେ ମାତ୍ର ଅଂଶ ଗ୍ରହଣ କରିବାରୁ ଏହାକୁ ବାତିଲ କରାଯାଇଥିଲା। ଦ୍ୱିତୀୟ ଟେଣ୍ଡର ଗତ ୮ ତାରିଖରେ ଖୋଲାଯାଇଥିବା ବେଳେ ଆସନ୍ତା ୧୫ଦିନ ମଧ୍ୟରେ କାର୍ଯ୍ୟାଦେଶ ଦିଆଯିବ ବୋଲି ହାଇକୋର୍ଟରେ ସିଏମସି ପକ୍ଷରୁ ତଥ୍ୟ ରଖାଯାଇଛି। ସେହିପରି ମିଶନଶକ୍ତି କାଫେ ପାଇଁ ଜାଗା ଚିହ୍ନଟ ହୋଇପାରିନଥିବା ବେଳେ ଡିନଙ୍କ କାର୍ଯ୍ୟାଳୟ ପରିସରରେ ଏହା ଖୋଲିବା ପାଇଁ ପଦକ୍ଷେପ ନିଆଯାଇଛି ବୋଲି କୁହାଯାଇଛି ।

### ଦୁଇ ସପ୍ତାହ ମଧ୍ୟରେ ଏସସିବିରେ ସ୍ଥାୟୀ ଅଧୀକ୍ଷକ ନିଯୁକ୍ତି

ଏସସିବି ମେଡିକାଲ କଲେଜ ଓ ହସପିଟାଲରେ ଗତ ୨୦୨୪ସେପ୍ଟେମ୍ବରରୁ ସ୍ଥାୟୀ ଅଧୀକ୍ଷକଙ୍କୁ ନିଯୁକ୍ତି ପ୍ରଦାନ କରାଯାଇନଥିବା ପ୍ରସଂଗରେ ଆଡଭୋକେଟ କମିଟି ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ନ୍ୟାସନାଲ ମେଡିକାଲ କମିସନ(ଏନଏମସି) ର ଧାର୍ଯ୍ୟ ନିୟମ ଅନୁସାରେ ନିୟମିତ ଅଧୀକ୍ଷକ ନିଯୁକ୍ତି ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ହେବ ବୋଲି ହାଇକୋର୍ଟଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଅବଗତ କରାଯାଇଥିଲା ।ପ୍ରକାଶଥାଉକି ଗତ ଅଗଷ୍ଟ୩୧ରେ ତତ୍କାଳୀନ ଅଧୀକ୍ଷକଙ୍କ ଅବସର ପରେ ଅସ୍ଥାୟୀ ଭାବେ ଉଭୟ ଡିନ ଓ ଅଧୀକ୍ଷକ ପଦ ଦାୟିତ୍ୱରେ ରହିଛନ୍ତି ଡା. ଲୁସି ଦାସ ।ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଫେବୃଆରି୬କୁ ଧାର୍ଯ୍ୟ କରାଯାଇଥିବା ବେଳେ ଏହି ଦିନ ଅଧୀକ୍ଷକ ନିଯୁକ୍ତି ସମ୍ପର୍କରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରିବେ।

### ମହିଳାଙ୍କ ଆତ୍ମହତ୍ୟା ଘଟଣା

## ହତ୍ୟା ଅଭିଯୋଗ ଆଣିଲେ ମହିଳାଙ୍କ ବାପା

କଟକ, ୯ ।୧(ସମିସ): ମର୍କତନଗର ସେକ୍ଟର-୧୦ରେ ବୁଧବାର ପ୍ରିୟଙ୍କା ବଜାଜ(୩୦) ଆତ୍ମହତ୍ୟା କରିବା ଘଟଣାରେ ଭିନ୍ନ ମୋଡ ନେଇଛି। ଝିଅ ଆତ୍ମହତ୍ୟା କରିନାହିଁ ତାକୁ ଶାଶୂ,ଶଶୁର ଓ ସ୍ୱାମୀ ମିଶି ମାରି ଟାଙ୍ଗି ଦେଇଥିବା ବାପା ପ୍ରଦୀପ ବଜାଜ ଆଜି ସନ୍ଧ୍ୟାରେ ଫେଜ-୨ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୁଲିସ ଅଭିଯୋଗକୁ ଗ୍ରହଣ କରି ହତ୍ୟାକାଣ୍ଡ ମାମଲା ରୁଜୁ କରିଛି। ପୁଲିସ ସୂଚନା ଅନୁଯାୟୀ, ରାଜସ୍ଥାନର ଉଦୟପୁର ପ୍ରିୟଙ୍କା କିଛିବର୍ଷ ତଳେ ନିତିନ ଅଗ୍ରୱାଲଙ୍କୁ ପ୍ରେମ ବିବାହ କରିଥିଲେ। ବିବାହ ପରେ ଦମ୍ପତି ମର୍କତନଗର ସେକ୍ଟର ୧୦ରେ ଭଡ଼ା ନେଇ ରହନ୍ତି। ଏହାପରେ କୌଣସି କାରଣରୁ ନିତିନର ବ୍ୟବସାୟରେ କ୍ଷତି ହୋଇଥିଲା। ତେଣୁ ସେ ଏକ ହୋଟେଲ ଖୋଲିବା ଲାଗି ଆବଶ୍ୟକ ପଡୁଥିବା ଟଙ୍କା ଘରୁ ଆଣିବାକୁ ପ୍ରିୟଙ୍କାଙ୍କୁ କହିଥିଲେ। ତାଙ୍କର କହିବା ଅନୁଯାୟୀ ବାପା ପ୍ରଦୀପ ଟଙ୍କା ଦେବା ପରିବର୍ତ୍ତେ ହୋଟେଲ ପାଇଁ ଆବଶ୍ୟକ ପଡୁଥିବା ସମସ୍ତ ପ୍ରକାର ପର୍ଣ୍ଣିଚର ଯୋଗାଇ ଦେଇଥିଲେ। ତେବେ କିଛିମାସ ଯାଇଛି କି ନାହିଁ ବହୁ କ୍ଷତି ହେବାରୁ ହୋଟେଲଟି ମଧ୍ୟ ବନ୍ଦ ହୋଇଯାଇଥିଲା। ଫଳରେ ନିତିନ ପିଠାପୁରର ଏକ ଦୋକାନରେ କାମ କରୁଥିଲେ। ଏପଟେ ଶାଶୁ ଓ ବୋହୂ ମଧ୍ୟରେ ଭଲ ସଂପର୍କ ନ ଥିଲା। ପ୍ରାୟରାତିରେ ନିତିନ ଘରକୁ ଫେରିବା ପରେ ପ୍ରିୟଙ୍କାଙ୍କ ନାମରେ ଶାଶୁ ମିଛ ଅଭିଯୋଗ ଆଣୁଥିଲେ। ଅନ୍ୟପକ୍ଷରେ ପୁଣି ଥରେ ଘରୁ ଟଙ୍କା ଆଣିବା ଲାଗି ପ୍ରିୟଙ୍କା କୁହାଯାଉଥିଲା,ହେଲେ ସେ ମନା କରିଦେଇଥିଲେ। ଫଳରେ ଏହାକୁ ନେଇ ଉଭୟ ଶାଶୁ, ଶଶୁର ଓ ସ୍ୱାମୀ ମିଶି ତାଙ୍କୁ ବିଭିନ୍ନ ପ୍ରକାର ନିର୍ଯାତନା ଦେଇ ଆସୁଥିଲେ। ଏହାପରେ ଯୋଜନାବଦ୍ଧ ଭାବେ ତାକୁ ମିଳିମିଶି ମାରିଦେବା ସହିତ ଆତ୍ମହତ୍ୟା ରୂପ ଦେବାଲାଗି ଟାଙ୍ଗିଦେଇଥିବା ତାଙ୍କ ବାପା ପ୍ରଦୀପ ଅଭିଯୋଗ ଆଣିଛନ୍ତି।

## ବିଶିଷ୍ଟ ସମାଜସେବୀଙ୍କ ପରଲୋକ



କଟକ, ୯।୧(ସମିସ): ଯୋବ୍ରା ଅଞ୍ଚଳର ବିଶିଷ୍ଟ ସମାଜସେବୀ ଶ୍ରୀରାମକୃଷ୍ଣ ଶର୍ମାଙ୍କର ରବିବାର ମଧ୍ୟ ରାତ୍ରରେ ହୃଦଘାତରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୬୩ ବର୍ଷ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପତ୍ନୀ ପୂର୍ବତନ କର୍ପୋରେଟର ସଙ୍ଗୀତା ଶର୍ମା, ଦୁଇ ପୁଅ, ବୋହୂ ,ଝିଅ, ନାତି, ନାତୁଣୀ ଉପସ୍ଥିତ ଥିଲେ। ସ୍ଥାନୀୟ ଅଞ୍ଚଳରେ ଦୀର୍ଘ ୪୦ ବର୍ଷ ହେବ ସେ ସମାଜସେବା ସହ ଜଡିତ ଥିଲେ। ସେ କଟକ ମାରୱାଡି ସମାଜର ସଭ୍ୟ, ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମିଳନୀର ଉପସଭାପତି ମଧ୍ୟ ଥିଲେ। ତାଙ୍କ ବିୟୋଗ ଖବର ପାଇ ବାସଭବନରେ ବହୁ ଲୋକ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଥିଲେ।

# କଟକ ବୁଲିଲେ କାନାଡା, ଦୁବାଇ ଓ ମରିସସ୍‌ର ପ୍ରବାସୀ ଭାରତୀୟ

କଟକ, ୯ ।୧(ସମିସ): ଆଜି ପ୍ରବାସୀ ଭାରତୀୟ ଉତ୍ସବର ଦ୍ୱିତୀୟ ଦିବସରେ ଆଜି ମଧ୍ୟ କଟକ ସହରକୁ ଆସିଥିଲେ ଏକାଧିକ ପ୍ରବାସୀ। କାନାଡାରୁ ୨ଜଣ, ଦୁବାଇରୁ ୫ଜଣ ଓ ମରିସସରୁ ଜେଣ ପ୍ରବାସୀ ଭାରତୀୟ ମାନେ କଟକର ବିଭିନ୍ନ ପର୍ଯଟନସ୍ଥଳୀ ନେତାଜୀ ଜନ୍ମପୀଠ ଓ ସଂଗ୍ରହାଳୟ, ନୌବାଣିଜ୍ୟ ସଂଗ୍ରହାଳୟ, ନ୍ୟାୟିକ ସଂଗ୍ରହାଳୟ ପରିଭ୍ରମଣରେ ଆସିଥିଲେ। ସେମାନଙ୍କ ବ୍ୟତୀତ ବିଦେଶ ମନ୍ତ୍ରାଳୟର ଅଧିକାରୀ ମଧ୍ୟ ପରିଭ୍ରମଣରେ ଆସିଥିଲେ। ପ୍ରବାସୀମାନେ ସନ୍ଧ୍ୟାରେ ସିଲଭରସିଟି ବୋଟ କ୍ଲବ ପରିଦର୍ଶନ କରିଥିଲେ। ସେଠାରେ ମହାନଦୀ ଫେଷ୍ଟିଭାଲରେ ଚାଲୁଥିବା ପାରମ୍ପାରିକ ନୃତ୍ୟ ସହ ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପାରମ୍ପରିକ ସାମଗ୍ରୀ ଗୁଡିକର କ୍ରୟ କରିବା ସହ ଠୁଙ୍କାପୁରୀ, ଦହିବରା ଆଦି ସୁସ୍ୱାଦ ଖାଦ୍ୟର ମଜା ଉଠାଇଥିଲେ। ବିଶେଷକରି ହସ୍ତତନ୍ତ, ଚିତ୍ରକଳା, ତାରକସୀ ଆଦି ଉତ୍ପାଦ ଗୁଡ଼ିକ ତାଙ୍କ ମନମୁଗ୍ଧ କରିଥିଲା। ଏଭଳି ଭବ୍ୟ ଆୟୋଜନ ପାଇଁ ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନକୁ ବେଶ ପ୍ରଶଂସା କରିଛନ୍ତି। ଆୟୋଜିତ ପ୍ରବାସୀ ଭାରତ ଦିବସ ଉପଲକ୍ଷେ କଟକରେ ପ୍ରବାସୀଙ୍କ ଆଗମନ ତଥା ସେମାନଙ୍କ ପ୍ରତି ଆତିଥ୍ୟ ଓ ଅଭ୍ୟର୍ଥନା ନିମନ୍ତେ ପ୍ରଶାସନିକସ୍ତରରେ ସମସ୍ତ ପ୍ରସ୍ତୁତିକୁ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ତଦାରଖ କରିଥିଲେ।



























# ଦେଶ ବିଦେଶ

ସକାଳ THE SAKALA
www.sakalaepaper.com

### ଗୁଗୁଲ ମ୍ୟାପ୍‌କୁ ଭରସା ନାହିଁ

## ଆସାମ ବଦଳରେ ପୁଲିସକୁ ନାଗାଲାଣ୍ଡ ନେଇଗଲା

### ଅପରାଧୀ ଭାବି ପୁଲିସ କର୍ମଚାରୀଙ୍କୁ ବାନ୍ଧି ରଖିଲେ ଲୋକେ



ଗୌହାଟୀ, ୯।୧ (ଏଜେନ୍ସି): ବାଟୋଇଙ୍କୁ ବାଟ ଦେଖାଉଥିବା ଗୁଗୁଲ୍ 'ମ୍ୟାପ୍' ପୁଣି ଅବାଟକୁ ନେଇଯାଇଛି। ଉତ୍ତର ପ୍ରଦେଶରେ ଗୁଗୁଲ ମ୍ୟାପ ଯୋଗୁଁ ନଦୀକୁ କାର୍ ଖସି ୩ ସାଙ୍ଗଙ୍କ ମୃତ୍ୟୁ ହେବା ଘଟଣା ମନରୁ ଏ ପର୍ଯ୍ୟନ୍ତ ଯାଇ ନାହିଁ। ଏହାରି ମଧ୍ୟରେ ଆସାମ ଜୋରାହାଟ ପୁଲିସର ଏକ ୧୬ ଜଣିଆ ଟିମ୍ ଏହି ଗୁଗୁଲ ମ୍ୟାପ୍ ଯୋଗୁଁ ନାକେଦମ୍ ହୋଇଛନ୍ତି। ଅଭିଯୁକ୍ତକୁ ଧରିବାକୁ ବାହାରି ଥିବା ଏହି ପୁଲିସ ଟିମ୍‌କୁ ଗୁଗୁଲ ମ୍ୟାପ୍ ବାଟବଣା କରି ନାଗାଲାଣ୍ଡର ମୋକକଚୁଙ୍ଗ ଜିଲ୍ଲାରେ ପହଞ୍ଚାଇ ଦେଇଛି। ଏଠାକାର ସ୍ଥାନୀୟ ଅଧିବାସୀ ପୁଲିସକୁ ଅନୁପ୍ରବେଶକାରୀ ଭାବି ଆକ୍ରମଣ କରିଥିଲେ। ପରେ ସାରା ରାତି ବନ୍ଦୀ କରି ରଖିଥିଲେ। ଗତ ମଙ୍ଗଳବାର ଏହି ଘଟଣା ଘଟିଥିବାବେଳେ ଗୁରୁବାର ଏହା ସାମ୍ନାକୁ ଆସିଛି।

ସୂଚନା ଅନୁଯାୟୀ ପୁଲିସ ଟିମ୍ ପହଞ୍ଚି ଥିବା ସ୍ଥାନଟି ନାଗାଲାଣ୍ଡର ଏକ ଚା' ବଗିଚା ଥିଲା। କିନ୍ତୁ ଗୁଗୁଲ ମ୍ୟାପ୍ ଏହାକୁ ଆସାମ ଅଞ୍ଚଳ ଦେଖାଇ ଥିଲା। ପୁଲିସ ଏହା ଜାଣିବା ପରେ ମୋକକାଚୁଙ୍ଗ ଏସ୍‌ପିଙ୍କ ସହାୟତା ନିଆଯାଇଥିଲା। ଏହା ପରେ ସେ ଏକ ଟିମ୍ ପଠାଇଥିଲେ। ଏହା ସତ୍ତ୍ୱେ ନାଗାଲାଣ୍ଡ ଅଧିବାସୀ ଜୋରହାଟ ଟିମ୍‌କୁ ଛାଡ଼ି ନ ଥିଲେ। ବୁଝାସୁଝା କରିବା ପରେ ଜଣେ ଆହତଙ୍କ ସମେତ ୫ ଜଣଙ୍କୁ ଛାଡ଼ିଥିଲେ। ବାକି ୧୧ ଜଣଙ୍କୁ ତା ପରଦିନ ମୁକ୍ତ କରିଥିଲେ। ସ୍ଥାନୀୟ ଅଧିବାସୀ ଏହି ଟିମ୍‌କୁ ଅନୁପ୍ରବେଶକାରୀ ଭାବି ନେଇଥିଲେ। କାରଣ କେବଳ ତିନି ଜଣ କର୍ମୀ ପୁଲିସ ପୋଷାକରେ ଥିଲେ। ଆଧୁନିକ ଅସ୍ତ୍ରଶସ୍ତ୍ର ମଧ୍ୟ ଧରିଥିଲେ। ବାରମ୍ବାର ଘଟୁଥିବା ଏଭଳି ଘଟଣା 'ଗୁଗୁଲ ମ୍ୟାପ୍'କୁ ଆଖି ବୁଜି ଭରସା କରିବା ଅନୁଚିତ ବୋଲି ପ୍ରମାଣିତ କରୁଛି।

## ପୁଣି ସ୍ଥଗିତ ରହିଲା ଇସ୍ରୋର ସ୍ପେଡେକ୍ସ ମିଶନ


ବେଙ୍ଗାଲୁରୁ, ୯।୧(ଏଜେନ୍ସି): ଇସ୍ରୋର ସ୍ପେସ୍ ଡକିଂ ଏକ୍ସପିରିମେଣ୍ଟ (ସ୍ପେଡେକ୍ସ) ଅଭିଯାନକୁ ପୁଣି ସ୍ଥଗିତ ରଖାଯାଇଛି। ୨ଟି ଉପଗ୍ରହ ମଧ୍ୟରେ ଅଧିକ ଦୂରତ୍ୱ ରହିଥିବା ଦେଖି ବୁଧବାର ଏହି ନିଷ୍ପତ୍ତି ନିଆଯାଇଥିଲା। ବୁଲେଟଠାରୁ ୧୦ ଗୁଣ ବେଗରେ ଆସୁଥିବା ୨ଟି ଉପଗ୍ରହକୁ ମହାକାଶରେ ଯୋଡ଼ିବା ପାଇଁ ଖୁବଶୀଘ୍ର ନୂଆ ତାରିଖ ଘୋଷଣା ହେବ। ଇସ୍ରୋ ପକ୍ଷରୁ କୁହାଯାଇଛି ଯେ ଉଭୟ ଉପଗ୍ରହ ମଧ୍ୟରେ ଥିବା ଦୂରତାକୁ ୨୨୫ ମିଟର ପର୍ଯ୍ୟନ୍ତ କମ୍ କରିବା ସମୟରେ ଏହା ଜଣାପଡ଼ିଥିଲା। ଏବେ ଉପଗ୍ରହ ସୁରକ୍ଷିତ ରହିଛି। ଏହା ପୂର୍ବରୁ ଗତ ୭ ତାରିଖରେ ସ୍ପେସ୍ ଡକିଂ ହେବାର ଥିଲା। ଗ୍ରାଉଣ୍ଡ ଷ୍ଟେସନରେ ତ୍ରୁଟି ଯୋଗୁଁ ଏହି ଦିନ ମଧ୍ୟ ଡକିଂ ହୋଇପାରି ନ ଥିଲା।

- ତିରୁପତି ଦଳାଚକଟା ଘଟଣାର ନ୍ୟାୟିକ ଯାଞ୍ଚ ନିର୍ଦ୍ଦେଶ

## ଡେପୁଟି ଏସ୍‌ପିଙ୍କ ସହ ୨ ଅଧିକାରୀ ନିଲମ୍ବିତ


ଅମରାବତୀ, ୯।୧(ଏଜେନ୍ସି): ଗତକାଲି ତିରୁପତି ମନ୍ଦିର ଦଳାଚକଟା ଘଟଣାରେ ୬ ଜଣଙ୍କ ମୃତ୍ୟୁ ହେବା ସହିତ ଅନ୍ୟ ୭ ଜଣ ଗୁରୁତର ଆହତ ହୋଇଥିଲା ବେଳେ ଏହି ଘଟଣାର ନ୍ୟାୟିକ ଯାଞ୍ଚ ପାଇଁ ରାଜ୍ୟ ସରକାର ଗୁରୁବାର ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଏହି ଘଟଣାକୁ ଗୁରୁତ୍ୱ ସହ ବିଚାର କରିବା ସହିତ ତିରୁପତି ଜିଲ୍ଲା ପ୍ରଶାସନ ଏବଂ ତିରୁମାଲା ତିରୁପତି ଦେବସ୍ଥାନମ୍(ଟିଟିଡି) ପରିଚାଳନା ବୋର୍ଡ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ରାଜ୍ୟ ସରକାର ଜଣେ ଡେପୁଟି ଏସପି ଏବଂ ଅନ୍ୟ ଦୁଇ ବରିଷ୍ଠ ଅଧିକାରୀଙ୍କୁ ତୁରନ୍ତ ନିଲମ୍ବିତ କରିଛନ୍ତି। ଏହାଛଡ଼ା ଟିଟିଡିର ତିନି ଅଧିକାରୀଙ୍କୁ ମଧ୍ୟ ଅନ୍ୟତ୍ର ବଦଳି କରାଯାଇଛି। ଗତକାଲି ବାଲାଜୀଙ୍କ ବୈକୁଣ୍ଠ ଦର୍ଶନ ଲାଗି ପଦ୍ମାବତୀ ପାର୍କରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା ବେଳେ ଭିଡ଼ ନିୟନ୍ତ୍ରଣ ଏବଂ ସୁରକ୍ଷା ଦାୟିତ୍ୱରେ ଡେପୁଟି ଏସପି ରମଣ କୁମାର ଦାୟିତ୍ୱରେ ରହିଥିଲେ। ଦାୟିତ୍ୱ ଅବହେଳା ପାଇଁ ତାଙ୍କୁ ନିଲମ୍ବିତ କରାଯାଇଛି।

## ଚିମିନି ଭୁଶୁଡ଼ି ୪ ମୃତ



ରାୟପୁର, ୯।୧ (ଏଜେନ୍ସି): ଛତିଶଗଡ଼ ମୁଙ୍ଗେଲି ଜିଲ୍ଲା ସାରାଗାଁଓ ସ୍ଥିତ କୁସୁମ ଷ୍ଟିଲ ପ୍ଲାଣ୍ଟର ଗୁରୁବାର ଦ୍ୱିପହରେ ବଡ଼ ଅଘଟଣ ଘଟିଛି। ପ୍ଲାଣ୍ଟର ଏକ ଷ୍ଟିଲ୍ ଚିମିନି ଭୁଶୁଡ଼ି ପଡ଼ିଛି। ଏଥିରେ ୪ ଜଣଙ୍କ ମୃତ୍ୟୁ ହୋଇଛି। ଏହାର ଅବଶେଷ ତଳେ ୨୦ରୁ ଅଧିକ ଫସି ରହିଥିବା ସନ୍ଦେହ କରାଯାଉଛି। ଏହି ଚିମିନି ଭିତରେ ବିଭିନ୍ନ ସାମଗ୍ରୀ ମହଜୁଦ କରି ରଖାଯାଇଥିଲା। ଏହି ଦୁର୍ଘଟଣା ଘଟିବା ସମୟରେ ଆଖପାଖରେ ୮ ଜଣ ଶ୍ରମିକ କାମ କରୁଥିଲେ। ଏହା ବହୁତ ଦୂରକୁ ପଡ଼ିବାରୁ ଅନ୍ୟ ଶ୍ରମିକମାନେ ଫସି ଯାଇଥିଲେ।

## ମୋଷ୍ଟ ୱାଣ୍ଟେଡ ଆତଙ୍କବାଦୀକୁ କ୍ଷମାଦେଲେ ବାଂଲାଦେଶ ସରକାର



ଢାକା, ୯।୧ (ଏଜେନ୍ସି): ପୁଣି ବାଂଲାଦେଶର ଅନ୍ତରୀଣ ମହମ୍ମଦ ୟୁନୁସଙ୍କ ନେତୃତ୍ୱାଧୀନ ସରକାର ଚରମପନ୍ଥୀଙ୍କୁ ପ୍ରୋତ୍ସାହନ ଦେଇଛନ୍ତି। ମୋଷ୍ଟ ୱାଣ୍ଟେଡ ଆତଙ୍କବାଦୀ ତଥା ଅଲକାଏଦା ସହ ଜଡ଼ିତ ଥିବା ପୂର୍ବତନ ସେନା ଅଧିକାରୀ ସୈଦ ଜିଆଉଲ୍ ହକ୍ ତଥା ମେଜର ଜିଆର ଦଣ୍ଡ କ୍ଷମା କରିଦେଇଛନ୍ତି। ସେ ବାଂଲାଦେଶର ମୋଷ୍ଟ ୱାଣ୍ଟେଡ ଆତଙ୍କବାଦୀ ତାଲିକାରେ ସାମିଲ ଥିଲା। ଏବେ ୟୁନୁସ ସରକାର ତାକୁ ଏହି ତାଲିକାରୁ ହଟାଇ ଦେଇଛନ୍ତି। ଜିଆର ମୃତ୍ୟୁଦଣ୍ଡକୁ ମଧ୍ୟ କ୍ଷମା କରିଦେଇଛନ୍ତି। ଆମେରିକା ମଧ୍ୟ ଏହି ଆତଙ୍କବାଦୀକୁ ମୋଷ୍ଟ ୱାଣ୍ଟେଡ୍ ଘୋଷଣା କରିଥିଲା। ତା ଉପରେ ୫ ନିୟୁତ ଡଲାର ପୁରସ୍କାର ଘୋଷଣା କରିଥିଲା। ଏହାକୁ ନେଇ ବିଶେଷଜ୍ଞ ଚିନ୍ତା ପ୍ରକଟ କରିଛନ୍ତି। ସୂଚନା ଅନୁଯାୟୀ ବାଂଲାଦେଶର ଜାଗ୍ରିତ ପ୍ରକାଶନର ସମ୍ପାଦକ ଫୈସଲ ଅରିଫିନ ଦୀପନଙ୍କ ହତ୍ୟା (୨୦୧୬) ଏବଂ ଜଣେ ସାମାଜିକ କର୍ମୀଙ୍କ ହତ୍ୟାରେ ସେ ସାମିଲ ଥିଲା। ସେ ୨୦୧୧ରେ ଶେଖ ହସିନା ସରକାରକୁ ଭୁଶୁଡ଼ାଇବାକୁ ଉଦ୍ୟମ କରିଥିଲା। ମାତ୍ର ଏହା ବିଫଳ ହୋଇଯାଇଥିଲା। ପରେ ଜିଆଉଲ୍ ବାଂଲାଦେଶରୁ ଫେରାର ହୋଇ ଯାଇଥିଲା।

# ଚୀନ୍, କାନାଡ଼ାର ଚିନ୍ତା ବଢ଼ାଇଲେ ଟ୍ରମ୍ପ

### ଶପଥ ପାଇଁ କାଉଣ୍ଟଡାଉନ୍ ଆରମ୍ଭ

### ପାଲେଷ୍ଟାଇନ ବି ଚିନ୍ତିତ



ୱାଶିଂଟନ୍, ୯।୧(ଏଜେନ୍ସି): ଆମେରିକାର ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଉ ମାତ୍ର ୧୦ ଦିନ ପରେ ଶପଥ ନେବେ। ଆସନ୍ତା ୨୦ ତାରିଖରେ ଟ୍ରମ୍ପଙ୍କ ସହ ତାଙ୍କ ଟିମ୍ ଶପଥ ନେବାକୁ ପ୍ରସ୍ତୁତି ଚାଲିବା ସହ ଏଥିପାଇଁ କାଉଣ୍ଟଡାଉନ ଆରମ୍ଭ ହୋଇଯାଇଛି। କିନ୍ତୁ ବାଇଡେନ ପ୍ରଶାସନର ବିଦାୟ ଏବଂ ଟ୍ରମ୍ପ ପ୍ରଶାସନର ଆରମ୍ଭକୁ ନେଇ କିଛି ରାଷ୍ଟ୍ରଙ୍କ ଚିନ୍ତା ବଢିବାରେ ଲାଗିଛି। ଟ୍ରମ୍ପ ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ବୈଶ୍ୱିକ ରାଜନୀତିରେ ଅନେକ ପରିବର୍ତ୍ତନ ଘଟିବା ନେଇ ଭୂ-ରାଜନୈତିକ ବିଶେଷଜ୍ଞମାନେ ଆକଳନ କରିଛନ୍ତି। କାରଣ ଟ୍ରମ୍ପ ନିର୍ବାଚନ ବେଳେ ଆମେରିକାବାସୀଙ୍କୁ ସର୍ବପ୍ରଥମେ ସେମାନଙ୍କ ସ୍ୱାର୍ଥରକ୍ଷା ଲାଗି ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହାର ପ୍ରଭାବ ଆନ୍ତର୍ଜାତିକ ସମୁଦାୟ ଉପରେ ପଡ଼ିବ ବୋଲି କୁହାଯାଉଛି। ଏହିକ୍ରମରେ କାନାଡା, ଚୀନ୍ ଏବଂ ପାଲେଷ୍ଟାଇନ ଭଳି କିଛି ରାଷ୍ଟ୍ରଙ୍କ ଚିନ୍ତା ଦ୍ୱିଗୁଣିତ ହୋଇଛି। ପ୍ରଥମେ କାନାଡ଼ା କଥା ଚିନ୍ତା କଲେ ନିକଟରେ ଟ୍ରମ୍ପ କାନାଡାକୁ ନେଇ ଯାହା କହିଥିଲେ ତାହା ବହୁ ଗୁରୁତ୍ୱ ବହନ କରୁଛି। କାନାଡାକୁ ଆମେରିକାରେ ମିଶାଇ ଏହାକୁ ଆମେରିକାର ୫୧ ତମ ରାଜ୍ୟ କରିବାକୁ ଟ୍ରମ୍ପ କହିଛନ୍ତି। କାନାଡା ଆମେରିକାର ଏକ ପଡ଼ୋଶୀ ରାଷ୍ଟ୍ର ହୋଇଥିଲେ ହେଁ ବିଗତ ଦିନରେ କାନାଡାର କାରବାର ଆମେରିକା ପାଇଁ ବିପଦ ହୋଇଛି। ବିଶେଷକରି ଆମେରିକାରେ ବଢୁଥିବା ବେଆଇନ ପ୍ରବେଶ ଏବଂ ଡ୍ରଗ୍ସ କାରବାର ବୃଦ୍ଧି ପାଇଁ କାନାଡା ହିଁ ଦାୟୀ ବୋଲି ଟ୍ରମ୍ପ ଚିନ୍ତା କରିଛନ୍ତି। କାନାଡାର ଟ୍ରୁଡୋ ସରକାର ବିଗତ କିଛି ବର୍ଷରେ ପାଠ ପଢା ନାଁରେ ବିଶ୍ୱର ବିଭିନ୍ନ ଦେଶର ଛାତ୍ରଛାତ୍ରୀଙ୍କୁ ଭିସା ଦେଇଛନ୍ତି। ଏଥିପାଇଁ ଏକ ସ୍ୱତନ୍ତ୍ର ର୍‍ୟାକେଟ୍ କାର୍ଯ୍ୟ କରିବା ସହିତ ଛାତ୍ରଛାତ୍ରୀଙ୍କ ଠାରୁ ବିପୁଳ ପରିମାଣରେ ଅର୍ଥ ମଧ୍ୟ ଆଦାୟ କରାଯାଇଛି। କିନ୍ତୁ କାନାଡାରେ ନାମକୁ ମାତ୍ର ବିଭିନ୍ନ ଶିକ୍ଷାନୁଷ୍ଠାନରେ ନାମ ଲେଖାଇ ଏହି ଛାତ୍ରଛାତ୍ରୀମାନେ ସୀମା ଡେଇଁ ଆମେରିକାରେ ପଶୁଛନ୍ତି। ଯାହାକୁ ନେଇ ଆମେରିକାର ପ୍ରବାସୀ ସମସ୍ୟା ବଢିଛି। ଏହାକୁ ବନ୍ଦ କରିବା ଏବଂ କାନାଡାକୁ ଉଚିତ ଶିକ୍ଷା ଦେବା ଲାଗି ଟ୍ରମ୍ପ କାନାଡା ବିରୋଧରେ ୩୦ ପ୍ରତିଶତ ଟାରିଫ ଲାଗୁ କରିବା ସହିତ କାନାଡାକୁ ଆମେରିକାରେ ମିଶାଇ ଦେବା ଲାଗି ପରୋକ୍ଷ ଆହ୍ୱାନ ଦେଇଥିବା କୁହାଯାଉଛି। ସେହିପରି ଟ୍ରମ୍ପଙ୍କ ପୂର୍ବ ଅବଧି କାର୍ଯ୍ୟକାଳରେ ସେ ଚୀନ୍ ବିରୋଧରେ ଟାରିଫ ବୃଦ୍ଧି କରିଥିଲା ବେଳେ ଏବେ ମଧ୍ୟ ସେହି ନୀତିରେ କାର୍ଯ୍ୟ କରିବାକୁ ଯାଉଥିବା ସୂଚନା ମିଳିଛି। ବିଶେଷକରି 'ଆମେରିକା ଫାର୍ଷ୍ଟ' ନୀତିରେ ଟ୍ରମ୍ପ ଚୀନ୍‌ରୁ ବିଶ୍ୱର ମାନୁଫାକଚରିଂ ହବ୍‌କୁ ପୁଣିଥରେ ଆମେରିକାରେ ପ୍ରତିଷ୍ଠା କରିବାକୁ ଚାହୁଁଥିବାରୁ ଚୀନ୍‌ର ମଧ୍ୟ ଚିନ୍ତା ବଢିଛି। ଅନ୍ୟପକ୍ଷରେ ଇସ୍ରାଏଲକୁ ନେଇ ଟ୍ରମ୍ପ ପାଲେଷ୍ଟାଇନର ହମାସ ଆତଙ୍କବାଦୀଙ୍କୁ ମଧ୍ୟ ଚେତବାନୀ ଶୁଣାଇଛନ୍ତି। ଇସ୍ରାଏଲ ଉପରେ ୨୦୨୩ ଅକ୍ଟୋବରରେ ହମାସ ଆକ୍ରମଣ କରିବା ପରେ ବହୁ ଇସ୍ରାଏଲୀ ସମେତ ଆମେରିକୀୟ ନାଗରିକଙ୍କୁ ପଣବନ୍ଦୀ କରିଥିଲା। କିନ୍ତୁ ଟ୍ରମ୍ପ ଶପଥ ନେବା ପୂର୍ବରୁ ସମସ୍ତ ପଣବନ୍ଦୀଙ୍କୁ ମୁକ୍ତ କରିବାକୁ ସେ ହମାସକୁ ଚେତାବନୀ ଦେଇ କହିଛନ୍ତି। ନଚେତ୍ ମଧ୍ୟପ୍ରାଚ୍ୟରେ ଏକ ନୂଆ ଘଟଣା ଦେଖିବାକୁ ମିଳିବ ବୋଲି ଗତକାଲି ଏକ ସମ୍ବାଦିକ ସମ୍ମିଳନୀରେ ଟ୍ରମ୍ପ କହିଥିଲା ବେଳେ ଏହାକୁ ନେଇ ମଧ୍ୟ ପାଲେଷ୍ଟାଇନର ଚିନ୍ତା ବଢିଥିବା କୁହାଯାଉଛି।

# କାହିଁକି ଭୁଶୁଡୁଛି ଇଣ୍ଡି ମେଣ୍ଟ?

### ଲୋକସଭା ନିର୍ବାଚନ ପରେ ଆଉ ବୈଠକ ବସୁନି

### ନିଜ ନିଜ ରାସ୍ତାରେ ଆଞ୍ଚଳିକ ଦଳ

### ସବୁ ଦୋଷ କଂଗ୍ରେସକୁ ଠେଲିଲେ

ନୂଆଦିଲ୍ଲୀ, ୯।୧ (ଏଜେନ୍ସି): କେନ୍ଦ୍ରରେ ଏନ୍‌ଡିଏ ସରକାରକୁ ଟକ୍କର ଦେବା ଲାଗି ଗଠନ ହୋଇଥିବା ବିରୋଧୀ ମେଣ୍ଟ 'ଇଣ୍ଡିଆ ବ୍ଲକ୍' ଏବେ ଅସ୍ତିତ୍ୱ ହରାଇବାକୁ ବସିଲାଣି। ମେଣ୍ଟ ଭଙ୍ଗ ନେଇ ଔପଚାରିକ ଭାବେ ସେଭଳି କିଛି ଘୋଷଣା କରାଯାଇ ନଥିଲେ ହେଁ ଏହି ମେଣ୍ଟର ସହଯୋଗୀ ଦଳର ନେତାମାନେ ଯେଭଳି ମତ ମନ୍ତବ୍ୟ ଦେଇ ଚାଲିଛନ୍ତି , ସେଥିରୁ ସ୍ପଷ୍ଟ ବାରି ହୋଇପଡୁଛି ଯେ ମେଣ୍ଟ ଆଉ ବେଶି ଦିନ ତିଷ୍ଠିବ ନାହିଁ। ମାତ୍ର ଦେଢ଼ ବର୍ଷ ତଳେ ୧୬ ପ୍ରମୁଖ ବିରୋଧୀ ଦଳଙ୍କୁ ନେଇ ଗଠିତ ଏହି ମେଣ୍ଟ ହଠାତ୍ କାହିଁକି ଭୁଶୁଡ଼ି ପଡୁଛି, ତାହାକୁ ନେଇ ରାଜନୈତିକ ମହଲରେ ଏବେ ଜୋରଦାର ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

ଗତ ଲୋକସଭା ନିର୍ବାଚନରେ କଂଗ୍ରେସ ନେତୃତ୍ୱାଧୀନ ଏହି ମେଣ୍ଟ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏକୁ କଡ଼ା ଟକ୍କର ଦେଇ ଦମଦାର ପ୍ରଦର୍ଶନ କରିଥିଲା। ୪୦୦ରୁ ଅଧିକ ଆସନ ପାଇଁ ବିଜେପିର ଲକ୍ଷ୍ୟକୁ ମଧ୍ୟ ଚୂରମାର କରିଦେଇଥିଲା। କିନ୍ତୁ ଏହାପରେ ହରିଆଣା ଓ ମହାରାଷ୍ଟ୍ରରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ଇଣ୍ଡିଆ ମେଣ୍ଟର ଶୋଚନୀୟ ପ୍ରଦର୍ଶନ ସବୁ ହିସାବକୁ ବିଗାଡ଼ି ଦେଇଛି। ଲୋକସଭା ନିର୍ବାଚନ ବେଳେ ଏହି ଦୁଇଟି ରାଜ୍ୟରେ ମେଣ୍ଟ ଭଲ ପ୍ରଦର୍ଶନ କରିଥିଲା। ତେଣୁ ବିଧାନସଭା ନିର୍ବାଚନରେ ମେଣ୍ଟ ଏହି ଦୁଇ ରାଜ୍ୟରେ ବିଜୟୀ ହେବ ବୋଲି ସମସ୍ତେ ଆଶା ରଖିଥିଲେ। କିନ୍ତୁ ଜିତିବା ତ ଦୂରର କଥା, ମେଣ୍ଟ ଟକ୍କର ବି ଦେଇ ପାରିଲା ନାହିଁ। ପରିସ୍ଥିତି ଏମିତି ହୋଇଛି ଯେ କଂଗ୍ରେସ ସହ ମେଣ୍ଟ କରି ଯେଉଁ ଆଞ୍ଚଳିକ ଦଳ ନିର୍ବାଚନ ଲଢ଼ିଥିଲେ ସେମାନେ ଏବେ ନିଜର ଅସ୍ତିତ୍ୱ ପାଇଁ ସଂଘର୍ଷ କରୁଛନ୍ତି। ଏଭଳି ଦୁର୍ଦ୍ଦଶା ପାଇଁ ସେମାନେ କଂଗ୍ରେସକୁ ହିଁ ଦୋଷ ଦେଉଛନ୍ତି।

ବିଧାନସଭା ନିର୍ବାଚନରେ ଏଭଳି ଦୁର୍ବଳ ପ୍ରଦର୍ଶନ ପରେ କଂଗ୍ରେସକୁ ନେତା ପଦରୁ ହଟାଇବା ଲାଗି ମେଣ୍ଟ ଭିତରେ ଅଭିଯାନ ଆରମ୍ଭ ହେଲା। ଟିଏମ୍‌ସି ମୁଖ୍ୟ ତଥା ପଶ୍ଚିମ ବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପ୍ରଥମେ ଏହି ପ୍ରସଙ୍ଗ ଉଠାଇ ପରୋକ୍ଷରେ ମେଣ୍ଟର ନେତୃତ୍ୱକୁ ନେବାକୁ ଇସାରା ଦେଇଥିଲେ। ଏହାକୁ ସମାଜବାଦୀ ପାର୍ଟି , ଆରଜେଡି, ଶିବସେନା(ୟୁବିଟି), ଏନସିପି(ଶରଦ) ଭଳି ବହୁ ସହଯୋଗୀ ଦଳ ସମର୍ଥନ ଜଣାଇଥିଲେ। କିନ୍ତୁ ଏବେ ଆଉ ନେତୃତ୍ୱ କଥା ଉଠୁ ନାହିଁ। ଏହି ମେଣ୍ଟକୁ ଭାଙ୍ଗି ଦିଆଯିବା ଉଚିତ ବୋଲି କଂଗ୍ରେସ ଠାରୁ ଆରମ୍ଭ କରି ନ୍ୟାସନାଲ କନଫରେନ୍ସ(ଏନସି) ଏବଂ ଆରJଜେଡି ଭଳି ବହୁ ଦଳର ନେତା ଖୋଲାଖୋଲି ମନ୍ତବ୍ୟ ଦେବାରେ ଲାଗିଛନ୍ତି।

ନିକଟରେ ଆରଜେଡି ନେତା ତେଜସ୍ୱୀ ଯାଦବ ଇଣ୍ଡିଆ ମେଣ୍ଟ କେବଳ ୨୦୨୪ ଲୋକସଭା ପାଇଁ ଉଦ୍ଦିଷ୍ଟ ଥିଲା ବୋଲି କହିଥିଲେ। ଏହାକୁ ନେଇ କିଛି ଦିନ ରାଜନୈତିକ ମହଲରେ ଗୁଞ୍ଜରଣ ସୃଷ୍ଟି ହୋଇଥିଲା । ହେଲେ ଏହାକୁ ଆହୁରି ସ୍ପଷ୍ଟ କରିଛନ୍ତି କଂଗ୍ରେସ ନେତା ପୱନ ଖେଡା। ସେ କହିଛନ୍ତି, ଏହି ମେଣ୍ଟ କେବଳ ୨୦୨୪ ଲୋକସଭା ନିର୍ବାଚନ ପାଇଁ ଉଦ୍ଦିଷ୍ଟ ଥିଲା। ଜାତୀୟ ସ୍ତରରେ ଶାସକ ବିଜେପି ଦଳକୁ ଟକ୍କର ଦେବା ଲାଗି ଆମେ ଏକାଠି ହୋଇଥିଲୁ। କିନ୍ତୁ ରାଜ୍ୟ ସ୍ତରରେ ସ୍ଥିତିକୁ ଦେଖି ଆଞ୍ଚଳିକ ଦଳ ନିଷ୍ପତ୍ତି ନେଇଛନ୍ତି। ତେଣୁ ଦିଲ୍ଲୀ ନିର୍ବାଚନ ସହିତ ମେଣ୍ଟର କିଛି ଭୂମିକା ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ପୱନ ଖେଡାଙ୍କ ଏହି ଟିପ୍ପଣୀ ପରେ ନ୍ୟାସନାଲ କନଫରେନ୍ସ ନେତା ତଥା ଜମ୍ମୁ କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଆଉ ପାଦେ ଆଗକୁ ଯାଇ ଏହି ମେଣ୍ଟକୁ ଭାଙ୍ଗି ଦିଆଯିବା ଉଚିତ ବୋଲି କହିଛନ୍ତି। ଯେଉଁ ମେଣ୍ଟର ନେତୃତ୍ୱ ଏବଂ ଲକ୍ଷ୍ୟ ଠିକ୍ ନାହିଁ, ସେ ମେଣ୍ଟ କାହିଁକି ରହିବ ବରଂ ଏହାକୁ ଭାଙ୍ଗି ଦିଆଯିବା ଉଚିତ ବୋଲି କହିଛନ୍ତି।

## ନାଗାଙ୍କୁ ଦେଖି ସନ୍ନ୍ୟାସିନୀ ହେଲେ ବାଳିକା



ପ୍ରୟାଗରାଜ, ୯।୧ (ଏଜେନ୍ସି): ମହାକୁମ୍ଭ ଆଗମନ କରିଥିବା ନାଗା ସାଧୁଙ୍କୁ ଦେଖି ୧୪ ବର୍ଷୀୟ ବାଳିକା ସନ୍ନ୍ୟାସିନୀ ହୋଇଯାଇଛନ୍ତି। ଆଗ୍ରାର ରାକ୍ଷୀ ସିଂହ ଧାକେର ଏବେ ଗେରୁଆ ବସ୍ତ୍ର ଧାରଣ କରି ଗୌରି ଗିରି ମହାରାଣୀ ପାଲଟି ଯାଇଛନ୍ତି। ଏବେ ଜୁନା ଆଖଡ଼ା ତାଙ୍କ ଠିକଣା ପାଲଟି ଯାଇଛି। ସେ ସନାତନ ଧର୍ମର ପ୍ରଚାରପ୍ରସାର ପାଇଁ କାର୍ଯ୍ୟ କରିବେ ବୋଲି କହିଛନ୍ତି। ସୂଚନା ଅନୁଯାୟୀ ଚାରି ଦିନ ତଳେ ଆଗ୍ରାର ପେଠା ବ୍ୟବସାୟୀ ଦିନେଶ ସିଂହଙ୍କ ପରିବାର ମହାକୁମ୍ଭ ବୁଲିବାକୁ ଆସିଥିଲେ। ସାଙ୍ଗରେ ନବମ ଶ୍ରେଣୀରେ ପଢୁଥିବା ଝିଅ ରାକ୍ଷୀ ସିଂହ ଧାକେର ମଧ୍ୟ ଥିଲା। ଭାରତୀୟ ପ୍ରଶାସନିକ ସେବାରେ ଯୋଗଦେବାକୁ ଲକ୍ଷ୍ୟ ରଖିଥିବା ରାକ୍ଷୀ ନାଗାଙ୍କୁ ଦେଖି ସନ୍ୟାସ ନେବାକୁ ନିଷ୍ପତ୍ତି ନେଇଥିଲେ। ଯେତେ ବୁଝାଇଲେ ବି ପରିବାର ସହ ଫେରି ନ ଥିଲେ। ଶେଷରେ ମାତିପିତା ତାଙ୍କୁ ଜୁନା ଆଖଡାର ମହନ୍ତ ଗୁରୁ କୌଶଳ ଗିରିଙ୍କ ଦାନ କରି ଦେଇଥିଲେ। ଝିଅର ବେଶଭୂଷା ଦେଖି ବାପାମାଆ କାନ୍ଦି ପକାଇଛନ୍ତି।

## ଶମ୍ଭୁ ସୀମାରେ ଚାଷୀଙ୍କ ଆତ୍ମହତ୍ୟା

ନୂଆଦିଲ୍ଲୀ, ୯।୧ (ଏଜେନ୍ସି): ହରିୟାଣା-ପଞ୍ଜାବ ଶମ୍ଭୁ ସୀମାରେ ଚାଷୀ ଆନ୍ଦୋଳନରେ ସାମିଲ ଜଣେ କୃଷକ ଗୁରୁବାର ସଲ୍‌ଫାସ ଖାଇ ଆତ୍ମହତ୍ୟା କରିଛନ୍ତି। ଏହି ଚାଷୀ ତରନତାରନ ଜିଲ୍ଲା ପହୁୱିଣ୍ଡ ଗ୍ରାମର ବାସିନ୍ଦା ରେଶମ ସିଂହ (୫୫)। ତାଙ୍କୁ ଗୁରୁତର ଅବସ୍ଥାରେ ପଟିୟାଲାର ରାଜିନ୍ଦରା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେ ପ୍ରାଣ ହରାଇ ଥିଲେ। ଚାଷୀ ନେତା ତେଜବୀର ସିଂହ କହିଛନ୍ତି ଯେ ଶମ୍ଭୁ ଏବଂ ଖନୌରୀ ସୀମାରେ ୧୧ ମାସ ହେଲା ଆନ୍ଦୋଳନ ସତ୍ତ୍ୱେ ସରକାରଙ୍କ ପକ୍ଷରୁ କୌଣସି ସମାଧାନର ପନ୍ଥା ବାହାର କରାଯାଇନାହିଁ। ଏହାକୁ ନେଇ ରେଶମ କ୍ଷୁବ୍ଧ ହୋଇଥିଲେ। ଏହା ପୂର୍ବରୁ ଡିସେମ୍ବର ୧୪ରେ ଚାଷୀ ରଣଜୋଧ ସିଂହ ସଲ୍‌ଫାସ ଖାଇଥିଲେ।

## ଅଭିଶପ୍ତ କୋଟା

### ଆଣ୍ଟି-ହ୍ୟାଙ୍ଗିଂ ଫ୍ୟାନ୍ ସତ୍ତ୍ୱେ ଛାତ୍ର ମୃତ

## ୨୪ ଘଣ୍ଟାରେ ୨ ଛାତ୍ରଙ୍କ ଆତ୍ମହତ୍ୟା

ଜୟପୁର, ୯।୧ (ଏଜେନ୍ସି): ରାଜସ୍ଥାନ କୋଟା ଅଭିଶପ୍ତ ପାଲଟି ଯାଇଛି। ଏଠାରେ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟାରେ ବ୍ରେକ୍ ଲାଗୁ ନାହିଁ। ଗତ ୨୪ ଘଣ୍ଟା ମଧ୍ୟରେ ଏଠାରେ ୨ ଛାତ୍ର ଆତ୍ମହତ୍ୟା କରିଛନ୍ତି। ଜେଇଇ ପାଇଁ ପ୍ରସ୍ତୁତ ହେଉଥିବା ମଧ୍ୟ ପ୍ରଦେଶ ଗୁନାର ଅଭିଷେକ ଲୋଧା ବୁଧବାର ନିଜ ଛାତ୍ରାବାସରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଛନ୍ତି। ସେ ଗତ ବର୍ଷ ମେ'ରେ କୋଟା ଆସିଥିଲେ। ସେ ଭଲ ପାଠ ପଢୁଥିଲେ ବୋଲି ତାଙ୍କ ବଡ଼ ଭାଇ ଅଜୟ କହିଛନ୍ତି। ପାଠପଢ଼ାକୁ ନେଇ କେବେ ଚିନ୍ତିତ କିମ୍ବା ଅବସାଦଗ୍ରସ୍ତ ନ ଥିଲେ। ତେବେ ତାଙ୍କ ରୁମ୍‌ରୁ ମିଳିଥିବା ସୁଇସାଇଡ ନୋଟ୍‌ରେ ଭିନ୍ନ କଥା କୁହାଯାଇଛି। ଏଥିରେ ଲେଖାଯାଇଛି ଯେ 'ମୁଁ ପାଠ ପଢ଼ି ପାରୁନାହିଁ। ଜେଇଇ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ ବି ଏହା ମୋ କ୍ଷମତାଠୁ ବାହାରେ। ମୋତେ କ୍ଷମା କରିବେ'। ଏବେ ପୁଲିସ ମାମଲାର ତଦନ୍ତ ଚଳାଇଛି।

ଏହା ପୂର୍ବରୁ ମଙ୍ଗଳବାର ସନ୍ଧ୍ୟାରେ କୋଟାରେ ଆଉ ଜଣେ ୧୯ ବର୍ଷୀୟ ନିରଜ ନିଜ ରୁମ୍‌ରେ ଫ୍ୟାନରେ ଫାଶୀ ଲଗାଇ ଝୁଲି ପଡ଼ିଥିଲେ। ଆଣ୍ଟି-ହ୍ୟାଙ୍ଗିଂ ଫ୍ୟାନ ଲାଗିଥିବା ସତ୍ତ୍ୱେ ନିରଜଙ୍କ ମୃତ୍ୟୁ ହୋଇଥିଲା। ଏହାକୁ ନେଇ କୋଟାରେ ହଇଚଇ ଖେଳି ଯାଇଛି। ନିରଜଙ୍କ ମୃତ୍ୟୁକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ହରିୟାଣା ମହେନ୍ଦ୍ରଗଡ଼ର ଏହି ଛାତ୍ର ମଧ୍ୟ ଜେଇଇ ପାଇଁ ପ୍ରସ୍ତୁତ ହେଉଥିଲେ। ସୂଚନାଯୋଗ୍ୟ ଯେ ୨୦୨୪ରେ କୋଟାରେ ୧୭ ଜଣ ଏବଂ ୨୦୨୩ରେ ୨୪ ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଥିଲେ।

### ଚିନ୍ତାରେ ପାକିସ୍ତାନ ସରକାର

## ୧୬ ପରମାଣୁ ବିଜ୍ଞାନୀଙ୍କୁ ଅପହରଣ କଲା ଟିଟିପି



ଇସଲାମାବାଦ, ୯।୧ (ଏଜେନ୍ସି): ତେହରିକ-ଇ-ତାଲିବାନ (ଟିଟିପି) ପାକିସ୍ତାନ ସରକାରର ନିଦ ହଜାଇ ଦେଇଛି। ପାକିସ୍ତାନ ସେନା ସହ ସଂଘର୍ଷ ଜାରି ରହିଥିବାବେଳେ ଟିଟିପି ଦେଶର ପ୍ରମୁଖ ୧୬ ପରମାଣୁ ବିଜ୍ଞାନୀଙ୍କୁ ଅପହରଣ କରିନେଇଛି। ପାକିସ୍ତାନ ଅଟୋମିକ୍ ଏନର୍ଜି କମିଶନ (ପିଏଇସି)ରେ କାର୍ଯ୍ୟ କରୁଥିବା ଏହି ବୈଜ୍ଞାନିକଙ୍କ ଭିଡିଓ ଜାରି କରିଛି। ନିଜ ଦାବି ପୂରଣ ପାଇଁ ଇସଲାମାବାଦ ଉପରେ ଚାପ ପକାଇବାକୁ ଏହି ପଦକ୍ଷେପ ନିଆଯାଇଛି ବୋଲି ଟିଟିପି ପକ୍ଷରୁ କୁହାଯାଇଛି। ଭିଡିଓରେ ଟିଟିପି ଦାବି ପୂରଣ କରି ସୁରକ୍ଷା ସୁନିଶ୍ଚିତ କରିବାକୁ ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କ ନେତୃତ୍ୱାଧୀନ ସରକାରଙ୍କୁ ବୈଜ୍ଞାନିକମାନେ ଅନୁରୋଧ କରୁଛନ୍ତି। ଏହା ଭାଇରାଲ ହେବାରେ ଲାଗିଛି। ଏହି କର୍ମଚାରୀ ଡେରା ଇସମାଇଲ ଖାନ୍‌ର ଲକି ମରୱାତ ଅଞ୍ଚଳରେ ଥିବା କାବୁଲ ଖେଲ୍ ଅଟୋମିକ ଏନର୍ଜିରେ କାର୍ଯ୍ୟ କରୁଥିଲେ।

## ଉଧାର ଟଙ୍କା ପାଇଁ ମହିଳା ସହଯୋଗୀଙ୍କୁ ହତ୍ୟା



ପୁନେ, ୯।୧ (ଏଜେନ୍ସି): ପୁନେରୁ ଏକ କଲ୍ ସେଣ୍ଟରରେ କାମ କରୁଥିବା ମହିଳା ସହଯୋଗୀଙ୍କୁ ଜଣେ ଯୁବକ ଅଫିସ ପାର୍କିଂରେ ଦିନ ଦ୍ୱିପହରେ ଛୁରି ଭୁସି ହତ୍ୟା କରିଛି। ଏହି ହତ୍ୟା ସମୟରେ ଅନେକ ଲୋକ ଛିଡ଼ା ହୋଇ ଦେଖୁଥିଲେ। ମାତ୍ର କେହି ସାହସ ଜୁଟାଇ ମହିଳାଙ୍କୁ ରକ୍ଷା କରିବାକୁ ଯାଇ ନ ଥିଲେ। ମାରି ସାରିବା ପରେ ଯୁବକ ଛୁରି ଫୋପାଡ଼ି ଦେବାରୁ ସମସ୍ତେ ହତ୍ୟାକାରୀକୁ ଧରିଥିଲେ। ପୁଲିସ ହତ୍ୟାକାରୀକୁ ଗିରଫ କରିଛି। ହତ୍ୟାକାରୀ କୃଷ୍ଣ କନୋଜା (୩୦) ୟେରୱାଡ଼ା ସ୍ଥିତ ଡବ୍ଲ୍ୟୁଏନ୍‌ଏସ୍‌ରେ ଆକାଉଣ୍ଟାଣ୍ଟ ଭାବେ କାର୍ଯ୍ୟ କରୁଛି। ବାପା ଅସୁସ୍ଥ ଥିବା କହି ସହକର୍ମୀ ଶୁଭଦା କୋଦାରେ (୨୮) ତାଙ୍କଠୁ ଟଙ୍କା ନେଇଥିଲେ। ମାତ୍ର ସ୍ୱାସ୍ଥ୍ୟ ଭଲ ନ ଥିବାରୁ ଦେବାକୁ ମନା କରିଥିଲେ। କିନ୍ତୁ ଗାଁକୁ ଯାଇ ଦେଖିବାରୁ ଶୁଭଦାଙ୍କ ବାପା ସମ୍ପୂର୍ଣ୍ଣ ସୁସ୍ଥ ଥିବା ଜଣାପଡ଼ିଥିଲା। ପରେ ମଙ୍ଗଳବାର ସନ୍ଧ୍ୟାରେ ଟଙ୍କା ମାଗିବାକୁ ଡାକିଥିବାବେଳେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହି ସମୟରେ କନୋଜା ପରିବା କଟା ଛୁରି ଆଣି ତାଙ୍କୁ ମାରି ଦେଇଥିଲା।

### ପୁନଃସମୀକ୍ଷା ଆବେଦନ ଖାରଜ

# ସମଲିଙ୍ଗୀ ବିବାହକୁ ପୁଣି ସୁପ୍ରିମକୋର୍ଟଙ୍କ ନା

### ସମଲିଙ୍ଗୀ ବିବାହକୁ ନେଇ ୨୦୨୩ରେ ଅସହମତି ପ୍ରକାଶ କରିଥିଲେ ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କ ଖଣ୍ଡପୀଠ




ନୂଆଦିଲ୍ଲୀ, ୯।୧(ଏଜେନ୍ସି): ସମଲିଙ୍ଗୀ ବିବାହକୁ ନେଇ ସୁପ୍ରିମକୋର୍ଟ ପୁଣି ନକାରାତ୍ମକ ଆଭିମୁଖ୍ୟ ଦେଖାଇଛନ୍ତି। ଭାରତରେ ସମଲିଙ୍ଗୀ ବିବାହକୁ ଆଇନଗତ ସମର୍ଥନ ଦିଆଯାଇପାରିବ ନାହିଁ ବୋଲି ପୂର୍ବରୁ ସୁପ୍ରିମକୋର୍ଟ ଏକ ଐତିହାସିକ ରାୟ ଦେଇ କହି ସାରିଥିଲେ। ଏହାକୁ ନେଇ ବିଭିନ୍ନ ମହଲରେ ତର୍ଜମା କରାଯାଇଥିଲା ବେଳେ ଏଲଜିବିଟି କର୍ମୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ପରେ ପରେ ସୁପ୍ରିମକୋର୍ଟ ଦେଇଥିବା ରାୟର ପୁନଃ ସମୀକ୍ଷା କରିବାକୁ ଆବେଦନ କରାଯାଇଥିଲା। କିନ୍ତୁ ଗୁରୁବାର ସୁପ୍ରିମକୋର୍ଟରେ ଏହି ପ୍ରସଙ୍ଗରେ ଶୁଣାଣି ହୋଇଥିଲା ବେଳେ ଏହାକୁ ସର୍ବୋଚ୍ଚ ନ୍ୟାୟାଳୟ ଖାରଜ କରିଦେଇଛନ୍ତି। ସମଲିଙ୍ଗୀ ବିବାହକୁ ଆଇନଗତ ସମ୍ମତି ଦିଆଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ୨୦୨୩ରେ ଯେଉଁ ରାୟ ଦେଇଥିଲେ ତାହା ଆଇନସମ୍ମତ। ଏଥିରେ କୌଣସି ତ୍ରୁଟି ନାହିଁ କି ଏହା ଉପରେ ହସ୍ତକ୍ଷେପ କରାଯିବାର ଆବଶ୍ୟକ ନାହିଁ ବୋଲି ଉକ୍ତ ପିଟିସନର ଶୁଣାଣି କରି ଏକ ପାଞ୍ଚ ଜଣିଆ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୨୦୨୩ରେ ତତ୍‌କାଳୀନ ପ୍ରଧାନବିଚାରପତି ଜଷ୍ଟିସ୍ ଡିୱାଇ ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ଭାରତରେ ସମଲିଙ୍ଗୀ ବିବାହକୁ ଅସଙ୍ଗତ ବୋଲି କହି ରାୟ ଦେଇଥିଲେ।

## ନିଜ୍ଜାର ହତ୍ୟାର ସମସ୍ତ ଅଭିଯୁକ୍ତଙ୍କୁ ଜାମିନ

ଓଟାୱା, ୯।୧ (ଏଜେନ୍ସି): ଖଲିସ୍ତାନୀ ଆତଙ୍କବାଦୀ ହରଦୀପ ସିଂହ ନିଜ୍ଜାର ହତ୍ୟା ମାମଲାରେ କାନାଡ଼ା ସରକାରଙ୍କୁ ଝଟ୍‌କା ଲାଗିଛି। ଏହି ମାମଲାରେ କାନାଡ଼ା ପୁଲିସ ଦ୍ୱାରା ଗିରଫ ଚାରି ଅଭିଯୁକ୍ତଙ୍କୁ ସ୍ଥାନୀୟ କୋର୍ଟ ଜାମିନ ଦେଇଛନ୍ତି। ଅଭିଯୁକ୍ତଙ୍କ ମଧ୍ୟରେ କରଣ ବ୍ରାର୍, କମଲପ୍ରୀତ ସିଂହ, କରଣପ୍ରୀତ ସିଂହ ଏବଂ ଅମନଦୀପ ସିଂହ ସାମିଲ ଅଛନ୍ତି। ସୂଚନା ଅନୁଯାୟୀ କାନାଡ଼ା ପୁଲିସ କୋର୍ଟରେ ହାଜର ହେଉ ନ ଥିଲା। ଏହାର ଲାଭ ଅଭିଯୁକ୍ତଙ୍କୁ ମିଳିଥିଲା।

ସକାଳ
THE SAKALA

# ସମ୍ପାଦକୀୟ



ନିର୍ବାଚନୀ ଯୁଦ୍ଧର ମୂଳରେ ଥାଏ ପ୍ରତାରଣା। ସେଠି ସତ୍ୟର କିଛି ମୂଲ୍ୟ ନାହିଁ, କୃତ୍ରିମ ଭାବମୂର୍ତ୍ତି ହିଁ ସବୁକିଛି।
-ସୁନ ଜୁ, ଚୀନ୍ ଦାର୍ଶନିକ

## ଉଚ୍ଛୃଙ୍ଖଳାର ସୀମା

ନିର୍ବାଚନ ଆସିଲେ ଅନେକ ନେତା/ପ୍ରାର୍ଥୀଙ୍କ ତୁଣ୍ଡ ଲଗାମଛଡ଼ା ହୋଇଯାଏ। ଯାହା ମନକୁ ଆସିଲା କହିଦିଅନ୍ତି। କିଏ କ'ଣ ଭାବୁଛି ଭାବୁ, ନିର୍ବାଚନ ଜିତିଲେ ଗଲା। ଏପରି ମାନସିକତା ଯୋଗୁଁ ବ୍ୟକ୍ତିଗତ ସ୍ତରରେ ସେମାନେ ଏତେ ତଳକୁ ଖସି ଯାଆନ୍ତି, ଯାହାକି କଳ୍ପନାର ବାହାରେ। ପୂର୍ବତନ ସାଂସଦ ତଥା ବିଜେପି ନେତା ରମେଶ ବିଧୁରୀ ହେଉଛନ୍ତି ଏଭଳି ବ୍ୟକ୍ତିତ୍ୱର ସଦ୍ୟତମ ଉଦାହରଣ। ଆସନ୍ତା ଫେବୃଆରୀ ମାସରେ ହେବାକୁ ଯାଉଥିବା ଦିଲ୍ଲୀ ବିଧାନସଭା ନିର୍ବାଚନରେ ବିଜେପି ପକ୍ଷରୁ ତାଙ୍କୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆପ୍ ନେତ୍ରୀ ଆତିଶୀଙ୍କ ବିରୋଧରେ ପ୍ରାର୍ଥୀ କରାଯାଇଛି। ଗତ ୫ ତାରିଖରେ ଏକ ସାଧାରଣସଭାରେ ସେ ଏଭଳି ଏକ ଆପତ୍ତିଜନକ ମନ୍ତବ୍ୟ ଦେଇଛନ୍ତି, ଯାହା ଏବେ ଜାତୀୟ ରାଜନୀତିରେ ବଡ଼ ଧରଣର ବିବାଦ ସୃଷ୍ଟି କରିଛି।

ରମେଶଙ୍କ ନିଶାଣରେ ଥିଲେ ଦୁଇ ନାରୀନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଓ ଆତିଶୀ। ରମେଶ ପ୍ରଥମେ ପ୍ରିୟଙ୍କାଙ୍କୁ ଲକ୍ଷ୍ୟ ରଖି କହିଲେ ଯେ ନିର୍ବାଚନରେ ବିଜୟୀ ହେଲେ ସେ ତାଙ୍କ ନିର୍ବାଚନ ମଣ୍ଡଳୀର ରାସ୍ତା ଏଭଳି ତିଆରି କରିବେ ଯେ ଏହା କଂଗ୍ରେସ ନେତ୍ରୀ ପ୍ରିୟଙ୍କାଙ୍କ ଗାଲ ଭଳି ଚିକ୍କଣ ଦେଖାଯିବ। ଏହାକୁ ନେଇ କଂଗ୍ରେସ ପକ୍ଷରୁ ପ୍ରବଳ ବିରୋଧ କରାଯିବାରୁ ସେ ସନ୍ଧ୍ୟାବେଳେ କ୍ଷମାପ୍ରାର୍ଥନା କଲେ। ପ୍ରଥମେ ନିଜର ଆପତ୍ତିଜନକ ମନ୍ତବ୍ୟ ସପକ୍ଷରେ ଯୁକ୍ତି କରି ସେ ଅଭିନେତ୍ରୀ ତଥା ସାଂସଦ ହେମାମାଳିନୀଙ୍କ ବିରୋଧରେ ଆରଜେଡି ନେତା ଲାଲୁ ପ୍ରସାଦ ଯାଦବ ଦେଇଥିବା ଏଭଳି ଆପତ୍ତିଜନକ ମନ୍ତବ୍ୟ କଥା ଉଲ୍ଲେଖ କରିଥିଲେ। ବୋଧହୁଏ ଦଳ ଭିତରେ ଭର୍ତ୍ସନା ପରେ ବିଧୁରୀ ଦୁଃଖ ପ୍ରକାଶ କରିବାକୁ ବାଧ ହେଲେ। କିନ୍ତୁ ସେ ଏହାଠାରୁ ଅଧିକ ଆପତ୍ତିଜନକ ମନ୍ତବ୍ୟ ଦେଇଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଆତିଶୀଙ୍କ ବିରୋଧରେ। ବିଧୁରୀ କହିଛନ୍ତି ଯେ ଆତିଶୀ ତାଙ୍କ ବାପା ବଦଳାଇ ଦେଇଛନ୍ତି। ଏହାକୁ ନେଇ ଉଭୟ କଂଗ୍ରେସ ଏବଂ ଆପ୍ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସେମାନେ ଏହାକୁ ନାରୀ ଜାତି ପ୍ରତି ଅପମାନ ବୋଲି କହିଛନ୍ତି। ବିଧୁରୀଙ୍କ ନିଜ ଦଳ ବିଜେପିର ନେତାମାନେ ମଧ୍ୟ ଏହାକୁ ନାପସନ୍ଦ କରିଛନ୍ତି। ଦିଲ୍ଲୀ ବିଜେପି ମୁଖ୍ୟ ବୀରେନ୍ଦ୍ର ସଚଦେବ ଏବଂ ବିଜେପି ସାଂସଦ କମଲଜିତ ସେରାୱତ କହିଛନ୍ତି ଯେ ନେତାମାନେ ନିଜ ଭାଷଣରେ ଶାଳୀନତା ଅବଲମ୍ବନ କରିବା ଉଚିତ।

ନାରୀ ନେତ୍ରୀମାନଙ୍କ ପ୍ରତି ବିଧୁରୀଙ୍କର ଏଭଳି ବିବାଦୀୟ ମନ୍ତବ୍ୟ ନିନ୍ଦନୀୟ। ନିର୍ବାଚନରେ ବିଜୟୀ ହେବା ଲାଗି ବ୍ୟକ୍ତିଗତ ଆକ୍ଷେପ ଠିକ୍ ନୁହେଁ। ବିଧୁରୀ ପ୍ରଥମ ଥର ଏଭଳି ମନ୍ତବ୍ୟ ଦେଇନାହାନ୍ତି। ୨୦୨୩ରେ ଲୋକସଭା ଭିତରେ ଜଣେ ସଂଖ୍ୟାଲଘୁ ସାଂସଦଙ୍କ ପ୍ରତି ଆପତ୍ତିଜନକ ମନ୍ତବ୍ୟ ଦେବା ପରେ ତାହାକୁ ନେଇ ସାରା ଦେଶରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଲୋକସଭା ବିବରଣୀରୁ ତାଙ୍କର ମନ୍ତବ୍ୟ କାଟି ଦିଆଯାଇଥିଲା ଏବଂ ବାଚସ୍ପତି ଓମ୍ ବିର୍ଲା ତାଙ୍କୁ ଚେତାବନୀ ମଧ୍ୟ ଦେଇଥିଲେ। ତାଙ୍କ ପାଇଁ କେନ୍ଦ୍ର ମନ୍ତ୍ରୀ ରାଜନାଥ ସିଂହ ଦୁଃଖ ପ୍ରକାଶ କରିଥିଲେ। ପୁଣି ବିଜେପି ସଭାପତି ଜେପି ନଡ୍ଡା ବିଧୁରୀଙ୍କୁ କାରଣଦର୍ଶାଅ ନୋଟିସ ଜାରି କରିଥିଲେ। ବୋଧହୁଏ ଏଭଳି ଆଚରଣ ଯୋଗୁଁ ଗତ ଲୋକସଭା ନିର୍ବାଚନରେ ବିଜେପି ତାଙ୍କୁ ଟିକଟ ଦେଇ ନଥିଲା। ଏତେ ସବୁ କାର୍ଯ୍ୟାନୁଷ୍ଠାନ ଓ ତାଗିଦା ସତ୍ତ୍ୱେ ବିଧୁରୀଙ୍କ ମାନସିକତାରେ କୌଣସି ପରିବର୍ତ୍ତନ ହୋଇଥିବା ଭଳି ମନେହେଉନି। କହିବାକୁ ଗଲେ ଏଭଳି ଆପତ୍ତିଜନକ ମନ୍ତବ୍ୟ ବିଧୁରୀଙ୍କ ଅଭ୍ୟାସରେ ପରିଣତ ହୋଇଯାଇଛି। ଏହାପୂର୍ବରୁ ସେ ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲ ଏବଂ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ, ବିଏସ୍‌ପି ନେତ୍ରୀ ମାୟାବତୀଙ୍କ ବିରୋଧରେ ମଧ୍ୟ ଆପତ୍ତିଜନକ ଓ ବିଭ୍ରାନ୍ତିକର ମନ୍ତବ୍ୟ ଦେଇଥିଲେ।

କେବଳ ବିଧୁରୀ ଏକା ନୁହନ୍ତି, ଏହାପୂର୍ବରୁ ଅନେକ ନେତା ନିର୍ବାଚନ ବେଳେ ଏବଂ ଅନ୍ୟ ସମୟରେ ଏଭଳି ବିବାଦୀୟ ଓ ଆପତ୍ତିଜନକ ମନ୍ତବ୍ୟ ଦେବାର ଅନେକ ଦୃଷ୍ଟାନ୍ତ ରହିଛି। ଭାରତ ସ୍ୱାଧୀନ ହେବାର ୭୭ ବର୍ଷ ପୂରିଲାଣି। କିନ୍ତୁ ଆମର ଅନେକ ରାଜନେତା ତଦନୁଯାୟୀ ପରିପକ୍ୱ ହୋଇପାରିଥିବା ପରି ହୃଦବୋଧ ହେଉନାହିଁ। କେବଳ ସାଧାରଣ ନେତା ନୁହନ୍ତି, ସାମ୍ବିଧାନିକ ପଦପଦବୀରେ ବସିଥିବା ଅନେକ ବ୍ୟକ୍ତି ମଧ୍ୟ ଏଭଳି ଆପତ୍ତିଜନକ ମନ୍ତବ୍ୟ ଦେଇଥିବାର ଅଭିଯୋଗ ହୋଇଆସୁଛି। ଏହା କେବଳ ଭାରତୀୟ ଗଣତନ୍ତ୍ର ନୁହେଁ, ଭାରତୀୟ ସଂସ୍କୃତି ପ୍ରତି ମଧ୍ୟ ଅପମାନ। ନିର୍ବାଚନରେ ଜିତିବା ଲାଗି ରାଜନେତାମାନେ ନିଜର କାର୍ଯ୍ୟକ୍ରମ, ନୀତିଗତ ଆଦର୍ଶ ଓ ସଂସ୍କାରକୁ ଆୟୁଧ କରନ୍ତୁ। ଏଭଳି ହାଲୁକା ମନ୍ତବ୍ୟ ଦେଇ ଭାରତୀୟ ସଂସ୍କୃତିକୁ ନିନ୍ଦିତ କରିବା ଠିକ୍ ନୁହେଁ।

ଏହି ପ୍ରସଙ୍ଗରେ ରାଜନୈତିକ ଦଳମାନଙ୍କର ମଧ୍ୟ ଗୁରୁଦାୟିତ୍ୱ ରହିଛି। ଏଭଳି ଆପତ୍ତିଜନକ ମତ/ମନ୍ତବ୍ୟରୁ ଦଳୀୟ କର୍ମୀ ଓ କର୍ମକର୍ତ୍ତାଙ୍କୁ ନିବୃତ୍ତ ରଖିବା ଲାଗି କେନ୍ଦ୍ରୀୟ ନେତୃବର୍ଗ ମାର୍ଗଦର୍ଶିକା ଓ ନିର୍ଦ୍ଦେଶାବଳୀ ଜାରି କରନ୍ତୁ। ଦଳର ଶୀର୍ଷ ନେତୃତ୍ୱ ମଧ୍ୟ ନିଜର ଆଚରଣ ଓ ଉଚ୍ଚାରଣ ମାଧ୍ୟମରେ କର୍ମୀଙ୍କ ପାଇଁ ଉଦାହରଣ ସୃଷ୍ଟି କରନ୍ତୁ। ନିର୍ବାଚନର ଅର୍ଥ କେବଳ କ୍ଷମତା ଦଖଲ ନୁହେଁ। ଭାରତୀୟ ଗଣତନ୍ତ୍ର, ସମୃଦ୍ଧ ପରମ୍ପରା ଓ ସଂସ୍କୃତିର ସୁରକ୍ଷା ହେଉଛି ନିର୍ବାଚିତ ଜନପ୍ରତିନିଧିଙ୍କର ଅନ୍ୟତମ କର୍ତ୍ତବ୍ୟ। ଯେଉଁପର୍ଯ୍ୟନ୍ତ ଆମ ନେତାମାନେ ଏହି କଥା ହୃଦୟଙ୍ଗମ ନ କରିଛନ୍ତି, ସେପର୍ଯ୍ୟନ୍ତ ସାମାଜିକ ଓ ସାଂସ୍କୃତିକ କ୍ଷେତ୍ରରେ ଆମେ ସମୃଦ୍ଧ ହୋଇପାରିବା ନାହିଁ। କେବଳ ଆର୍ଥିକ ପ୍ୟାକେଜ୍ କି ସଂରକ୍ଷଣ ଘୋଷଣା କରିଦେଲେ ନାରୀ ସଶକ୍ତ ହୋଇଯିବ ନାହିଁ। ନାରୀ ପ୍ରତି ସମ୍ମାନକୁ ମଧ୍ୟ ଗୁରୁତ୍ୱ ଦିଆଯିବାର ଆବଶ୍ୟକତା ରହିଛି। ଉଚ୍ଛୃଙ୍ଖଳତାର ସୀମା ଲଙ୍ଘନ ହେଲେ ତାହା ସମଗ୍ର ବ୍ୟବସ୍ଥାକୁ ବିଭ୍ରାଟ କରିଦିଏ। ତେଣୁ ବାକ୍‌ସଂଯମ ପାଇଁ ଉଚ୍ଛୃଙ୍ଖଳତାର ସୀମା ନିର୍ଦ୍ଧାରଣ ରାଜନୈତିକ ଶୀର୍ଷ ନେତୃତ୍ୱଙ୍କର ପ୍ରଥମ କର୍ତ୍ତବ୍ୟ ହେଉ।

## ମୋ ବାଘ!, ତୋ ବାଘ!

ଡ. ବିଜୟ କେତନ ପଟ୍ଟନାୟକ

ଜାନୁଆରୀ ୮ ତାରିଖ 'ସକାଳ' ଖବରକାଗଜରେ ପ୍ରକାଶିତ ସମ୍ବାଦ 'ନିଜ ବାଘକୁ ସମ୍ଭାଳି ରଖ' ପଢ଼ିଲା ପରେ ମୋର ଏହି ଲଘୁ ପ୍ରତିକ୍ରିୟା। ଆମେ ଆଗରୁ ଅନେକବାର ଶୁଣିଛୁ; ମୋ ଘର, ମୋ ସ୍ତ୍ରୀ, ମୋ ପିଲାଛୁଆ, ମୋ ସମ୍ପତ୍ତି କିମ୍ବା ଆମ ଗାଁ, ଆମ ସ୍କୁଲ, କଲେଜ, ଆମ ସହର, ଆମ ରାଇଜ, ଆମ ରାଜଧାନୀ, ଆମ ଭାଷା, ଆମ ସଂସ୍କୃତି ଇତ୍ୟାଦି ଇତ୍ୟାଦି। କିନ୍ତୁ କେବେ ଶୁଣିବାକୁ ମିଳି ନ ଥିଲା, ମୋ ବାଘ- ତୋ ବାଘ, ମୋ ହାତୀ-ତୋ ହାତୀ। ଆମ ମଣିଷ ଜାତି ପାଇଁ କିଛି ପ୍ରାକୃତିକ ଚିହ୍ନକୁ ଆଧାର କରି ଗୋଟିଏ ଭୌଗୋଳିକ ସୀମାରେଖା ଟାଣି ଦିଆଯାଇଛି- ମୋ ଜିଲ୍ଲା, ମୋ ରାଜ୍ୟ, ମୋ ଦେଶ। ରାଜ୍ୟ-ରାଜ୍ୟ ମଧ୍ୟରେ କେଉଁଠି ନଦୀର ପ୍ରାକୃତିକ ଗତିପଥ ସୀମା ଚିହ୍ନଟ କରିଛି ତ, କେଉଁଠି ପାହାଡ଼, ଜଙ୍ଗଲ ଭିତରେ କାଳ୍ପନିକ ସୀମାରେଖାଟିଏ ଟାଣି ଦିଆଯାଇଛି। ଅବଶ୍ୟ ରାଜ୍ୟ-ରାଜ୍ୟ ଭିତରେ ଲୋକମାନଙ୍କର ଭାଷା, ଚାଲି-ଚଳଣ, ଖାଦ୍ୟ-ପେୟ, ଆଚାର-ବ୍ୟବହାରରେ କିଛିଟା ଫାଙ୍କ ବା ଫୋଡ଼୍ ରହିଛି। କିନ୍ତୁ ଜଙ୍ଗଲର ପ୍ରାଣୀଟିଏ ପାଇଁ କ'ଣ କିଛି ଭୌଗୋଳିକ ସୀମା ସରହଦ ଅଛି? ତା'କୁ କ'ଣ ଚିହ୍ନାଇ ଦିଆହୋଇଛି ଏଇଟା ଓଡ଼ିଶା, ସେପଟେ ଝାଡ଼ଖଣ୍ଡ, ପଶ୍ଚିମକୁ ଗଲେ ଛତିଶଗଡ଼ ବା ଉତ୍ତରପୂର୍ବକୁ ଗଲେ ପଶ୍ଚିମବଙ୍ଗ ରାଜ୍ୟ? ଓଡ଼ିଶାରେ ଥିଲା ପର୍ଯ୍ୟନ୍ତ ତୁ ମୋ ବାଘ; ଓଡ଼ିଶା ଛାଡ଼ି ଅନ୍ୟ ରାଜ୍ୟକୁ ପଳାଇଗଲେ, ତାଙ୍କ ବାଘ ହୋଇଯିବୁ!

ବାଘ, ଚିତାବାଘ, ହାତୀ ମୁଖ୍ୟତଃ ଭ୍ରାମ୍ୟମାଣ ଜୀବ ଏବଂ ଆଗଧାଡ଼ିର ଜୀବ। ଗୋଟିଏ ପୁରୁଷ ବାଘର ଇଲାକା ୧୦୦ ବର୍ଗ କିଲୋମିଟର ପରିବ୍ୟାପ୍ତ ହୋଇପାରେ। ବାଘୁଣୀଟିଏ ୨୦ ରୁ ୨୫ ବର୍ଗ କିମି ଇଲାକାରେ ବୁଲାବୁଲି କରେ। ହାତୀଟିଏ ନିଜର ଦୈନନ୍ଦିନ ଆହାର ସଂଗ୍ରହ କରିବା ପାଇଁ ଦିନକୁ ହାରାହାରି ଜଙ୍ଗଲ ଭିତରେ ୨୦ ରୁ ୨୫ କିମି ବୁଲିଥାଏ। ଗୋଟିଏ ଜଙ୍ଗଲ ଓ ଅନ୍ୟ ଜଙ୍ଗଲ ଭିତରେ କରିଡ଼ର ବା ଚଲାପଥ ଥିଲେ ସେମାନେ ଅନାୟାସରେ ଗୋଟିଏ ଜଙ୍ଗଲରୁ ଅନ୍ୟ ଜଙ୍ଗଲକୁ ଯାତାୟାତ କରିପାରିବେ। ଏହି ଯାତ୍ରା ସାଥୀ ସନ୍ଧାନରେ, ଆହାର ଅନ୍ୱେଷଣରେ ବା ନୂତନ ପରିସଂସ୍ଥା ଖୋଜିବା ଉଦ୍ଦେଶ୍ୟରେ ହୋଇପାରେ। ଜଙ୍ଗଲର ଜନ୍ତୁଟିଏ କିପରି ଜାଣିପାରିବ ଯେ ସେ ଚାଲି ଚାଲି ଗୋଟିଏ ଜିଲ୍ଲା ପାର୍ ହୋଇ ଅନ୍ୟ ଜିଲ୍ଲାରେ ପହଞ୍ଚି ଗଲାଣି ବା ଗୋଟିଏ ରାଜ୍ୟର ସୀମାଟପି ଅନ୍ୟ ରାଜ୍ୟକୁ ଆସିଗଲାଣି! ଏହା କ'ଣ ଅନଧିକାର



ପ୍ରବେଶ କି? ପ୍ରତିବନ୍ଧକ ବିହୀନ, କାଳ୍ପନିକ ଭାବେ ଟଣା ଯାଇଥିବା ଭୌଗୋଳିକ ସୀମାରେଖା ଅତିକ୍ରମଣ ପ୍ରାଣୀମାନଙ୍କ ପାଇଁ ଏକ ସାଧାରଣ ଜୀବନଚର୍ଯ୍ୟା ଓ ସହଜାତ ପ୍ରବୃତ୍ତି।

୨୦୧୮ ମସିହାରେ ଦକ୍ଷିଣ ଭାରତର ତିନୋଟି ରାଜ୍ୟ - କର୍ଣ୍ଣାଟକ, ତାମିଲନାଡୁ ଓ କେରଳର ୧୭ଟି ବ୍ୟାଘ୍ର ଅଭୟାରଣ୍ୟର ମୂଲ୍ୟାୟନ ଦାୟିତ୍ୱ ଲେଖକଙ୍କୁ ମିଳିଥିଲା। ସେତେବେଳେ ଲେଖକ ଲକ୍ଷ୍ୟ କରିଛି, ସମସ୍ତ ବ୍ୟାଘ୍ର ଅଭୟାରଣ୍ୟ ପଶ୍ଚିମଘାଟ ପର୍ବତମାଳା ଲ୍ୟାଣ୍ଡସ୍କେପ୍ ମଧ୍ୟରେ ରହିଛି। ଜଙ୍ଗଲ ଭିତରେ ଯାଇଥିବା ରାସ୍ତାରେ ଗୋଟିଏ ଅଭୟାରଣ୍ୟରୁ ଅନ୍ୟ ଅଭୟାରଣ୍ୟକୁ ବାଘ, ଚିତାବାଘ ଓ ହାତୀ ପରି ଆଗଧାଡ଼ିର ପ୍ରାଣୀମାନେ ଅନାୟାସରେ ଯାତାୟତ କରିଥା'ନ୍ତି। କେତେବେଳେ କର୍ଣ୍ଣାଟକରେ ତ କେବେ ତାମିଲନାଡୁରେ ନଚେତ କେରଳରେ। ଏଥିରେ କେହି କେବେ ଖେଦୋକ୍ତି ପ୍ରକାଶ କରିନାହାନ୍ତି ବା 'ମୋ ବାଘ' ବୋଲି ଦାବି ଉପସ୍ଥାପନା କରିନାହାନ୍ତି। ଓଡ଼ିଶାର ପ୍ରସ୍ତାବିତ ସୁନାବେଡ଼ା ବ୍ୟାଘ୍ର ଅଭୟାରଣ୍ୟକୁ ଲାଗି ଛତିଶଗଡ଼ର ଉଦନ୍ତୀ ଓ ସୀତାନଦୀ ଅଭୟାରଣ୍ୟ ରହିଛି। ଉଭୟ ରାଜ୍ୟର ଜଙ୍ଗଲ ଏଠାରେ ନିରବଚ୍ଛିନ୍ନ ବା ଲଗାଲଗି ଥିବାରୁ ଛତିଶଗଡ଼ରୁ ଓଡ଼ିଶାକୁ ବା ଓଡ଼ିଶାରୁ ଛତିଶଗଡ଼କୁ ବାଘମାନେ ଯା'ଆସ କରୁଥିବାର ଅତୀତରେ ଅନେକ ଉଦାହରଣ ଅଛି। ୨୦୨୩ ମସିହାରେ ମହାରାଷ୍ଟ୍ରରୁ ବାଘଟିଏ ବିଭିନ୍ନ ରାଜ୍ୟ ଅତିକ୍ରମ କରି ଓଡ଼ିଶାର ରାୟଗଡ଼ା ଜଙ୍ଗଲରେ ବୁଲୁଥିବାର ଦେଖାଯାଇଥିଲା। କ୍ୟାମେରା ଟ୍ରାପ୍‌ରେ ବାଘର ଉତ୍ତୋଳିତ ଫଟୋଚିତ୍ର ଡେରାଡୁନ୍‌ସ୍ଥିତ ସେଣ୍ଟର ତା'ର ବାୟୋଲୋଜିକାଲ ସାଇନ୍‌ସ ବିଭାଗକୁ ପଠାଇଲା ପରେ କମ୍ପ୍ୟୁଟର ଡାଟାରୁ ଏହି ବାଘଟି ମହାରାଷ୍ଟ୍ରର ବୋଲି ଚିହ୍ନଟ ହୋଇପାରିଲା। ପୁଣି କିଛିଦିନ ପରେ ବାଘଟି ଚାଲିଗଲା।

ବାଘ ନଥିବା ଅଞ୍ଚଳରେ ବାଘଟିଏ ଦେଖିବାକୁ ମିଳିଲା ପରେ ସେ ରାଜ୍ୟର ବା ରାଜ୍ୟ ବନବିଭାଗର କର୍ତ୍ତବ୍ୟ ହେଉଛି ବାଘକୁ ସୁରକ୍ଷା ପ୍ରଦାନ କରିବା; ଯେପରି ସେ ଶିକାରୀମାନଙ୍କ ଦ୍ୱାରା ଶିକାର ହୋଇ ନ ଯାଏ। 'ମୋ ବାଘ, ତୋ ବାଘ' କହି କନ୍ଦଳ ସୃଷ୍ଟି କରିବା ନୁହେଁ। ବାଘ ଆମର ଜାତୀୟ ପଶୁ। ଜାତୀୟ ସମ୍ପତ୍ତି, ସର୍ବୋପରି ସମଗ୍ର ଦେଶରେ ବାଘମାନଙ୍କର ସଂରକ୍ଷଣ, ବଂଶ ବୃଦ୍ଧି ଓ ନିରାପତ୍ତା ନିମନ୍ତେ ନୀତି ନିର୍ଦ୍ଧାରଣ ଦାୟିତ୍ୱ 'ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ'ଙ୍କ ଉପରେ ନ୍ୟସ୍ତ କରାଯାଇଛି। ଶିମିଳିପାଳ ଜଙ୍ଗଲରୁ ପଥଭ୍ରଷ୍ଟ ହୋଇ ପ୍ରଥମେ ଝାଡ଼ଖଣ୍ଡ ଓ ପରେ ପଶ୍ଚିମବଙ୍ଗ ଚାଲିଯାଇଥିବା ଜୀନତ୍(ବାଘୁଣୀକୁ) ସେଠିକାର ବାଙ୍କୁରା ଜିଲ୍ଲାରେ ନିଶ୍ଚେତକ ପ୍ରୟୋଗ କରି କାବୁ କରାଯାଇପାରିଲା। ବନ୍ୟପ୍ରାଣୀ ଆଇନ୍ କୁହେ, ବନ୍ୟଜୀବଟିଏ କୌଣସି ପରିସ୍ଥିତିରେ ଉଦ୍ଧାର ହେଲେ ବା କାବୁ କରାଗଲେ, ତା'ର ପ୍ରାଥମିକ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରି ପୁନର୍ବାର ଜଙ୍ଗଲରେ ଛାଡ଼ି ଦିଆଯିବା ଉଚିତ। କୌଣସି ଚିଡ଼ିଆଖାନାକୁ ନେବାର ଯଥାର୍ଥତା ନାହିଁ। ଏ କ୍ଷେତ୍ରରେ ଜୀନତକୁ ଶିମିଳିପାଳ ଫେରେଇ ଦିଆଯିବାର ପ୍ରଶ୍ନ ଉଠିଲା; କାରଣ ସେ ଶିମିଳିପାଳର ମୂଳବାସିନ୍ଦା ନ ଥିଲା। ଏହି ବାଘୁଣୀଟିକୁ ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ମହାରାଷ୍ଟ୍ରର 'ତଡ଼ୋବା ବ୍ୟାଘ୍ର ପ୍ରକଳ୍ପ'ରୁ 'ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ' କର୍ତ୍ତୃପକ୍ଷଙ୍କ ଅନୁମୋଦନକ୍ରମେ ଓଡ଼ିଶାର ଶିମିଳିପାଳକୁ ଅଣାଯାଇଥିଲା। ବିଶେଷ ଉଦ୍ଦେଶ୍ୟଟି ହେଲା, ଶିମିଳିପାଳରେ ଥିବା ବାଘ-ବାଘୁଣୀଙ୍କ ମଧ୍ୟରେ ବର୍ଷ ବର୍ଷ ଧରି ଆନ୍ତଃପ୍ରଜନନ ବା ଆନୁବଂଶିକ ପ୍ରଜନନ ଚାଲୁଥିବା ଫଳରେ ଜିନୀୟ ପରିବର୍ତ୍ତନ ଘଟି 'ମେଲାନିଷ୍ଟିକ୍' କଳାବାଘଙ୍କ ସଂଖ୍ୟା ଅଧାରୁ ଅଧିକ ହେଲାଣି। ଏଭଳି ସ୍ଥିତି ଭବିଷ୍ୟତରେ ଘାତକ ସାବ୍ୟସ୍ତ ହୋଇପାରେ। ସେହି କାରଣରୁ ଅନ୍ୟ ଏକ ପରିସଂସ୍ଥାରୁ ଦୁଇଟି ବାଘୁଣୀ (ଯମୁନା ଓ ଜୀନତ୍)ଙ୍କୁ ଅଣା ଯାଇଥିଲା। ଫଳରେ ଭବିଷ୍ୟତରେ ଜନ୍ମିତ ବାଘଛୁଆଙ୍କର ଜିନୀୟ ବିଭିନ୍ନତା ପ୍ରକାଶ ପାଇବ। ସେଥିପାଇଁ 'ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ' ଏ ଘଟଣାରେ ହସ୍ତକ୍ଷେପ କରିଥିଲେ। ଏହି ପୃଷ୍ଠଭୂମିରେ 'ତୁମ ବାଘକୁ ତୁମେ ସମ୍ଭାଳ' କହି ବ୍ୟଙ୍ଗୋକ୍ତି କରିବା ଆଦୌ ସ୍ପୃହଣୀୟ ନୁହେଁ।

ଭୁବନେଶ୍ୱର, ମୋ: ୯୪୩୭୦୦୦୯୦୪

## ସ୍ମୃତି କେବେ ନୁହେଁ ଫିଙ୍ଗିବାର

ଡ. ନିରଞ୍ଜନ ସାହୁ

ପିଲାଦିନେ ପାଠ ଭୁଲିଯାଇ ସ୍କୁଲ୍‌ରେ ପିଆଣ୍ଟେଇବାଠାରୁ ଆରମ୍ଭ କରି ଶ୍ରେଣୀଗୃହରେ ଅନ୍ୟ ସହପାଠୀ/ସହପାଠିନୀଙ୍କ ସମକ୍ଷରେ ସାରଙ୍କଠାରୁ ବେତ ପାହାର ଖାଇବା କ'ଣ ଆପଣ ଭୁଲିଯାଇଛନ୍ତି? ଯଦି ଭୁଲିଯାଇଛନ୍ତି ତା'ହେଲେ ହୁଏତ ଭୁଲିଯାଇଛନ୍ତି ଆପଣଙ୍କର ଶୈଶବକୁ। ଯଦି ମନେରଖିଛନ୍ତି ତା'ହେଲେ ଏକଦା ତିକ୍ତ ଅନୁଭୂତି ହୋଇଥିବା ସ୍ମୃତି, ସମୟକ୍ରମେ ଏକ ମଧୁର କାକଳି ପାଲଟି ଯାଇଛି ଯେମିତି! ସେତେବେଳେ ମନେ ହେଉଥିଲା ପାଠ ମନେ ରଖିବା ବୋଧହୁଏ ଜୀବନର ସର୍ବଶ୍ରେଷ୍ଠ ଗୌରବ। ଯେଉଁ ଛାତ୍ରମାନେ ପାଠ ମନେରଖି ପରୀକ୍ଷା ଖାତାରେ ଯଥାଯଥ ଭାବରେ ଉତ୍ତର ଦେଇପାରୁଥିଲେ ସେଇମାନଙ୍କୁ ସାମୟିକ ଭାବରେ 'ଶ୍ରେଷ୍ଠଛାତ୍ର' ହିସାବରେ ଗୌରବ ଓ ମାନ୍ୟତା ମିଳୁଥିଲା।

ଏମିତି କିଛି ସ୍ମୃତିଥାଏ ଯାହାକୁ ଚେଷ୍ଟା କଲେ ବି ଭୁଲିଯାଇ ହୁଏନା। ସତକଥା ହେଉଛି ଯାହାକୁ ଭୁଲିବାକୁ ଆପଣ ଚେଷ୍ଟା କରିବେ ତାହା ହିଁ ସବୁବେଳେ ମନପରଦାରେ ଉଙ୍କି ମାରିବ ଆଉ ସ୍ମୃତି ପାଲଟିବ କାନଭାସ ଉପର ଅଙ୍କା ହୋଇଥିବା ଛବି ପରି ଦୃଢ଼। ସେମିତି ତ କିଛି ସ୍ମୃତି ଭୁଲି ହୁଏ ନାହିଁ ବୋଲି କବିବର ଯେଉଁ ଦି ଧାଡ଼ି କବିତା ଲେଖିଯାଇଥିଲେ ଶହେ ବର୍ଷରୁ ଅଧିକ କାଳ ଆଗରୁ, ତାହା ଏଯାଏଁ ରହିଛି ଅନେକଙ୍କ ସ୍ମୃତିରେ ସଂରକ୍ଷିତ -

**'ସ୍ମୃତି କେବେ ନୁହେଁ ଫିଙ୍ଗିବାର, ଫିଙ୍ଗିପାରିଲେ ତ ପ୍ରାଣ ଲଭନ୍ତା ନିସ୍ତାର।'**

ମନସ୍ତତ୍ତ୍ୱରେ ସ୍ମୃତି ଏକ ବିସ୍ତୃତ ଶୃଙ୍ଖଳା। ସ୍ମୃତି ଆଉ ବିସ୍ମୃତି ଦୁଇଟିଯାକ ମଣିଷ ପାଇଁ ଗୁରୁତ୍ୱପୂର୍ଣ୍ଣ। ଗୋଟିଏ ସମୟରେ ଲାଗୁଥିବ ଏଇଟା ଅତି ଜରୁରୀ। ଅତଏବ ତାହା ଅଲିଭା ଦାଗ ଭଳି ସ୍ମୃତିରେ ଚିରଞ୍ଜୀବୀ ହୋଇଯିବା ଉଚିତ। ପୁଣି କେତେବେଳେ ଅନୁଭବ ହେବ ଏଇ ସ୍ମୃତିଟି ମୋତେ ବିବ୍ରତ କରୁଛି, ମୋତେ ବିବଶ କରୁଛି, ମୋତେ ନିରାଶ କରୁଛି। ଏହା ଭୁଲିଯାଇ ହୁଅନ୍ତା ସିନା! ମଣିଷ ଚାହୁଁ ବା ନ ଚାହୁଁ ସ୍ମୃତି ଓ ବିସ୍ମୃତି ସ୍ୱୟଂକ୍ରିୟ ଭାବରେ ନିଜର କାମ କରି ଚାଲନ୍ତି। ବହୁତ କଥା ମନେ ରଖିବା ପାଇଁ ଅନେକ ପ୍ରୟାସ କଲେ ତାହା ଶରୀର ଓ ମନ ପ୍ରତି ବିରକ୍ତି ସୃଷ୍ଟି କରେ। ବେଳେବେଳେ ମାନସିକ ଅବସାଦ ବି ହୁଏ ଅବଶ୍ୟମ୍ଭାବୀ ପରିଣତି। ସ୍ନାୟୁ ବିଶାରଦମାନଙ୍କ ମତରେ ବେଳେବେଳେ ଶରୀରକୁ ଅତ୍ୟଧିକ ଯନ୍ତ୍ରଣା ଦେଲେ ଶରୀର ଚେତନାହୀନ ପାଲଟିଯାଏ। କିଛିସମୟ ପରେ ଚେତା ଆସେ। ତାହା ବୋଧହୁଏ ଏକ ପ୍ରାକୃତିକ ସ୍ୱୟଂକ୍ରିୟ ପ୍ରକ୍ରିୟା; ଯାହା ଶରୀରର ଯନ୍ତ୍ରଣାକୁ ସ୍ମୃତି ପେଟିକାରେ ନ ରଖିବା ପାଇଁ ଏକ ପ୍ରକୃତିଦତ୍ତ ସ୍ୱାଭାବିକ ନିୟମ।

ଆପଣ ବି କେବେ କେବେ ସ୍ମୃତିଭ୍ରମର ସାମୟିକ ଶିକାର ହୋଇ ଥାଇପାରନ୍ତି। ଯେମିତି ଆପଣ କଲମଟି ପ୍ୟାଣ୍ଟ ପକେଟରେ ଖୋସି ଦେଇଥିବେ; ଅଥଚ ଖୋଜି ଖୋଜି ନୟାନ୍ତ ହୋଇପଡ଼ିବେ। ଆଉ ବିରକ୍ତି ଚରମ ସୀମାରେ ଥିବାବେଳେ ହଠାତ୍ କଲମଟି ଉପରେ ନଜର ପଡ଼ିଯିବା କ୍ଷଣି ଲାଜରେ ମୁହଁ ତଳକୁ ହୋଇଯିବ। ଯେମିତି ବେଳେ ବେଳେ ହଠାତ୍ ଗୋଟାଏ ଭାବନା ଆସିଯିବ। ସେଇଟି ପ୍ରକାଶ କରିବାକୁ ଅନୁକୂଳ ପରିସ୍ଥିତି ନଥିବ। ଆଉ ଦି ମିନିଟ୍ ପରେ ଯେତେ ଖୋଜିଲେ ବି ସେଇ କଥାଟି କେଉଁଠି ଲୁଚିଯିବ ଯେ ସିଏ ଆଉ ଧରା ଦେବନାହିଁ। କେବେ, କେତେବେଳେ ଜଣେ ଲୋକଙ୍କୁ ଦେଖି ଦେଲେ ଲାଗିବ ଆପଣ ତାଙ୍କୁ ଚିହ୍ନିଛନ୍ତି ଅଥଚ ତାଙ୍କର ନାଁ ମନେ ରଖି ନାହାନ୍ତି। ତାଙ୍କୁ ଭୁଲିଯାଇଛନ୍ତି ବୋଲି କହିବାକୁ ମନ ଯାଉନାହିଁ। ପୁଣି ଭାବନାନ୍ତର ହୋଇଯାଉଥିବ, ମୁଁ ଯାହାଙ୍କ କଥା ଭାବୁଛି ଇଏ ସିଏ ଯଦି ହୋଇ ନଥିବେ। ଜଣେ ଲୋକ ପରି ଅବିକଳ ଦିଶୁଥିବା ଲୋକ ବି ସଂସାରରେ ଅଛନ୍ତି। ବେଳେ ବେଳେ ଯମଜ ସନ୍ତାନମାନେ ସମାନ ପୋଷାକ ପିନ୍ଧିବା ସହିତ ସେମାନଙ୍କର କଥା କହିବାର ଶୈଳୀ ବି ଏକାପରି ହୋଇଥାଏ। ସେତେବେଳେ ସେମାନଙ୍କୁ ଚିହ୍ନିବା ହୋଇଥାଏ କାଠିକର ପାଠ।

ଧରି ନିଅନ୍ତୁ ଆପଣ ଅନେକ ଦିନ ପରେ ଜଣେ ପୁରାତନ ସହକର୍ମୀଙ୍କୁ ହଠାତ୍ ଦେଖାହେଲେ। ସେ ଆପଣଙ୍କ ନାଁ ଧରି କଥା ହେଲେ, ଆପଣ ବି କଥା ହେଲେ, ଅଥଚ ଆପଣ ତାଙ୍କ ନାଁଟା ଭୁଲିଯାଇଛନ୍ତି। ତେଣୁ ଆପଣ ତାଙ୍କୁ କହିଦେବେ ମୁଁ ବୋଧହୁଏ ଆପଣଙ୍କ ଟେଲିଫୋନ ନମ୍ବରଟି ରଖିପାରିନି। ମୋତେ ଟିକିଏ ଏଇ ନମ୍ବରରେ କଲ କରିଦେଲେ। ସେ କଲ କରିଦେବେ ଆଉ ଘରକୁ ଫେରି ସେଇ କଲ୍‌କୁ ଟ୍ରୁକଲର୍‌ରେ ପକେଇ ଦେଇ ଆପଣ ଖୋଜି ପାଇଯିବେ ସହକର୍ମୀଙ୍କ ନାଁ। ବେଳେ ବେଳେ କିଛି ନ ଛୋଡ଼ବନ୍ଧା ସାଙ୍ଗ ଥିବେ ଯିଏ ତମକୁ ସିଧାସଳଖ ପଚାରିଦେବେ, 'ତମେ ନିଶ୍ଚିତ ଭାବରେ ମୋ ନାଁ ଭୁଲିଯାଇଛ, କହିଲ ଦେଖି!' ସେତେବେଳର ପରିସ୍ଥିତିରେ ନିଜକୁ ସ୍ମୃତି ଆଉ ବିସ୍ମୃତିରର ଦୋଛକିରେ ଦରାଣ୍ଡୁ ଥିବା ବେଳେ ଲକ୍ଷ୍ୟ କରୁଥିବେ ନିଜର ହାନିମାନିଆ ଅବସ୍ଥା।

ବୟସ ବଢ଼ିଗଲେ ଭୁଲାପଣ ବଢ଼ିଯାଏ ଆପେ ଆପେ। ମାତ୍ର ବେଶି ଭୁଲିଯିବା ଗୋଟାଏ ରୋଗ, ଯାହାକୁ ଆଜିକାଲି ଡିମେନସିଆ ବୋଲି କୁହାଯାଉଛି, ଯେଉଁଥିରେ ବ୍ୟବହାର ଅସ୍ୱାଭାବିକ ହୋଇଯାଏ। ଆଉ ଟିକିଏ ଅଧିକ ପରିସ୍ଥିତି ଜଟିଳ ହେଲେ କୁହାଯିବ ଆପଣ ଆଲଜାଇମରରେ ଆକ୍ରାନ୍ତ। ଏଇ ରୋଗଗୁଡ଼ିକ ଆଧୁନିକ ଜୀବନ ପ୍ରଣାଳୀରେ ଗୋଟିଏ ଗୋଟିଏ ନିଶ୍ଚିତ ପରିଣତି। କୁହାଯାଉଛି ହୁଳହୁଳି ଦେଲେ ଏଇ ରୋଗଜନିତ ସମସ୍ୟା ହ୍ରାସପାଏ। ପ୍ରିୟଜନଙ୍କ ସ୍ମୃତି ହିଁ ସବୁବେଳେ ଆମର ସମ୍ପଦ। ଯେତେ ଲୋକ ନିଜର ପ୍ରିୟଜନଙ୍କ ସ୍ମୃତିରେ ବହୁ ସଞ୍ଚିତ ଅର୍ଥ ଦାନ କରନ୍ତି, ସାଧାରଣ ଭାବରେ ସେମିତି କରିବା କୁତ୍ରାପି ପରିଦୃଷ୍ଟ ହୁଏନାହିଁ।

ଦିନକର କଥା। ଆମେରିକାର ଗୋଟିଏ ବୃଦ୍ଧ ଦମ୍ପତି ଯାଇ ପହଞ୍ଚିଲେ ବିଶ୍ୱବିଖ୍ୟାତ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରେ। ସେମାନେ ଚାହୁଁଥିଲେ ବିଶ୍ୱବିଦ୍ୟାଳୟର କୁଳାଧିପତିଙ୍କୁ ସାକ୍ଷାତ କରିବା ପାଇଁ। ସେମାନେ ଅନୁରୋଧ କରିବାକୁ ଆସିଥିଲେ ସମସ୍ତ ସମ୍ପତ୍ତି ତାଙ୍କ ଦିବଂଗତ ପୁତ୍ରଙ୍କ ନାମରେ ଦାନ କରି ଗୋଟିଏ ନୂଆ ବିଭାଗ ଖୋଲିବାକୁ। କୁଳାଧିପତି କହିଲେ ଲକ୍ଷ ଲକ୍ଷ ଛାତ୍ର ହାର୍ଭାର୍ଡରେ ପଢ଼ିଛନ୍ତି। ଯଦି ପୁରାତନ ଛାତ୍ରଙ୍କ ନାଁରେ ବିଭାଗ ଖୋଲାହେବ ତା'ହେଲେ ବିଶ୍ୱବିଦ୍ୟାଳୟର ଗରିମା ନଷ୍ଟ ହେବ। ତା'ଛଡ଼ା ଏତେ ବିଶାଳ ବିଶ୍ୱବିଦ୍ୟାଳୟ ଖାଲି ସ୍ମୃତିକୁ ନେଇ ବଞ୍ଚିବାକୁ ଚାହେଁନି। ମନ ଦୁଃଖରେ ଫେରିଗଲେ ବୃଦ୍ଧ ଓ ବୃଦ୍ଧା। ହେଲେ ମନ ଭାଙ୍ଗିନଥିଲା। ଫେରିଲା ବେଳେ ବୃଦ୍ଧା କହିଲେ, 'ପୁଅକୁ ତ ଆଉ ଖୋଜି ପାରିବା ନାହିଁ। ତା'ର ପୂର୍ବ ଶିକ୍ଷାନୁଷ୍ଠାନ ବି ତା' ନାଁରେ କିଛି କରିବାକୁ ଅମଙ୍ଗ। ଆମର ସବୁ ସମ୍ପତ୍ତି ଦାନ କରି ଗୋଟିଏ ବିଶ୍ୱବିଦ୍ୟାଳୟ ଗଢ଼ିବା।' ସେଇ ଦାନର ସ୍ମୃତି ହେଉଛି ଆଜିର ବିଶ୍ୱବିଖ୍ୟାତ 'ଷ୍ଟାନଫୋର୍ଡ଼ ବିଶ୍ୱବିଦ୍ୟାଳୟ'।

ତେଣୁ ସ୍ମୃତି ଖାଲି ଅତୀତ ମନସ୍କତାର ପ୍ରତିଫଳନ କହି ତା'କୁ ନକାରାତ୍ମକ ଦୃଷ୍ଟିରେ ଦେଖିବା ଗ୍ରହଣୀୟ ନୁହେଁ। ଆମେ ସମସ୍ତେ ଦିନେ ଅନ୍ୟ କାହା ପାଇଁ ସ୍ମୃତିଟିଏ ପାଲଟିଯିବା। ଚାଲନ୍ତୁ ଏମିତି କିଛି କରଯିବା ଯାହାକୁ ଭୁଲିହେବ ନାହିଁ। ତାକୁ ଶ୍ରଦ୍ଧାରେ କେହି ସ୍ମରଣ କରିବେ।

(ପୂର୍ବତନ ପ୍ରଶାସନିକ ଅଧିକାରୀ)
ଭୁବନେଶ୍ୱର, ମୋ: ୯୪୩୮୪୮୨୯୧୧

## ସ୍ନାନରେ ସମୟଭେଦ

ବେଦ-ବିଜ୍ଞାନ

ଓଜସ୍ୱିନୀ

ସନାତନ ଧର୍ମରେ ବ୍ରାହ୍ମ ମୁହୂର୍ତ୍ତର ଅନେକ ମହତ୍ତ୍ୱ ଅଛି। ଏହି ସମୟକୁ ବେଦରେ 'ସରସ୍ୱତୀ ମୁହୂର୍ତ୍ତ' ଭାବେ ବେଦରେ ବର୍ଣ୍ଣନା କରାଯାଇଛି। ତେଣୁ ଏହି ମୁହୂର୍ତ୍ତରେ ସ୍ନାନାଦି ସାରି ପୂଜାର୍ଚ୍ଚନା, ମନ୍ତ୍ରପାଠ, ଶିକ୍ଷାଲାଭ ଏବଂ ବେଦ ଅଧ୍ୟୟନ କରିବା ପାଇଁ ଶାସ୍ତ୍ର ପୁରାଣରେ ଉଲ୍ଲେଖ ଅଛି। ଏସବୁ ମଧ୍ୟରୁ ସ୍ନାନକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ସୂର୍ଯ୍ୟୋଦୟ ପୂର୍ବରୁ ଶଯ୍ୟାତ୍ୟାଗ କରି ସ୍ନାନ ସାରିବା ପାଇଁ ବୈଦିକ ବିଧିନିର୍ଦ୍ଦିଷ୍ଟ କରାଯାଇଛି।

ବୈଦିକ ଶାସ୍ତ୍ରରେ ସ୍ନାନକୁ ପ୍ରହର ବା ସମୟ ଆଧାରରେ ଚାରିଭାଗରେ ବିଭକ୍ତ କରାଯାଇଛି। ଭୋର ୪ଟାରୁ ୫ ମଧ୍ୟରେ ସ୍ନାନକୁ 'ମୁନିସ୍ନାନମ୍', ପ୍ରାତଃ ୫ଟାରୁ ୬ଟା ମଧ୍ୟରେ 'ଦେବସ୍ନାନମ୍', ସୂର୍ଯ୍ୟୋଦୟ ପରେ ଅର୍ଥାତ୍ ସକାଳ ୬ଟାରୁ ୮ଟା ମଧ୍ୟରେ 'ମନୁଷ୍ୟସ୍ନାନମ୍' ଏବଂ ସକାଳ ୮ଟା ପରବର୍ତ୍ତୀ ସମୟରେ ସ୍ନାନକୁ 'ରାକ୍ଷସସ୍ନାନମ୍' ଭାବେ ବର୍ଣ୍ଣନା କରାଯାଇଛି। ଆଧ୍ୟାତ୍ମିକ ଉପଲବ୍ଧି ବା ସଚ୍ଚିଦାନନ୍ଦ ପ୍ରାପ୍ତି ପାଇଁ 'ମୁନିସ୍ନାନମ୍' ସର୍ବୋତ୍ତମ ହୋଇଥିବା ବେଳେ ଦେବୋପଚାର ଓ ପୂଜାର୍ଚ୍ଚନା ପାଇଁ 'ଦେବସ୍ନାନମ୍' ଉପଯୁକ୍ତ। ଗ୍ରାହସ୍ଥ୍ୟ ପାଇଁ 'ମନୁଷ୍ୟସ୍ନାନମ୍' ସର୍ବାଦୌ ଗ୍ରହଣୀୟ। ଏହି ତିନି ସ୍ନାନରେ ଶାନ୍ତି, ସୁଖ, ନିରାମୟ, ଐଶ୍ୱର୍ଯ୍ୟ ଓ ଆଧ୍ୟାତ୍ମିକ ସିଦ୍ଧି ପ୍ରାପ୍ତି ହୁଏ। ଦ୍ୱିପ୍ରହର ସ୍ନାନ ବା 'ରାକ୍ଷସସ୍ନାନମ୍'କୁ ଉଭୟ ଶାସ୍ତ୍ର ଓ ବିଜ୍ଞାନରେ ବାରଣ କରାଯାଇଛି। ଶାସ୍ତ୍ରମତାନୁଯାୟୀ ଦ୍ୱିପ୍ରହରରେ ସ୍ନାନ କରିବା ଦ୍ୱାରା ମା' ଲକ୍ଷ୍ମୀ ରୁଷ୍ଟ ହୋଇଥା'ନ୍ତି। ତେଣୁ ଦାରିଦ୍ର୍ୟ, ରୋଗ, ଦୁଃଖ, ଶୋକ ଲାଗି ରହିଥାଏ ବୋଲି ପୁରାଣ ଶାସ୍ତ୍ରମାନଙ୍କରେ ହିତୋପଦେଶ ଛଳରେ କୁହାଯାଇଛି। ବୈଜ୍ଞାନିକ ଦୃଷ୍ଟିକୋଣରୁ ଦ୍ୱିପ୍ରହର ହେଉଛି ମୁଖ୍ୟ ଖାଦ୍ୟ ଗ୍ରହଣ କରିବାର ସମୟ। ଖାଇବା ପରେ ସ୍ନାନ କରିବା ଦ୍ୱାରା ଅନେକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇଥାଏ। ସକାଳୁ ଉଠିବା ପରେ ଦ୍ୱିପ୍ରହର ପର୍ଯ୍ୟନ୍ତ ଆମେ ଅନେକ ପ୍ରକାର ଖାଦ୍ୟ ଖାଇଥାଉ। ଏହିସବୁ ଖାଦ୍ୟ ହଜମ ହେବା ପାଇଁ ଶରୀର ଅଧିକ ଶକ୍ତି ବା ଉତ୍ତାପ ଆବଶ୍ୟକତା କରେ। ତେଣୁ ଖାଇବା ପରେ ଦ୍ୱିପ୍ରହର ସମୟରେ ସ୍ନାନ କଲେ ଶରୀରର ତାପମାତ୍ରା ହ୍ରାସ ପାଏ ଏବଂ ପାଚନ କ୍ରିୟା ଠିକ୍ ଭାବେ ହୋଇପାରେ ନାହିଁ। ହଜମଜନିତ ସମସ୍ୟା, କୋଷ୍ଠକାଠିନ୍ୟ, ଏସିଡିଟି, ଗ୍ୟାଷ୍ଟ୍ରିକ୍ ଆଦି ସମସ୍ୟା ଦେଖାଦିଏ। ଏହାସହିତ ଶାରୀରିକ ତାପମାତ୍ରାରେ ଅସନ୍ତୁଳନ ହେଲେ ରକ୍ତ ସଞ୍ଚାଳନ ଉପରେ ମଧ୍ୟ କୁପ୍ରଭାବ ପଡ଼ି ରକ୍ତଚାପ ଓ ହୃତ୍‌ପିଣ୍ଡ ସମ୍ବନ୍ଧୀୟ ସମସ୍ୟା ସୃଷ୍ଟି ହୁଏ। ଖାଦ୍ୟ ସଠିକ୍ ହଜମ ନହେଲେ ଶରୀରକୁ ଆବଶ୍ୟକୀୟ ପୋଷକତତ୍ତ୍ୱ ମିଳେନାହିଁ। ଶରୀରର ମେଟାବଲିଜିମ୍ ଦୁର୍ବଳ ହୋଇଯାଏ। ଦ୍ୱିପ୍ରହରରେ ସ୍ନାନ କଲେ ରୋଗପ୍ରତିରୋଧକ ଶକ୍ତି ମଧ୍ୟ କ୍ଷୟ ହୋଇଥାଏ।

ଏସବୁ ସ୍ୱାସ୍ଥ୍ୟ ସମସ୍ୟାକୁ ଶାସ୍ତ୍ର ପୁରାଣ ସହିତ ତୁଳନା କଲେ ରୋଗ, ଶୋକ ଓ ଦାରିଦ୍ର୍ୟତା ଆସିବା ସ୍ୱାଭାବିକ ବୋଲି କୁହାଯାଇପାରେ। ଏଥିସହିତ 'କାକ ସ୍ନାନ' ସମ୍ପର୍କରେ ମଧ୍ୟ ନୀତିଶାସ୍ତ୍ରରେ ଉଲ୍ଲେଖ ରହିଛି। କାଉମାନେ କେବଳ ଥରେ ମାତ୍ର ପାଣିରେ ବୁଡ଼ି ଉଠିଯାଇଥା'ନ୍ତି। ଏହା କେବଳ ଯେ ଶାସ୍ତ୍ରରେ କୁହାଯାଇଛି ତାହା ନୁହେଁ, ବିଜ୍ଞାନ ମଧ୍ୟ ଏହାକୁ ସମ୍ମତି ପ୍ରଦାନ କରିଛି। ବୈଜ୍ଞାନିକ ମତରେ ୧୦ ମିନିଟ୍‌ରୁ ଅଧିକ ସମୟ ସ୍ନାନ କରିବା ଦ୍ୱାରା ଶରୀରରୁ ତୈଳାକ୍ତ ଅଂଶ ଅଧିକ କ୍ଷୟ ହୋଇ ଚର୍ମ ଶୁଷ୍କ ହୋଇଯାଏ ଏବଂ ଚର୍ମରୋଗ ଦେଖାଦିଏ।

ଆୟୁର୍ବିଜ୍ଞାନ ଅନୁଯାୟୀ, ଦିନର ତାପମାତ୍ରାଠାରୁ ପାଣିର ତାପମାତ୍ରା କମ୍ ରହିବା ଉଚିତ ନୁହେଁ। ସେହିପରି ସ୍ନାନ ପୂର୍ବରୁ ତୈଳ ମର୍ଦ୍ଦନ କରିବାକୁ ଉଭୟ ଶାସ୍ତ୍ର ଓ ବିଜ୍ଞାନରେ ପରାମର୍ଶ ଦିଆଯାଇଛି। ସ୍ନାନ ଦ୍ୱାରା ଶରୀରରୁ କୀଟାଣୁ ଓ ବିଷାକ୍ତ ତତ୍ତ୍ୱ ସଫା ହେବା ସହିତ ସ୍ନାୟୁତନ୍ତ୍ରୀ, ମାଂସପେଶୀର ଉପଯୁକ୍ତ ଉପଚାର ହୁଏ। କିନ୍ତୁ ମୁଣ୍ଡରୁ ପାଦ କିମ୍ବା ପାଦରୁ ମୁଣ୍ଡ ପର୍ଯ୍ୟନ୍ତ ସ୍ନାନକ୍ରମ ରହିବ ବା ପ୍ରଥମେ ଶରୀରର କେଉଁ ଅଂଶରେ ପାଣି ଢାଳିବାକୁ ହେବ ତାହାକୁ ନେଇ ବିଶେଷଜ୍ଞଙ୍କ ମତଭେଦ ରହିଥିଲେ ମଧ୍ୟ ମୁଣ୍ଡକୁ ଥଣ୍ଡା ପାଣି ଏବଂ ବେକରୁ ଶରୀରର ତଳ ଅଂଶକୁ ଉଷୁମ ପାଣିରେ ସ୍ନାନ କରିବାକୁ ମତୈକ ରହିଛି। ଯଦି ପ୍ରାତଃସ୍ନାନ କୌଣସି କାରଣରୁ କରାଯାଇପାରିନାହିଁ ତେବେ ଆଉ ମଧ୍ୟାହ୍ନରେ ସ୍ନାନ ନ କରି ବରଂ ସୂର୍ଯ୍ୟାସ୍ତ ପରେ କିମ୍ବା ଶୋଇବାକୁ ଯିବା ପୂର୍ବରୁ କରିବା ବିଧେୟ।

ହିନ୍ଦୁ ଆଶ୍ରମ ବ୍ୟବସ୍ଥାରେ ବ୍ରହ୍ମଚାରୀମାନଙ୍କ ପାଇଁ କାକସ୍ନାନ, ବ୍ରହ୍ମଚାରିଣୀଙ୍କ ପାଇଁ ଦିନକୁ ଥରେ ମାତ୍ର ସ୍ନାନ, ଗ୍ରାହସ୍ଥ୍ୟମାନେ ଦିନକୁ ଦୁଇଥର(ଶଯ୍ୟା ତ୍ୟାଗ ପରେ ଓ ଶୟନ ପୂର୍ବରୁ) ଏବଂ ସନ୍ନ୍ୟାସୀମାନେ ଦିନକୁ ତିନି ଥର ସ୍ନାନ ପାଇଁ ଉପଦେଶ ଦିଆଯାଇଛି।

ମୋ: ୭୯୭୮୦୩୮୭୯୯

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# କୋଣାର୍କରୁ ଚନ୍ଦ୍ରଭାଗା ଗଡ଼ିଲା ସୂର୍ଯ୍ୟରଥ



**କୋଣାର୍କ, ୯ ।୧(ସମିସ):** ପବିତ୍ର ଶାମ୍ବ ଦଶମୀ ଅବସରରେ ଉତ୍ସବମୁଖର ଅନନ୍ତ ଅବଧୂତ ମଠରୁ ସୂର୍ଯ୍ୟ ନାରାୟଣଙ୍କ ଚଳନ୍ତି ପ୍ରତିମା ମିତ୍ରାଦିତ୍ୟଙ୍କୁ ରଥାରୂଢ଼ କରାଯାଇ ଚନ୍ଦ୍ରଭାଗା ତୀର୍ଥକୁ ନିଆଯାଇଛି। ସେଠାରେ ୨୭ଟି ନକ୍ଷତ୍ରରେ ୨୭ ଦିନ ଧରି ପୂଜାର୍ଚ୍ଚନା ପରେ ମାଘ ଶୁକ୍ଳ ସପ୍ତମୀ ତିଥିରେ ମିତ୍ରାଦିତ୍ୟଙ୍କ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହେବ। ରଥରେ ମିତ୍ରାଦିତ୍ୟଙ୍କୁ ଦର୍ଶନ କଲେ ରୋଗ, ଶୋକ ଓ ଭୟରୁ ମୁକ୍ତି ମିଳିବା ସହ ପୁନର୍ଜନ୍ମ ହୋଇନଥାଏ ବୋଲି ଶ୍ରଦ୍ଧାଳୁଙ୍କ ବିଶ୍ୱାସ ରହିଛି। ଏହି ଅବସରରେ ଆଜି ଅର୍କକ୍ଷେତ୍ର କୋଣାର୍କ ଉତ୍ସବମୁଖର ହୋଇଛି। ପୌଷ ଶୁକ୍ଳ ଅଷ୍ଟମୀରୁ ଦଶମୀ ପର୍ଯ୍ୟନ୍ତ ତିନିଦିନ ବ୍ୟାପୀ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ବିଶ୍ୱ କଲ୍ୟାଣ ସୌର ମହାଯଜ୍ଞ, ଚନ୍ଦ୍ରଭାଗାଠାରେ ଶାକ୍ୟଦ୍ୱୀପ ବ୍ରାହ୍ମଣ ମହାସଂଘ ପକ୍ଷରୁ ବିଶ୍ୱ କଲ୍ୟାଣ ନବଗ୍ରହ ମହାଯଜ୍ଞ ଏବଂ କୋଣାର୍କର ଅନନ୍ତ ଅବଧୂତ ମଠ ପକ୍ଷରୁ ବିଶ୍ୱ କଲ୍ୟାଣ ମହାଯଜ୍ଞ ଅନୁଷ୍ଠିତ ହୋଇଛି।



ଭୁବନେଶ୍ୱରରେ ଆୟୋଜିତ ପ୍ରବାସୀ ଭାରତୀୟ ଦିବସ ସମ୍ମେଳନ ମଞ୍ଚରେ ନୃତ୍ୟ ପ୍ରଦର୍ଶନ

## କୋଷ୍ଟାଲ ହାଇୱେ ପାଇଁ ଟେଣ୍ଡର୍ ଆହ୍ୱାନ କଲା ଏନ୍ଏଚ୍ଆଇ

**ନିରାକାରପୁର, ୯।୧(ସମିସ):** ବହୁପ୍ରତୀକ୍ଷିତ ଉପକୂଳ ରାଜପଥ ପାଇଁ ଟେଣ୍ଡର ଆହ୍ୱାନ କରିଛି ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍ଏଚ୍ଆଇ)।୩୧୬ (କ)ରେ ନାମିତ ଏହି ଜାତୀୟ ରାଜପଥଟି ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ବ୍ଲକ ଅନ୍ତର୍ଗତ ବଡ଼ପୋଖରୀଆ ନିକଟରେ ଥିବା ସୁନେଇ ରୁପେଇ ମନ୍ଦିରଠାରୁ ଆରମ୍ଭ ହୋଇ ପଶ୍ଚିମବଙ୍ଗର ଦୀଘା ଯାଏ ଯିବ। ଏହାର ୪ଟି ପ୍ୟାକେଜ ପାଇଁ ଗତ ୮ ତାରିଖ ଦିନ ଜାତୀୟ ରାଜପଥ ବିଭାଗ ଟେଣ୍ଡର ଆହ୍ୱାନ କରିଛି। ଏହି ୪ଟି ପ୍ୟାକେଜ୍ ମଧ୍ୟରୁ ପ୍ୟାକେଜ-୧ଟି ଖୋର୍ଦ୍ଧା ଜିଲ୍ଲାର ବଡ଼ପୋଖରୀଆଠାରୁ ପୁରୀ ଯାଏଁ ବ୍ୟାପ୍ତ। ଏହାର ଦୈର୍ଘ୍ୟ ୪୭ କିମି ରହିଛି। ଏହି ପ୍ୟାକେଜ-୧ରେ ଆସୁଥିବା ଗ୍ରାମଗୁଡ଼ିକ ହେଲା ଖୋର୍ଦ୍ଧା ଜିଲ୍ଲାର ବଡ଼ପୋଖରୀଆ, ତୋଟାପଡ଼ା, ଚକ୍କାମଗୁରୁ, ନୂଆଗଡ଼ ଏବଂ ମୋରମରସିଂ। ସେହିପରି ପୁରୀ ଜିଲ୍ଲାରେ ଆସୁଥିବା ଗ୍ରାମଗୁଡିକ ହେଲା, ଗଡ଼ଖାରଦ, କାଙ୍କପୁର, ଦେଇପୁର, ଖୁଣ୍ଟିଆ ବାଣପୁର, ବିଣ୍ଡିପୁର, ଅଦଳ, ବଡାଲ, ସାହସପୁର, ଜାଗୁଲାଇପଦର, ଗଡ଼ିଶାଗୋଦା, ଜାମିଲଗୋଦା, ହରିପୁର, ଆଳିବାଡ଼, କରମଳା, ଆଇନୀପୁର, ଚନ୍ଦାପଡ଼ା, ବୁଢ଼ଙ୍ଗ, ରାଏଘାଟ, ଗୋରୁଆଳ, ଗିରଳ। ଏହି ପ୍ୟାକେଜର ନିର୍ମାଣ ଖର୍ଚ୍ଚ ୧୮୭୫ କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି। ସେହିପରି ପ୍ୟାକେଜ-୨ପୁରୀରୁ କାକଟପୁର ପାଇଁ ୧୫୯୨ କୋଟି, ପ୍ୟାକେଜ-୩ କାକଟପୁରଠାରୁ ଏରସମା ପାଇଁ ୨୨୦୧ କୋଟି ଏବଂ ପ୍ୟାକେଜ-୪ ଏରସମାଠାରୁ ପାରାଦୀପ ପାଇଁ ୧୩୭୦ କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି।

## ସହକାରୀ ପ୍ରାଧ୍ୟାପକ ପାଇଁ ନେଟ୍ ବାଧ୍ୟତାମୂଳକ ନୁହେଁ

**ଭୁବନେଶ୍ୱର, ୯ ।୧(ସମିସ):** ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ସହକାରୀ ପ୍ରାଧ୍ୟାପକ ନିଯୁକ୍ତି ଓ ପଦୋନ୍ନତି ପାଇଁ ନେଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଜରୁରୀ ବା ବାଧ୍ୟତାମୂଳକ ନୁହେଁ। ଏହାକୁ ହଟାଇବା ପାଇଁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ସୁପାରିସ କରିଛି। ଶିକ୍ଷକ ଏବଂ ଶିକ୍ଷା କର୍ମଚାରୀଙ୍କ ନିଯୁକ୍ତି ଏବଂ ପଦୋନ୍ନତି ପାଇଁ ସର୍ବନିମ୍ନ ଯୋଗ୍ୟତା ନିର୍ଦ୍ଧାରଣ କରାଯାଇଛି। ଏନେଇ ୟୁଜିସି ପକ୍ଷରୁ ଡ୍ରାଫ୍ଟ ଗାଇଡ୍ଲାଇନ୍ ପ୍ରକାଶ ପାଇବା ସହ ଅଂଶୀଦାରମାନଙ୍କୁ ଫେବୃଆରୀ ୫ ତାରିଖ ମଧ୍ୟରେ ନୂତନ ନିୟମ ନେଇ ମତାମତ ରଖିବାକୁ କୁହାଯାଇଛି। ପ୍ରସ୍ତାବ ଅନୁଯାୟୀ, ସ୍ନାତକରେ ସର୍ବନିମ୍ନ ୫୫ ପ୍ରତିଶତ ନମ୍ବର ଓ ସ୍ନାତକୋତ୍ତରରେ ୫୫ ପ୍ରତିଶତ ସହିତ ପିଏଚ୍ଡି କରିଥିଲେ ସରକାରୀ ପ୍ରାଧ୍ୟାପକ ପଦ ପାଇଁ ଯୋଗ୍ୟ ହୋଇପାରିବେ। ସେହିପରି ସ୍ନାତକୋତ୍ତରରେ ୫୫ ପ୍ରତିଶତ ନମ୍ବର ସହ ୟୁଜିସି, ସିଏସ୍ଆଇଆର୍ ଓ ଆଇସିଏଆର୍ର ନେଟ୍ ଯୋଗ୍ୟତା ହାସଲ କରିଥିବା ପ୍ରାର୍ଥୀ ମଧ୍ୟ ଯୋଗ୍ୟ ବିବେଚିତ ହେବେ।

## ୪ ସହରରୁ କୁମ୍ଭମେଳାକୁ ଗଡ଼ିବ ବସ୍

**ଭୁବନେଶ୍ୱର, ୯ ।୧(ସମିସ):** ଉତ୍ତରପ୍ରଦେଶର ପ୍ରୟାଗରାଜରେ ଆରମ୍ଭ ହେଉଥିବା କୁମ୍ଭମେଳା ପାଇଁ ଓଡ଼ିଶା ସରକାର ୪ ସହରରୁ ବସ୍ ସେବା ଆରମ୍ଭ କରିବେ। ବ୍ରହ୍ମପୁର, ଭୁବନେଶ୍ୱର, ଭବାନୀପାଟଣା ଓ ସମ୍ବଲପୁରରୁ ସପ୍ତାହକୁ ଦୁଇଥର ଭୋଲଭୋ ବସ୍ ଚାଲିବ। କୁମ୍ଭମେଳା ସରିବା ପରେ ମଧ୍ୟ ଏହି ବସ୍ଗୁଡ଼ିକ ଅଯୋଧ୍ୟା ଯିବା ଆସିବା କରିବ। ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍ଆରଟିସି) ଅତିରିକ୍ତ ସଚିବ ଲକ୍ଷ୍ମୀକାନ୍ତ ସେଠୀ କହିଛନ୍ତି, ପ୍ରଥମ ପର୍ଯ୍ୟାୟରେ ଚଳିତ ମାସ ୧୨ତାରିଖରୁ ୮ଟି ବସ୍ ଚଳାଚଳ ଆରମ୍ଭ କରିବ। ପ୍ରତି ଯାତ୍ରୀଙ୍କ ପାଇଁ ବସ୍ ଭଡ଼ା ୫ହଜାର ଟଙ୍କା ରଖାଯାଇଥିବା ବେଳେ ମହିଳାମାନଙ୍କୁ ୫୦% ରିହାତି ମିଳିବ।

# ୩ ନାବାଳକଙ୍କ ସଲିଳ ସମାଧି

**ରାୟଗଡ଼ା/ବୈପାରୀଗୁଡ଼ା, ୯।୧(ସମିସ):** ରାୟଗଡ଼ା ଓ କୋରାପୁଟ ଜିଲ୍ଲାରେ ଆଜି ପାଣିରେ ବୁଡ଼ି ୩ ନାବାଳକ ପ୍ରାଣ ହରାଇଛନ୍ତି। ରାୟଗଡ଼ା ଜିଲ୍ଲା ଦେଇ ପ୍ରବାହିତ ନାଗାବଳୀରେ ୨ସାଙ୍ଗ ବୁଡ଼ି ଯାଇଥିବା ବେଳେ କୋରାପୁଟ ଜିଲ୍ଲା ବୈପାରୀଗୁଡ଼ା ବ୍ଲକ ବାଲିଗାଁ ପଞ୍ଚାୟତର ମାଙ୍କଡବେଡ଼ାରେ ଶୌଚ ହେବା ବେଳେ ଜଣେ ନାବାଳକ ଭାସିଯାଇ ପ୍ରାଣ ହରାଇଛି। ମୃତକମାନେ ହେଲେ, ରାୟଗଡ଼ା ସହରର ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଦୀପ୍ତି କନ୍ଭେଣ୍ଟରେ ଷଷ୍ଠ ଶ୍ରେଣୀ ଛାତ୍ର ସି. ଏଚ୍. ଭାର୍ଗବ ଚରଣ ଓ ଶ୍ରୀନୁ କୁମାର ଯାଦବ ଏବଂ କୋରାପୁଟ ଜିଲ୍ଲା ମାଙ୍କଡ଼ବେଡ଼ା ଗାଁର ମୋତିରାମ ହରିଜନଙ୍କ ପୁଅ ସମ୍ବିତ ହରିଜନ (୭)।



### ଆଖି ଆଗରେ ନାଗାବଳୀରେ ବୁଡ଼ିଗଲେ ୨ ସାଙ୍ଗ

### ଶୌଚ ବେଳେ କେନାଲରେ ଭାସିଗଲେ ନାବାଳକ

ସୂଚନାନୁଯାୟୀ, ଆଜି ଅପରାହ୍ଣ ପ୍ରାୟ ୪ଟାରେ ଶ୍ରୀନୁ ଓ ଭାର୍ଗବଙ୍କ ଅନ୍ୟ ଦୁଇ ସାଙ୍ଗ ଜନ୍ମେଜୟ ସାଉଁତା ଓ ଏନ୍. ଭବେଶ ନାଗାବଳୀ ନଦୀ ଉପରେ ନିର୍ମିତ ଝୁଲା ପୋଲ ଦେଖିବାକୁ ରାୟଗଡ଼ା ସହର ଉପକଣ୍ଠକୁ ଯାଇଥିଲେ। ସେଠାରେ ସେମାନେ ବ୍ରିଜ୍ ତଳକୁ ଓହ୍ଲାଇ ବଡ଼ବଡ଼ ପଥର ଚଟାଣ ନିକଟକୁ ଆସିଥିଲେ। ଏହା ପାଖରେ ନଦୀର ପ୍ରଖର ସ୍ରୋତ ପ୍ରବାହିତ ହେଉଥିଲା। ଜନ୍ମେଜୟ ଏବଂ ଭବେଶ ପଥର ଉପରେ ବସିଥିବା ବେଳେ ଭାର୍ଗବ ଓ ଶ୍ରୀନୁ ଶିଉଳିଆ ପଥର ନିକଟରେ ଏକ ବଲ୍ ପଡ଼ିଥିବା ଦେଖି ତାକୁ ଆଣିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ଭାର୍ଗବର ପାଦ ଖସିଯିବାରୁ ସେ ନୀଦର ପ୍ରଖର ସ୍ରୋତରେ ଭାସିଯାଇଥିଲା। ପାଖରେ ଠିଆ ହୋଇଥିବା ଶ୍ରୀନୁ ତାକୁ ବଞ୍ଚାଇବାକୁ ହାତ ବଢ଼ାଇଥିଲେ ହେଁ ସେ ମଧ୍ୟ ଖସି ପଡ଼ି ନଦୀରେ ବୁଡ଼ି ଯାଇଥିଲା। ଏହା ଦେଖି ଅନ୍ୟ ଦୁଇ ସାଙ୍ଗ ଜନ୍ମେଜୟ ଓ ଭବେଶ ଡାକ ପକାଇବାରୁ ସ୍ଥାନୀୟ ଲୋକେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ହେଁ ସଫଳ ହୋଇପାରିନଥିଲେ। ଖବର ପାଇ ଅଗ୍ନିଶମ ଅଧିକାରୀ ରମେଶ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ନଦୀରେ ଖୋଜାଖୋଜି କରି ପ୍ରାୟ ଅଧଘଣ୍ଟା ପରେ ଦୁହିଁଙ୍କ ମୃତଦେହ ଉଦ୍ଧାର କରିଥିଲେ।

ସେହିପରି, ବୈପାରୀଗୁଡ଼ା ବ୍ଲକ୍ ବାଲିଗାଁ ପଞ୍ଚାୟତର ମାଙ୍କଡବେଡ଼ାରେ ମୋତିରାମ ହରିଜନଙ୍କ ପୁଅ ସମ୍ବିତ ଆଜି ସକାଳେ ଶୌଚ ପାଇଁ ଯାଇଥିବା ବେଳେ ନାଳରେ ବୁଡ଼ି ଯାଇଥିଲା। ପାଖରେ କେହି ନଥିବାରୁ ତାଙ୍କୁ ଉଦ୍ଧାର କରାଯାଇପାରିନଥିଲା। ଅପରାହ୍ଣ ପ୍ରାୟ ୨ଟାରେ ସମ୍ବିତଙ୍କ ମୃତଦେହ ଭାସୁଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଖବରପାଇ ବୈପାରୀଗୁଡ଼ା ଅଗ୍ନିଶମ ବାହିନୀ ଓଆଇସି ସୁକାନ୍ତ ପ୍ରଧାନ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲେ। ସୂଚନାନୁଯାୟୀ, ସମ୍ବିତ ସ୍ଥାନୀୟ ମାଙ୍କଡବେଡ଼ା ପ୍ରାଥମିକ ବିଦ୍ୟାଳୟରେ ଦ୍ୱିତୀୟ ଶ୍ରେଣୀରେ ପଢୁଥିଲା।

## ଦୁଇ ହାତୀର ଶବ ଉଦ୍ଧାର

**ନରସିଂହପୁର/ଦେବଗଡ଼, ୯ ।୧ (ସମିସ):** କଟକ ଓ ଦେବଗଡ଼ ଜିଲ୍ଲାରୁ ଆଜି ଦୁଇଟି ହାତୀଙ୍କ ଶବ ଉଦ୍ଧାର ହୋଇଛି। ସୂଚନାନୁଯାୟୀ, ନରସିଂହପୁର ପୂର୍ବ ବନାଞ୍ଚଳ ଅନ୍ତର୍ଗତ ଦଳକ ବିଟ୍ର ୧୦ ନମ୍ବର କମ୍ପାଟମେଣ୍ଟ ସଂରକ୍ଷିତ ଜଙ୍ଗଲ ମଧ୍ୟରୁ ଏକ ୭ ବର୍ଷୀୟ ଦନ୍ତାହାତୀର ମୃତଦେହକୁ ବନବିଭାଗ ଠାବ କରିଛି। ଜଙ୍ଗଲରେ ହାତୀଟି ମରି ପଡ଼ିଥିବା ନେଇ ବନ ବିଭାଗ କର୍ମଚାରୀ ଦେଖିବା ପରେ ପୂର୍ବାଞ୍ଚଳ ରେଞ୍ଜର ସୁବାସ କୁମାର ରାଉତଙ୍କୁ ଜଣାଇଥିଲେ। ବନ ବିଭାଗ ଅଧିକାରୀମାନେ ଏହି ଦନ୍ତାହାତୀର ମୃତ୍ୟୁ ଘଟଣାର ତଥ୍ୟକୁ ଲୁଚାଇବାକୁ ଚେଷ୍ଟା କରିଥିଲେ। ମାତ୍ର ଏ ସମ୍ପର୍କରେ ତଥ୍ୟ ପଦାକୁ ଆସିଯିବାରୁ ଗୁରୁବାର ଘଟଣାସ୍ଥଳରେ ତୁରନ୍ତ ଆଠଗଡ଼ ଡିଏଫ୍ଓ ଯଜ୍ଞଦତ୍ତ ପତି, ଏସିଏଫ ମନୋଜ କୁମାର ପାତ୍ର, ରେଞ୍ଜର ଶ୍ରୀ ରାଉତ, ନରସିଂହପୁର ପ୍ରାଣୀ ଚିକିତ୍ସକ ଡାକ୍ତର ସୌରଭ ଦାସ ପହଞ୍ଚିଥିଲେ। ହାତୀଟିର ମୁଣ୍ଡରେ ଶକ୍ତ ଆଘାତ ଲାଗିବାରୁ ତା'ର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ଏ ସମ୍ପର୍କରେ ପ୍ରାଣୀ ଚିକିତ୍ସକ ଡାକ୍ତର ଶ୍ରୀ ଦାସଙ୍କୁ ପଚାରିବାରୁ ଉକ୍ତ ଦନ୍ତା ହାତୀଟି ପଥୁରିଆ ରାସ୍ତା ଦେଇ ଯାଉଥିବା ବେଳେ ତଳେ ଖସି ପଡ଼ିଥାଇପାରେ। ଫଳରେ ତା'ର ମୁଣ୍ଡର ବିଭିନ୍ନ ସ୍ଥାନରେ ମାଡ଼ ହୋଇ ଶକ୍ତ ଆଘାତ ଲାଗିଛି। ଆଭ୍ୟନ୍ତରୀଣ (ଇଣ୍ଟରନାଲ) କ୍ଷତ ହେବାରୁ ତା'ର ମୃତ୍ୟୁ ହୋଇଥିବା ସନ୍ଦେହ



କରାଯାଉଛି। ହାତୀର ଶବକୁ ବ୍ୟବଚ୍ଛେଦ କରି ସେହି ପାଖରେ ପୋତି ଦିଆଯାଇଛି। ଘଟଣା ସମ୍ପର୍କରେ ରେଞ୍ଜର ଶ୍ରୀ ରାଉତଙ୍କୁ ପଚାରିବାରୁ କହିଛନ୍ତି ଅସ୍ୱାଭାବିକ ଭାବେ ହାତୀଟିର ମୃତ୍ୟୁ ହୋଇଛି। ହାତୀଠାରୁ ଦୁଇଟି ୭ ଇଞ୍ଚ ଲମ୍ବର ଦାନ୍ତକୁ ଜବତ କରାଯାଇଛି। ସେହିପରି ଦେବଗଡ଼ ବନଖଣ୍ଡ ରିଆମାଳ ବନାଞ୍ଚଳ କୁଣ୍ଢେଇ ଫରେଷ୍ଟ ସେକ୍ସନ୍ ସଂରକ୍ଷିତ ଜଙ୍ଗଲ କଟାସର୍ ମନ୍ଦିର ନିକଟରେ ଏକ ବୟସ୍କ ମାଇ ହାତୀର ମୃତଦେହ ଠାବ ହୋଇଛି। କୁଣ୍ଢେଇଗୋଲା ବନ ବିଭାଗ କର୍ମଚାରୀ ମୃତ ମାଇ ହାତୀକୁ ଠାବ କରିଥିଲେ।

■ ସିଏମ୍ସିକୁ ମହାନଦୀ ପ୍ରଦୂଷଣ ଚିନ୍ତା

## ଚହଟାରୁ ସିସୋର ପଠା ପର୍ଯ୍ୟନ୍ତ ବଣଭୋଜି ବନ୍ଦ


**କଟକ, ୯ ।୧(ସମିସ):** କଟକ ମ୍ୟୁନିସିପାଲିଟି କର୍ପୋରେସନକୁ ଘାରିଛି ମହାନଦୀ ପ୍ରଦୂଷଣ ଚିନ୍ତା। ମହାନଦୀକୁ ପ୍ରଦୂଷଣରୁ ରକ୍ଷା କରିବା ପାଇଁ ଚହଟାରୁ ତଳ ବାଲିଯାତ୍ରା ପଡ଼ିଆ ଏବଂ କଟକ-ଇନ୍-କଟକରୁ ସିସୋର ପର୍ଯ୍ୟନ୍ତ ମହାନଦୀ ପଠାରେ ଏଣିକି ବଣଭୋଜି ଓ ମନୋରଞ୍ଜନ ଭିତ୍ତିକ କୌଣସି କାର୍ଯ୍ୟକ୍ରମ କରାଯାଇପାରିବ ନାହିଁ ବୋଲି ସିଏମସି ପକ୍ଷରୁ କଟକଣା ଜାରି କରାଯାଇଛି। ଏ ସଂକ୍ରାନ୍ତରେ ନିଗମ କମିସନର ଅନାମ ଚରଣ ପାତ୍ର ଓଡ଼ିଶା ମ୍ୟୁନିସିପାଲ କର୍ପୋରେସନ୍ ନିୟମାବଳୀ ୨୦୦୩ର ଧାରା ୩୩୮ ଏବଂ ୩୪୪ କ୍ଷମତାକୁ ଉପଯୋଗ କରି ନିର୍ଦ୍ଦେଶନାମା ଜାରି କରିଛନ୍ତି। କଟକଣାକୁ ବେଖାତିର କଲେ, ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମିସନର ଶ୍ରୀ ପାତ୍ର ନିର୍ଦ୍ଦେଶନାମାରେ ଉଲ୍ଲେଖ କରିଛନ୍ତି।

ସୂଚନାଯୋଗ୍ୟ, ଶୀତଦିନ ଯୋଗୁଁ ମହାନଦୀ ପଠାରେ ଲୋକମାନେ ବଣଭୋଜି ତଥା ମନୋରଞ୍ଜନଭିତ୍ତିକ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। କାର୍ଯ୍ୟକ୍ରମରେ ଲୋକେ ଖାଦ୍ୟପେୟ ଆୟୋଜନ କରିବା ପରେ ଆବର୍ଜନା ନଦୀପଠାରେ ଫିଙ୍ଗିବା ଯୋଗୁଁ ନଦୀ ପ୍ରଦୂଷିତ ହେଉଛି। ବହୁ ପରିମାଣରେ ଆବର୍ଜନା ଗଦା ହେଉଥିବାରୁ ଏହାକୁ ସଫେଇ କରିବା ମଧ୍ୟ କଷ୍ଟସାଧ୍ୟ ହୋଇପଡୁଛି। ଫଳରେ ନଦୀଜଳ ଦିନକୁ ଦିନ ବିଷାକ୍ତ ହେଉଛି। ଏହାଦ୍ୱାରା ମହାନଦୀର ପର୍ଯ୍ୟାବରଣ ଉପରେ କୁପ୍ରଭାବ ପଡୁଛି। ବର୍ତ୍ତମାନ କଟକଣା ଜାରି ହେବା ପରେ ସିଏମ୍ସିର ପରିମଳ ବିଭାଗ ଓ ନିଗମର ଆଇନ ଏନଫୋର୍ସମେଣ୍ଟ ଏଜେନ୍ସି ମିଳିତ ଭାବେ କଟକଣା ଜାରି କରାଯାଇଥିବା ଅଞ୍ଚଳ ପରିଦର୍ଶନ କରି ପ୍ରତିଦିନ ନିରୀକ୍ଷଣ କରିବେ ବୋଲି ନିର୍ଦ୍ଦେଶ ଦିଆଯାଇଛି।

## କଟୁରୀ ଚୋଟରେ ଭାଇର ମୁଣ୍ଡ ଗଡ଼ାଇଲା

**ହିନ୍ଦୋଳ, ୯।୧ (ସମିସ):** ହିନ୍ଦୋଳ ଥାନା ଅନ୍ତର୍ଗତ ହିନ୍ଦୋଳ ଏନ୍ଏସିରେ ଏକ ଅଭାବନୀୟ ଘଟଣା ଘଟିଛି। ସାନଭାଇର କଟୁରୀ ଚୋଟରେ ମଝିଆଁ ଭାଇର ଶୋଚନୀୟ ମୃତ୍ୟୁ ଘଟିଛି। ମୃତକ





ହେଲେ, ମୁଣ୍ଡହତା ୱାର୍ଡ ନମ୍ବର ୨ଗ୍ରାମର ସ୍ୱର୍ଗତ ଗୋଲେଖ ନାୟକଙ୍କ ମଝିଆଁ ପୁଅ ଗୋବିନ୍ଦ ନାୟକ। ଖବରପାଇ ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ହିନ୍ଦୋଳ ପୁଲିସ ହତ୍ୟା ଅଭିଯୁକ୍ତ ସୁନନ୍ଦକୁ ଗିରଫ କରିବା ସହ ଏନେଇ କେସ୍ ନଂ ୮/୨୫, ଦଫା ୧୦୩(୧) ବିଏନଏସ୍ରେ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି। ଢେଙ୍କାନାଳ ଅତିରିକ୍ତ ଏସ୍ପି ଓ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

ଗତକାଲି ରାତି ପ୍ରାୟ ୧୧ଟାରେ ଗୋବିନ୍ଦ ଘରେ ଖାଇପିଇ ବସିଥିବା ବେଳେ ସାନ ଭାଇ ସୁନନ୍ଦ ନାୟକ ପ୍ରଚୁର ମଦ ପିଇ ସେଠାରେ ପହଞ୍ଚିଥିଲା। କୌଣସି କାରଣରୁ ଗୋବିନ୍ଦଙ୍କ ସହ ତା'ର ପାଟିତୁଣ୍ଡ ହୋଇଥିଲା। ଏହାକୁ କେନ୍ଦ୍ର କରି ଦୁଇଭାଇ ହାତାହାତି ହୋଇଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ସୁନନ୍ଦ ଏକ କଟୁରୀରେ ଗୋବିନ୍ଦକୁ ହାଣିଦେଇ ଫେରାର୍ ହୋଇଯାଇଥିଲା। ପରିବାରଲୋକ ଗୁରୁତର ଗୋବିନ୍ଦକୁ ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟ ଓ ପରେ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଆଜି ସକାଳେ ଗୋବିନ୍ଦର ମୃତ୍ୟୁ ଘଟିଛି।

ଅତିରିକ୍ତ ଏସ୍ପି ପ୍ରଭାତ ରଞ୍ଜନ ବିଶ୍ୱାଳ କହିଛନ୍ତି, ହତ୍ୟାକାରୀର ବଡ଼ଭାଇ ଗୋପାଳ ନାୟକର ବୟାନ ଅନୁଯାୟୀ, ସୁନନ୍ଦ ପୂର୍ବରୁ ତା' ନିଜ ବାପାଙ୍କୁ କରେଣ୍ଟ ଲଗାଇ ଓ ୧ବର୍ଷ ତଳେ ମା'କୁ ପିଟିପିଟି ହତ୍ୟା କରିଥିଲା। ପରିବାର ସଦସ୍ୟ ଏହି ଘଟଣାକୁ ଚପାଇ ରଖିଥିଲେ। ସୁନନ୍ଦ ଜଣେ ପେସାଦାର ଅପରାଧୀ ବୋଲି ପୁଲିସ୍ କହିଛି। ପୁଲିସ ଏହି ଘଟଣାର ତଦନ୍ତ ଜାରି ରହିଛି। ଖୁବ୍ଶୀଘ୍ର ସମସ୍ତ ଘଟଣାର ସତ୍ୟାସତ୍ୟ ଉନ୍ମୋଚିତ ହେବ ବୋଲି ଥାନା ଅଧିକାରିଣୀ ଚାରୁଲତା ସାହୁ କହିଛନ୍ତି।

## ସୀମାନ୍ତରେ ପୁଲିସ ଗୁଳିରେ ୩ ମାଓବାଦୀ ନିହତ

**ମାଲକାନଗିରି, ୯ ।୧ (ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ସୁକୁମା ଓ ବିଜାପୁର ଜିଲ୍ଲା ସୀମାନ୍ତରେ ପୁଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ୩ଜଣ ମାଓବାଦୀ ନିହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ସୁକ୍‌ମା ଓ ବିଜାପୁର ଜିଲ୍ଲା ସୀମାନ୍ତରେ ଆଜି ଡିଆରଜି, କୋବ୍ରା, ଏସ୍ଟିଏଫ୍ ଓ ସିଆରପିଏଫ୍ ବାହିନୀର ଯବାନମାନେ ଆଜି କମ୍ବିଂ ଅପରେସନ୍ କରୁଥିବା ସମୟରେ ମାଓବାଦୀଙ୍କ ସହ ସାମ୍ନା ହୋଇଥିଲା। ଫଳରେ ମାଓବାଦୀ ଓ ଯବାନଙ୍କ ମଧ୍ୟରେ ଗୁଳିବିନିମୟ ଘଟିଥିଲା। ପ୍ରଥମେ ମାଓବାଦୀମାନେ ଯବାନଙ୍କ ଉପରକୁ ଗୁଳି ଚଳାଇବାରୁ ଯବାନଙ୍କ ପକ୍ଷରୁ ପାଲଟା ଜବାବ ଦିଆଯାଇଥିଲା। ଏଥିରେ ୩ ମାଓବାଦୀଙ୍କ ମୃତ୍ୟୁ ଘଟିଛି। ଖବର ଲେଖା ହେବା ସୁଦ୍ଧା କମ୍ବିଂ ଅପରେସନ୍ ଜାରି ରହିଥିବା ପୁଲିସ୍ ପକ୍ଷରୁ କୁହାଯାଇଛି। ତେବେ ଘଟଣାସ୍ଥଳରୁ ବର୍ତ୍ତମାନ ସୁଦ୍ଧା ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ ହୋଇଛି ବୋଲି ସୂଚନା ମିଳିଛି।

୧୯ତମ ମହୋଦଧି ଆଳତି

# ହିନ୍ଦୁ ଧର୍ମ ଉପରେ ନିୟନ୍ତ୍ରଣ କଦାପି ବରଦାସ୍ତ ନୁହେଁ: ଶଙ୍କରାଚାର୍ଯ୍ୟ

**ପୁରୀ, ୯।୧(ସମିସ):** ଭାରତୀୟ ସଂସ୍କୃତି ଓ ପରମ୍ପରାର କିପରି ଅଧିକ ପ୍ରଚାର ପ୍ରସାର ହୋଇପାରିବ, ସେ ଦିଗରେ ପ୍ରବାସୀ ଭାରତୀୟମାନେ ଚେଷ୍ଟା କରିବା ଦରକାର। ଭାରତର ବିକାଶ ଦିଗରେ ସେମାନଙ୍କର ବି ସହଭାଗିତା ରହିବ ଆବଶ୍ୟକ। ବିଦେଶରେ ରହି ଯଦି କେବଳ ନିଜ ପାଇଁ ଚିନ୍ତା କରନ୍ତି ତା' ହେଲେ ପ୍ରବାସୀ ଭାରତୀୟ ଦିବସର ମାନେ କିଛି ନାହିଁ ବୋଲି କହିଛନ୍ତି ଗୋବର୍ଦ୍ଧନ ମଠର ପୀଠାଧୀଶ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜ। ଗୁରୁବାର ସନ୍ଧ୍ୟାରେ ଏକ ଆଧ୍ୟାତ୍ମିକ ପରିବେଶରେ ମହୋଦଧି କୂଳରେ ଅନୁଷ୍ଠିତ ହୋଇଛି ୧୯ତମ ମହୋଦଧି ଆଳତି। ଏଥିପାଇଁ ସନ୍ଧ୍ୟାରେ ସ୍ୱର୍ଗଦ୍ୱାର ସମ୍ମୁଖ ବେଳାଭୂମି ଘଣ୍ଟଘଣ୍ଟା ଓ ମନ୍ତ୍ର ପାଠରେ ଉଚ୍ଛୁଳି ଉଠିଥିଲା। ଭକ୍ତଙ୍କ ହୁଳହୁଳି ଓ ହରିବୋଲ ଧ୍ୱନିରେ ପବିତ୍ର ହୋଇଥିଲା ପରିବେଶ। ବିଶ୍ୱ କଲ୍ୟାଣ ଓ ବରୁଣଦେବଙ୍କ ଉପାସନା ନିମନ୍ତେ ଏହି ସମୁଦ୍ର ଆଳତି କରାଯାଇଥିଲା। ଶଙ୍କରାଚାର୍ଯ୍ୟ ପ୍ରଥମେ ଆଳତି କରିଥିବା ବେଳେ



ଅନ୍ୟାନ୍ୟ ସାଧୁସନ୍ଥ ଆଳତି କରିଥିଲେ। ଏଥିପାଇଁ ସ୍ୱର୍ଗଦ୍ୱାର ନିକଟସ୍ଥ ଆଳତି ସ୍ଥଳରେ ହୋଇଥିଲା ସ୍ୱତନ୍ତ୍ର ଆୟୋଜନ। ଏଥିରେ ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ସହ ପୁରୀ ସାଂସଦ, ବହୁ ବିଧାୟକ, ନେତା, ସାଧୁସନ୍ଥ ଓ ମଠ ମହନ୍ତ ଯୋଗଦେଇ ମହୋଦଧି ଆଳତି ସହ ସମୂହ ଦୀପଦାନ କରିଥିଲେ।

ଏହି ଅବସରରେ ଶଙ୍କରାଚାର୍ଯ୍ୟ କହିଥିଲେ, ଧର୍ମନିରପେକ୍ଷ ଶାସନ ନାମରେ ସନାତନ ହିନ୍ଦୁ ଧର୍ମ ଉପରେ ନିୟନ୍ତ୍ରଣ କଦାପି ବରଦାସ୍ତ କରାଯିବ ନାହିଁ। ଏଭଳି ମାନସିକତାରୁ ଦୂରେଇ ଯିବାକୁ ସଂକେତ ଦେଇଥିଲେ ଶଙ୍କରାଚାର୍ଯ୍ୟ। ସମୁଦ୍ର ତଟ ହେଉଛି ପବିତ୍ର। ଏହି ସମୁଦ୍ର ତଟରେ ମଦ, ମାଂସ, ଅଶ୍ଳୀଳ ନାଚ, ନଗ୍ନତା ହେବା ଉଚିତ ନୁହେଁ। ହୋଦଧି ତଟର ୩ କିଲୋମିଟର ପରିସୀମା ମଧ୍ୟରେ ଭଜନ, କୀର୍ତ୍ତନ, ଭାଗବତ ଚର୍ଚ୍ଚା ହେବା ଉଚିତ। ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଲେ ମହୋଦଧିର ଏହି ପବିତ୍ରତା ରଖାଯାଇ ପାରିବ ବୋଲି କହିଥିଲେ।

■ ସରିଲା କୁମ୍ଭୀର ଗଣନା

## ସାତକୋଶିଆ ଗଣ୍ଡରେ ୧୧ ଘଡ଼ିଆଳ, ୮ ମଗର



**ହରଭଙ୍ଗା, ୯ ।୧(ସମିସ):** ମହାନଦୀ ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନ ବୌଦ୍ଧ ଜିଲ୍ଲା ସାତକୋଶିଆ ଗଣ୍ଡରେ କୁସଙ୍ଗ ରେଞ୍ଜ ପକ୍ଷରୁ ଚଳିତ ବର୍ଷର କୁମ୍ଭୀର ଗଣନା ଶେଷ ହୋଇଛି। ରେଞ୍ଜ ଅଧୀନରେ ସମୁଦାୟ ୧୯ଟି କୁମ୍ଭୀର ଗଣନା କରାଯାଇଛି। ଏଥିରେ ୩ଟି ବଡ଼ ଘଡ଼ିଆଳ ସହ ୮ଟି ଛୁଆ ଏବଂ ୫ଟି ବଡ଼ ମଗର ସହ ୩ଟି ଛୁଆ କୁମ୍ଭୀର ରହିଛନ୍ତି। ମାରଡ଼ାଠାରୁ ଶୀତଲ ପାଣି, ଶୀତଲ ପାଣିଠାରୁ ହରଭଙ୍ଗା ଓ ହରଭଙ୍ଗାଠାରୁ ଅଏଡା ପର୍ଯ୍ୟନ୍ତ ଗଣନାକାରୀ ଟିମ୍‌କୁ ତିନି ଭାଗରେ ବିଭକ୍ତ କରାଯାଇଥିଲା। ମାଛଧରା ଡଙ୍ଗାରେ ନଦୀ ଭିତରେ ଉନ୍ନତମାନର କ୍ୟାମେରା, ବାଇନାକୁଲର ସାହାଯ୍ୟରେ କୁମ୍ଭୀର ଗଣନା କରାଯାଇଥିଲା। ରେଞ୍ଜ ଅଧିକାରୀ ସଂସାର ବର୍ଗିଆଙ୍କ ନେତୃତ୍ୱରେ ଫରେଷ୍ଟର ପ୍ରଶାନ୍ତ ଗୁରୁ, ଅନ୍ତର୍ଯ୍ୟାମୀ ଯାନୀ, ଶ୍ରୀନିବାସ କହଁର, ଫରେଷ୍ଟଗାର୍ଡ ଗୋବିନ୍ଦ ମହାକୁଡ଼, ଘଡ଼ିଆଳ କୁମ୍ଭୀର ରିସର୍ଚ୍ଚ ପରସନ ଆଶହରାଜ ଖାଁ ପ୍ରମୁଖ ଏହି ଗଣନାରେ ସାମିଲ ହୋଇଥିଲେ।

## ଆଠଗଡ଼ ନିର୍ବାଚନମଣ୍ଡଳୀ ସ୍ତରୀୟ ବୈଠକ

# ସମୟ ସୀମା ମଧ୍ୟରେ ପ୍ରକଳ୍ପ ଶେଷ ପାଇଁ ନିର୍ଦ୍ଦେଶ

କଟକ, ୯ ।୧(ସମିସ)




ଆଠଗଡ଼ ନିର୍ବାଚନ ମଣ୍ଡଳସ୍ତରୀୟ ଉନ୍ନୟନମୂଳକ କମିଟିର ବୈଠକ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଗ୍ରାମ ପଞ୍ଚାୟତରେ ରାଜସ୍ୱ ଆୟ କିପରି ବୃଦ୍ଧି ପାଇବ, ଖାଦ୍ୟ ଯୋଗାଣ ବିଭାଗ ଦ୍ୱାରା ପିଡିଏସରେ ଇ-କେୱାଇସି କରିପାରିବେ ଏବଂ ସେଥିରୁ ଜଣେ ବି ଯୋଗ୍ୟ ହିତାଧିକାରୀ ବଞ୍ଚିତ ନ ହୁଅନ୍ତି ସେହି ବିଷୟରେ ବିଧାୟକ ଗୁରୁତ୍ୱାରୋପ କରିଥିଲେ । ପ୍ରଧାନମନ୍ତ୍ରୀ ଆବାସ ବାସଗୃହରୁ ବାସହୀନ ଲୋକମାନେ ଯେପରି ଗୃହ ପାଇବାରୁ ବଞ୍ଚିତ ନ ହୁଅନ୍ତି ସେଥିପାଇଁ ତର୍ଜମା କରି ରିପୋର୍ଟ ଦାଖଲ କରିବାକୁ ମଧ୍ୟ ବିଧାୟକ କହିଥିଲେ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଉମାକାନ୍ତ ରାଜ ସଂଯୋଜନା କରିବା ସହ ପଞ୍ଚାୟତସ୍ତରରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଯଥା- ଜିପିଡିପି, ସିଏମ୍‌ଏସ୍‌ଏ, ଏଫ୍‌ଡିଆର, ଏମ୍‌ଏଲ୍‌ଏ ଲ୍ୟାଡ ଆଦିରେ କାର୍ଯ୍ୟଗୁଡିକ ଯଥାଶୀଘ୍ର ତଥା ସମୟସୀମା ମଧ୍ୟରେ ସମାପ୍ତ କରାଯିବା ଉପରେ ଆଲୋଚନା ପୂର୍ବକ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ । ଏହି ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁବାଷ ଚନ୍ଦ୍ର ରାୟ, ଯୋଜନା ଓ ସମନ୍ୱୟ ବିଭାଗ ଉପ-ନିର୍ଦ୍ଦେଶକ ବିଶ୍ୱରଞ୍ଜନ ଦାଶ ଉପସ୍ଥିତ ଥିଲେ ।

# କେନାଲ ବନ୍ଧ ଶିଳାନ୍ୟାସ କଲେ ବିଧାୟକ

**● ସମ୍ପ୍ରସାରଣ ନିମନ୍ତେ ୪ କୋଟି ଟଙ୍କା ମଞ୍ଜୁର**

ମାହାଙ୍ଗା, ୯।୧(ସମିସ): ଓଡ଼ିଶା ସରକାରଙ୍କ ଜଳସମ୍ପଦ ବିଭାଗ ପକ୍ଷରୁ ପଟ୍ଟାମୁଣ୍ଡାଇ କେନାଲର ଦକ୍ଷିଣ ପାର୍ଶ୍ୱ କେନାଲ ବନ୍ଧର ଶିଳାନ୍ୟାସ କାର୍ଯ୍ୟକ୍ରମ ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ କରକମଳରେ ଅନୁଷ୍ଠିତ ହୋଇଯାଇଛି । ମାହାଙ୍ଗା ବ୍ଲକର ପଟ୍ଟାମୁଣ୍ଡାଇ କେନାଲର ଦକ୍ଷିଣ ପାର୍ଶ୍ୱ ବନ୍ଧର ଭେଡା ଠାରୁ ଜଳେଶ୍ୱରପୁର ଟ. ୧୩୦.୯୮ ଲକ୍ଷ, ଜଳେଶ୍ୱରପୁର ଠାରୁ ଚାୟାଁପାଳ ପର୍ଯ୍ୟନ୍ତ ୧୧୧.୩୩ ଲକ୍ଷ, ଚାୟାଁପାଳ ଠାରୁ ବାଗସରପୁର ୧୬୦.୪୫ ଲକ୍ଷ ଟଙ୍କା ମଞ୍ଜୁରରେ ରାସ୍ତାର ପ୍ରଶସ୍ତିକରଣ ଓ ଉନ୍ନତିକରଣ ପାଇଁ ୪ କୋଟିରୁ ଉର୍ଦ୍ଧ୍ୱ ଅନୁଦାନ ବିଭାଗ ଦ୍ୱାରା ପ୍ରଦାନ କରାଯାଇଛି । ଉକ୍ତ କାର୍ଯ୍ୟଟିକୁ ଓଡ଼ିଶା ନିର୍ମାଣ ନିଗମ ବିଭାଗକୁ କାର୍ଯ୍ୟ କରିବା ନିମନ୍ତେ ଚୁକ୍ତିନାମ କରାଯାଇଛି । ଏହି ରାସ୍ତା ଦ୍ୱାରା ଭେଡା, ତ୍ରିବେଣୀଶ୍ୱର, ମଉଦା, ନୃର୍ତାଙ୍ଗ, ଜଳେଶ୍ୱରପୁର, ଶ୍ରୀକୃଷ୍ଣପୁର, ଚାୟାଁପାଳ, ବାଗସରପୁର, କାଳିଅଣ୍ଡି ଆଦି ବିଭିନ୍ନ ଗ୍ରାମର ପ୍ରାୟ ୭ଟି ପଞ୍ଚାୟତର ୨୦ ହଜାର ଲୋକ ଯାତାୟତରେ ଉପକୃତ ହେବେ । କାର୍ଯ୍ୟକ୍ରମରେ ଏସ୍‌ଡିଓ ଗଦାଧର ବାରିକ, ଶାରଦା ପ୍ରସାଦ ସେଠୀ, ଜେଇ ବୈକୁଣ୍ଠ କୁମାର ଭୋଇ ଓ ଓଡ଼ିଶା ନିର୍ମାଣ ନିଗମ ବିଭାଗର ସହକାରୀ ଯନ୍ତ୍ରୀ ପିକେ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ନାରୀନେତ୍ରୀ ଯାଜ୍ଞସେନୀ ଜେନା, ସମାଜସେବୀ ଭକ୍ତଚରଣ ସ୍ୱାଇଁ, ମନୋରଞ୍ଜନ ବିଶ୍ୱାଳ, ଜିତେନ୍ଦ୍ର ଶତପଥୀ, ସୁରେନ୍ଦ୍ର ମହାନ୍ତି, ଅଜୟ ନାୟକ, ପ୍ରଭାତ ନାୟକ, ନିର୍ମଳ ପ୍ରଧାନ, ହରେକୃଷ୍ଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।



## ରାମଲୀଳା ନିର୍ଦ୍ଦେଶକଙ୍କୁ 'ଶ୍ରୀକ୍ଷେତ୍ର ରତ୍ନ ସମ୍ମାନ'

ଟାଙ୍ଗୀ, ୯ ।୧(ସମିସ): କଟକ ଜିଲ୍ଲା ଟାଙ୍ଗୀ ଅଞ୍ଚଳର ଜଣାଶୁଣା ରାମଲୀଳା ନିର୍ଦ୍ଦେଶକ ତଥା ସ୍ୱର୍ଣ୍ଣପଦକପ୍ରାପ୍ତ ମାରୁତିଶ୍ରୀ ରଣଜିତ ପ୍ରସାଦ ଜେନାଙ୍କୁ ପୁରୀଠାରେ ଆୟୋଜିତ ଶ୍ରୀକ୍ଷେତ୍ର ମହୋତ୍ସବରେ ସମ୍ବର୍ଦ୍ଧିତ କରାଯାଇଛି । ମୂର୍ଚ୍ଛନା ଓ ଓଡ଼ିଶା କଲଚର ଆର୍ଟ ଏକାଡ଼େମୀ ପକ୍ଷରୁ ତାଙ୍କୁ ଶ୍ରୀକ୍ଷେତ୍ର ରତ୍ନ ସମ୍ମାନରେ ସମ୍ମାନୀତ କରାଯାଇଥିଲା । ଭାଇ ମାଡ଼ ମାଥେ ଦେଲା କୀରିଟ, ମୃତ୍ୟୁ ଯଜ୍ଞେ ରାବଣୀ ଓ ପତି ପ୍ରାଣ ଦେଲା ସତୀ ସିନ୍ଦୁର ଆଦି ରାମାୟଣର ବିଭିନ୍ନ ବିଷୟବସ୍ତୁ ଆଧାରରେ ନାଟ୍ୟ ନିର୍ଦ୍ଦେଶନା ଦେଇ ଟାଙ୍ଗୀ ସମେତ କଟକ ଜିଲ୍ଲାର ବିଭିନ୍ନ ମଞ୍ଚରେ ଶ୍ରୀ ଜେନା ପୂର୍ବରୁ ସମ୍ବର୍ଦ୍ଧିତ ହୋଇଥିବା ଜାଣିବାକୁ ମିଳିଛି । ଟାଙ୍ଗୀ ଅଞ୍ଚଳରେ ଏହା ଚର୍ଚ୍ଚାକୁ ଆସିଥିବାବେଳେ ଏଥିପାଇଁ ଶ୍ରୀ ଜେନା ନାଟ୍ୟ ରଚୟିତା ତଥା ଗୁରୁ ମାରୁତିଶ୍ରୀ ସ୍ୱର୍ଗତଃ ରବୀନ୍ଦ୍ର କୁମାର ସେଠୀଙ୍କୁ ଶ୍ରେୟ ପ୍ରଦାନ କରିଛନ୍ତି ।



## ବାଳିକା ଆତ୍ମସୁରକ୍ଷା ଶିବିର ଉଦ୍‌ଘାଟିତ




ନିଶ୍ଚିନ୍ତକୋଇଲି, ୯।୧(ସମିସ): ରାଜ୍ୟ ସରକାରଙ୍କ ସହଯୋଗରେ ନଟକାଇ ସ୍ଥିତ ବଲ୍ଲଭୀଦେବୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିରକୁ ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷା ନିବେଦିତା ଦାଶ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି । ପୋଗ୍ରାମ ଅଫିସର ଅଧ୍ୟାପକ ସୁବ୍ରତ କିଶୋର ସ୍ୱାଇଁଙ୍କ ସଂଯୋଜନାରେ ଏଥିରେ ସମ୍ମାନୀତ ଅତିଥି ଭାବେ ଅଧ୍ୟାପିକା ଡ. ରୀତା ଷଡଙ୍ଗୀ, ଅଧ୍ୟାପକ ସୂର୍ଯ୍ୟମଣୀ ସ୍ୱାଇଁ ପ୍ରମୁଖ ଯୋଗଦେଇ ବାଳିକାମାନେ ବିଭିନ୍ନ ସମୟରେ କିଭଳି ନିଜକୁ ଆତ୍ମସୁରକ୍ଷା କରିପାରିବେ ସେନେଇ ଆଲୋଚନା କରିଥିଲେ । ଏହି ଶିବିର ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏଥିରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରୀ ବିଭିନ୍ନ ପର୍ଯ୍ୟାୟରେ ତାଲିମ ଗ୍ରହଣ କରିବେ । ପୂଜାରାଣୀ ସେଠୀ ଓ ଭାଗ୍ୟଲକ୍ଷ୍ମୀ ପରିଜା ପ୍ରଶିକ୍ଷକ ଭାବେ ଯୋଗଦେଇ ଶିବିରାର୍ଥୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି । ଜ୍ୟୋତିରଞ୍ଜନ ରଥ ଧନ୍ୟବାଦ ଦେଇଥିଲେ ।

## ଚୌଦ୍ୱାର କଲେଜର ଆତ୍ମରକ୍ଷା ତାଲିମ ଶିବିର




ଚୌଦ୍ୱାର, ୯।୧(ସମିସ): ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ଚୌଦ୍ୱାର କଲେଜର ଯୁକ୍ତ ୨ ଛାତ୍ରୀଙ୍କ ପାଇଁ ଅତ୍ମରକ୍ଷା ତାଲିମ ଶିବିର ଆରମ୍ଭ କରାଯାଇଛି । ଦୀର୍ଘ ୮ ଦିନ ଧରି କଲେଜ ପରିସରରେ ଅନୁଷ୍ଠିତ ହେବାକୁ ଥିବା ଏହି ଶିବିରକୁ ଅଧ୍ୟକ୍ଷା ରଶ୍ମୀ ରାଉତରାୟ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଛାତ୍ରୀମାନେ ନିଜକୁ ସୁରକ୍ଷିତ ରଖିବା ପାଇଁ ଆତ୍ମରକ୍ଷା କୌଶଳ ଜାଣିବା ଓ ଶିଖିବା ନିହାତି ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ । ଅଧ୍ୟାପିକା ଅନୁପମା ତ୍ରିପାଠୀଙ୍କ ପରିଚାଳନାରେ ଅନୁଷ୍ଠିତ ଶିବିରରେ ପ୍ରାଧ୍ୟାପିକା କ୍ଷୀରାବ୍ଧୀ ଚୌଧୁରୀ, ହରପ୍ରିୟା ମହାପାତ୍ର, ଶରତ ମଲ୍ଲିକ, ପ୍ରଭାକର ମିଶ୍ର, ମୋହିତ କର, ଦୀପକ ମହାନ୍ତି, ଅଧ୍ୟାପକ ବସନ୍ତ ବିଶ୍ୱାଳ, ଯୁକ୍ତେଶ୍ୱର ଦାସ, ସୁମନ୍ତ ସାହୁ, ସବିତା ମହାନ୍ତି ପ୍ରମୁଖ ଯୋଗଦେଇ ଶିବିରରେ ଉପସ୍ଥିତ ଶତାଧିକ ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ ।

## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



ନିଶ୍ଚିନ୍ତକୋଇଲି, ୯।୧(ସମିସ): କଟକ ଆଞ୍ଚଳିକ ପରିବହନ ପ୍ରାଧିକରଣ ସହଯୋଗରେ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପରିବାର ଆନୁକୂଲ୍ୟରେ ନିଶ୍ଚିନ୍ତକୋଇଲି ହାଟରେ ସଡ଼କ ସୁରକ୍ଷା ସଂକ୍ରାନ୍ତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସଡ଼କ ସୁରକ୍ଷା କର୍ମୀ ତଥା ନାଟ୍ୟକାର ଅଭୟ ଦାସଙ୍କ ସଂଯୋଜନା ଓ ପରିବାରର ସଭାପତି ବଲ୍ଲଭ ଚରଣ ପଲେଇଙ୍କ ପୌରୋହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ ଶାରଦାପ୍ରସାଦ ମିଶ୍ର, ସମ୍ମାନୀତ ଅତିଥି ଭାବେ ଥାନା ଏସଆଇ ଉଦୟ ଦାସ, ବଜାର ବ୍ୟବସାୟୀ ସଂଘର ସଭାପତି ପ୍ରମୋଦ ପଣ୍ଡା, ପୂର୍ବତନ ସରପଞ୍ଚ ରବୀନ୍ଦ୍ରନାଥ ସେଠୀ, ଆଇନଜୀବୀ ଅଶୋକ ମହାପାତ୍ର, ନାଟ୍ୟ ନିର୍ଦ୍ଦେଶକ କଳ୍ପତରୁ ସେଠୀ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ । ପରିବାରର ସମ୍ପାଦକ ପ୍ରମୋଦ ନାୟକ ସ୍ୱାଗତ ବକ୍ତବ୍ୟ ଓ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିବାବେଳେ ସୌମ୍ୟରଞ୍ଜନ ନିହାଣ ଧନ୍ୟବାଦ ଦେଇଥିଲେ । କବିପ୍ରସାଦ ନାୟକ, ବିଷ୍ଣୁଚରଣ ବେହେରା, ପ୍ରଶିକ୍ଷକ ବୈଦ୍ୟନାଥ ମହନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ସଡ଼କ ସୁରକ୍ଷାର ବ୍ୟାପକ ଜନସଚେତନତା ପାଇଁ ଏକ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା ।

## ଗଣଦୌଡ଼ ପ୍ରସ୍ତୁତି ବୈଠକ



ଚୌଦ୍ୱାର, ୯।୧(ସମିସ): ଜାତୀୟ ଯୁବ ଦିବସ ଓ ବିବେକାନନ୍ଦ ଜୟନ୍ତୀ ପାଳନ ଅବସରରେ ଏକ ଗଣଦୌଡ଼ କାର୍ଯ୍ୟକ୍ରମର ଆୟୋଜନ ପାଇଁ ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାମୀ ବିବେକାନନ୍ଦ ସୋସିଆଲ ଡେଭେଲପମେଣ୍ଟ ତରଫରୁ ପ୍ରସ୍ତୁତି ଆରମ୍ଭ ହୋଇଛି । ସଂଗଠନର ସଭାପତି ଭାସ୍କର ଚନ୍ଦ୍ର ରାଉତରାୟଙ୍କ ଅଧ୍ୟକ୍ଷତାରେ ଏହି ଉପଲକ୍ଷେ ଆୟୋଜିତ ପ୍ରସ୍ତୁତି ବୈଠକରେ ସଦସ୍ୟମାନେ ଯୋଗଦେଇ ଗଣଦୌଡ଼ ଆୟୋଜନ ସମ୍ପର୍କରେ ଆଲୋଚନା କରିଥିଲେ । ଅସନ୍ତା ୧୨ ତାରିଖ ସକାଳ ୭ଟା ସମୟରେ ଓଟିଏମ୍ କଲୋନୀସ୍ଥିତ ଗୋପବନ୍ଧୁ ଖେଳ ପଡ଼ିଆରୁ ଗଣଦୌଡ଼ ଆରମ୍ଭ ହୋଇ ଚୌଦ୍ୱାର ଅଞ୍ଚଳର ବିଭିନ୍ନ ରାସ୍ତାଦେଇ ପ୍ରାୟ ୧୦ କିମି ରାସ୍ତା ଅତିକ୍ରମ କରି ପୁଣି ଗୋପବନ୍ଧୁ ପଡ଼ିଆରେ ଉଦ୍‌ଯାପିତ ହେବ ବୋଲି ସ୍ଥିର କରାଯାଇଥିଲା । ଏହି ଅବସରରେ ଅଞ୍ଚଳର ବିଦ୍ୟାଳୟ ଗୁଡ଼ିକର ଛାତ୍ରଛାତ୍ରୀଙ୍କ ମଧ୍ୟରେ ତର୍କ, ଚିତ୍ରାଙ୍କନ, ସାଧାରଣଜ୍ଞାନ, ପାରମ୍ପରିକ ନୃତ୍ୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ସମ୍ପାଦକ ଅଶ୍ୱିନୀ କୁମାର ଜେନା ସୂଚନା ଦେଇଛନ୍ତି । ମାନସ ପରିଡ଼ା, ଭୀମସେନ ବିଶ୍ୱାଳ, ସୁଜିତ୍ ଦାସ, କାହ୍ନୁ ଚରଣ ଜେନା, ରାଜକିଶୋର ସାମନ୍ତ, ଟୁକୁ ପ୍ରଧାନ, ଅନ୍ତର୍ଯ୍ୟାମୀ ସାହୁ, ହରିହର ବେଉରା, ରଜନୀ ମହାନ୍ତି, ରଞ୍ଜିତ କର, ତପନ ରାଉତ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ଅହମ୍ମଦବକ୍ସ ସ୍କୁଲ ୧୯୭୪ ବ୍ୟାଚ୍‌ର ବାର୍ଷିକ ଉତ୍ସବ

ନିଶ୍ଚିନ୍ତକୋଇଲି, ୯।୧(ସମିସ): ନିଶ୍ଚିନ୍ତକୋଇଲି ଅହମ୍ମଦବକ୍ସ ସରକାରୀ ଉଚ୍ଚବିଦ୍ୟାଳୟ ୧୯୭୪ ମାଟ୍ରିକ ବ୍ୟାଚର ବାର୍ଷିକ ବନ୍ଧୁମିଳନ ଉତ୍ସବ କଲେଜ ଛକ ତାରିଣୀ ମଣ୍ଡପରେ ଅନୁଷ୍ଠିତ ହୋଇଛି । ପୁରାତନ ଛାତ୍ର ଭରଦ୍ୱାଜ ପତି, ରବୀନ୍ଦ୍ରନାଥ ପ୍ରଧାନ, ମଳୟ ଶତପଥୀ ଓ ନିତ୍ୟାନନ୍ଦ ପରିଜାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇ ସେମାନଙ୍କର ସ୍କୁଲ ଜୀବନର ସ୍ମୃତି, ଅନୁଭୂତିକୁ ପରସ୍ପର ମଧ୍ୟରେ ଆଦାନ ପ୍ରଦାନ କରିଥିଲେ । ପିତବାସ ନାୟକଙ୍କ ପୌରୋହିତ୍ୟରେ ମଧୁସୂଦନ ନାୟକ, ଦିପ୍ତୀରଞ୍ଜନ ନାୟକ, ସବିତା ରଥ, ଗଗନ ମହାପାତ୍ର, ନିରଞ୍ଜନ ବେହେରା, ମିନତୀ ଶାସ୍ତ୍ରୀ, ମନୋଜ ସ୍ୱାଇଁ, ଇବ୍ରାହିମ୍ ଖାଁ, ବିଜୟ ବସ୍ତିଆ ପ୍ରମୁଖ ଯୋଗଦେଇ ଏହି ବ୍ୟାଚର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା କରାଯାଉଥିବା ବିଭିନ୍ନ ସାମାଜିକ କାର୍ଯ୍ୟ ସଂକ୍ରାନ୍ତରେ ଆଲୋଚନା କରି ଆଗାମୀ ଦିନରେ ଏହାକୁ କିପରି ଅଧିକ ତ୍ୱରାନ୍ୱିତ କରାଯିବ ସେନେଇ ସମସ୍ତଙ୍କର ମତାମତ ଓ ସହଯୋଗ କାମନା କରିଥିଲେ । ପ୍ରାରମ୍ଭରେ କେତେକ ପୁରାତନ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦିବଂଗତ ଆତ୍ମାର ସଦଗତି ପାଇଁ ୧ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା ।



## ଓଏଭି ପ୍ରବେଶିକା ପରୀକ୍ଷା ଦେଲେ ୭୩୪ ପରୀକ୍ଷାର୍ଥୀ

ନିଶ୍ଚିନ୍ତକୋଇଲି, ୯।୧(ସମିସ): ନିଶ୍ଚିନ୍ତକୋଇଲି ଆଦର୍ଶ ବିଦ୍ୟାଳୟରେ ୨୦୨୫ ଶିକ୍ଷାବର୍ଷରେ ନାମ ଲେଖାଇବା ପାଇଁ ମଙ୍ଗଳବାର ୪ଟି ପରୀକ୍ଷା କେନ୍ଦ୍ରରେ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଛି । ଏହି ପରୀକ୍ଷାରେ ମୋଟ୍ ୭୬୨ ପରୀକ୍ଷାର୍ଥୀ ପରୀକ୍ଷା ଦେବା ପାଇଁ ଆଡ଼ମିଟ୍ କାର୍ଡ଼ ଗ୍ରହଣ କରିଥିବା ବେଳେ ୭୩୪ ଜଣ ପରୀକ୍ଷା ଦେଇଥିଲା ବେଳେ ୩୩ ଜଣ ଅନୁପସ୍ଥିତ ରହିଥିଲେ । ଅହମ୍ମଦବକ୍ସ ଉଚ୍ଚ ବିଦ୍ୟାଳୟରେ ୨୭୦ ଜଣ ପରୀକ୍ଷାର୍ଥୀଙ୍କୁ ଆଡ଼ମିଟକାର୍ଡ ପ୍ରଦାନ କରାଯାଇଥିଲା । ସେଥିମଧ୍ୟରୁ ୨୧୭ ଜଣ ପରୀକ୍ଷା ଦେଇଥିଲା ବେଳେ ୧୧ ଜଣ ଅନୁପସ୍ଥିତ ରହିଥିଲେ । ସେହିପରି ଅସୁରେଶ୍ୱର ପରୀକ୍ଷା କେନ୍ଦ୍ରରେ ୧୫୦ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୪୫ ଜଣ ପରୀକ୍ଷା ଦେଇଥିଲା ବେଳେ ୫ଜଣ ଅନୁପସ୍ଥିତ ଥିଲେ । ରାମକୃଷ୍ଣପୁର ଓସ୍ତପୁର ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୨୦୦ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୮୮ ଜଣ ପରୀକ୍ଷା ଦେଇଥିଲା ବେଳେ ୧୨ଜଣ ଅନୁପସ୍ଥିତ ରହିଥିଲେ । ସେହିପରି କେନ୍ଦୁପାଟଣା କେନ୍ଦ୍ରରେ ୨୦୦ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୯୫ଜଣ ପରୀକ୍ଷା ଦେଇଥିଲା ବେଳେ ୫ଜଣ ଅନୁପସ୍ଥିତ ରହିଥିଲେ । ପରୀକ୍ଷା ପରିଚାଳନା ପାଇଁ ପର୍ଯ୍ୟବେକ୍ଷକ ଭାବେ ମଣ୍ଡଳ ଶିକ୍ଷାଧିକାରୀ ଲକ୍ଷେହୀରା ଲାବଣ୍ୟବତୀ ବେହେରାଙ୍କୁ ଦାୟିତ୍ୱ ଦିଆଯାଇଥିଲା ।

## ନାବାଳିକାକୁ ଅସଦାଚରଣ

**ସମ୍ପର୍କୀୟ ଭାଇ ଓ ସାଙ୍ଗ ଗିରଫ**

ସାଲେପୁର, ୯ ।୧(ସମିସ): ସମ୍ପର୍କୀୟ ନାବାଳିକା ଭଉଣୀକୁ ଅସଦାଚରଣ କରିବା ଅଭିଯୋଗରେ ଭାଇ ଓ ଭାଇର ସାଙ୍ଗକୁ ସାଲେପୁର ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି । ପୁଲିସ ସୂତ୍ରରୁ ପ୍ରକାଶ ଯେ, ସାଲେପୁର ଥାନା ଅଞ୍ଚଳର ଜଣେ ନାବାଳିକା ଝିଅକୁ ତା'ର ସମ୍ପର୍କୀୟ ଭାଇ ଜଗତସିଂହପୁର ଅଞ୍ଚଳର ପ୍ରିୟବ୍ରତ ବେହେରା ଓ ତା'ର ସାଙ୍ଗ ଖୋର୍ଦ୍ଧା ଅଞ୍ଚଳର ଶଶିକାନ୍ତ ସାହୁ ସମ୍ପୃକ୍ତା ନାବାଳିକାକୁ ଅସଦାଚରଣ କରିଥିଲେ । ଏନେଇ ନାବାଳିକାର ପିତା ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିବାପରେ ସାଲେପୁର ପୁଲିସ କେସ୍ ନଂ୪/୨୫ରେ ଏକ ମାମଲା ରୁଜୁ କରି ସମ୍ପର୍କୀୟ ଭାଇ ଓ ତାର ସାଙ୍ଗକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସାଲେପୁର ଥାନା ଆଇଆଇସି ମନୋଜ କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି ।

## ମଧୁମାଟି ପତ୍ରିକା ସମ୍ପାଦକ ସମ୍ମାନିତ



ସାଲେପୁର, ୯ ।୧(ସମିସ): ବଂଶୀବଟ ମାନସ ସେବା ସମିତି ନିତ୍ୟ ଆନନ୍ଦ ଆଶ୍ରମ ପୁରୀ, ଓଡ଼ିଶା ଗଞ୍ଜାମ ଶାଖା ତରଫରୁ ତ୍ରୟମାସିକ ଆଧ୍ୟାତ୍ମିକ ପତ୍ରିକା 'ବଂଶୀବଟ'ର ଉନ୍ନବିଂଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାମାଧିନ ସଂସ୍କୃତି ମହାବିଦ୍ୟାଳୟ ପଦ୍ମପୁରର ଅଧ୍ୟକ୍ଷ ମହନ୍ତ ଡଃ ହରିହର ଦାସ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବାବେଳେ ମୁଖ୍ୟଅତିଥି ଭାବେ ପଣ୍ଡିତ ପଦ୍ମନାଭ ତ୍ରିପାଠୀ, ମୁଖ୍ୟବକ୍ତା ପ୍ରକାଶିକା ରଞ୍ଜିତା ପ୍ରିୟଦର୍ଶିନୀ, ସମ୍ମାନିତ ଅତିଥି ଶଶାଙ୍କ ଶେଖର ପଣ୍ଡା, ବିଶିଷ୍ଟ ଅତିଥି ସ୍ୱାମୀ ଜଗଦାନନ୍ଦଜୀ ମହାରାଜ ଯୋଗଦେଇଥିବାବେଳେ ସନ୍ନ୍ୟାସୀ ରାଓ ସଭାପତିତ୍ୱ କରିଥିଲେ । ଜ୍ୟୋତିର୍ବିଦ୍ ଡ. ଅନ୍ନଦା ତ୍ରିପାଠୀ ମଞ୍ଚ ପରିଚାଳନା କରିଥିବାବେଳେ ସାଲେପୁର ଅଞ୍ଚଳର ମଧୁମାଟି ସାହିତ୍ୟ ପତ୍ରିକାର ସମ୍ପାଦକ ଡଃ ଚିତ୍ତରଞ୍ଜନ ପଣ୍ଡାଙ୍କୁ ମର୍ଯ୍ୟାଦାଜନକ ବଂଶୀବଟ ତରଫରୁ "ବଂଶୀବଟ ସାହିତ୍ୟ ପ୍ରଜ୍ଞାଜ୍ୟୋତି" ସମ୍ମାନରେ ସମ୍ମାନୀତ କରାଯାଇଥିଲା ।

## କେଶରାଇପୁର ପାଣି ପଞ୍ଚାୟତ ପୁରସ୍କୃତ

ମାହାଙ୍ଗା, ୯।୧(ସମିସ): କୃଷିର ବିକାଶ ପାଇଁ ଗ୍ରାମାଞ୍ଚଳର ଚାଷୀଙ୍କୁ ଏକାଠି କରି ଗଢି ଉଠିଥିବା ପାଣି ପଞ୍ଚାୟତ ମଧ୍ୟରୁ କଟକ ଜିଲ୍ଲାର କେଶରାଇପୁର ପାଣି ପଞ୍ଚାୟତକୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଛନ୍ତି । ବାଲିଚନ୍ଦ୍ରପୁର ଜଳସମ୍ପଦ ବିଭାଗ ଅଧୀନରେ ଥିବା ପଟ୍ଟାମୁଣ୍ଡାଇ କେନାଲରୁ ବାହାରିଥିବା ୬ ଓ ୭ (ଏ) ଲଳିତଗିରି ବ୍ରାଞ୍ଚ କେନାଲରୁ ୨୫ଟି ଆଉଟଲେଟ ଦ୍ୱାରା ୫୫୯ ହେକ୍ଟର ଚାଷ ଜମିକୁ ଜଳସେଚିତ ହେଉଥିବା ବେଳେ ୬୭୮୩ ଜଣ ଚାଷୀ ଉପକୃତ ହୋଇପାରିଛନ୍ତି । ରାଜ୍ୟସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କେ ଭି ସିଂଦେଓ, କୃଷି ସଚିବ ଅରବିନ୍ଦ ପାଢ଼ୀ, ଜଳସମ୍ପଦ ସଚିବ ଅନୁ ଗର୍ଗ, ପ୍ରମୁଖ ଉପସ୍ଥିତିରେ ମହାନଦୀ ନର୍ଥ ଡିଭିଜନ ଅନ୍ତର୍ଗତ କଟକ ଜିଲ୍ଲାର କେଶରାଇପୁର ପାଣି ପଞ୍ଚାୟତକୁ ସେମାନଙ୍କ ଉତ୍କୃଷ୍ଟ ସେବା ପାଇଁ ଶ୍ରେଷ୍ଠ ପାଣି ପଞ୍ଚାୟତ ଭାବେ ଘୋଷଣା କରାଯିବା ସହିତ ପୁରସ୍କୃତ କରାଯାଇଥିଲା । ପାଣି ପଞ୍ଚାୟତର ସଭାପତି ସତ୍ୟଜିତ କାନୁନଗୋ, ସମ୍ପାଦକ ଶୁଭ ରଞ୍ଜନ ସିଂ, କୋଷାଧ୍ୟକ୍ଷ ବିଜୟ କୁମାର ପ୍ରଧାନଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ । ରାଜ୍ୟ ସରକାର ଏହି ପାଣି ପଞ୍ଚାୟତକୁ ପୁରସ୍କୃତ କରିଥିବାରୁ ପ୍ରାକ୍ତନ ସରପଞ୍ଚ ଜିତେନ୍ଦ୍ର ଶତପଥୀ, ଚାଷୀ ନେତା ଫନୀନ୍ଦ୍ର ନାଥ ପଣ୍ଡା, ସମିତିସଭ୍ୟ ଧ୍ରୁବ ଚରଣ ସାମଲ, ରଞ୍ଜନ ସ୍ୱାଇଁ, ସନ୍ଦୀପ ସିଂ, ଉଦ୍ଧବ ବାରିକ ଏବଂ ସ୍ଥାନୀୟ ଅଞ୍ଚଳର ବହୁ ଅଗ୍ରଣୀ ଚାଷୀ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକମାନେ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।



# ବିଭିନ୍ନ ସ୍ଥାନରେ ଧାନମଣ୍ଡି ଉଦ୍‌ଘାଟିତ



ନରସିଂହପୁର, ୯ ।୧(ସମିସ)

ନରସିଂହପୁର ବ୍ଲକ ବାଲିସାହି ପଞ୍ଚାୟତସ୍ଥିତ ସେବା ସମବାୟ ସମିତି ପକ୍ଷରୁ ୨୦୨୪-୨୫ ଖରିଫ ଋତୁ ନିମନ୍ତେ ବୁଧବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି । ସମିତି ସଭାପତି ପୁଷ୍ପାଞ୍ଜଳି ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ସସ୍ମିତା ସେଠୀ, ଯୋଗାଣ ଅଧିକାରୀ ନଟବର ସେନାପତି, ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ଉଷାରାଣୀ ପାଢ଼ୀ, ସମ୍ପାଦକ ପ୍ରଭାକର ସାହୁ ପ୍ରମୁଖ ଯୋଗଦେଇ ଚାଷୀଙ୍କ ସହଯୋଗ କାମନା କରିଥିଲେ । ସେହିପରି ଗୋଡିବନ୍ଧ ସମବାୟ ସମିତି ପକ୍ଷରୁ ବୁଧବାର ଧାନମଣ୍ଡି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ନରସିଂହପୁର ତହସିଲଦାର ବିଶ୍ୱରଞ୍ଜନ ବିଶ୍ୱାସ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଯୋଗଦେଇ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ । ସେବା ସମବାୟ ସମିତି ସଭାପତି ଧରିତ୍ରୀ ସାହୁଙ୍କ ଅଧ୍ୟକ୍ଷତା ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧାରାଣୀ ସାହୁଙ୍କ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ରମେଶ ଚନ୍ଦ୍ର ସାହୁ, ସମିତିସଭ୍ୟ ବନମାଳୀ ବାରିକ, ପୂର୍ବତନ ସରପଞ୍ଚ ନରେନ୍ଦ୍ର ସାହୁ, ଚାଷୀନେତା ମଧୁସୂଦନ ବାରିକ, ମହେଶ୍ୱର ସାହୁ ପ୍ରମୁଖ ଯୋଗଦେଇଥିଲେ । ମଣ୍ଡିରୁ ଏହି ସମବାୟ ସମିତି ଅଧୀନ ୧୭ଟି ରାଜସ୍ୱ ଗ୍ରାମର ୧୫ ଜଣ ଚାଷୀଙ୍କ ଠାରୁ ପ୍ରାୟ ୫୫୦ କ୍ୱିଣ୍ଟାଲ ଧାନ ସଂଗୃହିତ ହୋଇଛି ।

**ବଡମ୍ବା:** ବଡମ୍ବା ବ୍ଲକ ଅନ୍ତର୍ଗତ ଅମାନ୍ତିଆ ପ୍ରାଥମିକ ସେବା ସମବାୟ ସମିତି ପକ୍ଷରୁ ବୁଧବାର ଧାନମଣ୍ଡି ଉଦ୍‌ଘାଟିତ ହେବା ସହ ଏହି ସମବୟା ସମିତିର ନୂତନ ଗୃହ ଲୋକାର୍ପିତ ହୋଇଛି । ଅମାନ୍ତିଆ ପ୍ରାଥମିକ ସେବା ସମବାୟ ସମିତି ପରିଚାଳାନା କମିଟି ସଭାପତି ବଟକୃଷ୍ଣ ଅତବୁଦ୍ଧିଙ୍କ ପୌରୋହିତ୍ୟରେ ଆୟୋଜିତ ତଥା ସମ୍ପାଦକ ତପନ କୁମାର ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ଏକ ନିରାଡମ୍ବର କାର୍ଯ୍ୟକ୍ରମରେ ବଡମ୍ବା ବିଧାୟକ ବିଜୟ କୁମାର ଦଳବେହେରା ମୁଖ୍ୟଅତିଥି ରୂପେ ଯୋଗଦେଇ ଉଭୟ ମଣ୍ଡି ଓ ସମିତି ଗୃହକୁ ଉଦ୍‌ଘାଟିତ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଠଗଡ଼ ସହକାରୀ ଉପନିବନ୍ଧକ ବିଜେନ୍ଦ୍ର ମହାନ୍ତି, ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି, ୨୯ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ଜୟଶ୍ରୀ ବରାଳ, ଉପାଧ୍ୟକ୍ଷଙ୍କ ପ୍ରତିନିଧି ସୁଶାନ୍ତ ଜେନା, ସରପଞ୍ଚ ରୁନୁ ଦାସ, ଖରୋଡ ସମବାୟ ସମିତି ସମ୍ପାଦକ ବିକାଶ ମହାନ୍ତି, ଗୋପପୁର ସମିତି ସମ୍ପାଦକ ସୂର୍ଯ୍ୟମଣୀ ସାମନ୍ତରା, ଆତ୍ମା ଅଧ୍ୟକ୍ଷ ମହେନ୍ଦ୍ର ପଢ଼ିହାରୀ, ବଡମ୍ବା ଶାଖା ପରିଚାଳକ ସୂର୍ଯ୍ୟମଣୀ ମଲ୍ଲିକ, ପୂର୍ବତନ ଶାଖା ପରିଚାଳକ ବ୍ରଜବିହାରୀ ସାହୁ ପ୍ରମୁଖ ଯୋଗଦେଇଥିଲେ । ୩୦ ଜଣ ଚାଷୀଙ୍କ ଠାରୁ ୫୦୦ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଇଥିବାର ସମ୍ପାଦକ ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି । ଅନ୍ୟାମାନଙ୍କ ମଧ୍ୟରେ ଉପନିବନ୍ଧକ ସମବାୟ ସମିତି ସମୁହ କଟକ ସୁପ୍ରିୟା ସ୍ୱାଇଁ, ପରିଚାଳନା କମିଟି ସଦସ୍ୟା ନିଶାମଣୀ ସାହୁ, ମିନତୀ ପ୍ରଧାନ, ଗାୟତ୍ରୀ ରାଉତ, ବୈକୁଣ୍ଠ ନାଥ ପ୍ରଧାନ, ବିଦ୍ୟାଧର ଖଟୁଆ, ଭିକାରୀ ପ୍ରଧାନ, ସନାତନ ବେହେରା, ମାନସ ବାରିକ, ଦୟାନିଧି ଗୋଛି, ମାନସ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।



# ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ସାଲେପୁର, ୯ ।୧(ସମିସ):** ଜଣେ ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାଯାଇଛି । ଖବରରୁ ପ୍ରକାଶ ଯେ, ସାଲେପୁର ବ୍ଲକ୍ ଅନ୍ତର୍ଗତ କିଶନନଗର ଥାନା ଅଧୀନ ରଟିଲୋ ଗ୍ରାମର କେଶବ ବେହେରାଙ୍କ ପୁଅ ସୁବାସ ଚନ୍ଦ୍ର ବେହେରା(୨୬) ଗତକାଲି ରାତିରେ ନିଜ ଶୋଇବା ଘରେ ଭିତରପଟୁ କବାଟ ବନ୍ଦ କରି ଶୋଇବାକୁ ଯାଇଥିଲେ । ଦୀର୍ଘ ସମୟ ପର୍ଯ୍ୟନ୍ତ ସୁବାସ କବାଟ ନ ଖୋଲିବା ଓ ପରିବାର ଲୋକେ କବାଟ ବାଡେଇ ସୁବାସକୁ ଡାକିଥିଲେ ମଧ୍ୟ ସୁବାସ କୌଣସି ଉତ୍ତର ନ ଦେବାରୁ କବାଟ ଭାଙ୍ଗି ସୁବାସକୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବାବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ କିଶନନଗର ଥାନା ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ପଠାଇଥିବା ଜଣାଯାଇଛି ।

# ତିଗିରିଆରେ ଓଏଭି ପ୍ରବେଶିକା ପରୀକ୍ଷା



**ତିଗିରିଆ, ୯ ।୧(ସମିସ):** ଓଡିଶା ଆଦର୍ଶ ବିଦ୍ୟାଳୟ ପାଇଁ ଅସନ୍ତା ଶିକ୍ଷା ବର୍ଷ ୨୦୨୫-୨୬ ନିମନ୍ତେ ପ୍ରବେଶ ପରୀକ୍ଷା ବ୍ଲକ ଶିକ୍ଷା ଅଧିକାରୀ ସିନ୍‌ଗୋ ହାଁସଦାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରବେଶିକା ପରୀକ୍ଷା ଷଷ୍ଠ, ସପ୍ତମ, ଅଷ୍ଟମ ଏବଂ ନବମ ଶ୍ରେଣୀ ପାଇଁ କରାଯାଇଥିଲା । ସ୍ଥାନୀୟ ପବିତ୍ରମୋହନ ବିଦ୍ୟାପୀଠ ଏବଂ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଏହି ପ୍ରବେଶିକା ପରୀକ୍ଷା ପାଇଁ ଷଷ୍ଠ ଶ୍ରେଣୀ ନିମନ୍ତେ ୨୯୨ ସପ୍ତମ ଶ୍ରେଣୀ ପାଇଁ ୨୪ ଅଷ୍ଟମ ଶ୍ରେଣୀରେ ୩୪ ଓ ନବମ ଶ୍ରେଣୀ ପାଇଁ ୪ ଜଣ ପରୀକ୍ଷା ଏଭଳି ମୋଟ ୩୫୪ ଜଣ ପରୀକ୍ଷା ଦେଇଛନ୍ତି । ଏହି ପରୀକ୍ଷା ନିମନ୍ତେ ୩୬୦ ଜଣ ପଞ୍ଜିକୃତ କରିଥିଲେ ଏବଂ ଷଷ୍ଠରେ ୪, ସପ୍ତମରେ ୧ ଏବଂ ନବମରେ ଜଣେ ପରୀକ୍ଷାରେ ଅନୁପସ୍ଥିତ ଥିଲେ । ପରୀକ୍ଷାକୁ ସହଶିକ୍ଷା ଅଧିକାରୀ ସଂଯୁକ୍ତା ଚୌଧୁରୀ ଏବଂ ସୌଦାମିନୀ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ । ଏଠାରେ ପ୍ରକାଶଯୋଗ୍ୟ ଯେ, ଆସନ୍ତା ଶିକ୍ଷାବର୍ଷରେ ଷଷ୍ଠ ଶ୍ରେଣୀ ପାଇଁ ୮୦, ସପ୍ତମରେ ୯, ଅଷ୍ଟମରେ ୯ ଓ ନବମ ଶ୍ରେଣୀ ପାଇଁ ୧୨ ଜଣ ଛାତ୍ରଛାତ୍ରୀ ନାମ ଲେଖାଇବେ ବୋଲି ବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

# ଦ୍ୱିତୀୟ ଦିନରେ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା

**ଆଠଗଡ, ୯ ।୧(ସମିସ):** ଆଠଗଡ ମହୋତ୍ସବ ପଡିଆ ଠାରେ ଚାଲିଥିବା ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଆଜି ଦ୍ୱିତୀୟ ଦିବସରେ ପହଞ୍ଚିଛି । ତିନି ଦିନ ଧରି ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଆଜିର ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମକୁ ବଡମ୍ବା ବ୍ଲକ ଆତ୍ମା ଅଧକ୍ଷ ମହେନ୍ଦ୍ର କୁମାର ପଢିଆରୀ ମୁଖ୍ୟଅତିଥି ରୂପେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ରୂପେ ମୁଖ୍ୟ କୃଷି ଜିଲ୍ଲା ଅଧିକାରୀ ଅଶୋକ କୁମାର କର, କୃଷି ନିର୍ବାହୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ଜେନା, ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଅନ୍ତର୍ଯ୍ୟାମୀ ବାରିକ, ସହକାରୀ ନିର୍ବାହୀଯନ୍ତ୍ରୀ ଚିନ୍ତାମଣି ସାହୁ ପ୍ରମୁଖ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଆଠଗଡ ଉପଖଣ୍ଡର ୪ଟି ବ୍ଲକରୁ ଶତାଧିକ ଚାଷୀ ଯୋଗଦାନ କରିଥିଲେ । ଆଠଗଡ କୃଷି ଜିଲ୍ଲା ଅଧିକାରୀ ଶିବାଶିଷ ମିଶ୍ର ଓ ବଡମ୍ବା ସହକାରୀ କୃଷି ଅଧିକାରୀ ସ୍ମରଣୀକା ବିଶ୍ୱାଳଙ୍କ ଦ୍ୱାରା ସଂଯୋଜିତ ଏହି କାର୍ଯ୍ୟକ୍ରମରେ ସହକାରୀ କୃଷି ଅଧିକାରୀ ଲକ୍ଷ୍ମୀପ୍ରିୟା ସ୍ୱାଇଁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ସ୍ୱେଚ୍ଛାସେବୀ ନେତୃତ୍ୱ ବିକାଶ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ




**ନିଶ୍ଚିନ୍ତକୋଇଲି, ୯।୧(ସମିସ):** ଅସୁରେଶ୍ୱର ସ୍ଥିତ ସୁଭଦ୍ରା ମହତାବ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ନେତୃତ୍ୱ ବିକାଶ ପ୍ରଶିକ୍ଷଣ ଶିବିର ୩ଦିନ ଧରି ଅନୁଷ୍ଠିତ ହୋଇଛି । ରାଜ୍ୟ ସରକାରଙ୍କ ଉତ୍କଳ ବିଶ୍ୱବିଦ୍ୟାଳୟ ସହଯୋଗିତାରେ ଆନ୍ତଃଜିଲ୍ଲାସ୍ତରୀୟ ଉକ୍ତ ଶିବିରର ଉଦଯାପନୀ ଉତ୍ସବରେ କଲେଜ ଅଧ୍ୟକ୍ଷ ବିରଞ୍ଚିନାରାୟଣ ପଣ୍ଡାଙ୍କ ସଭାପତିତ୍ୱରେ ଏଥିରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦାପ୍ରସାଦ ପ୍ରଧାନ ଯୋଗଦେଇଥିଲେ । ଏଥିରେ ମୁଖ୍ୟବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନାର କାର୍ଯ୍ୟକାରୀ ସଂଯୋଜକ ଡ଼ଃ ବଦ୍ରିନାରାୟଣ ପାତ୍ର, ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାପିକା ମମତା କୁମାର ମହାପାତ୍ର, ଅଧାପିକା ସନ୍ଧ୍ୟାରାଣୀ ମହାନ୍ତି, ପ୍ରଧାପିକା ଡ. ସୁପ୍ରଭା ପରିଡ଼ା, ପ୍ରଧାପିକା ଡ. ପ୍ରଣତୀ ନାୟକ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ସ୍ୱେଚ୍ଛାସେବୀଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା, ସାଧାରଣ ଜ୍ଞାନ, ନୃତ୍ୟ, ସଂଗୀତ ଆଦି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଜାତୀୟ ସେବା ଯୋଜନାର ସଂଯୋଜକ ଅଧାପକ ସୁଧିର କୁମାର ଦାସଙ୍କ ସଂଯୋଜନାରେ ଅଧାପକ ରଞ୍ଜନ ସେଠୀ, ପ୍ରାଧାପକ ପ୍ରତାପ ସାହୁ, ସୂର୍ଯ୍ୟକୁମାର ମଲିକ, ବିଜୟ ପରିଡ଼ା, ପ୍ରକାଶ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅଧାପକ ମନମୋହନ ଖଟୁଆ ଧନ୍ୟବାଦ ଦେଇଥିଲେ ।

ଓଏସ୍‌ଏମ୍‌ସିଏଲ୍‌ର ଅହେତୁକ ଅବହେଳା

# ୩ ବର୍ଷ ହେବ ଏସ୍‌ସିବିକୁ ଆସୁନି ଏମ୍‌ଆର୍‌ଆଇ, ସିଟି ସ୍କାନ୍ ମେସିନ୍

- ଉଦ୍‌ବେଗ ପ୍ରକାଶ କଲେ ହାଇକୋର୍ଟ
- ପଡ଼ି ରହିଛି ୪୬ କୋଟି ଟଙ୍କା

**କଟକ, ୯।୧(ସମିସ)**

ଏସ୍‌ସିବି ମେଡ଼ିକାଲକୁ ଅତ୍ୟାଧୁନିକ ଏମଆରଆଇ ଏବଂ ସିଟି ସ୍କାନ ମେସିନ ଅଣାଯାଇ ପାରୁନି । ମେସିନ ଅଣାଯିବା ପାଇଁ ୩ବର୍ଷ ପୂର୍ବେ ଯୋଜନା ହୋଇଥିଲା । ମାତ୍ର ଓଡ଼ିଶା ଷ୍ଟେଟ ମେଡ଼ିକାଲ କର୍ପୋରେସନ ଲିମିଟେଡ୍(ଓଏସ୍‌ଏମସିଏଲ)ର ଅବହେଳା ଯୋଗୁଁ ଏହି ଯୋଜନା ସଫଳ ରୂପ ନେଇ ପାରୁନାହିଁ । ନୂଆ ମେସିନ ଅଣାଯିବା ପ୍ରସଙ୍ଗରେ ଆଜି ଶୁଣାଣି ବେଳେ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଥିଲେ । ଏମଆରଆଇ ଏବଂ ସିଟି ସ୍କାନ ମେସିନ ଅଣାଯିବା ପାଇଁ ୪୬ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଛି । ତେବେ ମେସିନ ଅଣାଯିବାରେ ବିଳମ୍ବ ହେଉଥିବା ଯୋଗୁଁ ରୋଗୀ ନାନାଦି ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ବଡ ମେଡିକାଲରେ ମଧ୍ୟ ସ୍ୱାସ୍ଥ୍ୟସେବା ପ୍ରଭାବିତ ହେଉଛି ।

ତିନି ବର୍ଷ ପୂର୍ବେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏକ ଚିଠି ହୋଇଥିଲା । ଏସ୍‌ସିବି ମେଡ଼ିକାଲର ରେଡିଓ ଡାଇଗ୍ନୋସିସ ବିଭାଗୀୟ ମୁଖ୍ୟଙ୍କୁ ତତ୍କାଳୀନ ଅତିରିକ୍ତ ସଚିବ ପ୍ରକାଶ ଚନ୍ଦ୍ର ମହାନ୍ତି ଚିଠି(ନଂ-୭୪୮୪) ଲେଖିଥିଲେ । ଓଡ଼ିଶା ଷ୍ଟେଟ ମେଡ଼ିକାଲ କର୍ପୋରେସନ ଲିମିଟେଡ୍(ଓଏସ୍‌ଏମସିଏଲ) ପକ୍ଷରୁ ଖୁବଶୀଘ୍ର ଉପରୋକ୍ତ ଦୁଇଟି ମେସିନ ପ୍ରଦାନ କରାଯିବ ବୋଲି



ଚିଠିରେ ଉଲ୍ଲେଖ ହୋଇଥିଲା । ଏପରିକି ଉକ୍ତ ମେସିନ ଦୁଇଟି ସଂସ୍ଥାପନ ପାଇଁ ଏସ୍‌ସିବି କର୍ତ୍ତୃପକ୍ଷଙ୍କ ପକ୍ଷରୁ ଜାଗା ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ମାତ୍ର ଏ ପର୍ଯ୍ୟନ୍ତ ଯୋଜନା ଅଗ୍ରଗତି ହୋଇ ପାରୁନାହିଁ ।

ଏସ୍‌ସିବି ମେଡ଼ିକାଲରେ ସିଟି ସ୍କାନ ମେସିନ ଖରାପ ହେବାକୁ ନେଇ ଅନେକ ସମୟରେ ରୋଗୀ ଓ ରୋଗୀ ସମ୍ପର୍କୀୟଙ୍କ ଭିତରେ ଉତ୍ତେଜନା ଦେଖାଦେଇଥାଏ । ଏପରିକି ପ୍ରାୟ ସମୟ ଏସ୍‌ସିବିରେ ସିଟି ସ୍କାନ ମେସିନ ଅଚଳ ହୋଇ ପଡ଼େ । ଦିନକୁ ଦିନ ରୋଗୀ ସଂଖ୍ୟା ବଢୁଥିବା ବେଳେ ମେସିନ ବାରମ୍ବାର ଅଚଳ ହେବା ଯୋଗୁଁ ରୋଗୀ ସେବା ବାଧାପ୍ରାପ୍ତ ହେଉଛି । ଏଭଳି ସମସ୍ୟାର ସମାଧାନ ପାଇଁ ଏସ୍‌ସିବି ରେଡିଓ ଡାଇଗ୍ନୋସିସ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ଚିଠି ଲେଖାଯାଇଥିଲା । ଏହାକୁ ଗୁରୁତ୍ୱର ସହିତ ଗ୍ରହଣ କରାଯାଇ ବିଭାଗ ପକ୍ଷରୁ ନୂତନ ମେସିନ ପ୍ରଦାନ ନିମନ୍ତେ ଅନୁମତି ପତ୍ର ଆସିଥିଲା । ପ୍ରକାଶଯୋଗ୍ୟ, ଏସ୍‌ସିବିରେ ୨ଟି ସିଟି ସ୍କାନ ମେସିନ ରହିଛି । ଗୋଟିଏ ମେଡ଼ିକାଲ କର୍ତ୍ତୃପକ୍ଷଙ୍କ ଦ୍ୱାରା ପରିଚାଳିତ ହେଉଛି । ଏହା ଆଞ୍ଚଳିକ ନିଦାନ କେନ୍ଦ୍ର(ଆରଡିସି)ରେ ସଂସ୍ଥାପିତ ହୋଇଛି । ଅନ୍ୟ ମେସିନଟି ପବ୍ଲିକ ପ୍ରାଇଭେଟ ପାର୍ଟନରସିପ୍(ପିପିପି) ମୋଡ଼ରେ କାର୍ଯ୍ୟ କରୁଥିବା ବେଳେ ଏହା ରେଡିଓଲୋଜି ବିଭାଗ ସମ୍ମୁଖ କେନ୍ଦ୍ରରେ ରହିଛି । ସେହିପରି ଆରଡିସି ଭିତରେ ଏକମାତ୍ର ଏମଆରଆଇ ମେସିନ ରହିଛି । ଆଉ ଦୁଇଟି ମେସିନ ଅଣାଗଲେ ଏସ୍‌ସିବିରେ ସିଟି ସ୍କାନ ମେସିନ ସଂଖ୍ୟା ୩ ଓ ଏମଆରଆଇ ମେସିନ ସଂଖ୍ୟା ୨ରେ ପହଞ୍ଚିବ । ନୂତନ ଭାବେ ଆସିବାକୁ ଥିବା ୨ଟି ଯାକ ମେସିନ ଅତ୍ୟାଧୁନିକ । ସିଟି ସ୍କାନ ମେସିନଟି ୧୨୮ ସ୍ଲାଇସେସ୍ ବିଶିଷ୍ଟ ଓ ଏମଆରଆଇ ମେସିନଟି ୩ ଟେସ୍‌ଲା ବିଶିଷ୍ଟ ଅଟେ ।

# ଅନ୍ତରଙ୍ଗ ମୁହୂର୍ତ୍ତ ଫଟୋ ଭାଇରାଲ ପରେ ପ୍ରେମିକାର ଆତ୍ମହତ୍ୟା

**ଅଭିଯୁକ୍ତ ପ୍ରେମିକକୁ ଗିରଫ କଲା ପୁଲିସ**

**ମାହାଙ୍ଗା, ୯।୧(ସମିସ):** ସାମାଜିକ ଗଣମାଧ୍ୟମରେ ଅନ୍ତରଙ୍ଗ ମୁହୂର୍ତ୍ତ ଫଟୋ ଭାଇରାଲ ପରେ ପ୍ରେମିକା ଆତ୍ମହତ୍ୟା କରିଥିବା ଜଣାପଡିଛି । ଏହି ଘଟଣାରେ ଯୁବତୀଙ୍କ ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ପୁଲିସ୍ ଅଭିଯୁକ୍ତ ପ୍ରେମିକକୁ ଗିରଫ କରି ପୋର୍ଟ ଚାଲାଣ କରିଛି ।

ସୂଚନାଯୋଗ୍ୟ, ଭଦ୍ରେଶ୍ୱର ଥାନା ଅଞ୍ଚଳର ଜଣେ ଯୁବତୀ ସ୍ଥାନୀୟ ଅଞ୍ଚଳରେ ଥିବା ଏକ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ । ଏହି ସମୟରେ ନାହାଙ୍ଗ ପଞ୍ଚାୟତ ଡିହିଗୋପ ଗ୍ରାମର ଅନୀଲ ସେଠୀ (୨୮)ଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା । ଉଭୟଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋଗୁଡ଼ିକ ପ୍ରେମିକ ଅନୀଲଙ୍କ ମୋବାଇଲରେ ରହିଥିଲା । ତେବେ ଉଭୟଙ୍କ ମଧ୍ୟରେ ବିବାଦ ଉପୁଜିବାରୁ ଦୁହେଁ ଦୁହିଁଙ୍କ ଠାରୁ ଦୂରେଇ ଯାଇଥିଲେ । ଏପରିକି ଯୁବତୀଙ୍କୁ ପରିବାର ଲୋକେ ପାରାଦ୍ୱୀପରେ ତାଙ୍କ ସଂପର୍କୀୟଙ୍କ ଘରେ ଛାଡି ଦେଇ ଆସିଥିଲେ । ପରେ ପ୍ରେମିକାକୁ ଅନୀଲ ବ୍ଲାକମେଲ କରିବା ଆରମ୍ଭ କରି ଦେଇଥିଲା । ନିଜ ମୋବାଇଲରେ ଥିବା ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋକୁ ସାମାଜିକ ଗଣମାଧ୍ୟମରେ ଭାଇରାଲ କରିଦେଇଥିଲା । ଏହି ଘଟଣାକୁ ପ୍ରେମିକା ସହି ନ ପାରି ସଂପର୍କୀୟଙ୍କ ଘରେ ରଶି ଲଗାଇ ଆତ୍ମହତ୍ୟା କରିଦେଇଥିଲା । ଯାହାକୁ ନେଇ ଯୁବତୀଙ୍କ ମା' ଭଦ୍ରେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ପରେ ପୁଲିସ ଥାନା କେସ୍ ନଂ ୪/୨୫ରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଅନୀଲକୁ ଗିରଫ କରି କୋର୍ଟ ଚାଲାଣ କରିଛି । ମୃତଦେହକୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ଆଇଆଇସି ସନ୍ଧ୍ୟାରାଣୀ ସିଂହ ସୂଚନା ଦେଇଛନ୍ତି ।

# ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



**ଆଠଗଡ, ୯ ।୧(ସମିସ):** ଆଠଗଡ ବ୍ଲକ ଅଧୀନ ବିଜୁ ପଟ୍ଟନାୟକ କଲ୍ୟାଣମଣ୍ଡପରେ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ବିଶେଷ କରି ହାତଲେଖା ପରିଚୟ ପତ୍ରକୁ ଡିଜିଟାଲରେ ପରିଣତ କରିବା ପାଇଁ ବେଶ ଭିଡ ପରିଲକ୍ଷିତ ହୋଇଥିଲା । ଆଜିର ଏହି ଶିବିରରେ ବିଭିନ୍ନ ବର୍ଗର ୮୪୫ ଜଣ ଭିନ୍ନକ୍ଷମ ନାମ ପଞ୍ଜିକରଣ କରି ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ବ୍ଲକ ଉନ୍ନୟନ ଅଧିକାରୀ ଆକାଶ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଶିବିରକୁ ଜିଲ୍ଲା ପରିଷଦ ସଭ୍ୟ ବଳଭଦ୍ର ବାଘ ଏବଂ ସଭ୍ୟା ମିନତୀ ଗାଗରାଇ ଉଦଘାଟନ କରି ସମାଜରେ ଥିବା ଭିନ୍ନକ୍ଷମଙ୍କୁ ଚିହ୍ନଟ କରାଯାଇ ସରକାରଙ୍କ ପକ୍ଷରୁ ସମସ୍ତ ସୁବିଧା ସୁଯୋଗ ଯୋଗାଇଦେବାକୁ ଏହି ଶିବିରର ଉଦ୍ଦେଶ୍ୟ ବୋଲି କହିଥିଲେ । ଏହି ଅବସରରେ ୫ ଜଣ ଭିନ୍ନକ୍ଷମଙ୍କୁ ହୁଇଲ୍‌ଚେୟାର ଓ ଟ୍ରାଇସାଇକଲ ଏବଂ ୨ ଜଣଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମକୁ ବିଷ୍ଣୁ ପ୍ରସାଦ ଖାଡେଙ୍ଗା ସଂଯୋଜନା କରିଥିବା ବେଳେ ନବ କୁମାର କଟିକିଆ ଏବଂ ପ୍ରିୟବ୍ରତ ପଣ୍ଡା ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ବ୍ଲକ କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

# ବ୍ୟବସାୟୀ ସଂଘର ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା



**ନିଶ୍ଚିନ୍ତକୋଇଲି, ୯।୧(ସମିସ):** ନିଶ୍ଚିନ୍ତକୋଇଲି ବଜାର ବ୍ୟବସାୟୀ ସଂଘର ବାର୍ଷିକ ବନ୍ଧୁମିଳନ ଓ ସମ୍ବର୍ଦ୍ଧନା ସମାରୋହ ଉତ୍ସବ ଅନୁଷ୍ଠିତ ହୋଇଛି । ସଂଘର ସଭାପତି ପ୍ରମୋଦ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଏଥିରେ ମୁଖ୍ୟଅତିଥି ଭାବେ ସମାଜସେବୀ ଡ. ଦେବ ମହାନ୍ତି, ସମ୍ମାନୀତ ଅତିଥିଭାବେ ଉପସଭାପତି ବଳରାମ ସାହୁ, ସମ୍ପାଦକ ଜୀବନାନନ୍ଦ ଦାଶ ପ୍ରମୁଖ ଯୋଗଦେଇ ବ୍ୟବସାୟୀ ସଂଘର ସଂଗଠନକୁ ସୁଦୃଢ କରିବା ପାଇଁ ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସାମ୍ବାଦିକ ସୁରେନ୍ଦ୍ରନାଥ ରାଉତ, ପ୍ରଫୁଲ୍ଲ କୁମାର ଦାଶ, ବଲ୍ଲଭଚରଣ ପଲେଇ, ପ୍ରମୋଦ ପରିଡ଼ା, ଅଶୋକ ମହାପାତ୍ର ଓ ଲକ୍ଷ୍ମଣ ଦାସଙ୍କୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହାସହିତ ସଂଘର ପୂର୍ବତନ ସଭାପତି ତୈଲୋକ୍ୟନାଥ ମହାନ୍ତି, ପୂର୍ବତନ ସମ୍ପାଦକ ରାୟଗୁରୁ ବିଜୟକିଶୋର ମିଶ୍ର ଓ ବୟୋଜ୍ୟୋଷ୍ଠ ବ୍ୟବସାୟୀ ଡା. ଅଶ୍ୱିନୀ କୁମାର ଦ୍ୱିବେଦୀ, ଅଭିରାମ ପଣ୍ଡା, କୈଳାଶ ଚନ୍ଦ୍ର ଭୂୟାଁ, ଅଚ୍ୟୁତାନନ୍ଦ ବେହେରା, ଶଙ୍କରଲାଲ ଚାଣ୍ଡାକ୍, ଅନାମଚରଣ ଦାସ, ବଟକୃଷ୍ଣ ତରାଇ, ଶତୃଘ୍ନ ନାୟକଙ୍କୁ ମଧ୍ୟ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସଂଘର ଉପସଭାପତି ଜ୍ୟୋତିରଞ୍ଜନ ସାହୁ ଓ ଗଗନବିହାରୀ ବରାଳ, କୋଷାଧକ୍ଷ ରାମଚନ୍ଦ୍ର ସାହୁ, ସହସମ୍ପାଦକ ବଂଶୀଧର ସାମଲ, ଯୁଗ୍ମସମ୍ପାଦକ ମନମୋହନ ଓଝା ଓ କରୁଣାକର ସାହୁ, ହିସାବ ନିରୀକ୍ଷକ ଅଜୟ ସାହୁ, ବିଶ୍ୱଜିତ୍ ରାଉତ ପ୍ରମୁଖ ଯୋଗଦେଇଥିଲେ । ଏଥିରେ ୫୦୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀ ଉପସ୍ଥିତ ହୋଇ ଆଲୋଚନାରେ ଅଂଶଗ୍ରହଣ କରିଥିଲା ବେଳେ କାର୍ଯ୍ୟାଳୟ ସମ୍ପାଦକ ଗୁରୁଚରଣ ନାୟକ ଧନ୍ୟବାଦ ଦେଇଥିଲେ ।

# ଡିଡିଏଲ୍ ସାଲେପୁରକୁ ହରାଇ କଟିକଟା ଚାମ୍ପିଅନ



**ନେମାଳ, ୯।୧(ସମିସ):** ବକ୍ରେଶ୍ୱର କ୍ରିକେଟ କ୍ଲବ ସାନ୍ତପୁର ଆନୁକୂଲ୍ୟରେ ଆୟୋଜିତ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ୍‌ରେ ଉତ୍କଳ ଯୁବ ପରିଷଦ କଟିକଟା ଟସ୍ ଜିତି ୧୪ ଓଭରରେ ୪ଟି ବଲ ଖେଳି ୧୬୩ ରନ୍ ସଂଗ୍ରହ କରିଥିଲା ଓ ଡିଡିଏଲ୍ ସାଲେପୁର ୧୪ ଓଭର ୫ଟି ବଲରେ ୧୪୩ ରନ୍ ସଂଗ୍ରହ କରି ଅଲ୍‌ଆଉଟ୍ ହୋଇଯାଇଥିଲା । ୨୦ ରନ୍‌ରେ ଉତ୍କଳ ଯୁବ ପରିଷଦ କଟିକଟା କ୍ରିକେଟ ଟିମ୍ ବିଜୟ ଲାଭ କରିଥିଲା ଏହି ମ୍ୟାଚ୍‌ରେ ଶ୍ରେଷ୍ଠ ଖେଳାଳି ଭାବେ ଅମନ ଅଲ୍ଲୀ ଏବଂ କାହ୍ନୁ ଚରଣ ଭୋଇ ଏବଂ ବେଷ୍ଟ ବ୍ୟାଟସମ୍ୟାନ୍ ବଳରାମ ଭୋଇ ଓ ବେଷ୍ଟ ବୋଲର ମନୋରଞ୍ଜନ ବିଶ୍ୱାଳ ବିବେଚିତ ହୋଇଥିଲେ । ଉଦ୍‌ଯାପନୀ ଉତ୍ସବରେ ସମାଜସେବୀ ନୃସିଂହଚରଣ ମୁଦୁଲି ଯୋଗଦେଇଥିଲା ବେଳେ ସମ୍ମାନୀତ ଅତିଥି ଭାବେ ପୂର୍ବତନ କ୍ରୀଡା ଅଧାପକ ବିଚିତ୍ରାନନ୍ଦ ଜେନା, ଶିକ୍ଷାବିତ୍ କାର୍ତ୍ତିକ ଚନ୍ଦ୍ର ଦାସ, ଅମୂଲ୍ୟ ମହାନ୍ତି, ଚିତ୍ତ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ । ଏହି ଖେଳକୁ ପଙ୍କଜ କୁମାର ସିଂ, ଶଶିକାନ୍ତ ପାଇକରାୟ, ସ୍ୱରୂପ କିଶନ ଜେନା, ସୁଶାନ୍ତ ପାଇକରାୟ ପରିଚାଳନା କରିଥିଲେ । ଖେଳକୁ କ୍ଲବର ସଦସ୍ୟ ଲକ୍ଷ୍ମୀକାନ୍ତ ମହାନ୍ତି, ପ୍ରିୟରଞ୍ଜନ ଦଳାଇ, ଆକାଶ ସ୍ୱାଇଁ, ସୌମ୍ୟରଞ୍ଜନ ମହାନ୍ତି, ଚନ୍ଦ୍ରକାନ୍ତ ସ୍ୱାଇଁ, ମନୋଜ ରାଉତ, ବିଶ୍ୱରଞ୍ଜନ ସ୍ୱାଇଁ, ମନୋଜ ମହାପାତ୍ର, ଅନୀଲ ନାଏକ, ଅନୀଲ ସ୍ୱାଇଁ, ଶିବପ୍ରସାଦ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ ।

ଡ୍ରିମ୍‌ସ ମେଡିକାଲ କଲେଜର ବାର୍ଷିକ ଉତ୍ସବ

# 'ପୀଡ଼ିତର ଜୀବନ ରକ୍ଷା ହିଁ ପରମ ଧର୍ମ': ଡଃ ଚନ୍ଦ୍ରଭାନୁ ଶତପଥୀ

**କଟକ, ୯।୧(ସମିସ)**




ଡାକ୍ତର ହେଉଛନ୍ତି ଇଶ୍ୱରଙ୍କ ପ୍ରତିରୂପ । ମଧୁର ଓ ସ୍ନେହପୂର୍ଣ୍ଣ ବ୍ୟବହାର ସହ ଇଶ୍ୱରଙ୍କ ନାମରେ ପୀଡିତର ଚିକିତ୍ସା ଓ ଜୀବନ ରକ୍ଷା ହିଁ ଜଣେ ଡାକ୍ତରଙ୍କ ପରମ ଧର୍ମ ବୋଲି ବିଶିଷ୍ଟ ପ୍ରବକ୍ତା ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀ ମତବ୍ୟକ୍ତ କରିଛନ୍ତି । ଡ୍ରିମ୍‌ସ ଇନଷ୍ଟିଚ୍ୟୁଟ୍ ଅଫ ହେଲ୍‌ଥ ସାଇନ୍ସ ଓ ହସ୍ପିଟାଲର ବାର୍ଷିକ ଉତ୍ସବ 'ଆରୋହଣ-୨୦୨୫'ରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ଗୁରୁଜୀ ଡ. ଶତପଥୀ ଜୀବନର ମୂଲ୍ୟବୋଧକୁ ବୁଝି ସାଧନା ପଥରେ ବ୍ରତୀ ହେବାକୁ ଛାତ୍ରଛାତ୍ରୀଙ୍କୁ ଦିଗଦର୍ଶନ ଦେଇଥିଲେ । ସେ କହିଲେ ଆଜି ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଅନେକ ଅଗ୍ରଗତି ଘଟିଛି । କୃତ୍ରିମ ବୁଦ୍ଧିମତ୍ତା ଉପଯୋଗ ଦ୍ୱାରା ଜଟିଳ ରୋଗର ଚିକିତ୍ସା ସହଜସାଧ ହୋଇପାରିଛି । ଏହାକୁ ଗୁରୁତ୍ୱ ଦେଇ ଡାକ୍ତରୀ ଛାତ୍ରଛାତ୍ରୀ ଅଧୁନାତନ ପ୍ରଶିକ୍ଷଣ ଓ ଜ୍ଞାନ ଆହରଣ ଲାଗି ଚେଷ୍ଟିତ ହେବା ଆବଶ୍ୟକ । ଗ୍ରାମାଞ୍ଚଳରେ ଡ୍ରିମ୍‌ସ ମେଡିକାଲ କଲେଜ ଓ ହସ୍ପିଟାଲ ସ୍ଥାପନ ଏକ ପ୍ରଶଂସନୀୟ ପଦକ୍ଷେପ ବୋଲି ଉଲ୍ଲେଖ କରି ପ୍ରତିଷ୍ଠାତାଙ୍କୁ ସେ ସାଧୁବାଦ ଜଣାଇଥିଲେ । ଶିକ୍ଷାନୁଷ୍ଠାନର ଡିନ୍ ପ୍ରଫେସର ଡା. ବିରଞ୍ଚି ନାରାୟଣ ମହାପାତ୍ର ସ୍ୱାଗତ ଅଭିଭାଷଣ ଓ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ଶିକ୍ଷା କ୍ଷେତ୍ରରେ ସଂସ୍କାର ଓ ଡାକ୍ତରୀ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ବିଦ୍ୟାର୍ଥୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଉତ୍ସବରେ ପୋରୋହିତ୍ୟ କରି ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀଙ୍କ ପ୍ରେରଣାଦାୟୀ ବକ୍ତବ୍ୟ ଡାକ୍ତରୀ ଛାତ୍ରଛାତ୍ରୀ ଭଲ ମଣିଷ ଭାବରେ ନିଜକୁ ଗଢିତୋଳିବା ଏବଂ ଉତ୍ସର୍ଗୀକୃତ ମାନବ ସେବାରେ ବ୍ରତୀ ହେବାକୁ ମାର୍ଗଦର୍ଶନ କରିବ ବୋଲି ଆଶାବ୍ୟକ୍ତ କରିଥିଲେ । ଏହି ଅବସରରେ ଶିକ୍ଷାନୁଷ୍ଠାନର ମୁଖପତ୍ର 'ନବସୃଷ୍ଟି' ମୁଖ୍ୟଅତିଥି ଉନ୍ମୋଚନ କରିବା ସହ ବିଭିନ୍ନ ପ୍ରତିଯୋଗିତାରେ ସଫଳ ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଶିକ୍ଷାନୁଷ୍ଠାନ ପକ୍ଷରୁ ସହ ଅଧ୍ୟକ୍ଷ ଇଂ ଦୁର୍ଗା ପ୍ରସାଦ ରଥ ମୁଖ୍ୟଅତିଥିଙ୍କୁ ଶାଲ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ମୁଖ୍ୟଅତିଥି ଡ. ଶତପଥୀ ମଧ୍ୟ ସାଇରାମଙ୍କ ଉତ୍ତରୀୟ ଦେଇ ଡ୍ରିମ୍‌ସ ଅଧ୍ୟକ୍ଷ ଡଃ ରଥଙ୍କୁ ଶ୍ରଦ୍ଧାର୍ପଣ କରିଥିଲେ । ଛାତ୍ରୀ ଆକାଂକ୍ଷା ସାବତ, ସ୍ୱାଗତିକ ବେହେରା, ହର୍ଷିତା ଅଗ୍ରୱାଲ, ସାଗରିକା ସାହୁ, ଛାତ୍ର ଅନୂପ କୁମାର ଦାସ ଓ ମୋହିତ ପାଣିଗ୍ରାହୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ଧୀରେନ୍ଦ୍ରନାଥ ମହାରଣା ଧନ୍ୟବାଦ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ପ୍ରଫେସର ଡା. ଶିଶୁ ଶଙ୍କର ମିଶ୍ର, ପ୍ରଫେସର ଡା. ଚିତ୍ତ ପ୍ରସାଦ ଦାସ, ପ୍ରଫେସର ଡା. ନିରୂପମା ଚୟନୀ, ଡା. ଜ୍ୟୋତିପ୍ରକାଶ ପରିଜାଙ୍କ ସମେତ ବିଭିନ୍ନ ବିଭାଗର ଡାକ୍ତର ଓ ଶିକ୍ଷକ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ମୁଖ୍ୟଅତିଥି କର୍ମଯୋଗୀ ଧନେଶ୍ୱର ରଥଙ୍କ ପ୍ରତିକୃତି ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ମାନବସମ୍ବଳ ବିଭାଗର ମୁଖ୍ୟ ପ୍ରଦ୍ୟୁତ୍ କୁମାର ଷଡଙ୍ଗୀ ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

● ବ୍ଲକ୍‌ସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର

# ୨୬ଟି ସଂସ୍ଥା ପାଇଁ ୧୨୦ ଯୁବକ ଯୁବତୀ ପଞ୍ଜିକୃତ




**ତିଗିରିଆ, ୯ ।୧(ସମିସ):** ତିଗିରିଆ ବ୍ଲକ ସମ୍ମିଳନୀ କକ୍ଷରେ ଗୁରୁବାର ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅଧକ୍ଷା ସନ୍ଧ୍ୟାରାଣୀ ନାୟକଙ୍କ ପୌରହିତ୍ୟରେ ଆୟୋଜିତ ଏହି ଶିବିରରେ ୨୬ଟି ସଂସ୍ଥାର ଅଧିକାରୀ ଯୋଗଦେଇ ନିଯୁକ୍ତି ସଂପର୍କିତ ପରାମର୍ଶ ପ୍ରଦାନ କରିଥିଲେ । ଶିବିରକୁ ତିଗିରିଆ ବ୍ଲକର ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଯାଜ୍ଞସେନୀ ଗୋଚ୍ଛାୟତ ପରିଚାଳନା କରିଥିଲେ । କଟକ ଜିଲ୍ଲା କର୍ମ ନିୟୋଜନ ଅଧିକାରିଣୀ ଇନ୍ଦିରା ମଲ୍ଲିକ, କୃଷ୍ଣଚନ୍ଦ୍ର ସାହୁ, କଟକ ଆର୍ମି ନିଯୁକ୍ତି କେନ୍ଦ୍ରର ସୁବେଦାର ମେଜର ଡାମ୍ବଲେ ରାଜୁ ପ୍ରମୁଖ ଯୋଗଦେଇ ଆଶାୟୀ ଯୁବକ ଯୁବତୀଙ୍କୁ ନିଯୁକ୍ତି ସଂପର୍କିତ ପରାମର୍ଶ ପ୍ରଦାନ କରିଥିଲେ । ଆୟୋଜିତ ଶିବିରରେ ୮୦ଜଣ ଯୁବତୀ ଓ ୪୦ ଜଣ ଯୁବକଙ୍କୁ ନିଯୁକ୍ତି ସଂପର୍କିତ ପରାମର୍ଶ ପ୍ରଦାନ କରାଯାଇଥିଲା । ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିପିଏମ ପ୍ରଦୀପ ସିଂ, ମିଶନ ଶକ୍ତି ସଭାନେତ୍ରୀ ସମସୁରା ବେଗମ, ବିଧାୟକ ପ୍ରତିନିଧି ଚିନ୍ମୟ ମଲ୍ଲିକ, କଟକ ସାଂସଦ ପ୍ରତିନିଧି ସୂର୍ଯ୍ୟକାନ୍ତ ଧଳ ପ୍ରମୁଖ ଉପସ୍ଥିତ ଥିଲେ ।

### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୫.୦୫
- ପାଉଣ୍ଡ ୧୦୬.୨୬
- ୟୁରୋ ୮୮.୭୮
- ୟେନ୍ ୦.୫୪

### ସୁନା, ରୁପା ଦର




୧୦ ଗ୍ରାମ ପିଛା (ଟଙ୍କାରେ)

- ସୁନା: ୭୨,୬୦୦ (ନୂଆଦିଲ୍ଲୀ)
- ରୁପା : ୯୨,୪୦୦ (କେଜି)



### ଷ୍ଟକ୍ ମାର୍କେଟ୍



ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୭,୬୨୦.୦୦
- ନିଫ୍ଟି ୨୩,୫୭୬.୦୦

### ପେଟ୍ରୋଲ-ଡିଜେଲ୍



ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬

# ରତନ ଟାଟା ଇନଷ୍ଟିଚ୍ୟୁଟ୍ ବୋର୍ଡରେ ନୋଏଲ୍‌ଙ୍କ ଦୁଇ ଝିଅ



ନୂଆଦିଲ୍ଲୀ, ୯।୧(ଏଜେନ୍ସି): ଟାଟା ଟ୍ରଷ୍ଟର ଅଧ୍ୟକ୍ଷ ନୋଏଲ ଟାଟାଙ୍କ ଝିଅ ମାୟା ଏବଂ ଲିଆ ଟାଟାଙ୍କୁ ସାର୍ ରତନ ଟାଟା ଇଣ୍ଡଷ୍ଟ୍ରିଆଲ୍ ଇନଷ୍ଟିଚ୍ୟୁଟ୍ (ଏସ୍ଆର୍‌ଟିଆଇଆଇ)ର ଟ୍ରଷ୍ଟି ବୋର୍ଡରେ ସାମିଲ କରାଯାଇଛି। ଏହି ଟ୍ରଷ୍ଟ ହେଉଛି ଟାଟା ସନ୍ସର ଦୁଇଟି ପ୍ରମୁଖ ଅଂଶୀଦାରର ମଧ୍ୟରୁ ଗୋଟିଏ, ଯାହା ଗ୍ରୁପର ହୋଲ୍ଡିଂ କମ୍ପାନୀ। ଦୁଇ ଭଉଣୀ ଅର୍ନାଜ୍ କୋଟୱାଲ ଏବଂ ଫ୍ରେଡି ତଲାଟିଙ୍କ ସ୍ଥାନ ନେଇଛନ୍ତି, ଯେଉଁମାନେ ନୂତନ ନିଯୁକ୍ତି ପାଇଁ ଇସ୍ତଫା ଦେଇଥିଲେ। ଏହାସହିତ, ନୋଏଲ୍ ଟାଟାଙ୍କ ପିଲାମାନେ ଏବେ ଟାଟା ଟ୍ରଷ୍ଟର ବୋର୍ଡରେ ଯୋଗ ଦେଇଛନ୍ତି। ତଥାପି, ସେମାନଙ୍କୁ ଏ ପର୍ଯ୍ୟନ୍ତ ଦୁଇଟି ପ୍ରମୁଖ ଟ୍ରଷ୍ଟ ସାର୍ ରତନ ଟାଟା ଟ୍ରଷ୍ଟ ଏବଂ ଆଲାଇଡ୍ ଟ୍ରଷ୍ଟ ଏବଂ ସାର୍ ଦୋରାବଜୀ ଟାଟା ଟ୍ରଷ୍ଟ ଏବଂ ଆଲାଇଡ୍ ଟ୍ରଷ୍ଟରେ ସାମିଲ କରାଯାଇନାହିଁ। ସାର୍ ରତନ ଟାଟା ଶିଳ୍ପ ପ୍ରତିଷ୍ଠାନର ବୋର୍ଡରେ ଏହି ପରିବର୍ତ୍ତନ ବିବାଦୀୟ ହୋଇପଡ଼ିଛି। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ବିଦାୟୀ ଟ୍ରଷ୍ଟି ଅର୍ନାଜ କୋଟୱାଲ ତାଙ୍କ ସହଯୋଗୀ ଟ୍ରଷ୍ଟିମାନଙ୍କୁ ଲେଖିଥିବା ଏକ ଚିଠିରେ ପ୍ରକ୍ରିୟା ପ୍ରତି ଅସନ୍ତୋଷ ପ୍ରକାଶ କରିଛନ୍ତି।

**ବ୍ଲୁମ୍‌ବର୍ଗ ଇଣ୍ଟେଲିଜେନ୍ସ ରିପୋର୍ଟ**

# ଏଆଇ ଖାଇଯିବ ନିଯୁକ୍ତି





- ଯିବ ୨ ଲକ୍ଷ ବ୍ୟାଙ୍କ କର୍ମଚାରୀଙ୍କ ଚାକିରି
- ବିଦା ହୋଇପାରନ୍ତି ୩ ପ୍ରତିଶତ ଲୋକ

ନୂଆଦିଲ୍ଲୀ, ୯।୧(ଏଜେନ୍ସି)

ସାରା ବିଶ୍ୱରେ ସମ୍ପ୍ରତି ବଢୁଛି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)ର ଦବ୍‌ଦବା। ଆଇଟି, ଇଞ୍ଜିନିୟରିଂ, ଚିକିତ୍ସା ସେବା ଏବଂ ବିନିର୍ମାଣ ଭଳି ସବୁ କ୍ଷେତ୍ରରେ ଏଆଇର ବ୍ୟବହାର ବଢ଼ିବାରେ ଲାଗିଛି। ହେଲେ ଏଆଇକୁ ନେଇ ଏବେ ଆଶଙ୍କା ପ୍ରକାଶ କରାଗଲାଣି। କାରଣ ଏଆଇ ମନୁଷ୍ୟଙ୍କ ସ୍ଥାନ ନେବ। ଏଆଇ ଖାଇଯିବ ନିଯୁକ୍ତି। ଆ ର୍ଟି ଫି ସି ଆ ଲ ଇଣ୍ଟେଲିଜେନ୍ସ ଯୋଗୁ ସାରା ବିଶ୍ୱରେ ଆଗାମୀ ୩ ରୁ ୫ ବର୍ଷ ମଧ୍ୟରେ ଚାଲିଯିବ ପ୍ରାୟ ୨ ଲକ୍ଷ ଲୋକଙ୍କ ଚାକିରି। ଏହି ଚାକିରି କେବଳ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଯିବ। ବିଶେଷକରି ବହୁ ସଂଖ୍ୟାରେ ବ୍ୟାଙ୍କ କର୍ମଚାରୀ ଚାକିରି ହରାଇବେ। ବିଶ୍ୱସ୍ତରୀୟ ବ୍ୟାଙ୍କଗୁଡ଼ିକ ଦ୍ୱାରା ବହୁ ସଂଖ୍ୟକ ଲୋକଙ୍କୁ ଛଟେଇ କରାଯାଇପାରେ ବୋଲି ବ୍ଲୁମବର୍ଗ ଇଣ୍ଟେଲିଜେନ୍ସ ପକ୍ଷରୁ କୁହାଯାଇଛି।

ବ୍ଲୁମବର୍ଗ ରିପୋର୍ଟ ଅନୁଯାୟୀ, ଏଆଇ ମାଧ୍ୟମରେ ବ୍ୟାଙ୍କ କାମ ସହଜ ହେଉଛି। ରେ ଲୋକମାନେ କରୁଥିବା କାମ ସହଜରେ ହେଉଛି। ବ୍ଲୁମବର୍ଗ କହିଛି ଯେ ଆଗାମୀ ତିନିରୁ ପାଞ୍ଚ ବର୍ଷ ମଧ୍ୟରେ ବିଶ୍ୱର ବ୍ୟାଙ୍କଗୁଡ଼ିକ ଏଆଇ ଯୋଗୁଁ ୨ ଲକ୍ଷ ଲୋକଙ୍କୁ ଚାକିରିରୁ ବିଦା କରିପାରନ୍ତି। ବ୍ୟାଙ୍କର ସମସ୍ତ କାମ ଏଆଇ ଉପକରଣ ସାହାଯ୍ୟରେ କରାଯାଉଛି ଏବଂ ଖର୍ଚ୍ଚ ମଧ୍ୟ ହ୍ରାସ ପାଉଛି। ବ୍ଲୁମବର୍ଗର ଅଧିକାରୀମାନେ ଏକ ସର୍ଭେ କରିଥିଲେ, ଯେଉଁଥିରୁ ଜଣାପଡିଥିଲା ଯେ ଆଗାମୀ ୫ ବର୍ଷ ମଧ୍ୟରେ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ପ୍ରାୟ ୩ ପ୍ରତିଶତ କର୍ମଚାରୀ ହ୍ରାସ ହୋଇପାରନ୍ତି।

ବ୍ଲୁମବର୍ଗ ପକ୍ଷରୁ ଥମାସ୍ ନୋଏଲଜେଲ୍ ଏହି ରିପୋର୍ଟ ଉପରେ କହିଛନ୍ତି ଯେ ବ୍ୟାଙ୍କଗୁଡ଼ିକରେ ଯେଉଁସବୁ କାମ ବାରମ୍ବାର ବା ଦିନକୁ ଅନେକ ଥର କରାଯାଏ। ଏଆଇ ସେହି କାର୍ଯ୍ୟଗୁଡ଼ିକୁ ସହଜରେ କରିପାରିବ। ତଥାପି, ସେ ଏହା ମଧ୍ୟ ଗୁରୁତ୍ୱାରୋପ କରିଥିଲେ ଯେ ଏଆଇ ର ଆଗମନ ସମ୍ପୂର୍ଣ୍ଣ ଭାବରେ ଚାକିରିକୁ ନଷ୍ଟ କରିବ ନାହିଁ, ହେଲେ ଏଥିରେ ହ୍ରାସ ଘଟାଇପାରେ। ସର୍ଭେରେ, ଲୋକମାନଙ୍କୁ ନମୁନା ଭାବରେ ଏହି ପ୍ରଶ୍ନର ଉତ୍ତର ଦେବାକୁ କୁହାଯାଇଥିଲା। ୯୩ ଜଣ ଉତ୍ତରଦାତାଙ୍କ ମଧ୍ୟରୁ ଏକ ଚତୁର୍ଥାଂଶ ଲୋକଙ୍କର ବିଶ୍ୱାସ ଯେ ନିକଟ ଭବିଷ୍ୟତରେ ଏଆଇ ଯୋଗୁ ବ୍ୟାଙ୍କ କର୍ମଚାରୀଙ୍କ ସଂଖ୍ୟା ୫% ରୁ ୧୦% ହ୍ରାସ ପାଇପାରେ।

ରିପୋର୍ଟରେ ଆହୁରିମଧ୍ୟ କୁହାଯାଇଛି ଯେ ୨୦୨୭ରେ ବ୍ୟାଙ୍କଗୁଡ଼ିକର ଟିକସ ପୂର୍ବବର୍ତ୍ତୀ ଲାଭ ୧୨ ରୁ ୧୭ ପ୍ରତିଶତ ବୃଦ୍ଧି ପାଇବାର ଆଶା କରାଯାଉଛି। ଏହାବ୍ୟତୀତ, ଏଆଇ ଯୋଗୁ ବ୍ୟାଙ୍କଗୁଡ଼ିକର ମୋଟ ନଗଦ ପରିମାଣ ୧୮୦ ବିଲିୟନ ଡଲାରକୁ ବୃଦ୍ଧି ପାଇପାରେ। ବ୍ୟାଙ୍କିଙ୍ଗ ଶିଳ୍ପରେ ୫୪% ଚାକିରି ସ୍ୱୟଂଚାଳିତ ହେବାର ସମ୍ଭାବନା ରହିଛି। ରିପୋର୍ଟରେ କୁହାଯାଇଛି ଯେ ରେଟିଂ ଏଜେନ୍ସି ଜେପି ମୋର୍ଗାନ୍ ମଧ୍ୟ ଏବେ ଏଆଇ ଗ୍ରହଣ କରିବା ଆଡ଼କୁ ଅଗ୍ରସର ହେଉଛି, ଏହା ଭବିଷ୍ୟତରେ ଉତ୍ପାଦକତା ବୃଦ୍ଧି କରିବ ଏବଂ କମ୍ ଖର୍ଚ୍ଚ ହେତୁ ବ୍ୟାଙ୍କଗୁଡ଼ିକୁ ଅଧିକ ଲାଭ ମିଳିବ। ତେଣୁ କର୍ମଚାରୀଙ୍କ ଅଭାବ ହୋଇପାରେ ବୋଲି ରିପୋର୍ଟରେ ଦର୍ଶାଯାଇଛି।

# ପ୍ରଭାବଶାଳୀ ପାସପୋର୍ଟ ଦେଶ ତାଲିକାରେ ଭାରତର ସ୍ଥାନ ଖସିଲା

ନୂଆଦିଲ୍ଲୀ, ୯।୧(ଏଜେନ୍ସି)



ବିଶ୍ୱର ପ୍ରଭାବଶାଳୀ ପାସପୋର୍ଟ ଦେଶ ତାଲିକାରେ ଭାରତର ସ୍ଥାନ ପୁଣି ତଳକୁ ଖସିଛି। ହେନଲି ପାସପୋର୍ଟ ସୂଚକାଙ୍କ-୨୦୨୫ ଅନୁସାରେ ଭାରତର ସ୍ଥାନ ଏହି ତାଲିକାରେ ପୂର୍ବରୁ ୮୦ ରହିଥିଲା ବେଳେ ଏବେ ଏହା ୮୫ରେ ପହଞ୍ଚିଛି। ଯେଉଁସବୁ ରାଷ୍ଟ୍ରର ପାସପୋର୍ଟକୁ ଆଧାର କରି ଜଣେ ବ୍ୟକ୍ତି ସର୍ବାଧିକ ଭିସାମୁକ୍ତ ଯାତ୍ରା କରିବାକୁ ସୁବିଧା ପାଇଥାଆନ୍ତି ସେଭଳି ୧୯୯ ରାଷ୍ଟ୍ରଗୁଡିକର ପାସପୋର୍ଟକୁ ନେଇ ହେନଲି ଏହି ତାଲିକା ପ୍ରସ୍ତୁତ କରିଛି। କିନ୍ତୁ ଭାରତୀୟ ପାସପୋର୍ଟ ଦ୍ୱାରା ଜଣେ ବ୍ୟକ୍ତି ମାତ୍ର ୫୭ଟି ସ୍ଥାନକୁ ଭିସାମୁକ୍ତ ଯାତ୍ରା କରିବାର ସୁବିଧା ପାଉଥିବାରୁ ଭାରତର ସ୍ଥାନ ଏହି ତାଲିକାରେ ୫ ସୋପାନ ତଳକୁ ହୋଇଛି ବୋଲି କୁହାଯାଇଛି। ତେବେ ଏହି ତାଲିକାରେ ସିଙ୍ଗାପୁର ପୂର୍ବରୁ ଶୀର୍ଷରେ ରହିଥିଲା ବେଳେ ୨୦୨୫ରେ ମଧ୍ୟ ନିଜ ସ୍ଥାନ ବଜାୟ ରଖି ସର୍ବୋଚ୍ଚ ସ୍ଥାନରେ ରହିଛି। ସିଙ୍ଗାପୁର ପାସପୋର୍ଟ ହାସଲ କରିଥିବା ଜଣେ ବ୍ୟକ୍ତି ବିଶ୍ୱର ୧୯୫ଟି ସ୍ଥାନକୁ ଭିସାମୁକ୍ତ ଯାତ୍ରା କରିପାରିବେ ବୋଲି କୁହାଯାଇଛି।

ସିଙ୍ଗାପୁର ପରେ ଜାପାନର ସ୍ଥାନ ରହିଥିଲା ବେଳେ ଏଠକାର ପାସପୋର୍ଟ ପାଇଥିବା ବ୍ୟକ୍ତି ୧୯୩ ସ୍ଥାନକୁ ଭିସାମୁକ୍ତ ଯାତ୍ରା କରି ପାରିବେ । ଏହିକ୍ରମରେ ଫିନଲାଣ୍ଡ ( ୧୯୨ ଦେଶ),ଫ୍ରାନ୍ସ(୧୯୨ ଦେଶ),ଜର୍ମାନୀ (୧୯୨ ଦେଶ),ଇଟାଲୀ(୧୯୨ ଦେଶ), ଦକ୍ଷିଣ କୋରିଆ ( ୧୯୨ ଦେଶ) ,ସ୍ପେନ( ୧୯୨ ଦେଶ),ଅଷ୍ଟ୍ରିଆ (୧୯୧ ଦେଶ),ଡେନମାର୍କ (୧୯୧ ଦେଶ) ଆଦି ରାଷ୍ଟ୍ର ରହିଛନ୍ତି। ଇଣ୍ଟରନ୍ୟାସନାଲ ଏୟାର ଟ୍ରାନ୍ସପୋର୍ଟ ଆସୋସିଏସନ(ଆଇଏଟିଏ) ପକ୍ଷରୁ ହାସଲ କରାଯାଇଥିବା ତଥ୍ୟ ଅନୁସାରେ ହେନଲି ପାସପୋର୍ଟ ସୂଚକାଙ୍କ ପ୍ରସ୍ତୁତ କରାଯାଇଛି। ୨୦୨୫ ସୂଚକାଙ୍କରେ ବିଶ୍ୱର ବିଭିନ୍ନ ଦେଶ ମଧ୍ୟରୁ ସଂଯୁକ୍ତ ଆରବ ଆମିରାତକୁ ସର୍ବାଧିକ ଫାଇଦା ମିଳିଥିବା ଜଣାପଡ଼ିଛି। ୨୦୧୫ ରିପୋର୍ଟ ଅନୁସାରେ ଏହି ଦେଶର ପାସପୋର୍ଟ ହାସଲ କରିଥିବା ଜଣେ ବ୍ୟକ୍ତିଙ୍କୁ ଆଉ ୭୨ ଦେଶକୁ ଭିସାମୁକ୍ତ ସୁବିଧା ମିଳିଥିଲା ବେଳେ ଏବେ ଏଥିରେ ଆଉ ୩୨ ଦେଶ ଯୋଡି ହୋଇଛନ୍ତି। ଯାହାକୁ ନେଇ ଏହି ସୂଚକାଙ୍କରେ ୟୁଏଇର ସ୍ଥାନ ୧୦ରେ ରହିଛି।

**■ ସପ୍ତାହରେ ୫ ଦିନ କାର୍ଯ୍ୟ ଦାବି**


# ଫେବୃଆରୀ ୨୪ ଓ ୨୫ ଦୁଇ ଦିନ ବ୍ୟାଙ୍କ ଧର୍ମଘଟ

ନୂଆଦିଲ୍ଲୀ, ୯।୧(ଏଜେନ୍ସି): ଆସନ୍ତା ମାସରେ ଦୁଇ ଦିନଆ ବ୍ୟାଙ୍କ ଧର୍ମଘଟ ଅନୁଷ୍ଠିତ ହେବାକୁ ଯାଉଛି। ସର୍ବଭାରତୀୟ ବ୍ୟାଙ୍କ ଅଧିକାରୀ ସଂଘ (ଏଆଇବିଓସି) ପକ୍ଷରୁ ଏହି ଧର୍ମଘଟ ଡାକରା ଦିଆଯାଇଛି। ସପ୍ତାହରେ ପାଞ୍ଚ ଦିନିଆ କାର୍ଯ୍ୟ ଦିବସ ଏବଂ ସମସ୍ତ କ୍ୟାଡରରେ ପର୍ଯ୍ୟାପ୍ତ ନିଯୁକ୍ତି ସମେତ ବିଭିନ୍ନ ଦାବି ନେଇ ଫେବୃଆରୀ ୨୪-୨୫ରେ ଦେଶବ୍ୟାପୀ ଧର୍ମଘଟ ଅନୁଷ୍ଠିତ ହେବ। ଏହା ସହିତ, ସଂଘ କାର୍ଯ୍ୟଦକ୍ଷତା ସମୀକ୍ଷା ଏବଂ ପିଏଲ୍ଆଇ ଉପରେ ଆର୍ଥିକ ସେବା ବିଭାଗର ସାମ୍ପ୍ରତିକ ନିର୍ଦ୍ଦେଶାବଳୀକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରିଛି, ଯାହା ଚାକିରି ସୁରକ୍ଷାକୁ ବିପଦରେ ପକାଇଥାଏ ଏବଂ କର୍ମଚାରୀମାନଙ୍କ ମଧ୍ୟରେ ବିଭାଜନ ସୃଷ୍ଟି କରିଥାଏ। ଏହା ବ୍ୟତୀତ, ସରକାରୀ କ୍ଷେତ୍ରର ବ୍ୟାଙ୍କଗୁଡ଼ିକରେ କର୍ମଚାରୀ/ଅଧିକାରୀ ନିର୍ଦ୍ଦେଶକ ପଦବୀ ପୂରଣ ଏବଂ ଆଇବିଏ ନିକଟରେ ପଡ଼ିରହିଥିବା ସମସ୍ୟାଗୁଡ଼ିକର ସମାଧାନ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ଏଆଇବିଓସି ଅନୁଯାୟୀ, ଆବଶ୍ୟକ ହେଲେ ଅଧିକ କଠୋର ପଦକ୍ଷେପ ନିଆଯାଇପାରିବ। ଏହି ମାସରେ ଧର୍ମଘଟ ନୋଟିସ ପାଇବା ପରେ ଆନ୍ଦୋଳନ କାର୍ଯ୍ୟକ୍ରମ ଆରମ୍ଭ ହେବ।

**ସିଟି ଗ୍ରୁପର ପୂର୍ବାନୁମାନ**

# ୨୦୨୫ରେ ୧୮% ବଢ଼ିବ ସେୟାର ବଜାର

ମୁମ୍ବାଇ, ୯।୧(ଏଜେନ୍ସି)




**୧୦% ବୃଦ୍ଧି ପାଇବ ନିଫ୍‌ଟି**

ଭାରତୀୟ ସେୟାର ବଜାରକୁ ନେଇ ଏକ ବଡ଼ ପୂର୍ବାନୁମାନ କରିଛି ଆମେରିକାର ପ୍ରମୁଖ ବ୍ୟାଙ୍କ ସିଟି ଗ୍ରୁପ୍। ପୁଞ୍ଜି ବଜାରକୁ ନେଇ କିଛି ଭିନ୍ନ ରିପୋର୍ଟ ପ୍ରକାଶ କରିଛି ବ୍ୟାଙ୍କ। ବ୍ୟାକ କହିଛି ଯେ, ଭାରତର ୫ ଟ୍ରିଲିୟନ ଡଲାର ସେୟାର ବଜାରରେ ଲଗାତର ୧୦ମ ବର୍ଷ ମଧ୍ୟ ବୃଦ୍ଧି ଦେଖିବାକୁ ମିଳିବ। ବ୍ୟାଙ୍କର ରିପୋର୍ଟ ମୁତାବକ, ଆର୍ଥିକ ବିକାଶରେ ସୁଧାର ସହ ମଜଭୁତ୍ କର୍ପୋରେଟ୍ ଆୟ ଯୋଗୁ ଘରୋଇ ସେୟାର୍ ବଜାରରେ ଦ୍ରୁତ ବୃଦ୍ଧି ଅନୁମାନ ରହିଛି। ଏହା ଚଳିତ ବର୍ଷ ୧୮% ପର୍ଯ୍ୟନ୍ତ ବଢ଼ିପାରେ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଅପରପକ୍ଷେ ଚଳିତବର୍ଷ ନ୍ୟାସ୍‌ନାଲ ଷ୍ଟକ୍ ଏକ୍ସଚେଞ୍ଜ (ନିଫ୍ଟି) ୨୬,୦୦୦ ପଏଣ୍ଟ ଛୁଇଁବ ବୋଲି ପୂର୍ବାନୁମାନ କରିଛି ସିଟି ଗ୍ରୁପ୍। ଅର୍ଥାତ୍ ଚଳିତବର୍ଷ ନିଫ୍ଟିରେ ୧୦% ଅଭିବୃଦ୍ଧି ଦେଖିବାକୁ ମିଳିବ। ଗତବର୍ଷ ସିଟି ବ୍ୟାଙ୍କ ନିଫ୍ଟି ୨୨,୫୦୦ ପଏଣ୍ଟ ପର୍ଯ୍ୟନ୍ତ ଯିବ ବୋଲି ଆକଳନ କରିଥିଲା। ହେଲେ ଏହା ତାହାଠାରୁ ୫% ଅଧିକ ବଢ଼ିଥିଲା। ବ୍ୟାଙ୍କ ପକ୍ଷରୁ କୁହାଯାଇଛି, ପୁଞ୍ଜି ବଜାରରେ ତାଲିକାଭୁକ୍ତ କମ୍ପାନିଗୁଡ଼ିକର ବିବିଧ ବ୍ୟବସାୟକୁ ଦୃଷ୍ଟିରେ ରଖି ଭାରତର ଅଭିବୃଦ୍ଧି ଦୃଶ୍ୟପଟ ମଜଭୁତ ଏବଂ ଏଥର ଅପେକ୍ଷାକୃତ କମ୍ ରିସ୍କ ଲାଗୁଛି। ସିଟି ଗ୍ରୁପ୍ ପୂର୍ବରୁ ମୋର୍ଗାନ ଷ୍ଟେନ୍‌ଲି ମଧ୍ୟ ଭାରତୀୟ ବଜାର ପାଇଁ ଦୁଇ ଅଙ୍କ ରିଟର୍ଣ୍ଣ ନେଇ ଭବିଷ୍ୟବାଣୀ କରିଥିଲା। ବ୍ରୋକରେଜ୍ ସଂସ୍ଥାର କହିବାନୁସାରେ, ବିଏସ୍‌ଇ ସେନ୍‌ସେକ୍ସ ୨୦୨୫ରେ ୧୮% ରିଟର୍ଣ୍ଣ ଦେବ। ୨୦୨୪ରେ ବ୍ୟକ୍ତିଗତ ନିବେଶକ ନ୍ୟାସ୍‌ନାଲ ଷ୍ଟକ୍ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ ଲିମିଟେଡ୍‌ରେ ୧.୫ ଲକ୍ଷ କୋଟି ଟଙ୍କାର ସେୟାର କିଣିଛନ୍ତି, ଯାହା ଏକ ରେକର୍ଡ।

# ପୁଣି ଖସିଲା ମୂଲ୍ୟ: ୧ ଡଲାର = ୮୫.୮୬ ଟଙ୍କା

ନୂଆଦିଲ୍ଲୀ, ୯।୧(ଏଜେନ୍ସି)




- ଦିନ ଯାକର କାରବାରରେ ୮୫.୯୪ ଟଙ୍କା ସ୍ତର ଛୁଇଁଲା
- ଡଲାର ଚାପରେ ଚାପଗ୍ରସ୍ତ ଘରୋଇ ମୁଦ୍ରା

ଚାପଗ୍ରସ୍ତ ଘରୋଇ ମୁଦ୍ରା 'ଟଙ୍କା'। ଆମେରିକୀୟ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟରେ ହ୍ରାସ ଧାରା ୨୦୨୪ ଭଳି ୨୦୨୫ରେ ବି ଜାରି ରହିଛି। ଟଙ୍କା ମୂଲ୍ୟ ଏହାର ରେକର୍ଡ ସର୍ବନିମ୍ନ ସ୍ତର ୮୫.୮୬କୁ ଖସିଆସିଛି। ଦିନ ଯାକର କାରବାର ମଧ୍ୟରେ ଭାରତୀୟ ମୁଦ୍ରା ୮୫.୯୪ ଟଙ୍କା ସ୍ତର ଛୁଇଁ ଇତିହାସ ରଚିଛି। ବିଦେଶୀ ପାଣ୍ଠିର ବର୍ହିଗମନ ଓ ଅଶୋଧିତ ତୈଳ ମୂଲ୍ୟରେ ବୃଦ୍ଧି ଯୋଗୁ ଟଙ୍କା ଦୁର୍ବଳ। ଗୁରୁବାର କାରବାରରେ ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ୧ ପଇସା ହ୍ରାସ ଘଟି ଏହା ୮୫.୮୬ ଟଙ୍କା ସ୍ତରରେ ବନ୍ଦ ହୋଇଛି। ଦିନର କାରବାର ମଧ୍ୟରେ ଭାରତୀୟ ମୁଦ୍ରା ୮୫.୯୪ ଟଙ୍କା ସ୍ତର ଛୁଇଁଥିଲା। ଧୀରେ ଧୀରେ ଯାହା ଅନୁମାନ କରାଯାଉଥିଲା ତାହା ହିଁ ଘଟିବାକୁ ଯାଉଛି। ଖୁବ୍ ଶୀଘ୍ର ଟଙ୍କା ମୂଲ୍ୟ ଡଲାର ପିଛା ୮୬ ଟଙ୍କା ସ୍ତରରେ ପହଞ୍ଚିଯିବ। ଆଜି ଆନ୍ତଃବ୍ୟାଙ୍କ ବିନିମୟ ବଜାରରେ ଟଙ୍କା ଦୁର୍ବଳର ସହ କାରବାର ଆରମ୍ଭ କରିଥିଲା। ତେବେ ବୁଧବାର କାରବାରରେ ଟଙ୍କା ମୂଲ୍ୟରେ ୧୭ ପଇସା ହ୍ରାସ ଘଟିଥିଲା। ଆମେରିକୀୟ ବଣ୍ଡ ଇଲ୍ଡରେ ବୃଦ୍ଧି ବଜାରରେ ଡଲାର ମୂଲ୍ୟରେ ବୃଦ୍ଧି ଘଟାଇଛି। ଏହାଛଡା ଘରୋଇ ଇକ୍ୱିଟି ବଜାରରେ ହ୍ରାସ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟରେ ଅଧିକ ହ୍ରାସ ଘଟାଇଛି। ବଣ୍ଡ ଇଲ୍‌ଡରେ ଏହି ବୃଦ୍ଧି ଆମେରିକୀୟ ଫେଡେରାଲ ରିଜର୍ଭ ଦ୍ୱାରା ହେବାକୁ ଥିବା ସୁଧହାରରେ ହ୍ରାସ ସମ୍ଭାବନାକୁ ଏଡାଇଦେଇଛି। ଫୋରେକ୍ସ ଟ୍ରେଡରଙ୍କ କହିବାନୁଯାୟୀ, ୨୦୨୪ରେ ଆମେରିକୀୟ ଡଲାର ବିଶ୍ୱର ଅନ୍ୟ ସମସ୍ତ ମୁଦ୍ରା ତୁଳନାରେ ଅଭିବୃଦ୍ଧି ହାସଲ କରିଥିଲା।

**ଚୀନ୍ ହେବ ବିଶ୍ୱର ଦ୍ୱିତୀୟ ବୃହତ୍ ଇଭି ବ୍ୟାଟେରୀ ନିର୍ମାତା**

# ତିବ୍ବତରେ ମିଳିଲା ୩୦ ନିୟୁତ ଟନ୍‌ର ବୃହତ୍ ଲିଥିୟମ୍ ଭଣ୍ଡାର

ବେଜିଂ, ୯।୧(ଏଜେନ୍ସି)



ଚୀନ୍ ତିବ୍ବତରେ 'ଧଳା ସୁନା' ଭାବରେ ଜଣାଶୁଣା ଲିଥିୟମର ବିଶାଳ ଭଣ୍ଡାର ଆବିଷ୍କାର କରିଛି। ଏହା ସହିତ, ଚୀନ୍ ଏବେ ବିଶ୍ୱର ଦ୍ୱିତୀୟ ସର୍ବାଧିକ ଲିଥିୟମ ଭଣ୍ଡାର ଥିବା ଦେଶ ପାଲଟିଛି। ଲିଥିୟମ୍ ଭଣ୍ଡାର ଦୃଷ୍ଟିରୁ ଚୀନ୍ କେବଳ ଚିଲି ପରେ ଦ୍ୱିତୀୟ ସ୍ଥାନରେ ରହିଛି। ଚୀନ୍ ଏବେ ଲିଥିୟମ୍ ଭଣ୍ଡାର ଦୃଷ୍ଟିରୁ ଅଷ୍ଟ୍ରେଲିଆ, ଆର୍ଜେଣ୍ଟିନା ଏବଂ ବଲିଭିଆକୁ ପଛରେ ପକାଇ ଦେଇଛି। ଲିଥିୟମ୍ ବୈଦ୍ୟୁତିକ ଯାନବାହନଠାରୁ ଆରମ୍ଭ କରି ସେଲଫୋନ୍ ଯୋଗାଯୋଗ ଏବଂ ପରମାଣୁ ଇନ୍ଧନ ପର୍ଯ୍ୟନ୍ତ ଅନେକ ଶିଳ୍ପରେ ବ୍ୟବହୃତ ହୁଏ। ଏହି ବୃହତ୍ ଲିଥିୟମ୍ ଭଣ୍ଡାରର ସନ୍ଧାନ ପରେ ଚୀନ୍ ହେବ ବିଶ୍ୱର ଦ୍ୱିତୀୟ ବୃହତ୍ ଇଭି ବ୍ୟାଟେରୀ ଉତ୍ପାଦନକାରୀ।

ଜିନ୍‌ହୁଆ ଅନୁଯାୟୀ, ଚୀନ୍‌ର ୨୮୦୦ କିଲୋମିଟର ପର୍ଯ୍ୟନ୍ତ ବିସ୍ତାରିତ ଅଞ୍ଚଳରୁ ଏକ ବିଶ୍ୱସ୍ତରୀୟ ସ୍ପୋଡୁମିନ୍-ପ୍ରକାରର ଲିଥିୟମ୍ ବେଲ୍ଟର ସନ୍ଧାନ ମିଳିଛି। ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଡେଲି ଅନୁଯାୟୀ, ସ୍ପୋଡୁମିନ୍ ହେଉଛି ଏକ କଠିନ ପଥର ଖଣିଜ ଯେଉଁଥିରୁ ଲିଥିୟମ ବାହାର କରାଯାଏ। ଗ୍ଲୋବାଲ୍ ଟାଇମ୍ସ ଅନୁଯାୟୀ, ଏହି ବେଲ୍ଟ ପଶ୍ଚିମ କୁନଲୁନ୍-ସୋଙ୍ଗପାନ୍-ଗାଞ୍ଜି ପର୍ଯ୍ୟନ୍ତ ବିସ୍ତୃତ। ଏହି ଅନୁସନ୍ଧାନରେ ତିବ୍ବତର ସିକୁନସୋଙ୍ଗ-ପାନ-ଗାଞ୍ଜି ଅଞ୍ଚଳରେ ଏକ ଖଣି ଏବଂ କିଙ୍ଗଘାଇ-ତିବ୍ବତ ମାଳଭୂମିରେ କିଛି ଲିଥିୟମ ଲୁଣ ହ୍ରଦ ଅନ୍ତର୍ଭୁକ୍ତ। ଏହି ଆବିଷ୍କାର ଚୀନର ଲିଥିୟମ୍ ସମ୍ପଦରେ ଏକ ବିରାଟ ବୃଦ୍ଧି ଆଣିଛି। ବିଶ୍ୱର ମୋଟ ଲିଥିୟମ୍ ଭଣ୍ଡାରର ୧୬.୫ ପ୍ରତିଶତ ଏବେ ଚୀନ୍‌ରେ ରହିଛି। ଗ୍ଲୋବାଲ୍ ଟାଇମ୍ସ ଅନୁଯାୟୀ, କେବଳ ଲିଥିୟମ୍ ବେଲ୍ଟରେ ୬.୫ ନିୟୁତ ଟନ୍‌ରୁ ଅଧିକ ଭଣ୍ଡାର ରହିଛି। ତେବେ ସମ୍ଭାବ୍ୟ ଲିଥିୟମ୍ ଭଣ୍ଡାର ୩୦ ନିୟୁତ ଟନ୍ ପର୍ଯ୍ୟନ୍ତ ହୋଇପାରେ। ପ୍ରାକୃତିକ ସମ୍ପଦ ମନ୍ତ୍ରଣାଳୟ ଅଧୀନରେ ଥିବା ଚୀନ୍ ଭୂତାତ୍ତ୍ୱିକ ସର୍ବେକ୍ଷଣ କହିଛି ଯେ ଏହି ଆବିଷ୍କାର ଲିଥିୟମ୍ ଭଣ୍ଡାର କ୍ଷେତ୍ରରେ ଚୀନ୍‌କୁ ଷଷ୍ଠ ସ୍ଥାନରୁ ଦ୍ୱିତୀୟ ସ୍ଥାନକୁ ଉଠାଇଛି। ରିପୋର୍ଟ ଅନୁଯାୟୀ, କିଙ୍ଗହାଇ, ସିଚୁଆନ୍ ଏବଂ ଜିନଜିଆଙ୍ଗରେ ଅଧିକ ଲିଥିୟମ୍ ଗଚ୍ଛିତ ଥାଇପାରେ ବୋଲି ଏହି ଆବିଷ୍କାର ସୂଚାଇଛି। କାରଣ ଏଗୁଡ଼ିକ ସବୁ ସମାନ ଭୌଗୋଳିକ ବୈଶିଷ୍ଟ୍ୟ ଥିବା ପଡ଼ୋଶୀ ଅଞ୍ଚଳ।

ଚୀନ୍‌ରୁ ବିପୁଳ ଲିଥିୟମ ଭଣ୍ଡାର ମିଳିବା ଭାରତର ଚିନ୍ତା ବଢ଼ାଇଛି। ଭାରତ ୨୦୨୩ରେ ଏହାର ପ୍ରଥମ ଲିଥିୟମ ଭଣ୍ଡାର ଆବିଷ୍କାର କରିଥିଲା। ଜମ୍ମୁ ଏବଂ କାଶ୍ମୀରର ରିଆସି ଜିଲ୍ଲାରେ ପ୍ରାୟ ୫.୯ ନିୟୁତ ଟନ୍ ଲିଥିୟମ ଭଣ୍ଡାର ମିଳିଛି। ତଥାପି, ଏହି ଭଣ୍ଡାରରୁ ଲିଥିୟମ୍ ବାହାର କରିବା ପାଇଁ ଭାରତର ପ୍ରୟାସକୁ କୌଣସି ଫଳାଫଳ ମିଳିନାହିଁ। ରିପୋର୍ଟ ଅନୁଯାୟୀ, ୨୦୨୩ ନଭେମ୍ବରରେ ହୋଇଥିବା ଏହାର ପ୍ରଥମ ନିଲାମରେ, ଭାରତ ଆବଶ୍ୟକୀୟ ସର୍ବନିମ୍ନ ୩ଟି ବିଡ୍ ପାଇପାରିଲାନାହିଁ। ବର୍ତ୍ତମାନ ରିପୋର୍ଟ ଅନୁଯାୟୀ, କୌଣସି ବିଡ୍ ନ ମିଳିବା ପରେ ଏହି ଲିଥିୟମ ବ୍ଲକ୍ ଅଧିକ ଅନୁସନ୍ଧାନ ପାଇଁ ଏକ ସରକାରୀ ସଂସ୍ଥାକୁ ଦିଆଯିବାର ସମ୍ଭାବନା ରହିଛି।

# ଡାଲମିଆ 'ଆରସିଏଫ୍ ଏକ୍ସପର୍ଟ' ସିମେଣ୍ଟ' ଉନ୍ମୋଚିତ





ଭୁବନେଶ୍ୱର, ୯।୧(ସମିସ): ଡାଲମିଆ ସିମେଣ୍ଟ (ଭାରତ) 'ରୁଫ୍, କଲମ, ଫାଉଣ୍ଡେସନ (ଆରସିଏଫ) ଏକ୍ସପର୍ଟ' ବ୍ରାଣ୍ଡ ଅବସ୍ଥିତି ଅଧୀନରେ ଏହାର ସଦ୍ୟତମ ସିମେଣ୍ଟ ବର୍ଗମାଳା 'ଆରସିଏଫ୍ ଏକ୍ସପର୍ଟ' ସିମେଣ୍ଟ' ଦେଶର ସମସ୍ତ ପ୍ରମୁଖ ବଜାରରେ ଉନ୍ମୋଚନ କରିଛି। ଡାଲମିଆ ଡିଏସ୍ପି ଆରସିଏଫ୍ ଏକ୍ସପର୍ଟ ++ ଏବଂ ଡାଲମିଆ ସିମେଣ୍ଟ (ଡିସି) ଆରସିଏଫ୍ ଏକ୍ସପର୍ଟ ବର୍ଦ୍ଧିତ ଫର୍ମୁଲେସନ ଏବଂ ସର୍ବାଧୁନିକ ନାନୋ ବଣ୍ଡିଂ ଟେକ୍ନୋଲୋଜି (ଏନବିଟି)ରେ ସମୃଦ୍ଧ, ଯାହା ଆଧୁନିକ ନିର୍ମାଣର ପରିବର୍ତ୍ତିତ ଆବଶ୍ୟକତା ପୂରଣ ନିମନ୍ତେ ଡିଜାଇନ କରାଯାଇଛି। ଆରସିଏଫ୍‌ଏ କ୍ସପର୍ଟ ବର୍ଗ ସମୟ ସ୍ରୋତକୁ ମୁକାବିଲା କରି ମଜଭୁତ ଭାବରେ ଛିଡା ହେବାକୁ ଅଧିକ ସାମର୍ଥ୍ୟ, ଉଚ୍ଚତର ଅବକ୍ଷୟ ପ୍ରତିରୋଧୀ ଏବଂ କଠିନ ନିର୍ମାଣକୁ ସୁନିଶ୍ଚିତ କରୁଛି। ଏହି ବର୍ଗମାଳାର ପ୍ରିମିୟମ ଉତ୍ପାଦ ଡାଲମିଆ ଡିଏସ୍ପି ଆରସିଏଫ୍ ++କୁ ଅଲ୍ଟିମେଟ କଂକ୍ରିଟ ଏକ୍ସପର୍ଟ ଭାବରେ ଅବସ୍ଥାପିତ କରାଯାଇଛି। ଉତ୍ପାଦ ଉନ୍ମୋଚନ କାର୍ଯ୍ୟକ୍ରମ ଡାଲମିଆ ସିମେଣ୍ଟର ରାଷ୍ଟ୍ରବ୍ୟାପୀ ରହିଥିବା ୫୦୦୦୦ରୁ ଅଧିକ ଚାନେଲ ପାର୍ଟନରଙ୍କ ସମର୍ଥନରେ ଆୟୋଜିତ ହୋଇଥିବାବେଳେ ଏଥିରେ ପ୍ରମୁଖ ଡିଲର, ଠିକାଦାର ଏବଂ ରାଜମିସ୍ତ୍ରୀମାନେ ଅଂଶଗ୍ରହଣ କରିଥିଲେ।

# ବିଶ୍ୱ ହିନ୍ଦୀ ଦିବସ




ପ୍ରତିବର୍ଷ ଜାନୁଆରୀ ୧୦ ତାରିଖକୁ 'ବିଶ୍ୱ ହିନ୍ଦୀ ଦିବସ' ଭାବେ ପାଳନ କରାଯାଏ। ହିନ୍ଦୀ ଭାଷାଭାଷୀ ଲୋକଙ୍କ ପାଇଁ ଏହା ଏକ ବିଶେଷ ଦିନ। ହିନ୍ଦୀ ଭାଷାଟି ସାଧାରଣରେ ସରଳ ଓ ସମୃଦ୍ଧ ଭାଷା । ବିଶ୍ୱରେ ସବୁଠାରୁ ଅଧିକ କୁହାଯାଉଥିବା ୫ଟି ଭାଷା ମଧ୍ୟରେ ହିନ୍ଦୀ ରହିଛି। ପ୍ରଥମ ବିଶ୍ୱ ହିନ୍ଦୀ ସମ୍ମିଳନୀ ୧୯୭୫ ମସିହା ଜାନୁଆରୀ ୧୦ ତାରିଖରେ ନାଗପୁରରେ ଆୟୋଜନ କରାଯାଇଥିଲା। ଏହି ସମ୍ମିଳନୀରେ ୩୦ଟି ଦେଶର ୧୨୨ ଜଣ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ଉକ୍ତ ସମ୍ମିଳନୀର ସ୍ମୃତିରେ ଭାରତ ସରକାର ୨୦୦୬ ମସିହାରୁ ପ୍ରତ୍ୟେକ ବର୍ଷ ଜାନୁୟାରୀ ୧୦ ତାରିଖକୁ ବିଶ୍ୱ ହିନ୍ଦୀ ଦିବସ ରୂପେ ପାଳନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ସେତେବେଳେ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ଆନ୍ତର୍ଜାତିକସ୍ତରରେ ହିନ୍ଦୀ ଭାଷାର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ବିଶ୍ୱ ହିନ୍ଦୀ ଦିବସ ପାଳନ ପାଇଁ ଘୋଷଣା କରିଥିଲେ। ବିଶ୍ୱର ସବୁଠୁ ଅଧିକ ବ୍ୟବହୃତ ହେଉଥିବା ଭାଷାଗୁଡ଼ିକ ମଧ୍ୟରେ ହିନ୍ଦୀ ଅନ୍ୟତମ। ଏହା ଭାରତର କୋଟି କୋଟି ଲୋକଙ୍କର ମାତୃଭାଷା ଅଟେ। ଜାତୀୟ ହିନ୍ଦୀ ଦିବସ ଓ ବିଶ୍ୱ ହିନ୍ଦୀ ଦିବସକୁ ନେଇ ଅନେକ ଲୋକ ଦ୍ୱନ୍ଦ୍ୱରେ ପଡ଼ନ୍ତି। ଜାତୀୟ ହିନ୍ଦୀ ଦିବସ ସେପ୍ଟେମ୍ବର ୧୪ରେ ପାଳନ ହେଉଥିବାବେଳେ ବିଶ୍ୱ ହିନ୍ଦୀ ଦିବସ ଜାନୁଆରୀ ୧୦ରେ ପାଳନ କରାଯାଏ। ଦୁଇଟି ଯାକ ଦିବସର ମୁଖ୍ୟ ଲକ୍ଷ୍ୟ ହେଉଛି ହିନ୍ଦୀ ଭାଷାର ପ୍ରଚାର ପ୍ରସାର। ଭାରତ ବ୍ୟତୀତ ମରିସସ୍, ଫିଜି, ସୁରିନାମ, ଗୁଆନା, ତ୍ରିନିଦାଦ ଏବଂ ନେପାଳରେ ହିନ୍ଦୀ ଭାଷାକୁ କଥିତ ଭାଷା ଭାବରେ ମଧ୍ୟ ବ୍ୟବହାର କରାଯାଏ। ହିନ୍ଦୀର ମହତ୍ତ୍ୱ ବଜାୟ ରଖିବା ସହ ଏହାର ପ୍ରଚାର ପ୍ରସାର ପାଇଁ ହିନ୍ଦୀ ଦିବସ ପାଳନ କରାଯାଏ ।

ଏବର୍ଷର ପ୍ରସଙ୍ଗ ରହିଛି 'ହିନ୍ଦୀ: ଏ ଗ୍ଲୋବାଲ ଭଏସ୍ ଅଫ୍ ୟୁନିଟି ଆଣ୍ଡ କଲଚରାଲ ପ୍ରାଇଡ୍।'

# 'ଆଶିକୀ-୩'ରୁ ବାଦ୍ ପଡ଼ିବେ ତ୍ରିପ୍ତି !




ବଲିଉଡ୍ ଅଭିନେତ୍ରୀ ତ୍ରିପ୍ତି ଡିମ୍ରି 'ଆଶିକୀ-୩'ରୁ ବାଦ୍ ପଡ଼ିଥିବା ଏବେ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। ତେବେ କିଛି ରିପୋର୍ଟରେ ତ୍ରିପ୍ତି ନିଜେ ଏଥିରୁ ଓହରି ଯାଇଥିବା କୁହାଯାଉଥିବାବେଳେ ଆଉ କିଛିରେ ତ୍ରିପ୍ତିଙ୍କୁ ଏହି ପ୍ରୋଜେକ୍ଟରୁ ବାହାର କରାଯାଇଥିବା କୁହାଯାଉଛି। 'ଆନିମଲ୍'ରେ ବୋଲଡ୍ ସିନ୍ ପାଇଁ 'ଆଶିକୀ-୩'ରୁ ତ୍ରିପ୍ତିଙ୍କୁ ବାଦ୍ ଦିଆଗଲା ବୋଲି କୁହାଯାଉଛି। ତେବେ ଏହାର ନିର୍ମାତାଙ୍କୁ 'ଆଶିକୀ-୩'ର ହିରୋଇନ୍ ଭୂମିକା ପାଇଁ ତ୍ରିପ୍ତି ଉପଯୁକ୍ତ ଲାଗୁ ନାହାନ୍ତି। 'ଆଶିକୀ' ସଙ୍ଗୀତଭିତ୍ତିକ ଏକ ରୋମାଣ୍ଟିକ୍ ଫିଲ୍ମ। ଏଥିପାଇଁ ଯେଉଁଭଳି ଚୁଲବୁଲି ନାୟିକା ଦରକାର, ତ୍ରିପ୍ତି ସେଭଳି ନୁହଁନ୍ତି ବୋଲି ଏହାର ନିର୍ମାତା ଭାବୁଛନ୍ତି। ଯଦିଓ ଏଥିରେ ନାୟିକାଙ୍କୁ ନେଇ ଏଯାବତ୍ କିଛି ସ୍ପଷ୍ଟ ଭାବେ କୁହାଯାଇ ପାରୁନାହିଁ, କିନ୍ତୁ ଏଥିରେ କାର୍ତ୍ତିକ୍ ଆର୍ୟନ୍ ହିରୋ ଭାବେ ଦେଖାଯିବା ଚୂଡ଼ାନ୍ତ ହୋଇଯାଇଛି। ଏଥିରେ ତ୍ରିପ୍ତିଙ୍କ ସ୍ଥାନ ସାରା ଅଲ୍ଲୀ ଖାନ୍ ନେଇ ପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଏଠାରେ ପ୍ରକାଶ ଥାଉ କି, ୧୯୯୦ ମସିହାରେ 'ଆଶିକୀ' ଫିଲ୍ମ ଆସିଥିଲା। ରାହୁଲ ରାୟ ଓ ଅନୁ ଅଗ୍ରୱାଲ୍ ଏଥିରେ ଲିଡ୍ ରୋଲରେ ନଜର ଆସିଥିଲେ। ସେହିଭଳି 'ଆଶିକୀ-୨' ୨୦୧୩ରେ ଆସିଥିଲା। ଆଦିତ୍ୟ ରାୟ କପୁର ଓ ଶ୍ରଦ୍ଧା କପୁର ଏଥିରେ ହିରୋ-ହିରୋଇନ୍ ଭାବେ ଦେଖାଯାଇଥିଲେ।

## ଆଜିର ଇତିହାସ

- ୧୮୩୯-ଭାରତୀୟ ଚା' ଇଂଲଣ୍ଡରେ ପହଞ୍ଚିଥିଲା।
- ୧୮୬୩-ଲଣ୍ଡନରେ ପ୍ରଥମ ମେଟ୍ରୋ ରେଳସେବାର ଆରମ୍ଭ ହେଲା।
- ୧୯୪୬-ମିଳିତ ଜାତିସଂଘର ପ୍ରଥମ ବୈଠକରେ ୫୧ଟି ରାଷ୍ଟ୍ର ଅଂଶଗ୍ରହଣ କଲେ।
- ୧୯୬୩- ଭାରତ ସରକାର ସ୍ୱର୍ଣ୍ଣ ନିୟନ୍ତ୍ରଣ ଯୋଜନାର ଆରମ୍ଭ କଲେ ।
- ୨୦୦୮ - ଟାଟା ମୋଟର୍ସ ଲକ୍ଷେ ଟଙ୍କିଆ ନାନୋ କାର୍‌କୁ ବଜାରକୁ ଆଣିଲା।

# ଟାଟୁରୁ ହେବ ମସ୍ତିଷ୍କ ସ୍କାନ୍



ସାଧାରଣତଃ ଲୋକେ ନିଜର ସଉକ ପାଇଁ ଶରୀରରେ ବିଭିନ୍ନ ପ୍ରକାରର ଟାଟୁ କରିଥାନ୍ତି। କିନ୍ତୁ ନିକଟରେ ବୈଜ୍ଞାନିମାନେ ଏଭଳି ଏକ ଟେକ୍‌ନିକ୍ ବିକଶିତ କରିଛନ୍ତି, ଯେଉଁଥିରେ ମସ୍ତିଷ୍କର କାର୍ଯ୍ୟକଳାପ ବିଷୟରେ ଟାଟୁ କହିବ। ଏହି ଟାଟୁ ମସ୍ତିଷ୍କର ତ୍ୱଚାରେ କରାଯିବ। ଏହା ଏକ ଇଲୋକ୍ଟ୍ରୋନିକ୍ ଟାଟୁ ହେବ। ଏହା ଅସ୍ଥାୟୀ ମଧ୍ୟ ହେବ। ଇଇଜି ଭଳି ଏହା କାମ କରିବ। ଏନେଇ ବୈଜ୍ଞାନିକଙ୍କ କହିବାନୁଯାୟୀ, ଏହି ଟାଟୁ ଦ୍ୱାରା ମସ୍ତିଷ୍କକୁ ସହଜରେ ସ୍କାନ୍ କରାଯାଇ ପାରିବ। ଏହାସହ ମସ୍ତିଷ୍କ ରୋଗଗୁଡ଼ିକ ବାବଦରେ ମଧ୍ୟ ବେଶ୍ ସହଜରେ ଜାଣିହେବ। ଏହି ଇଲେକ୍‌ଟ୍ରୋନିକ୍ ଟାଟୁ ଦ୍ୱାରା ସିଜର୍ସ, ଏପିଲେପ୍ସି, ସମେତ ବ୍ରେନ୍ ଟ୍ୟୁମର ଭଳି ରୋଗର ଯାଞ୍ଚ କରାଯାଇ ପାରିବ। ଏହି ଟେକ୍‌ନିକ୍‌ରେ ରୋବଟ୍ ମୁଣ୍ଡରେ ଟାଟୁ କରିଥାଏ। ଏହି ଟାଟୁ ଦ୍ୱାରା ମସ୍ତିଷ୍କର ବୈଦ୍ୟୁତିକ ତରଙ୍ଗକୁ ମପାଯାଏ। ଏହାପରେ ଏହି ଟାଟୁକୁ ତାରରେ ସଂଯୋଗ କରାଯାଏ। ଏହାଦ୍ୱାରା ଇଇଜି ମନୁଷ୍ୟର ମସ୍ତିଷ୍କକୁ ଅଧ୍ୟୟନ କରିବ। ଏହି କାମ ପାଇଁ ମାତ୍ର ୨୦ ମିନିଟ୍ ସମୟ ଲାଗିଥାଏ। ଏହି ଟାଟୁ ପାଖାପାଖି ୩୦୦ ମିଲିମିଟର ଚଉଡ଼ା ହେବ। ଏହା ଅଳ୍ପ ସମୟରେ ଶୁଖିଯିବ। ଏହା ଇଲେକ୍ଟ୍ରୋଡସ୍ ଭଳି କାମ କରିବ। ତେବେ ମସ୍ତିଷ୍କ ସ୍କାନ ପରେ ଏହି ଟାଟୁକୁ ପୋଛି କିମ୍ବା ସାମ୍ପୁରେ ଧୋଇ ହଟାଇବା ସହଜ ହୋଇଥାଏ। ଏହି ଟାଟୁକୁ ୟୁନିଭରସିଟି ଅଫ୍ ଟେକ୍ସାକ୍ସର ଇଞ୍ଜିନିୟରିଂ ପ୍ରଫେସର ନାଶୁଁଲୁ ବିକଶିତ କରିଛନ୍ତି।

# ବରଫ ରାଣୀ



ସାଧାରଣତଃ ଥଣ୍ଡାଦିନେ ଲୋକେ ଉଷୁମ ଖୋଜନ୍ତି। ଶୀତବସ୍ତ୍ର ପିନ୍ଧିବାକୁ ଭଲପାଆନ୍ତି। କିନ୍ତୁ ଜଣେ ଯୁବତୀଙ୍କ ଜୀବନ ସବୁବେଳେ ଥଣ୍ଡା ପରିବେଶରେ ଅତିବାହିତ ହୋଇଥାଏ। ହିମ ଜଗତ ହେଉଛି ତାଙ୍କ ଦୁନିଆ। ସେ ବରଫ ଭିତରେ ରହନ୍ତି ଓ ବରଫକୁ ଖାଆନ୍ତି। ରୁଷର ଇନ୍‌ଷ୍ଟାଗ୍ରାମ୍ ବ୍ଲଗର୍ ଏନ୍ନା ଗଲକିନା ତାଙ୍କର ଏହି ଅବିଶ୍ୱସନୀୟ ଜୀବନଶୈଳୀ ପାଇଁ 'ଆଇସ୍ କୁଇନ୍' ବା ବରଫ ରାଣୀ ଭାବେ ଲୋକପ୍ରିୟ। ଇନ୍‌ଷ୍ଟାଗ୍ରାମ୍ ଓ ୟୁଟ୍ୟୁବ୍‌ରେ ତାଙ୍କର ଅନେକ ଭିଡିଓ ବରଫକୁ ନେଇ ଥିବା ଦେଖିବାକୁ ମିଳେ। ସେ ବରଫ ପାଣିରେ ଖେଳନ୍ତି। ପୁଣି ସେହି ବରଫରେ ସେ ଖଣ୍ଡା ତିଆରି କରନ୍ତି ତ ଆଉ କେତେବେଳେ ବହି। ଏହିପରି ଏନ୍ନାଙ୍କର ଏକାଧିକ ଭିଡିଓ ଅଛି, ଯେଉଁଥିରେ ସେ ମାଇନସ୍ ୨୭ ଡିଗ୍ରୀ ତାପମାତ୍ରାରେ ବରଫ ଭିତରେ ଷ୍ଟଣ୍ଟ କରୁଥିବା ନଜର ଆସିଛନ୍ତି। କେବଳ ସେତିକି ନୁହେଁ, ବରଫ ହେଉଛି ତାଙ୍କର ଖାଦ୍ୟ। ବରଫ ଖାଇବା ଯୋଗୁଁ ସେ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି। ଯାହାକି ଚର୍ଚ୍ଚାର ପ୍ରସଙ୍ଗ ହୋଇଛି। ତେବେ ସେ ତାଙ୍କର ଏକ ଭିଡିଓରେ କହିଛନ୍ତି, ଅନ୍ନାଙ୍କର ପିଲାବେଳୁ ବରଫରେ ଖେଳିବାର ରୁଚି ଥିଲା। ଧୀରେ ଧୀରେ ତାଙ୍କର ଏହି ରୁଚି ଅଭ୍ୟାସରେ ପରିଣତ ହୋଇଗଲା। ଫଳରେ ସେ ଏବେ ବରଫରେ ରହି ଓ ବରଫକୁ ଖାଇ ଫୂର୍ତ୍ତି ଅନୁଭବ କରୁଛନ୍ତି। ସେହିପରି ବରଫ ଖାଇବା ସ୍ୱାସ୍ଥ୍ୟ ପାଇଁ ହିତକର ବୋଲି କହିଛନ୍ତି। କାରଣ ବରଫରେ ମିନେରାଲ ଥିବାରୁ ଏହା ଶରୀରକୁ ଆରାମ ପ୍ରଦାନ କରିବା ସହ ମାନସିକ ଶାନ୍ତି ପ୍ରଦାନ କରିଥାଏ। ହେଲେ ତାଙ୍କର ଏହି ବିଚିତ୍ର ଅଭ୍ୟାସକୁ ନେଇ ଲୋକେ ମଧ୍ୟ ତାଙ୍କର ସମାଲୋଚନା କରିଛନ୍ତି। କିନ୍ତୁ ସେ ତାଙ୍କର ଏହି ଅଜବ ଅଭ୍ୟାସ ଓ ଜୀବନଶୈଳୀକୁ ନେଇ ଖୁସି ଥିବା କହନ୍ତି। ଅନ୍ୟପଟେ ବରଫରେ ରହିବା ଦ୍ୱାରା ତାଙ୍କର ଶାରୀରିକ ଯନ୍ତ୍ରଣା ଲାଘବ ହେଉଥିବା ସେ କହିଛନ୍ତି। ଏହାଦ୍ୱାରା ତାଙ୍କୁ ମାନସିକ ଶାନ୍ତି ମିଳୁଥିବା କଥା ମଧ୍ୟ ସେ କହିଛନ୍ତି।

# ମହିଳାଙ୍କ ଅଜବ ଜୀବନ ଶୈଳୀ

## ଫଳାହାରରେ ୩୩ ବର୍ଷ

ନିୟମିତ ଫଳ ଖାଇବା ଦ୍ୱାରା ଶରୀର ସୁସ୍ଥ ରହିଥାଏ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦିଅନ୍ତି। ତେବେ ଏହି ଫଳ ଖାଇବା ପାଇଁ ମଧ୍ୟ କିଛିଟା ନିୟମ ରହିଛି। ଜଣେ ବ୍ୟକ୍ତିଙ୍କୁ ଦୈନିକ ନିର୍ଦ୍ଦିଷ୍ଟ ମାତ୍ରାର ଫଳ ଖାଇବାର ଆବଶ୍ୟକତା ଥିବାବେଳେ ଏଥିରୁ ବ୍ୟତିକ୍ରମ ହେଲେ, ଏହା ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇଥାଏ। ଏନି ଓସବର୍ଣ୍ଣ ନାମକ ଜଣେ ମହିଳା ଏଥିରୁ ବ୍ୟତିକ୍ରମ। ସେ ମାସେ କି ବର୍ଷେ ନୁହେଁ, ଦୀର୍ଘ ୩୩ ବର୍ଷ ହେଲାଣି କେବଳ ଫଳ ଖାଇ ବଞ୍ଚୁଛନ୍ତି। ଏଥିପାଇଁ ସାମାଜିକ ଗଣମାଧ୍ୟମରେ ସେ 'ଫ୍ରୁଟଇଜ୍‌ବ୍ୟୁଟି' ନାଁରେ ପରିଚିତ। ସାଧାରଣତଃ ଜଣେ ବ୍ୟକ୍ତି ଦିନେ କି ଦୁଇଦିନ ମୁଖ୍ୟ ଖାଦ୍ୟ ଗ୍ରହଣ ନ କଲେ, ତାଙ୍କୁ ଦୁର୍ବଳ ବା ହାଲିଆ ଲାଗିଥାଏ। ହେଲେ ଏନି ଦୀର୍ଘ ୩୩ ବର୍ଷ ଭିତରେ କେବେ ବି ଅନ୍ନ ସ୍ପର୍ଶ କରିନାହାନ୍ତି। ଏନେଇ ମହିଳା ଜଣକ କୁହନ୍ତି ଯେ, ଏପରି ଡାଏଟ୍ ଆପଣାଇ ସେ କେବଳ ଫିଟ୍ ଅଛନ୍ତି ତାହା ନୁହେଁ, ବରଂ ଶକ୍ତିଶାଳୀ ହୋଇପାରିଛନ୍ତି। ଏବେ ସେ ପୂରା ସୁସ୍ଥ ଜୀବନଯାପନ କରୁଛନ୍ତି। ୧୯୯୦ ମସିହାରେ ଏକ ଆଲୋଚନାଚକ୍ରରେ ଭାଗ ନେଇ ସେ କେବଳ ଫଳାହାର କରିବାକୁ ନିଷ୍ପତ୍ତି ନେଇଥିଲେ। ସେବେଠୁ ସେ ସକାଳୁ କମଳା ଜୁସ୍, ଦିନରେ ଅମୃତଭଣ୍ଡା, ତରଭୁଜ, ଆଭାକାଡୋ ଆଦି ଖାଆନ୍ତି। ରାତିରେ ନିଜ ପସନ୍ଦର ଫଳ ଖାଇଥାନ୍ତି। ବିଶେଷ ଦିନଗୁଡ଼ିକରେ ସେ ଫ୍ରୁଟ୍‌କେକ୍ ମଧ୍ୟ ବନାଇ ଖାଆନ୍ତି। ଦୀର୍ଘ ୩୩ ବର୍ଷ ହେବ ଏପରି ଖାଦ୍ୟଶୈଳୀକୁ ଆପଣାଇ ଥିବାରୁ ସେ ସୁସ୍ଥ ରହିବା ସହ ତାଙ୍କ ରକ୍ତ, କୋଲେଷ୍ଟ୍ରଲସ୍ତର ଭଲ ରହିଛି। ସେ ସପ୍ତାହକୁ ୫୦ କିଲୋମିଟର ଦୌଡ଼ନ୍ତି। ଏନିଙ୍କ ବାପା ବଗିଚାରେ ତାଜା ଫଳ ଏବଂ ପରିବା ଚାଷ କରୁଥିଲେ, ତେଣୁ ସେ ସମ୍ପୂର୍ଣ୍ଣ ଭାବେ ଫଳାହାରୀ ଜୀବନକୁ ଚୟନ କରିଥିଲେ। ଅନ୍ୟପଟେ ସ୍ୱାସ୍ଥ୍ୟ ବିଜ୍ଞାନ ଅନୁସାରେ, ଏପରି ଡାଏଟ୍ କିନ୍ତୁ ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ। କାରଣ ଏଥିଯୋଗୁଁ ଶରୀରରେ ଭିଟାମିନ ବି-୧୨, କ୍ୟାଲସିୟମ୍ ଏବଂ ଆୟୋଡିନ୍‌ର ଅଭାବ ରହିପାରେ। ଫଳରେ ମାତ୍ରାଧିକ ଶର୍କରା ଯୋଗୁଁ ଏପରି ଡାଏଟ୍ ମଧୁମେହ କିମ୍ବା ବୃକକ୍ ସମସ୍ୟା ଥିବା ଲୋକଙ୍କ ପାଇଁ କ୍ଷତିକାରକ ହୋଇପାରେ। ଏପରି ଡାଏଟ୍ ଆପଣାଇବା ପୂର୍ବରୁ ଡାକ୍ତରଙ୍କ ପରାମର୍ଶ ନେବା ଜରୁରି।





# ମ୍ୟାଜିକ୍ ମିରର୍ ଜଣାଇବ ସ୍ୱାସ୍ଥ୍ୟ ସୂଚନା

ଫ୍ରାନ୍ସର ଗୋଟିଏ କମ୍ପାନି ଏକ ମ୍ୟାଜିକ୍ ମିରର୍ ତିଆରି କରିଛି। ଏହାର ନାଁ 'ଓମ୍‌ନିଆ।' ତେବେ ଏହି ଆଇନାରେ କେବଳ ଲୋକେ ମୁହଁ ଦେଖିବେ ନାହିଁ, ବରଂ ସ୍ୱାସ୍ଥ୍ୟ କଥା ବି ଜାଣିପାରିବେ। ଏହି ଦର୍ପଣ ସାମ୍ନାରେ ଛିଡ଼ା ହୋଇ ଜଣେ ଶରୀରର ଓଜନ, ହୃଦ୍‌ସ୍ପନ୍ଦନ ଏବଂ ଶରୀରର ସ୍ଥିତି ସମ୍ପର୍କରେ ଜାଣି ପାରିବେ। ସେହିପରି ଏହା ସହ ଏକ ସ୍ମାର୍ଟ ଆସିଷ୍ଟାଣ୍ଟ ମଧ୍ୟ ଅଛି। ଯାହାକି ଜଣକୁ ସ୍ୱାସ୍ଥ୍ୟ ସମ୍ପର୍କୀୟ ପରାମର୍ଶ ଦେବା ସହ ଡାକ୍ତରଙ୍କ ସହ କଥାବାର୍ତ୍ତା କରିବାରେ ବି ସାହାଯ୍ୟ କରିବ। କେବଳ ସେତିକି ନୁହେଁ, ଏହା ସ୍ୱାସ୍ଥ୍ୟ ସମ୍ବନ୍ଧିତ ସମସ୍ତ ସୂଚନା ଡାକ୍ତରଙ୍କୁ ମଧ୍ୟ ପଠାଇ ଦେଇପାରିବ। ଅବଶ୍ୟ 'ଓମ୍‌ନିଆ' ଏବେ ବଜାରକୁ ଆସି ନାହିଁ। କମ୍ପାନି ଅନୁସାରେ, ଏହା ଏବେ ନିର୍ମାଣ ପ୍ରକ୍ରିୟାରେ ଅଛି। ଅବଶ୍ୟ ଏହା କେବେ ଆସିବ ଏବଂ ଏହାର ଦାମ୍ କେତେ ଟଙ୍କା ରହିବ, ସେ ସମ୍ପର୍କରେ ବି କିଛି କୁହାଯାଇ ନାହିଁ। ତେବେ ଏହି ଦର୍ପଣର ବିଶେଷତ୍ୱ ହେଉଛି, ଏଥିରେ ସ୍ୱାସ୍ଥ୍ୟ ସହ ଜଡ଼ିତ ଅନେକ ପ୍ରକାର ଟେକ୍ନିକ୍ ଏକତ୍ର ମିଶିକି ରହିଛି। ଅନ୍ୟପଟେ ଏପ୍ରକାର ସ୍ମାର୍ଟ ଦର୍ପଣ ପୂର୍ବରୁ ମଧ୍ୟ ଆସିଛି।

# ପ୍ରଜାପତି ପ୍ରେମୀ



କଙ୍କି କି ପ୍ରଜାପତିଟିଏ ଦେଖିଲେ ପିଲାମାନେ ତାକୁ ଧରିବା ପାଇଁ ଉଦ୍ୟମ କରିଥାନ୍ତି। ସେମିତି ଜଣେ ପିଲାଥିଲେ ପଶ୍ଚିମ କେନିଆର ଷ୍ଟିଭ୍ କୋଲିନ୍ସ। ପାଞ୍ଚ ବର୍ଷ ବୟସରୁ ତାଙ୍କର ଆକର୍ଷଣ ପ୍ରଜାପତି ପ୍ରତି ବଢ଼ିଥିଲା। ତାଙ୍କର ଏହି ଆକର୍ଷଣ ହିଁ ଏବେ ତାଙ୍କୁ ସଂଗ୍ରାହକର ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି। ତାଙ୍କର ଏହି ସଂଗ୍ରହାଳୟରେ ୪୨ ଲକ୍ଷରୁ ଅଧିକ ପ୍ରଜାପତି ଅଛନ୍ତି। କେବଳ ଆଫ୍ରିକାରୁ ତାଙ୍କ ପାଖରେ ୧୨ ଲକ୍ଷ ପ୍ରଜାପତି ଅଛନ୍ତି। ସେହିପରି ଶତାଧିକ ପ୍ରଜାତିର ପ୍ରଜାପତି କୋଲିନ୍ସଙ୍କ ସଂଗ୍ରହାଳୟରେ ସ୍ଥାନ ପାଇଛନ୍ତି। କଙ୍ଗୋ ଭ୍ରମଣରୁ ତାଙ୍କ ପରିବାର ପ୍ରଜାପତି ସନ୍ଧାନ ଦିଗରେ ତାଙ୍କୁ ଉତ୍ସାହିତ କରିଥିବା କୋଲିନ୍ସ କହନ୍ତି। ବର୍ତ୍ତମାନ କୋଲିନ୍ସଙ୍କୁ ୭୪ ବର୍ଷ। ୧୫ ବର୍ଷ ବୟସ ବେଳକୁ ପ୍ରଜାପତି ବାବଦରେ ଅଧିକ ଅଧ୍ୟୟନ କରିବା ପାଇଁ ସେ ନାଇଜେରିଆ ସମେତ ଅନ୍ୟ ଦେଶଗୁଡ଼ିକୁ ଯାତ୍ରା କରିଥିଲେ। ୨୦ ବର୍ଷର ଶସ୍ୟବିଜ୍ଞାନୀ କ୍ୟାରିୟରରେ ସେ ତାଙ୍କ ଖାଲି ସମୟକୁ ପ୍ରଜାପତି ଗବେଷଣା ଲାଗି ଉତ୍ସର୍ଗ କରିଥିଲେ। ୧୯୯୭ରେ ସେ ଆଫ୍ରିକୀୟ ବଟରଫ୍ଲାଏ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ପ୍ରତିଷ୍ଠା କଲେ। କୋଲିନ୍ସଙ୍କ ୧.୫ ଏକର ଜାଗାରେ ଶହ ଶହ ସ୍ୱଦେଶୀ ଗଛ ଓ ଫୁଲ ବୁଦା ଦ୍ୱାରା ଏକ ସୁନ୍ଦର ଜଙ୍ଗଲ ସୃଷ୍ଟି ହୋଇଛି। ଶତାଧିକ ପ୍ରଜାପତି ଏହି ଜଙ୍ଗଲରେ ଥିବା ଗୋଟିଏ ଫୁଲ ଗଛରୁ ଅନ୍ୟ ଏକ ଫୁଲଗଛରେ ଉଡ଼ି ବସନ୍ତି। ଏହା କୋଲିନ୍ସଙ୍କର ବ୍ୟକ୍ତିଗତ ସଂଗ୍ରହାଳୟ ହୋଇଥିବା ବେଳେ ୧୯୯୮ରୁ ୨୦୦୩ ମଧ୍ୟରେ ଏହାକୁ ଶିକ୍ଷା କେନ୍ଦ୍ର ଭାବେ ପରିଚାଳିତ କରାଯାଇଥିଲା। ସେତେବେଳେ ସେ ଏହାକୁ ସର୍ବସାଧାରଣଙ୍କ ପାଇଁ ଖୋଲା କରିଥିଲେ।

## ଆଜିର ରାଶିଫଳ

**ମେଷ:** ଅଫିସ୍‌ରେ ସମସ୍ୟା ଦେଖା ଦେବ। ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କୌଣସି କାର୍ଯ୍ୟ ବିଗିଡ଼ିଯାଇପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ଆଚରଣରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଆଇନ ସମ୍ବନ୍ଧୀୟ ମାମଲା ଆପଣଙ୍କ ସପକ୍ଷରେ ଯିବ। ପାରିବାରିକ ଜୀବନରେ ସୁଖଶାନ୍ତି ରହିବ। କଳା ଓ ସାହିତ୍ୟ କ୍ଷେତ୍ରରେ ସମ୍ମାନିତ ହୋଇପାରନ୍ତି।

**କର୍କଟ:** ଦାନଧର୍ମରେ ଦିନଟି ଅତିବାହିତ କରିବେ। ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ। କାର୍ଯ୍ୟ କ୍ଷେତ୍ରରେ ବରିଷ୍ଠ ଅଧିକାରୀଙ୍କ ମାର୍ଗଦର୍ଶନରେ ପରିଚାଳିତ ହେବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। ସେଲ୍‌ସ ମାର୍କେଟିଂ କ୍ଷେତ୍ରରେ ସଫଳତା ମିଳିବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। କାର୍ଯ୍ୟ ଧାରାରେ ପରିବର୍ତ୍ତନ ଆଣିବେ। ଅତିଥି ସତ୍କାର କରିପାରନ୍ତି।

**କନ୍ୟା:** ସମାଜରେ ମାନସମ୍ମାନ ବୃଦ୍ଧି ପାଇବ। ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ବଚନରେ ମଧୁରତା ରକ୍ଷା କରିବେ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନେବେ ନାହିଁ। କାମରୁ ଲାଭ ଓ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ।

**ଧନୁ:** କାର୍ଯ୍ୟକ୍ଷେତ୍ରରେ ଆତ୍ମବିଶ୍ୱାସର ଅଭାବ ରହିବ। ସମସ୍ୟାରେ ପଡ଼ିପାରନ୍ତି। ପରିଶ୍ରମ ଅନୁସାରେ ସଫଳତା ମିଳିବ। ମହାଦେବଙ୍କ ପୂଜାର୍ଚ୍ଚନାରେ ସମୟ ବିତିବ। ଉଧାର ଟଙ୍କା ଫେରି ପାଇବେ।

**ମକର:** ବିବାହ ପ୍ରସ୍ତାବ ଆସିବ। ଧନଲାଭ ଯୋଗ ଅଛି। କୌଣସି କଥାକୁ ନେଇ ଅଧିକ ଚିନ୍ତା କରିବେ ନାହିଁ। ହସଖୁସିରେ ଦିନ କାଟିବେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଖର୍ଚ୍ଚାନ୍ତ ହେବେ।

**ମୀନ:** ମାନସିକ ଶାନ୍ତି ପାଇବେ। ଅଫିସ୍‌ରେ ପ୍ରତିଷ୍ଠା ବଢ଼ିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ବ୍ୟବସାୟୀ କୌଣସି ଶୁଭ ଖବର ପାଇପାରନ୍ତି।

# କ୍ରୀଡ଼ା

ସକାଳ
www.sakalaepaper.com

# ପ୍ରଥମ ଖୋ ଖୋ ବିଶ୍ୱକପ୍ ଖେଳିବେ ୩ ଓଡ଼ିଆ

ଭୁବନେଶ୍ୱର, ୯ ।୧(ସମିସ): ଆସନ୍ତା ୧୩ରୁ ୧୯ ତାରିଖ ମଧ୍ୟରେ ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧୀ ଇଣ୍ଡୋର ଷ୍ଟାଡିୟମରେ ଆୟୋଜନ ହେବାକୁ ଯାଉଥିବା ଖୋ ଖୋ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣ ପାଇଁ ଭାରତୀୟ ଦଳ ଘୋଷଣା କରାଯାଇଛି। ଖୋ ଖୋ ଫେଡେରେସନ ଅଫ୍ ଇଣ୍ଡିଆ (କେକେଏଫ୍‌ଆଇ) ଗୁରୁବାର ଭାରତୀୟ ପୁରୁଷ ଓ ମହିଳା ଦଳ ଘୋଷଣା କରିଛି। ପ୍ରତୀକ ୱାଇକର ୨୦ ଜଣିଆ ପୁରୁଷ

## ପୁରୁଷ ଦଳରେ ପବନି: ମହିଳାରେ ଶୁଭଶ୍ରୀ, ମଗାଇ

ଓ ପ୍ରିୟଙ୍କା ଇଙ୍ଗଲେ ୧୯ ଜଣିଆ ମହିଳା ଦଳର ନେତୃତ୍ୱ ନେବେ। ବିଶ୍ୱକପ୍‌ରେ କିସ୍‌ରେ ପଢୁଥିବା ୩ଜଣ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ପୁରୁଷ ଦଳରେ ଓଡ଼ିଶାର ପବନି ଶବର ଏବଂ ମହିଳା ଦଳରେ ରାୟଗଡ଼ାର କସନଦର ଗ୍ରାମର ମଗାଇ ମାଝୀ ଓ ବାଲେଶ୍ୱର ନୀଳଗିରିର ଶୁଭଶ୍ରୀ ସିଂ ସ୍ଥାନ ପାଇଛନ୍ତି।

### ଗୌରବ ଆଣିବେ କିସ୍‌ର ଖେଳାଳି

୩ଜଣ ଖେଳଳି କିସ୍‌ରେ ପଢା ଜାରି ରଖିଛନ୍ତି। ଶୁଭଶ୍ରୀ କିସ୍‌ରେ +୩ କଳା ଦ୍ୱିତୀୟ ବର୍ଷର ଛାତ୍ରୀ। ମଗାଇ ମଧ୍ୟ କିସ୍‌ରେ +୩ କଳା ଦ୍ୱିତୀୟ ବର୍ଷ ପଢ଼ା ଜାରି ରଖିଛନ୍ତି। ପବନି ମଧ୍ୟ କିସ୍‌ରେ ବିଏ ତୃତୀୟ ବର୍ଷରେ ପଢୁଛନ୍ତି। କିସ୍‌ର ଏହି ୩ ଖେଳାଳି ବିଶ୍ୱକପ୍‌ରେ ଦମ୍‌ଦାର ପ୍ରଦର୍ଶନ କରି ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଦେବେ ବୋଲି ଆଶା କରାଯାଉଛି।

୨୦ ବର୍ଷୀୟ ପବନି ୨୦୨୨ରେ ହରିୟାଣାର ପଞ୍ଚକୁଲାରେ ଅନୁଷ୍ଠିତ ଚତୁର୍ଥ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ଓଡ଼ିଶା ପାଇଁ ପ୍ରତିନିଧିତ୍ୱ କରି ରୌପ୍ୟ ପଦକ ହାସଲ କରିଥିଲେ। ସେହିପରି ୨୦ ବର୍ଷୀୟା ମଗାଇ ଓ ୧୮ ବର୍ଷୀୟା ଶୁଭଶ୍ରୀ ଓଡ଼ିଶା ଖୋ ଖୋ ହାଇପରଫର୍ମାନ୍ସ ସେଣ୍ଟରରେ ପ୍ରଶିକ୍ଷଣ ନେଉଛନ୍ତି। ଏହି ଦୁଇ ଖେଳାଳି ୩୬ତମ ଜାତୀୟ କ୍ରୀଡ଼ାରେ ଓଡ଼ିଶା ତରଫରୁ ଖେଳି ରୌପ୍ୟ ପଦକ ଜିତିଥିଲେ। ଏହି ଦୁଇ ମହିଳା ଖେଳାଳି ମଧ୍ୟ ଚତୁର୍ଥ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ରୌପ୍ୟ, ୨୦୧୯ରେ ଅନୁଷ୍ଠିତ ୫୩ତମ ଜାତୀୟ ଖୋ ଖୋ ଚାମ୍ପିଅନସିପ୍‌ରେ ଓଡ଼ିଶା ପାଇଁ କାଂସ୍ୟ, ୩୬ତମ ଜାତୀୟ କ୍ରୀଡ଼ାରେ ରୌପ୍ୟ ଏବଂ ଖେଲୋ ଇଣ୍ଡିଆ ବରିଷ୍ଠ ମହିଳା ଖୋ ଖୋ ଲିଗ୍ (ଫେଜ୍-୩)ରେ ଚାମ୍ପିଅନ ହୋଇଥିଲେ। ଶୁଭଶ୍ରୀ ହାସଲ କରିଥିବା ପଦକ ତାଲିକା ଆହୁରି ଲମ୍ବା ରହିଛି। ଏହି ୩ ଖେଳାଳିଙ୍କୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ରାଜ୍ୟ ଖୋ ଖୋ ସଂଘ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ଓ ଅନ୍ୟମାନେ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି।


ମଗାଇ ମାଝୀ, ପବନି ଶବର, ଶୁଭଶ୍ରୀ ସିଂ

■ ଭାରତୀୟ ପୁରୁଷ ଦଳ: ପ୍ରତୀକ ୱାଇକର (ଅଧିନାୟକ), ପବନି ଶବର, ମେହୁଲ, ସଚିନ ଭାର୍ଗୋ, ସୂୟାସ ଗାର୍ଗେଟ୍, ରାମଜୀ କାଶ୍ୟପ୍, ଶିବ ପୋଥିର ରେଡ୍ଡୀ, ଆଦିତ୍ୟ ଗାନପୁଲେ, ଏମ୍‌କେ ଗୋଥାମ, ବି ନିଖିଲ, ଆକାଶ କୁମାର, ଭି ସୁବ୍ରମଣି, ସୁମନ ବର୍ମନ, ଅନିକେତ ପୋଟୋ, ଏସ୍ ରୋକେସନ ସିଂହ। ଷ୍ଟାଣ୍ଡବାଏ: ଅକ୍ଷୟ ବାଙ୍ଗରେ, ରାଜବର୍ଦ୍ଧନ ଶଙ୍କର ପାଟିଲ, ବିଶ୍ୱନାଥ ଜାନକୀରାମ।

■ ଭାରତୀୟ ମହିଳା ଦଳ: ପ୍ରିୟଙ୍କା ଇଙ୍ଗ୍‌ଲେ (ଅଧିନାୟିକା), ଅଶ୍ୱିନୀ ସିଣ୍ଡେ, ରେଶ୍ମା ରାଠୋର, ଭିଲାର ଦେବଜୀଭାଇ, ନିର୍ମଳା ଭଟ୍ଟି, ନୀତା ଦେବୀ, ଆର. ଚୈତ୍ର, ଶୁଭଶ୍ରୀ ସିଂ, ମଗାଇ ମାଝୀ, ଅଂଶୁ କୁମାରୀ, ବୈଷ୍ଣବୀ ବଜରଙ୍ଗ, ନସରିନ ଶେଖ, ମିନୁ, ମୋନିକା, ନାଜିଆ ବିବି। ଷ୍ଟାଣ୍ଡବାଏ: ସମ୍ପଦା ମୋରେ, ରତିକା ସିଲୋରିଆ, ପ୍ରିୟଙ୍କା ଭୋପି।

## ■ ୨୦୩୬ ଅଲିମ୍ପିକ୍ସ

# ଭୁବନେଶ୍ୱରେ ଆୟୋଜନ ହୋଇପାରେ ହକି ଇଭେଣ୍ଟ

ନୂଆଦିଲ୍ଲୀ, ୯ ।୧(ଏଜେନ୍ସି): ୨୦୩୬ ଅଲିମ୍ପିକ୍ସ ଆୟୋଜନ କରିବାକୁ ଭାରତ ତା'ର ଇଚ୍ଛା ଜାହିର କରିସାରିଛି। ଗତବର୍ଷ ମୁମ୍ବଇରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି (ଆଇଓସି)ର ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୩୬ ଅଲିମ୍ପିକ୍ସ ଆୟୋଜନ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ। ଏ ସଂକ୍ରାନ୍ତରେ ଭାରତୀୟ ଅଲିମ୍ପିକ୍ସ ଆସୋସିଏସନ (ଆଇଓଏ) ମଧ୍ୟ ଆଇଓସିକୁ ଚିଠି ଲେଖି ଅବଗତ କରାଇଛି। ଯଦି ଏହି ଅଲିମ୍ପିକ୍ସ ଭାରତରେ ଆୟୋଜନ ହୁଏ, ତେବେ ସାରା ଦେଶରେ ଭିନ୍ନ ଭିନ୍ନ ସ୍ଥାନରେ ଇଭେଣ୍ଟଗୁଡିକ ଆୟୋଜନ ହେବ। ଯଦି ସବୁ କିଛି ଠିକ୍‌ଠାକ ଚାଲେ ତେବେ ଭୁବନେଶ୍ୱରରେ ହକି ଇଭେଣ୍ଟ ଆୟୋଜନ ହେବ ବୋଲି ଏକ ରିପୋର୍ଟରୁ ଜଣାଯାଇଛି। ଭୁବନେଶ୍ୱରେ ଦୁଇଥର ହକିର ଦୁଇଟି ବିଶ୍ୱକପ୍ ସହ ଏଫଆଇଏଚ୍ ହକି ୱାର୍ଲ୍ଡ ଲିଗ୍ ମଧ୍ୟ ସଫଳତାର ସହ ଆୟୋଜିତ ହୋଇଛି। ଭୁବନେଶ୍ୱରରେ ବିଶ୍ୱସ୍ତରୀୟ ହକି ଭିତ୍ତିଭୂମି ରହିଥିବାରୁ ଅଲିମ୍ପିକ୍ସ ହକି ଇଭେଣ୍ଟ ଏଠାରେ ଆୟୋଜନ ହେବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି କୁହାଯାଇଛି। ସେହିପରି ଭୋପାଳରେ ରୋଇଂ, ପୁଣେରେ କାନୋଇଂ ଓ କାୟାକିଂ ଏବଂ ମୁମ୍ବାଇରେ କ୍ରିକେଟ ଇଭେଣ୍ଟ ଆୟୋଜନ ହେବ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ଇଣ୍ଡିଆନ ସୁପର ଲିଗ୍

# ଓଡ଼ିଶା ଏଫ୍‌ସି-ଚେନ୍ନାଇନ୍ ମ୍ୟାଚ୍ ଡ୍ର



ଚେନ୍ନଇ, ୯ ।୧(ଏଜେନ୍ସି): ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସଏଲ୍)ର ଏକାଦଶ ସଂସ୍କରଣରେ ଓଡ଼ିଶା ଏଫ୍‌ସି ଓ ଚେନ୍ନାଇନ୍ ଏଫ୍‌ସି ମଧ୍ୟରେ ଖେଳାଯାଇଥିବା ମ୍ୟାଚ ୨-୨ ଗୋଲରେ ଅମୀମାଂସିତ ରହିଛି। ସ୍ଥାନୀୟ ଜବାହରଲାଲ୍ ନେହରୁ ଷ୍ଟାଡିୟମରେ ଗୁରୁବାର ଅନୁଷ୍ଠିତ ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ୩୪ ବର୍ଷୀୟ କଲମ୍ବିଆ ଷ୍ଟ୍ରାଇକର ୱିଲମାର ଜୋର୍ଡାନ ଗିଲ୍ ୪୮ ଓ ୫୩ତମ ମିନିଟ୍‌ରେ ଦୁଇଟି ଗୋଲ ସ୍କୋର କରି ଚେନ୍ନାଇନ୍‌କୁ ୨-୦ରେ ଅଗ୍ରଣୀ କରାଇଥିଲେ। କିନ୍ତୁ ଏହାପରେ ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିଥିଲା। ୩୪ ବର୍ଷୀୟ ବ୍ରାଜିଲ୍ ଫରୱାର୍ଡ ଡୋରୀ ୮୦ତମ ମିନିଟ୍‌ରେ ଓଡ଼ିଶା ପାଇଁ ପ୍ରଥମ ଗୋଲ ଦେଇଥିଲେ। ଅନ୍ତିମ ମୁହୂର୍ତ୍ତ ତଥା ଇଞ୍ଜୁରୀ ଟାଇମ୍‌ର ୭ମ ମିନିଟ୍‌ରେ ଚେନ୍ନାଇନ୍‌ର ମହମ୍ମଦ ନୱାଜଙ୍କ ଆତ୍ମଘାତୀ ଗୋଲ ବଳରେ ମ୍ୟାଚ ଅମୀମାଂସିତ ରହିଥିଲା। ଏଥିସହ ଓଡ଼ିଶା ୧୫ ମ୍ୟାଚ୍ ଖେଳି ୫ ବିଜୟ, ୬ ଡ୍ର ଓ ୪ ପରାଜୟ ସହ ୨୧ ପଏଣ୍ଟ ପାଇ ତାଲିକାର ୭ମ ସ୍ଥାନରେ ରହିଛି। ଅନ୍ୟପଟେ ଚେନ୍ନାଇନ୍ ୧୫ ମ୍ୟାଚ ଖେଳି ୧୬ ପଏଣ୍ଟ ସହ ୧୦ମ ସ୍ଥାନରେ ରହିଛି।

## ଇଣ୍ଡିଆନ ଓମେନ୍ସ ଲିଗ୍ ଆଜିଠାରୁ

# ଟାଇଟଲ୍ ବଜାୟ ଲକ୍ଷ୍ୟରେ ଓଏଫ୍‌ସି



କୋଝିକୋଡ, ୯ ।୧(ଏଜେନ୍ସି): ଦେଶ ସର୍ବବୃହତ୍ ମହିଳା ଫୁଟବଲ ଲିଗ୍ ଇଣ୍ଡିଆନ୍ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍)ର ଅଷ୍ଟମ ସଂସ୍କରଣ ଶୁକ୍ରବାରଠାରୁ ଆରମ୍ଭ ହେବ। କେରଳର କୋଝିକୋଡ୍‌ସ୍ଥିତ ଇଏମ୍‌ଏସ୍ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଉଦ୍‌ଘାଟନୀ ମୁକାବିଲାରେ ଡିଫେଣ୍ଡିଂ ଚାମ୍ପିଅନ ଓଡ଼ିଶା ଏଫ୍‌ସି ଓ ଘରୋଇ ଗୋକୁଳମ କେରଳ ପରସ୍ପରକୁ ଭେଟିବେ। ଏଥର ଟାଇଟଲ ବଜାୟ ରଖିବାକୁ ଓଡ଼ିଶା ପୂରା ପ୍ରସ୍ତୁତି ସହ ପଡିଆକୁ ଓହ୍ଲାଇବ। ଲିଗ୍‌ରେ ଏଥର ୮ଟି ଦଳ ଅଂଶଗ୍ରହଣ କରିବେ। ଡିଫେଣ୍ଡିଂ ଚାମ୍ପିଅନ ଓଡ଼ିଶା ଏଫ୍‌ସି ସହ ଇଷ୍ଟ ବେଙ୍ଗଲ, ସେଥୁ ଏଫ୍‌ସି, ଶ୍ରୀଭୂମି ଏଫ୍‌ସି, ନୀତା ଏଫ୍‌ସି, କିକ୍‌ଷ୍ଟାର୍ଟ ଏଫ୍‌ସି, ଗୋକୁଳମ କେରଳ ଓ ହୋପ୍ସ ଏଫ୍‌ସି ରହିଛନ୍ତି। ଏଥିମଧ୍ୟରୁ ଶ୍ରୀଭୂମି ଓ ନୀତା ଏଫସି ଇଣ୍ଡିଆନ ଓମେନ ଲିଗ୍-୨ରୁ ପ୍ରମୋସନ ପାଇଁ ଆଇଡବ୍ଲୁଏଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ପାଖାପାଖି ୩ ମାସ ଧରି ଚାଲିବାକୁ ଥିବା ଏହି ଲିଗ୍‌ରେ ଦେଶର ମୋଟ୍ ୮ଟି ଭେନ୍ୟୁରେ ମୋଟ୍ ୫୬ଟି ମ୍ୟାଚ୍ ଖେଳାଯିବ।

### ପ୍ୟାରୀ, ଲିଣ୍ଡା, ଜେନିଫରଙ୍କ ଉପରେ ନଜର

ଦୁଇବର୍ଷ ମଧ୍ୟରେ ଗଠନ ହୋଇଥିଲେ ମଧ୍ୟ ଓଡ଼ିଶା ଆଇଡବ୍ଲ୍ୟୁଏଲ୍ ଚାମ୍ପିଅନ ହେବା ସହ ଏଏଫ୍‌ସି ମହିଳା ଚାମ୍ପିଅନ୍ସ ଲିଗ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରି ନିଜ ଦକ୍ଷତାର ପ୍ରମାଣ ଦେଇଛି। ଦଳର ଭଲ ପ୍ରଦର୍ଶନ ନେଇ ଓଡ଼ିଶା ଏଫ୍‌ସି ମୁଖ୍ୟ କୋଚ୍ କ୍ରିପ୍‌ସାନ ଆଶାବାଦୀ ଥିବା କଥା କହିଛନ୍ତି। ପ୍ୟାରୀ ଖାଖା, ଲିଣ୍ଡା କୋମ ଓ ଘାନାର ଜେନିଫର ୟେବୋହ ଆଟକ୍‌ରେ ଦମ୍ ଦେଖାଇବେ। ସେହିପରି ଡିଫେନ୍ସରେ କାମେରୁନ୍‌ର ଏଲିଆନ ବୋଡୋଲୋ, ନାଇଜେରିଆର ମାରିୟମ ଇବ୍ରାହିମ୍ ଓ ଗୋଲରକ୍ଷକ ଶ୍ରେୟା ହୁଡା ମଧ୍ୟ ଦଳ ପାଇଁ ନିର୍ଣ୍ଣାୟକ ପ୍ରଦର୍ଶନ କରିବେ। ଗୋକୁଳମ ଦଳରେ ମଧ୍ୟ ଦକ୍ଷ ପ୍ରତିଭାସମ୍ପର୍ଣ୍ଣ ଖେଳାଳି ରହିଛନ୍ତି। ମୁଖ୍ୟ କୋଚ୍ ରଞ୍ଜନ ଚୌଧୁରୀ ଦଳର ପ୍ରଦର୍ଶନ ନେଇ ବେଶ୍ ଆଶାବାଦୀ ଅଛନ୍ତି।

# ଶ୍ରୀଲଙ୍କା ଟେଷ୍ଟ ଲାଗି ସ୍ମିଥ୍‌ଙ୍କୁ ନେତୃତ୍ୱ



ସିଡ୍‌ନୀ, ୯ ।୧ (ଏଜେନ୍ସି): ଚଳିତ ମାସ ଶେଷ ଭାଗରେ ଅଷ୍ଟ୍ରେଲିଆ ଦଳ ଶ୍ରୀଲଙ୍କା ଗସ୍ତରେ ଯାଇ ସେଠାରେ ୨ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବାର କାର୍ଯ୍ୟସୂଚୀ ରହିଛି। ଏଥିଲାଗି କ୍ରିକେଟ୍ ଅଷ୍ଟ୍ରେଲିଆ ପକ୍ଷରୁ ଗୁରୁବାର ୧୬ ଜଣିଆ ଦଳ ଘୋଷଣା କରାଯାଇଛି। ନିୟମିତ ଅଧିନାୟକ ପ୍ୟାଟ୍ କମିନ୍ସଙ୍କ ଅନୁପସ୍ଥିତିରେ ଭେଟେରାନ ବ୍ୟାଟର୍ ଷ୍ଟିଭେନ ସ୍ମିଥ୍‌ଙ୍କୁ ଦଳର ନେତୃତ୍ୱ ଭାର ଦିଆଯାଇଛି। ନିକଟରେ ଦ୍ୱିତୀୟ ସନ୍ତାନର ପିତୃତ୍ୱ ଲାଭ କରିଥିବାରୁ କମିନ୍ସ ଶ୍ରୀଲଙ୍କା ସିରିଜରୁ ବିରତି ନେବାକୁ ନିଷ୍ପତ୍ତି ନେଇଛନ୍ତି। ୩୫ ବର୍ଷୀୟ ସ୍ମିଥ୍ ୨୦୧୮ରେ ବହୁଚର୍ଚ୍ଚିତ ବଲ୍ ଟ୍ୟାମ୍ପରିଂ ସ୍କାଣ୍ଡାଲରେ ୨ ବର୍ଷ ଲାଗି ନେତୃତ୍ୱ ନେବାରୁ ବାସନ୍ଦାଦେଶର ସମ୍ମୁଖୀନ ହୋଇଥିଲେ। ଶ୍ରୀଲଙ୍କା ପିଚ୍ ସାଧାରଣତଃ ସ୍ପିନରଙ୍କୁ ସୁହାଉଥିବାରୁ ଅଷ୍ଟ୍ରେଲିଆ ଦଳରେ ୪ଜଣ ସ୍ପିନର ନାଥନ ଲିୟନ, ମାଟ୍ଟ କୁନେମାନ୍ନ, ଟଡ୍ ମର୍ଫି ଓ କୁପର କୋନ୍ନୋଲୀ ସ୍ଥାନ ପାଇଛନ୍ତି। ଜାନୁଆରୀ ୨୯ରୁ ପ୍ରଥମ ଓ ଫେବ୍ରୁଆରୀ ୬ରୁ ୨ୟ ଟେଷ୍ଟ ଆରମ୍ଭ ହେବ।

## ● ଆନ୍ତଃସ୍କୁଲ କ୍ରିକେଟ୍

# ଷ୍ଟିୱାର୍ଟକୁ ଜିତାଇଲେ ଅମ୍ରିତ



ଭୁବନେଶ୍ୱର, ୯ ।୧ (ସମିସ): ସ୍ଥାନୀୟ ହାଇଟେକ୍ ମେଡିକାଲ ଗ୍ରାଉଣ୍ଡରେ ଚାଲିଥିବା ଆନ୍ତଃସ୍କୁଲ କ୍ରିକେଟ୍‌ରେ ଗୁରୁବାର ଖେଳାଯାଇଥିବା ଏକ ମ୍ୟାଚରେ ଷ୍ଟିୱାର୍ଟ ସ୍କୁଲ ୧୦୨ ରନରେ ଡିଏମ୍ ପବ୍ଲିକ ସ୍କୁଲ (ବାସୁଆଘାଇ)କୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଷ୍ଟିୱାର୍ଟ ସ୍କୁଲ ଅମ୍ରିତ ଦାସଙ୍କ ଅପରାଜିତ ୯୧ ରନ ବଳରେ ୨୧ ଓଭରରେ ୨ ୱିକେଟ୍ ହରାଇ ୧୭୬ ରନ କରିଥିଲା। ଶୁଭ୍ରାଂଶୁ ମିଶ୍ର ମଧ୍ୟ ୫୯ ରନ କରିଥିଲେ। ଜବାବରେ ଡିଏମ୍ ପବ୍ଲିକ ସ୍କୁଲ ୯ ୱିକେଟ୍‌ରେ ମାତ୍ର ୭୪ ରନ କରିବାକୁ ସମର୍ଥ ହୋଇଥିଲା। ବୋଲିଂରେ ଶୁଭ୍ରାଂଶୁ ମଧ୍ୟ ୨ଟି ୱିକେଟ୍ ନେଇଥିଲେ। ଅମ୍ରିତଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ସେହିଭଳି ଅନ୍ୟ ଏକ ମ୍ୟାଚରେ ସାଇ ଇଣ୍ଟର ନ୍ୟାସନାଲ ସ୍କୁଲ ୩୪ ରନରେ ଫ୍ୟୁଚର ସ୍କୁଲକୁ ପରାସ୍ତ କରିଛି। ଦୁଇଟି ୱିକେଟ୍ ସହ ୪୪ ରନ କରିଥିବା ସାଇର ଶ୍ରେୟାଂଶ ବିଧାର ଶ୍ରେଷ୍ଠ ଖେଳାଳି ହୋଇଥିଲେ। ଭେଟେରାନ କ୍ରିକେଟ୍ ଆସୋସିଏସନ ଅଫ୍ ଓଡ଼ିଶା ଆନୁକୂଲ୍ୟରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯାଉଛି।

## ■ ଖେଲୋ ଇଣ୍ଡିଆ ମହିଳା ଜୋନାଲ ଭାରୋତ୍ତୋଳନ ଲିଗ୍

# ଜ୍ୟୋତ୍ସ୍ନାଙ୍କୁ ସ୍ୱର୍ଣ୍ଣ, ତୁଳସୀଙ୍କୁ ରୌପ୍ୟ

ବ୍ରହ୍ମପୁର, ୯ ।୧ (ସମିସ): ସ୍ଥାନୀୟ ମହାତ୍ମା ଗାନ୍ଧୀ ଷ୍ଟାଡିୟମରେ ଓଡିଶା ଭାରୋତ୍ତୋଳନ ସଂଘ ପକ୍ଷରୁ ଖେଲୋ ଇଣ୍ଡିଆ ମହିଳା ଜାତୀୟ ଭାରୋତ୍ତୋଳନ ପ୍ରତିଯୋଗିତା ୨ୟ ଦିବସ ଖେଳ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆୟୋଜକ ଓଡ଼ିଶାକୁ ୨ଟି ପଦକ ମିଳିଛି। ଓଡ଼ିଶାର ଜ୍ୟୋତ୍ସ୍ନା ଶବର ସ୍ୱର୍ଣ୍ଣିମ ସଫଳତା ପାଇଥିବାବେଳେ ତୁଳସୀ ଶବର ରୌପ୍ୟ ପଦକ ଜିତିଛନ୍ତି। ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ଗୁରୁବାର ମହିଳା ୪୦ କିଗ୍ରା ୟୁଥ୍ ବିଭାଗରେ ଜ୍ୟୋତ୍ସ୍ନା ପୋଡିୟମର ପ୍ରଥମ ସ୍ଥାନ ହାସଲ କରିଥିଲେ। ସେ ମୋଟ୍ ୧୧୮ କିଗ୍ରା ଭାର ଉଠାଇଥିଲେ। ଯେଉଁଥିରେ ସ୍ନାଚରେ ୫୫ ଓ କ୍ଲିନ୍ ଆଣ୍ଡ ଜର୍କରେ ୬୩ କିଗ୍ରା ଭାର ଉତ୍ତୋଳନ କରିଥିଲେ। ତାମିଲନାଡୁର କେ. ଇଶ୍ୱରିୟା (୧୧୨ କିଗ୍ରା) ଓ ହରିୟାଣାର ହିମାଂଶୀ (କାଂସ୍ୟ) ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ପଦକ ଏହି ଇଭେଣ୍ଟରେ ବିଜୟୀ ହୋଇଥିଲେ। ସେହିଭଳି ମହିଳା ୪୫ କିଗ୍ରା ୟୁଥ୍ ଇଭେଣ୍ଟରେ ଅନ୍ୟତମ ଓଡ଼ିଆ ଭାରୋତ୍ତୋଳିକା ତୁଳସୀ ୧୨୦ କିଗ୍ରା (୫୫+୬୫) ଭାର ଉଠାଇ ପୋଡିୟମର ୨ୟ ସ୍ଥାନରେ ରହି ରୌପ୍ୟ ପଦକ ଜିତିଥିଲେ। ୧୪୯ କିଗ୍ରା ଭାର ଉଠାଇ ମହାରାଷ୍ଟ୍ରର ଆକାଂକ୍ଷା ସ୍ୱର୍ଣ୍ଣପଦକ ବାଜିମାତ୍ କରିନେଇଥିଲେ। ଏହି ପ୍ରତିଯୋଗିତାରେ ଦେଶର ୨୬ଟି ରାଜ୍ୟର ୪୦୦ରୁ ଅଧିକ ଯୁବ, କନିଷ୍ଠ ଓ ବରିଷ୍ଠ ବିଭାଗର ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତାରେ ଓଡ଼ିଶାର ୨୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ବେଳେ ସେମାନଙ୍କ ମଧ୍ୟରେ ଅନ୍ତର୍ଜାତୀୟ ପଦକ ବିଜେତା ଜ୍ୟୋସ୍ନା ଶବର, ମୀନା ସାନ୍ତା, ସ୍ନେହା ସୋରେନ୍ ଓ ଶୁଭସ୍ମିତା ମହାନ୍ତି ପ୍ରମୁଖ ସାମିଲ ଅଛନ୍ତି। ଚଳିତ ମାସ ୧୪ତାରିଖରେ ପ୍ରତିଯୋଗିତା ଉଦଯାପିତ ହେବ।


କେ.ରବି କୁମାରଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ତୁଳସୀ


ଭାରୋତ୍ତୋଳନ ଅବସରରେ ଜ୍ୟୋସ୍ନା

## ■ ଅଷ୍ଟ୍ରେଲିଆନ୍ ଓପନ୍

# ପ୍ରଥମ ରାଉଣ୍ଡରେ ମକାକ୍‌ଙ୍କୁ ଭେଟିବେ ନାଗଲ

ମେଲବୋର୍ଣ୍ଣ, ୯ ।୧(ଏଜେନ୍ସି): ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଅଷ୍ଟ୍ରେଲିଆନ୍ ଓପନ୍‌ର ୧୧୩ ତମ ତଥା ଓପନ ଏରାର ୫୭ତମ ସଂସ୍କରଣ ଏଥର ଜାନୁଆରୀ ୧୨ରୁ ଆରମ୍ଭ ହୋଇ ୨୬ ତାରିଖରେ ଶେଷ ହେବ। ଗ୍ରୀନ୍‌ସେଟର ହାର୍ଡକୋର୍ଟ ଏହି ଟୁର୍ଣ୍ଣାମେଣ୍ଟରେ ସୁମିତ ନାଗଲ ଏକମାତ୍ର ଭାରତୀୟ ଖେଳାଳି ଭାବେ ପୁରୁଷ ଏକକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଦେଶର ଶ୍ରେଷ୍ଠ ଏକକ ଖେଳାଳି ନାଗଲ ପ୍ରଥମ ରାଉଣ୍ଡରେ ବିଶ୍ୱର ୨୬ ନଂ ଖେଳାଳି ଚେକ୍ ଗଣରାଜ୍ୟର ଟୋମାସ ମକାକ୍‌ଙ୍କ ବିପକ୍ଷରୁ ମ୍ୟାଚ୍ ଖେଳି ଅଭିଯାନ ଆରମ୍ଭ କରିବେ। ଏଟିପି ର୍ୟାଙ୍କିଙ୍ଗ୍‌ର ୯୬ତମ ସ୍ଥାନରେ ରହି ନାଗଲ ମୁଖ୍ୟ ଡ୍ରରେ ସାମିଲ ହୋଇଛନ୍ତି। ବିଶ୍ୱର ଶ୍ରେଷ୍ଠ ୧୦୪ ଜଣ ଖେଳାଳିଙ୍କ ମଧ୍ୟରେ ସ୍ଥାନୀତ ହୋଇଥିବାରୁ ସେ ସିଧାସଳଖ ମୁଖ୍ୟ ଡ୍ରରେ ସାମିଲ ହୋଇଛନ୍ତି। ଗତ ସଂସ୍କରଣରେ ନାଗଲ ୧୩୭ତମ ସ୍ଥାନରେ ଥିଲେ ମଧ୍ୟ ମୁଖ୍ୟ ଡ୍ରରେ ସାମିଲ ହୋଇଥିଲେ ଓ ପ୍ରଥମ ରାଉଣ୍ଡରେ ୨୭ ନଂ ଖେଳାଳି କାଜଖସ୍ତାନର ଆଲେକଜାଣ୍ଡର ବଲ୍‌ବିକ୍‌ଙ୍କୁ ପରାସ୍ତ କରି ଏକ ବଡ଼ ସଫଳତା ହାସଲ କରିଥିଲେ। କିନ୍ତୁ ଏହାପରେ ସେ ଦ୍ୱିତୀୟ ରାଉଣ୍ଡରେ ଚୀନ୍‌ର ଜୁନ୍‌ଚେଙ୍ଗ୍ ଶାଙ୍ଗ୍‌ଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଥିଲେ।

# ଓଡବ୍ଲ୍ୟୁଏଲ୍: ରାଇଜିଂ ଷ୍ଟୁଡେଣ୍ଟର ବଡ଼ ବିଜୟ




ଭୁବନେଶ୍ୱର, ୯ ।୧ (ସମିସ): ଫୁଟ୍‌ବଲ ଆସୋସିଏସନ୍ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା ଓମେନ୍ସ ଲିଗ୍ (ଓଡବ୍ଲ୍ୟୁଏଲ୍)ର ୨ୟ ଦିବସରେ ଦୁଇଟି ମ୍ୟାଚ୍ ଖେଳାଯାଇଛି। ଏଥିରେ କଟକର ରାଇଜିଂ ଷ୍ଟୁଡେଣ୍ଟ୍ସ ଓ ସୁନ୍ଦରଗଡ଼ର ୟଙ୍ଗ ଆସୋସିଏସନ (କୁଆଁରମୁଣ୍ଡା) ବିଜୟ ଲାଭ କରିଛି। ଦିବସର ପ୍ରଥମ ମ୍ୟାଚରେ ୟଙ୍ଗ ଆସୋସିଏସନ ୨-୧ ଗୋଲରେ ତାରିଣୀ ଫୁଟ୍‌ବଲ ଆସୋସିଏସନ (କନ୍ଦୁେଝର)କୁ ପରାସ୍ତ କରିଥିଲା। ବିଜୟୀ ଦଳ ପକ୍ଷରୁ ଆଶ୍ରିତା ରଙ୍ଗଦି ଓ ଶ୍ରୁତି ଖଟାଙ୍ଗି ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ସେହିଭଳି ଦ୍ୱିତୀୟ ମ୍ୟାଚରେ ରାଇଜିଂ ଷ୍ଟୁଡେଣ୍ଟ୍ସ ୮-୦ ଗୋଲର ବଡ଼ ବ୍ୟବଧାନରେ ବରଗଡ଼ର ବକ୍ସି ଜଗବନ୍ଧୁ କ୍ଲବକୁ ମାତ୍ ଦେଇଛି। ରାଇଜିଂ ଷ୍ଟୁଡେଣ୍ଟ୍ସର ଗୌରୀ ମୁଣ୍ଡା ହ୍ୟାଟ୍ରିକ ଗୋଲ୍ ଦେଇଥିଲେ। ସେହିଭଳି ଶଶୀ ପଟେଲ ଓ ପିଙ୍କି ପୂର୍ତ୍ତୀ ୨ଟି ଲେଖାଏ ଗୋଲ୍ ସ୍କୋର କରିଥିଲେ।

## ହକି ଇଣ୍ଡିଆ ଲିଗ୍

# ଗୋନାସିକାକୁ ହରାଇଲା ଲାନ୍ସର୍ସ



ରାଉରକେଲା, ୯ ।୧(ସମିସ): ଏଠାରେ ଚାଲିଥିବା ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ଷଷ୍ଠ ସଂସ୍କରଣରେ ଗୁରୁବାର ଖେଳାଯାଇଥିବା ମୁକାବିଲାରେ କଳିଙ୍ଗ ଲାନ୍ସର୍ସ ୨-୧ ଗୋଲରେ ନିଜ ରାଜ୍ୟର ଟିମ୍ ଗୋନାସିକାକୁ ପରାସ୍ତ କରି ଦ୍ୱିତୀୟ ବିଜୟ ହାସଲ କରିଛି। ଲାନ୍ସର୍ସ ଏଥିସହ ୫ଟି ମ୍ୟାଚ୍ ଖେଳି ୨ ବିଜୟ ଓ ୩ ପରାଜୟ ସହ ୭ ପଏଣ୍ଟ ପାଇ ତାଲିକାର ତୃତୀୟ ସ୍ଥାନକୁ ଉଠିଛି। ଅନ୍ୟପଟେ ଗୋନାସିକା ୫ ମ୍ୟାଚ୍ ଖେଳି ଗୋଟିଏ ବିଜୟ ଓ ୪ ପରାଜୟ ସହ ୪ ପଏଣ୍ଟ ପାଇ ୭ମ ସ୍ଥାନରେ ରହିଛି।

ସ୍ଥାନୀୟ ବିର୍ସା ମୁଣ୍ଡା ଷ୍ଟାଡିୟମରେ ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚର ୧୪ତମ ମିନିଟ୍‌ରେ ଏସ୍‌ଭି ସୁନୀଲ ଫିଲ୍ଡ ଗୋଲଦେଇ ଗୋନାସିକାକୁ ଅଗ୍ରଣୀ କରାଇଥିଲେ। କିନ୍ତୁ ୨୮ତ ମିନିଟ୍‌ରେ ଲାନ୍ସର୍ସ ତରଫରୁ ବେଲଜିୟମ ମିଡ୍‌ଫିଲ୍ଡର ଆଣ୍ଟୋନେ କିନା ଗୋଲ ସ୍କୋର କରି ମ୍ୟାଚ୍‌କୁ ବରାବର ସ୍ଥିତିକୁ ଆଣିଥିଲେ ଓ ସେ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ୩୩ତମ ମିନିଟ୍‌ରେ ଅଭିଜ୍ଞ ଅଷ୍ଟ୍ରେଲିଆ ମିଡ୍‌ଫିଲ୍ଡର ଅରାନ ଜାଲେୱସ୍କି ଏକ ସୁନ୍ଦର ଫିଲ୍ଡ ଗୋଲ ଦେଇ ଲାନ୍ସର୍ସକୁ ୨-୧ରେ ଅଗ୍ରଣୀ କରାଇଥିଲେ। ଏହାପରେ ଦୁଇଦଳ ମଧ୍ୟରେ ଆକ୍ରମଣ ଓ ପ୍ରତିଆକ୍ରମଣ ଦେଖିବାକୁ ମିଳିଥିଲା। କିନ୍ତୁ ଗୋଲ ସମ୍ଭବ ନ ହେବା କାରଣରୁ ଲାନ୍ସର୍ସ ବିଜୟୀ ହୋଇଥିଲା।

ଲାନ୍ସର୍ସ ତା'ର ୫ମ ତଥା ପରବର୍ତ୍ତୀ ମୁକାବିଲାରେ ୧୨ ତାରିଖରେ ହାଇଦରାବାଦ ତୁଫାନ୍ସକୁ ଭେଟିବ। ସେହିପରି ଗୋନାସିକା ତା'ର ୫ମ ମୁକାବିଲାରେ ୧୪ ତାରିଖରେ ସୁରମା ହକି କ୍ଲବକୁ ଭେଟିବ। ଦୁଇ ଦଳକୁ କୌଣସି ପେନାଲ୍ଟି କର୍ଣ୍ଣର ମିଳି ନଥିଲା। କିନ୍ତୁ ଗୋନାସିକା ଅଧିକ ସମୟ ବଲକୁ ନିଜ ଅକ୍ତିଆରରେ ରଖିଥିଲା। ସଟ୍ ଓ ସର୍କଲ ଏଣ୍ଟ୍ରିରେ ଲାନ୍ସର୍ସ ଯଥେଷ୍ଟ ଆଗରେ ରହିଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS
AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS